ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୩/୨୦୨୫ (୧୪ ପୃଷ୍ଠା) Bhubaneswar, Thursday, March 13/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୧୦୯ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 109 ମୂଲ୍ୟ ₹୭/-

# ୩ ଗୁଣା ବଢ଼ିଛି ଡିଜିଟାଲ ଆରେଷ୍ଟ

**ଭାରତରେ ସାଇବର ଅପରାଧ କ୍ରମଶଃ ବଢ଼ିବାରେ ଲାଗିଛି। ୨୦୨୨ରୁ ୨୦୨୪ ମଧ୍ୟରେ ଡିଜିଟାଲ ଆରେଷ୍ଟ ସ୍କାମ୍ ଓ ଅନ୍ୟ ସାଇବରକ୍ରାଇମ୍ ୩ ଗୁଣା ବୃଦ୍ଧି ପାଇଛି। ସ୍କାମରମାନେ ଲୋକଙ୍କୁ ଜାଲରେ ଫସାଇ ଠକିନେଇଥିବା ଟଙ୍କାର ପରିମାଣ ୨୧ ଗୁଣା ବୃଦ୍ଧି ପାଇଥିବା କେନ୍ଦ୍ର ସରକାର ବୁଧବାର ସଂସଦକୁ ଅବଗତ କରାଇଛନ୍ତି।**

## ୨୦୨୨-୨୦୨୪: ଲୁଟ୍ ଅର୍ଥ ୨୧ ଗୁଣ ଅଧିକ

ନୂଆଦିଲ୍ଲୀ,୧୨।୩ (ପି.ଟି./ଏଜେନ୍ସି)

ସମୟକ୍ରମେ ଅପରାଧର ପରିଭାଷା ବଦଳିବାରେ ଲାଗିଛି। ଅପରାଧୀମାନେ ଲୋକଙ୍କୁ ଠକିବା ପାଇଁ ନୂଆ ନୂଆ ଉପାୟ ଆପଣାଉଛନ୍ତି। ସମ୍ପ୍ରତି ସ୍କୁଲ ପିଲାଙ୍କଠାରୁ ନେଇ ଗୃହିଣୀ, ସରକାରୀ ଚାକିରିଆ ଓ ବ୍ୟବସାୟୀମାନେ ମୋବାଇଲ ଫୋନ୍ ଓ ଇଣ୍ଟରନେଟ୍ ଉପରେ ଏଭଳି ନିର୍ଭରଶୀଳ ହୋଇଗଲେଣି, ଯେମିତି ଏହାକୁ ବାଦ୍‌ଦେଲେ ଜୀବନଚର୍ଯ୍ୟା ନିରର୍ଥକ ହୋଇଯିବ। ଅନ୍‌ଲାଇନ୍ ଉପକରଣ ଓ ସେବା ଉପରେ କ୍ରମବର୍ଦ୍ଧିଷ୍ଣୁ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ସାଇବର ଅପରାଧୀମାନେ ଏହାକୁ ଲୁଟ୍‌ର ମାଧ୍ୟମ କରିଦେଇଛନ୍ତି। ସରକାରୀ ସ୍ତରରେ ସତର୍କତା ବୃଦ୍ଧି ସକାଶେ ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ୟୁଜର୍ସ ସେତେଟା ସଚେତନ ହୋଇପାରୁ ନାହାନ୍ତି। ପରିଣାମସ୍ୱରୂପ ସାଇବର ଅପରାଧୀ ସେମାନଙ୍କୁ ନିଜ ଜାଲରେ ଫସାଇ ବିପୁଳ ଅର୍ଥ ଲୁଟ୍ କରିବାରେ ସକ୍ଷମ ହେଉଛନ୍ତି। ୨୦୨୨ରୁ ୨୦୨୪ ମଧ୍ୟରେ ଏଭଳି ଅପରାଧ ମାମଲା ସଂଖ୍ୟା ୩ ଗୁଣା ବଢ଼ିଛି। ଏପରି କି ଲୁଟ୍ ଅର୍ଥର ପରିମାଣ ୨୧ ଗୁଣା ବୃଦ୍ଧି ପାଇଥିବା ☞ ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

**ଦୁଇଟି ବିବାହର କଥା**










SHOWROOMS: ODISHA: RENAULT SAMBALPUR Ph: 8448890323. RENAULT BHUBANESWAR Ph: 8860076082, RENAULT BHUBANESWAR CENTRAL Ph: 7428190232. RENAULT BHAWANIPATNA Ph: 9438395880. RENAULT CUTTACK Ph: 9311772648. RENAULT JEYPORE Ph: 9311596618.


ଆସିଛି ପର୍ବ ହୋଲିର
ଆଣିଛି ମନରେ बहार
NEW PACK
ASHOK & CO.- PAN BAHAR LTD.
BAHAR®
THE HERITAGE
PAN MASALA
Happy Holi
A quality product from
PAN BAHAR
NO TOBACCO NICOTINE
www.panbahar.in
CHEWING OF PAN MASALA IS INJURIOUS TO HEALTH. NOT FOR MINORS




# ୪୦ ଡିଗ୍ରୀ ଟପିଲା ତାପମାତ୍ରା

- ୩୮ ଡିଗ୍ରୀ ଉପରେ ରାଜ୍ୟର ୧୨ ସହର
- ତାତିଲା ଉପକୂଳ, ୪ଦିନ ସତର୍କ କଲେ ଏସ୍‌ଆର୍‌ସି

ଭୁବନେଶ୍ୱର,୧୨।୩ (ଅନୁରାଧା ମହାରଣା)

ମାର୍ଚ୍ଚରୁ ଅସମ୍ଭାଳ ହୋଇଛି ତାତି। ବୁଧବାର ରାଜ୍ୟରେ ତାପମାତ୍ରା ୪୦ ଡିଗ୍ରୀ ଟପିଥିବାବେଳେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜନଜୀବନକୁ ପ୍ରଭାବିତ କରିଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ୪୦.୫ ଡିଗ୍ରୀ ସହ ବୌଦ୍ଧ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ୧୨ ସହରରେ ପାରଦ ୩୮ ଡିଗ୍ରୀ ଉପରେ ରହିଥିବାବେଳେ ଏବର୍ଷ ପ୍ରଥମଥର ଉପକୂଳ ଓଡ଼ିଶାରେ ତାପମାତ୍ରା ୩୮ ଡିଗ୍ରୀ ଡେଇଁଛି। ବୌଦ୍ଧ ତଳକୁ ବଲାଙ୍ଗୀର ଦ୍ୱିତୀୟ ଉତ୍ତପ୍ତ ସହର ହୋଇଛି। ଏଠାରେ ତାପମାତ୍ରା ୩୯.୯ ରେକର୍ଡ କରାଯାଇଥିବାବେଳେ ଟିଟିଲାଗଡ଼ରେ ୩୯.୫, ଝାରସୁଗୁଡା ୩୯.୪, ସୁନ୍ଦରଗଡ଼ ୩୯.୪, ସମ୍ବଲପୁର ୩୯.୩, ବାରିପଦା ୩୯, ସୋନପୁର ୩୮.୯, ଭଦ୍ରକ ୩୮.୮, ହୀରାକୁଦ ୩୮.୭, ରାଉରକେଲା ୩୮.୪ ଓ ଭବାନୀପାଟଣାରେ ତାପମାତ୍ରା ୩୮.୪ ଡିଗ୍ରୀ ଛୁଇଁଛି। ସେହିପରି ଭୁବନେଶ୍ୱରରେ ପାରଦ ୩୬.୬ ଡିଗ୍ରୀ ଓ କଟକରେ ୩୭ ଡିଗ୍ରୀ ରହିଥିଲେ ମଧ୍ୟ ପ୍ରବଳ ଗରମ ଅନୁଭୂତ ହୋଇଛି। ତେବେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ଖରା ବଢ଼ିବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ସତର୍କ ରହିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସତର୍କ କରିଛନ୍ତି। ୧୩ ଓ ୧୪ ତାରିଖ ପାଇଁ ବୌଦ୍ଧ, ସୋନପୁର, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ସମ୍ବଲପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ରହିଛି। ୧୫ ଓ ୧୬ ହିଟ୍‌ୱେଭ୍ ନେଇ ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର ଓ ବୌଦ୍ଧ ଜିଲାକୁ ଅରେଞ୍ଜ ୱାର୍ନିଂ ଏବଂ ଅନୁଗୋଳ, ସୋନପୁର, ବରଗଡ଼, ସୁନ୍ଦରଗଡ଼ ଓ ମୟୂରଭଞ୍ଜକୁ ୟେଲୋ ୱାର୍ନିଂ ରହିଛି। ସେହିପରି ରାତିରେ ଗୁଳୁଗୁଳି ନେଇ ସୁନ୍ଦରଗଡ଼, ବଲାଙ୍ଗୀର, ବରଗଡ଼ ଓ ବୌଦ୍ଧ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗ୍ରୀଷ୍ମ ପ୍ରବାହଜନିତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ପାଇଁ ରାଜ୍ୟର ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ବୟସ୍କ, ଶିଶୁ ଓ ରୋଗୀ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ହାଲୁକା ପୋଷାକ ପରିଧାନ, ଯଥେଷ୍ଟ ପରିମାଣର ଓଆରଏସ୍ ଓ ପାଣି ପିଇବା ପାଇଁ କୁହାଯାଇଛି। ମଧ୍ୟାହ୍ନରେ ଶ୍ରମିକମାନେ ଖରାରେ କାମ କରନ୍ତୁ ନାହିଁ। ଅତ୍ୟାବଶ୍ୟକ ନ ଥିଲେ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଏଥିସହ ମଦ, କଫି, ଚା' ଭଳି ପାନୀୟ ଗ୍ରହଣ ନ କରିବାକୁ ମଧ୍ୟ କୁହାଯାଇଛି।

# ଏନ୍‌ଏଚ୍‌ଏଆଇ ଢାଞ୍ଚାରେ ହେବ ରାଜ୍ୟ ରାଜପଥ ପ୍ରାଧିକରଣ

## ଭୁବନେଶ୍ୱରରେ ନିର୍ମାଣ ହେବ ଇନର, ଆଉଟର ରିଂରୋଡ୍

ଭୁବନେଶ୍ୱର, ୧୨।୩(ସୁନିତ୍ ମିଶ୍ର)

ଚଳିତ ବର୍ଷ ଓଡ଼ିଶାରେ ଇଣ୍ଡିଆନ ରୋଡ୍ କଂଗ୍ରେସ ହେବ। ସେହିପରି ଏନ୍‌ଏଚ୍‌ଏଆଇ ଢାଞ୍ଚାରେ ରାଜ୍ୟ ରାଜପଥ ପ୍ରାଧିକରଣ ହେବ। ଏହାସହ ଭୁବନେଶ୍ୱର ରାସ୍ତାରେ ଭିଡ଼ ହ୍ରାସ କରାଇବା ଲାଗି ରାଜ୍ୟ ସରକାର କାର୍ଯ୍ୟ କରିବେ। ଏନେଇ କେତେକ ପ୍ରସ୍ତାବ ରହିଛି ବୋଲି ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଜୟଦେବ ବିହାରଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ଏଲିଭେଟେଡ୍ କରିଡର ନିର୍ମାଣ କରାଯିବ। ବାରଙ୍ଗଠାରୁ ପଟିଆ ଷ୍ଟେଶନ ଛକ, ଏନ୍‌ଏଚ୍‌-୧୬ ଓ ସୁଆଁଙ୍ଗ ମୌଜା ଦେଇ ଜଟଣୀକୁ ସଂଯୋଗ କରୁଥିବା କେନାଲ ବନ୍ଧ ରାସ୍ତା(ଦୟା ୱେଷ୍ଟ କେନାଲ ରୋଡ୍)ର ଉନ୍ନତୀକରଣ ହେବ। କଳ୍ପନା ଛକ ଓ ମ୍ୟୁଜିୟମ ଛକଠାରେ ଫ୍ଲାଏଓଭର ନିର୍ମାଣ ହେବ। ଶିଶୁ ଭବନଠାରୁ ମ୍ୟୁଜିୟମ ରାସ୍ତାରେ ଆର୍‌ଓବି ନିର୍ମାଣ କରାଯିବ। ଏଜି ଛକଠାରେ ଭୂତଳ ରାସ୍ତା ନିର୍ମାଣ ହେବ। କଳାରାହାଙ୍ଗଠାରୁ ବରିମୁଣ୍ଡ ଓ ଗୁରୁ କେଲୁଚରଣ ପାର୍କଠାରୁ ଫୁଲନଖରା ପର୍ଯ୍ୟନ୍ତ ଏକ ରାସ୍ତା ହେବ ଏବଂ ଏହା ଉପରେ ଏକ ନୂତନ ରେଳ ଓଭର ବ୍ରିଜ ନିର୍ମାଣ କରାଯିବ। ଭୁବନେଶ୍ୱର ଇନର ଏବଂ ଆଉଟର ରିଂରୋଡ୍ ନିର୍ମାଣ କରାଯିବ। ସେହିପରି ରାଜ୍ୟ ରାଜପଥଗୁଡ଼ିକରେ କ୍ରମାଗତ ଟ୍ରାଫିକ୍ ବୃଦ୍ଧିକୁ ଦୃଷ୍ଟିରେ ରଖି କେତେକ ନିର୍ଦ୍ଦିଷ୍ଟ ରାଜପଥକୁ ୪ ଥାକିଆ କରିବା ଲାଗି ଯୋଜନା କରାଯାଉଛି। ଆସନ୍ତା ୧୫ ଦିନ ଭିତରେ ପୂର୍ତ୍ତ ବିଭାଗ ଏକ ଡ୍ୟାସ୍ ବୋର୍ଡ ଗଠନ କରିବ, ଯେଉଁଥିରେ ପ୍ରକଳ୍ପଗୁଡ଼ିକର ବିସ୍ତୃତ ବିବରଣୀ ସହ ଠିକାଦାରଙ୍କ ତଥ୍ୟ ରଖାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି।

ବିଧାନସଭାରେ ବୁଧବାର ପୂର୍ତ୍ତ ବିଭାଗ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ଉତ୍ତର ରଖି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ନେଇ ହୋଇଥିବା ମାମଲାରେ ସରକାର ବିଜୟ ଲାଭ କରିଛନ୍ତି। ଖୁବ୍‌ଶୀଘ୍ର ଏହି ପଦବୀଗୁଡ଼ିକ ଲାଗି ସରକାର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରିବେ। ଓପିଡବ୍ଲ୍ୟୁଡିର କୋଡ୍ ପରିବର୍ତ୍ତନ କରାଯିବ। ୫ ବର୍ଷରେ ରାଜ୍ୟରେ ମୋଟ୍ ୧୫ ହଜାର କି.ମି.ର ରାସ୍ତା ନିର୍ମାଣ କରାଯିବ। ୨୮୩ଟି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ୫୮ ହଜାର କୋଟି ଟଙ୍କାର ଟେଣ୍ଡର ଲାଗି କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିବା ବେଳେ ସେଥିମଧ୍ୟରୁ ୬୮୦ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି। ସଡ଼କ ସାନ୍ଦ୍ରତାରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିଛି, ଏହାକୁ ଏକ ନମ୍ବରକୁ ଆଣିବା ଲାଗି ଯୋଜନା ରହିଛି। ୪ଟି ବୃହତ୍ ସେତୁ ପ୍ରକଳ୍ପକୁ ରାଜ୍ୟ ସରକାର ଅନୁମୋଦନ ଦେଇଛନ୍ତି। ୩୧୯ କୋଟି ଟଙ୍କା ବ୍ୟୟ ଅଟକଳରେ ଭଦ୍ରକ-ଚାନ୍ଦବାଲି ରାସ୍ତାର ଚାନ୍ଦବାଲି ନିକଟରେ ବୈତରଣୀ ନଦୀ ଉପରେ ୨ୟ ସେତୁ ନିର୍ମାଣ କରାଯିବ। କଟକ-ଚାନ୍ଦବାଲି ରାସ୍ତାର ଭାରିଗଦା ଠାରେ ଖରସ୍ରୋତା ନଦୀ ଉପରେ ୨୮୪ କୋଟି ଟଙ୍କା ବ୍ୟୟରେ ୨ୟ ସେତୁ, କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁରଠାରେ ବ୍ରାହ୍ମଣୀ ନଦୀ ଉପରେ ୨ୟ ସେତୁ, ପୂଜାରୀପାଲି ଘାଟ-ଜରିମୂଳ ରାସ୍ତାରେ ଝାରସୁଗୁଡା ଏ ବରଗଡ ଜିଲାକୁ ସଂଯୋଗ କରିବା ପାଇଁ ମହାନଦୀ ଉପରେ ୩୫୪ କୋଟିରେ ସେତୁ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସେ ଆହୁରି କହିଛନ୍ତି, ନିର୍ମାଣ ବିଭାଗ ଅଧୀନରେ ୪୧୧୨ କି.ମି. ରାଜ୍ୟ ରାଜପଥ, ୨୬୩୨ କି.ମି. ମୁଖ୍ୟ ଜିଲା ରାସ୍ତା, ୨୨୮୬୬ କି.ମି. ଅନ୍ୟାନ୍ୟ ଜିଲା ରାସ୍ତା, ଏପରିକି ସର୍ବମୋଟ୍ ୨୯୬୧୦ କି.ମି . ରାସ୍ତା ଅଛି। ଏହା ବ୍ୟତୀତ ନିର୍ମାଣ ବିଭାଗ ୫୭୫୩ କି.ମି. ଜାତୀୟ ରାଜପଥର ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛି। ନିର୍ମାଣ ବିଭାଗ ଅଧୀନରେ ମୋଟ୍ ୧,୪୧,୯୦,୧୫୧ ବର୍ଗ ମିଟର ପରିମିତ କୋଠାବାଡି ନିର୍ମାଣ ଓ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅଛି। ରାଜ୍ୟର ଦକ୍ଷିଣରୁ ଉତ୍ତରକୁ ସଂଯୋଗ କରୁଥିବା ମୋଟୁଠାରୁ ତିରିଙ୍ଗ ପର୍ଯ୍ୟନ୍ତ ଏକ ସୁଦୀର୍ଘ୯୬୯ କି.ମି. ନୂତନ ୬ ଥାକିଆ ରାସ୍ତା ନିର୍ମାଣ ପାଇଁ ପରିକଳ୍ପନା କରାଯାଇଛି। ଏଥିଲାଗି ଅନୁମାନିକ ୧୫ ହଜାର କୋଟି ଟଙ୍କାର ଅଟକଳ ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୬୮୦ କୋଟି ୩୦ ଲକ୍ଷ ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରହିଛି। ଏଥିରେ ୨୨୦୦ କି.ମି . ରାସ୍ତାର ଉନ୍ନତୀକରଣ, ୪୦ଟି ସେତୁ ଓ ୩ଟି ରୋଡ୍ ଓଭର ବ୍ରିଜ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖାଯାଇଛି। ସମଲେଇ ମନ୍ଦିରର ଉନ୍ନତୀକରଣ ଲାଗି ୨୦ କୋଟି, ଏକାମ୍ର ଯୋଜନାରେ ୫୦ କୋଟି, ଅବଢ଼ା ଯୋଜନାରେ ୩୪୩.୭୫ କୋଟି ଟଙ୍କାର ବ୍ୟୟ ବରାଦ ରହିଛି। ୨୦୨୫-୨୬ ଆର୍ଥିକ ବର୍ଷ ଲାଗି ପ୍ରଶାସନିକ ବ୍ୟୟ ବାବଦକୁ ୨୯୯୬ କୋଟି ୬୮ ଲକ୍ଷ ୩୨ ହଜାର ଟଙ୍କା ରଖାଯାଇଥିବା ବେଳେ କାର୍ଯ୍ୟକ୍ରମ ବ୍ୟୟ ବରାଦକୁ ୯୪୫୧ କୋଟି ୭୫ ଲକ୍ଷ ଟଙ୍କା ଏହିପରି ସର୍ବମୋଟ୍ ୧୨,୪୪୮ କୋଟି ୪୩ ଲକ୍ଷ ୩୨ ହଜାର ଟଙ୍କାର ଅନୁଦାନକୁ ଗୃହରେ ଗୃହୀତ କରାଯାଇଛି।

**ନିର୍ମାଣ ବିଭାଗ ଖର୍ଚ୍ଚଦାବି ବିଧାନସଭାରେ ଅନୁମୋଦିତ**

- ଶିଶୁ ଭବନ ଛକଠାରୁ ମ୍ୟୁଜିୟମ ଛକ ପର୍ଯ୍ୟନ୍ତ ହେବ ଆର୍‌ଓବି
- ଏଜି ଛକରେ ଭୂତଳ ରାସ୍ତା ନିର୍ମାଣ ହେବ
- କଳ୍ପନାରୁ ମ୍ୟୁଜିୟମ ଛକ ଯାଏ ହେବ ଆର୍‌ଓବି
- ଓଡ଼ିଶାରେ ହେବ ଇଣ୍ଡିଆନ ରୋଡ୍ କଂଗ୍ରେସ

## ଗଙ୍ଗୁଆନାଳ ଉପରେ ହେବ ୬ ଲେନ୍ ରାସ୍ତା

ଭୁବନେଶ୍ୱର, ୧୨।୩(ସୁନିତ୍ ମିଶ୍ର)

ଭୁବନେଶ୍ୱର ପଳାଶୁଣୀରେ ଦୀର୍ଘବର୍ଷ ଧରି ଦେଖିବାକୁ ମିଳୁଥିବା ଟ୍ରାଫିକ୍ ସମସ୍ୟା ଖୁବ୍‌ଶୀଘ୍ର ଦୂରହେବାକୁ ଯାଉଛି। ଗଙ୍ଗୁଆ ନାଳ ଉପରେ ୬ ଲେନ୍ ବିଶିଷ୍ଟ ରାସ୍ତା ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ଏକ ପ୍ରସ୍ତାବକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ମଞ୍ଜୁର କରିଛନ୍ତି।

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ବୁଧବାର ଦିଲ୍ଲୀ ଗସ୍ତରେ ଯାଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ଗଡ଼କରୀଙ୍କୁ ସାକ୍ଷାତ କରିଛନ୍ତି। ପଳାଶୁଣୀ ଗଙ୍ଗୁଆ ନାଳ ଉପରେ ଥିବା ବ୍ରିଜ୍‌ର ପ୍ରଶସ୍ତୀକରଣ ତଥା ପଳାଶୁଣୀରେ ଟ୍ରାଫିକ୍ ସମସ୍ୟାର ଦୂରୀକରଣ ନେଇ ୬ ଲେନ୍ ବିଶିଷ୍ଟ ରାସ୍ତା ପ୍ରକଳ୍ପରେ ମୋହର ବାଜିଥିବା ସେ ସୂଚନା ଦେଇଛନ୍ତି। କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ଗଡକରୀ ଏହି ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଭୁବନେଶ୍ୱର ଏମ୍‌ପିଙ୍କ ପ୍ରସ୍ତାବ ମୁତାବକ ପଳାଶୁଣୀରେ ଥିବା ୪ ଥାକିଆ ରାସ୍ତାକୁ ୬ ଥାକିଆ କରାଯିବ। ବର୍ତ୍ତମାନ ଗଙ୍ଗୁଆ ନାଳ ଉପରେ ୪ ଥାକିଆ ପୋଲ ରାସ୍ତା ଅଛି। ୪ ଥାକିଆ ରାସ୍ତାରେ ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ଆଉ ଗୋଟିଏ ଲେଖାଏ ଲେନ୍ ରାସ୍ତା ବାହାର କରାଯିବ। ୨୪୦ ମିଟର ଲମ୍ବ ବିଶିଷ୍ଟ ପୋଲ ଉପରେ ଆଉ ୨ଟି ଅତିରିକ୍ତ ଲେନ୍ ପୋଲ ରାସ୍ତା ନିର୍ମାଣ କରାଯିବା ନେଇ ଭୁବନେଶ୍ୱର ଏମ୍‌ପି ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପକୁ ମଞ୍ଜୁରି ଦେଇଥିବାରୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ସିସେଲ୍ସର ଭିକ୍ଟୋରିଆ ପୋର୍ଟରେ ଆଇସିଜିଏସ୍ ସକ୍ଷମ



ଭୁବନେଶ୍ୱର,୧୨।୩(ଅନୁରାଧା ମହାରଣା)

ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜିଏସ୍)ର ଅଫ୍‌ସୋର୍ ପାଟ୍ରୋଲିଂ ଜାହାଜ 'ସକ୍ଷମ' ସିସେଲ୍ସ ଦେଶକୁ ୩ଦିନିଆ ଗସ୍ତରେ ଯାଇ ବୁଧବାର ଭିକ୍ଟୋରିଆ ପୋର୍ଟରେ ପହଞ୍ଚିଛି। ଦୁଇ ଦେଶ ମଧ୍ୟରେ ସାମୁଦ୍ରିକ ସହଯୋଗ ଓ ସମ୍ପର୍କକୁ ସୁଦୃଢ଼ କରିବା ଏବଂ ଆଞ୍ଚଳିକ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଯାତ୍ରାରେ ମିଳିତ ପ୍ରଶିକ୍ଷଣ ଏବଂ କ୍ରୀଡ଼ା ଇଭେଣ୍ଟ ସମେତ ବିଭିନ୍ନ ବୃତ୍ତିଗତ ଆଲୋଚନା କରାଯିବ। ଏହି ଅବସରରେ ଭାରତର ପ୍ରଚାର ଅଭିଯାନ ପରିପ୍ରେକ୍ଷୀରେ ନ୍ୟାଶନାଲ କ୍ୟାଡେଟ କର୍ପସ (ଏନ୍‌ସିସି)ର କ୍ୟାଡେଟ୍‌ମାନେ ଏକ ୱାକାଥନ ଏବଂ ସମୁଦ୍ର କୂଳ ସଫେଇ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏହା ପରିବେଶ ରକ୍ଷଣାବେକ୍ଷଣ ଏବଂ ସାମୁଦ୍ରିକ ସଂରକ୍ଷଣ ଉଦ୍ଦେଶ୍ୟରେ ଭାରତ ସରକାରଙ୍କ 'ପୁନୀତ ସାଗର ଅଭିଯାନ'ରେ ଯୋଗଦାନ କରିବ । ଏହାବ୍ୟତୀତ ଆଇସିଜିଏସ୍ ସକ୍ଷମ ଚଳିତ ଭାରତୀୟ ତଟରକ୍ଷୀ ବାହିନୀ-ଆସାମ ରାଇଫଲ୍ସ ଅନୁବନ୍ଧନ କାର୍ଯ୍ୟକ୍ରମରେ ଆସାମ ରାଇଫଲ୍ସରୁ ୧୦ଜଣ ଯବାନଙ୍କୁ ନିୟୋଜିତ କରିଛି। ଏହି ପଦକ୍ଷେପ ଆସାମ ରାଇଫଲ୍ସ ଯବାନମାନଙ୍କୁ ସାମୁଦ୍ରିକ ଅଭିଯାନରେ ଅବଗତ କରାଇବା ସହିତ ୨ ବାହିନୀ ମଧ୍ୟରେ ବନ୍ଧୁତା ଏବଂ ଜ୍ଞାନ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି।

## ରାଶନକାର୍ଡ ତାଲିକାରୁ ୨୨,୨୯୩ ଅଯୋଗ୍ୟ ବାଦ୍: ମନ୍ତ୍ରୀ

ଭୁବନେଶ୍ୱର,୧୨।୩ (ରବିନାରାୟଣ ଜେନା)

ରାଜ୍ୟରେ ୨୨,୨୯୩ ଅଯୋଗ୍ୟ ରାଶନକାର୍ଡ ଚିହ୍ନଟ ହୋଇଛି। ଯେଉଁଥିରେ ୮୪ହଜାର ୭୫୭ ସଦସ୍ୟ ରହିଥିଲେ। ସେମାନଙ୍କୁ ରାଶନକାର୍ଡ ତାଲିକାରୁ ବାଦ୍ ଦିଆଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୃହକୁ ଦର୍ଶାଇଛନ୍ତି ଯେ, ରାଜ୍ୟରେ ଚିହ୍ନଟ ହୋଇଥିବା ୨୨ହଜାର ୨୯୩ ରାଶନକାର୍ଡ ମଧ୍ୟରୁ କଟକରେ ସର୍ବାଧିକ ୨୫୫୪ ଅଯୋଗ୍ୟ ରାଶନ କାର୍ଡ ଚିହ୍ନଟ ହୋଇଛି। ଯେଉଁଥିରେ ୯୮୨୮ ସଦସ୍ୟ ରହିଥିଲେ। ସେହିପରି ନୟାଗଡ଼ରେ ୧୬୧୮ ଅଯୋଗ୍ୟ ରାଶନକାର୍ଡରେ ୬୧୯୮ ହିତାଧିକାରୀ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୧୦୨ ଅଯୋଗ୍ୟ ରାଶନକାର୍ଡରେ ୪୩୭ ସଦସ୍ୟ ଚିହ୍ନଟ ହୋଇଛନ୍ତି।

# ନୂତନ ପ୍ରଜାତିର ମାଛ ଚିହ୍ନଟ

ବ୍ରହ୍ମପୁର/ଗୋପାଳପୁର,୧୨।୩ (ସୁବାସ ଚନ୍ଦ୍ର ପାଢ଼ୀ/ନବୀନରାଜ ଆଚାରୀ)



ନୂତନ ପ୍ରଜାତିର ମାଛ।

ଗୋପାଳପୁରସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ଏବଂ କେରଳସ୍ଥିତ ନ୍ୟାଶନାଲ ବ୍ୟୁରୋ ଅଫ୍ ଫିସ୍ ଜେନେଟିକ ରିସୋର୍ସେସର ମିଳିତ ସହଯୋଗରେ ନୂତନ ପ୍ରଜାତିର ମାଛ 'ଆରିଅସୋମା ତାମିଲିକମ' ଚିହ୍ନଟ ହୋଇଛି। ଏହି ମାଛ ଆରିଅସୋମା ବଂଶର ଏକ ନୂତନ କୋଚିଆ ପ୍ରଜାତିର। ତାମିଲନାଡୁ ଏବଂ କେରଳ ଉପକୂଳରୁ ଏହାକୁ ଆବିଷ୍କାର କରାଯାଇଥିବାରୁ ତାମିଲ ଭାଷାରେ ଏହାର ନାମକରଣ କରାଯାଇଥିବା ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରର ବୈଜ୍ଞାନିକ ଡ. ଅନିଲ ମହାପାତ୍ର କହିଛନ୍ତି। ୨୦୨୧ରେ ଏହି ମାଛକୁ ପ୍ରଥମେ କେରଳସ୍ଥିତ ନ୍ୟାଶନାଲ ବ୍ୟୁରୋ ଅଫ ଫିସ ଜେନେଟିକ ରିସୋର୍ସେସ ସେଣ୍ଟରରେ ପରୀକ୍ଷାନିରୀକ୍ଷା କରାଯାଇଥିଲା। ପରେ ତାହାର ଅଧିକ ତଥ୍ୟ ସଂଗ୍ରହ ପାଇଁ ଗୋପାଳପୁର ଜେଡ୍‌ଏସ୍‌ଆଇକୁ ଅଣାଯାଇଥିଲା। ଏଠାରେ ବୈଜ୍ଞାନିକ ଅନିଲ ମହାପାତ୍ର, ବୈଜ୍ଞାନିକ ଥିପ୍ରାମାଲାଇ ଥାଙ୍ଗାପ୍ପାନପିଲାଇ ଅଜିତ କୁମାର, ସ୍ମୃତି ରେଖା ଆଚାର୍ଯ୍ୟ ଏବଂ ପରମସିଭମ କୋଡେଶ୍ୱରନଙ୍କ ମିଳିତ ସହଯୋଗରେ ଡିଏନଏ ଆଦି ଉପରେ ପରୀକ୍ଷା କରାଯାଇଥିଲା। ମାଛଟି ମାଇଟୋକଣ୍ଡ୍ରିଆଲ ଜିନ କ୍ରମରେ ଶତକଡା ୧୩.୪ ଜେନେଟିକ ଭିନ୍ନତା ରହିଥିବାରୁ ଏହାକୁ ନୂତନ ପ୍ରଜାତିର ମାଛ ଭାବେ ଚିହ୍ନଟ କରାଯାଇଥିଲା। ମାଛର ଲମ୍ବ ୩୦ ସେଣ୍ଟିମିଟର ରହିଛି। ଏହାକୁ କୁକୁଡ଼ା ଖାଦ୍ୟ ଭାବେ ବ୍ୟବହାର କରାଯାଇଥାଏ। ଆରିଅସୋମା ତାମିଲିକମ ମାଛ ଉପରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଥିବା ନେଇ ଜେଡ୍‌ଏସ୍‌ଆଇର ବୈଜ୍ଞାନିକ ମହାପାତ୍ର କହିଛନ୍ତି।

# ବିଧାନସଭାରେ ଖବରଦାତାଙ୍କୁ ମୋବାଇଲ ମନା, ପ୍ରତିବାଦ ପରେ କଟକଣା ହଟିଲା

ଭୁବନେଶ୍ୱର,୧୨।୩(ରବିନାରାୟଣ ଜେନା)

ବୁଧବାର ବିଧାନସଭାରେ ଏକ ନୂଆ କଥା ଦେଖିବାକୁ ମିଳିଥିଲା। ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପୂର୍ବାହ୍ନ ସାଢ଼େ ୧୦ଟାରେ ଥିବାରୁ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଭିତରକୁ ପ୍ରବେଶ କରୁଥିଲେ। ଏହି ସମୟରେ ନିରାପତ୍ତା ଅଧିକାରୀମାନେ ମୋବାଇଲ ଫୋନ ସହ ଗୃହକୁ ଯିବାକୁ ଖବରଦାତାଙ୍କୁ ବାରଣ କରିଥିଲେ। ଏହାକୁ ନେଇ ଖବରଦାତାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ପରେ ଖବରଦାତାମାନେ ଏକଜୁଟ୍ ହୋଇ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇ ପ୍ରତିବାଦ କରିଥିଲେ। ଏହି ସମୟରେ ବରିଷ୍ଠ ଖବରଦାତା ଭାଗବତ ତ୍ରିପାଠୀ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ବିଧାନସଭା ପରିସର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କଂଗ୍ରେସ ଓ ପରେ ବିଜେଡି ବିଧାୟକମାନେ ଆନ୍ଦୋଳନସ୍ଥଳରେ ପହଞ୍ଚି ଖବରଦାତାଙ୍କୁ ସମର୍ଥନ ଜଣାଇଥିଲେ। କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ ଯେ, ରାଜ୍ୟରେ ଆଉ ଗଣତନ୍ତ୍ର ନାହିଁ। ଆଜିର ଦିନରେ କିଭଳି ନିମିଷକେ ଖବର ମିଳିବ ସେଥିପାଇଁ ମୋବାଇଲର ଗୁରୁତ୍ୱ ବଢ଼ିଯାଇଛି। ଦୀର୍ଘବର୍ଷ ଧରି ଖବରଦାତାମାନେ ପ୍ରଶ୍ନକାଳରେ ମୋବାଇଲ ଧରି ଗୃହ ଭିତରକୁ ଯାଉଥିଲେ। ହେଲେ ସରକାର ନିଜର ଅପାରଗତା ଲୁଚାଇବା ପାଇଁ ଗଣତନ୍ତ୍ରର କଣ୍ଠରୋଧ କରୁଛନ୍ତି। ବିଜେଡି ବିଧାୟକ ଅରୁଣ ସାହୁ କହିଥିଲେ ଯେ, ଗୃହରେ ଆଲୋଚନା ଚାଲିଥିବାବେଳେ ଖବରଦାତାମାନଙ୍କୁ ମୋବାଇଲ ମନା କରିବା ସରକାରଙ୍କ ପାରିବାପଣିଆକୁ ଦର୍ଶାଉଛି। ଆମେ ସରକାରଙ୍କୁ ଚେତାବନୀ ଦେଉଛୁ ଯେ, ତୁରନ୍ତ ଏହି ନିଷ୍ପତ୍ତି ପ୍ରତ୍ୟାହାର କରନ୍ତୁ।



ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଆଲୋଚନାରତ ଖବରଦାତା ଦଳ।

ଶେଷରେ ଆନ୍ଦୋଳନରତ ଖବରଦାତାଙ୍କୁ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ଟଙ୍କଧର ତ୍ରିପାଠୀ ଓ ସରକାରୀ ଦଳ ମୁଖ୍ୟ ସଚେତକ ଭେଟି ବାଚସ୍ପତିଙ୍କ ସହ ଆଲୋଚନା ଲାଗି ନିମନ୍ତ୍ରଣ କରିଥିଲେ। ତଦନୁଯାୟୀ ଗଣମାଧ୍ୟମ ପ୍ରତିନିଧି ଦଳ ବାଚସ୍ପତିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାର ନିଷ୍ପତ୍ତିକ୍ରମେ ଖବରଦାତାମାନେ ଏଣିକି ଗୃହ ଭିତରକୁ ମୋବାଇଲ ଫୋନ ନେଇପାରିବେ। ମାତ୍ର ଗୃହ ଭିତରେ କୌଣସି ଫଟୋ ଉଠାଇପାରିବେ ନାହିଁ କି ଭିଡିଓ କରିପାରିବେ ନାହିଁ। ସରକାରଙ୍କ ପକ୍ଷରୁ ପ୍ରଶ୍ନକାଳ ସମୟରେ ଯେଉଁସବୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ ତା'ର ଫଟୋ ପ୍ରଦାନ କରାଯିବ। ବାଚସ୍ପତିଙ୍କ ସହ ଆଲୋଚନା ପରେ ଖବରଦାତାମାନେ ଧାରଣାରୁ ଓହରିଥିଲେ।

## ହୋଲି ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟାରେ ବୃଦ୍ଧି

ଭୁବନେଶ୍ୱର,୧୨।୩(ଅନୁରାଧା ମହାରଣା)

ହୋଲି ପର୍ବ ସମୟରେ ଯାତ୍ରୀଭିଡ଼କୁ ଏଡ଼ାଇବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ ଅଧିକ ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରାଇବାକୁ ନିଷ୍ପତ୍ତି ନେଇଛି। ପୂର୍ବତଟ ରେଳପଥରୁ ପୁଣି ଗୋଟିଏ ସ୍ୱତନ୍ତ୍ର ଟ୍ରେନ ରାୟଗଡା-ଟିଟିଲାଗଡ଼-ସମ୍ବଲପୁର-ରାଉରକେଲା ମାର୍ଗ ଦେଇ ବିଶାଖାପାଟଣା ଏବଂ ପାଟନା ମଧ୍ୟରେ ଚଳାଚଳ କରିବ। ବିଶାଖାପାଟଣା-ପାଟନା-ବିଶାଖାପାଟଣା ହୋଲି ସ୍ପେଶାଲ ଟ୍ରେନ ପ୍ରତି ରବିବାର ବିଶାଖାପାଟଣାରୁ ଏବଂ ପ୍ରତି ସୋମବାର ପାଟନାରୁ ଛାଡିବ। ଏହି ସ୍ୱତନ୍ତ୍ର ଟ୍ରେନ୍ ଦୁଇ ଷ୍ଟେଶନ ମଧ୍ୟରେ ଉଭୟ ପାର୍ଶ୍ୱରୁ ବିଜୟନଗରମ, ବବିଲି, ପାର୍ବତୀପୁରମ, ରାୟଗଡ଼ା, ସିଙ୍ଗାପୁର ରୋଡ, ମୁନିଗୁଡ଼ା, କେସିଙ୍ଗା, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା, ହାତିଆ, ରାଞ୍ଚି, ମୁରି, ବୋକାରୋ ଷ୍ଟିଲ ସିଟି, ଚନ୍ଦ୍ରପୁରା, ଗୋମୋ, କୋଡ଼ର୍ମା, ଗୟା ଏବଂ ଜେହାନାବାଦ ଷ୍ଟେସନ ମାନଙ୍କରେ ରହଣି କରିବ। ଏହାବ୍ୟତୀତ ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଭୁବନେଶ୍ୱର-ଚେରଲାପାଲି, ପୁରୀ-କୋଲକାତା ହୋଲି ସ୍ପେଶାଲ ଓ ବିଶାଖାପାଟଣା-ଏସ୍‌ଏମ୍‌ଭିଟି ଚଳାଚଳ କରୁଛି। ଯାତ୍ରୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି, ପୂର୍ବତଟ ରେଳପଥ ଅନେକ ସ୍ୱତନ୍ତ୍ର ଟ୍ରେନର ସେବାକୁ ବିସ୍ତାର କରିଛି।

# ସୁସ୍ଥ କିଡ୍‌ନୀ ପାଇଁ ସଚେତନ ରହିବା ଦରକାର

**ଆଜି ବିଶ୍ୱ କିଡ୍‌ନୀ ଦିବସ**



ପ୍ରତିବର୍ଷ ମାର୍ଚ୍ଚ ୧୩ ତାରିଖରେ ପାଳିତ ହୋଇଥାଏ ବିଶ୍ୱ କିଡ୍‌ନୀ ଦିବସ। କିଡ୍‌ନୀ ବା ବୃକ୍କ କିପରି ସୁସ୍ଥ ରହିବ ସେ ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇବା ହିଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ବିଶେଷଭାବରେ ଦୀର୍ଘକାଳୀନ କିଡ୍‌ନୀ ରୋଗ ବିଶ୍ୱରେ ଦ୍ରୁତ ପ୍ରସାର ଲାଭ କରୁଥିବାରୁ କିଡ୍‌ନୀର ସ୍ୱାସ୍ଥ୍ୟ ବିଷୟରେ ଆଲୋକପାତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବୃକ୍କ ଅକ୍ଷମତା ବା କିଡ୍‌ନୀ ଫେଲିଓର ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହାକୁ ମଧ୍ୟ ସୁଗମ କରିଦେଇଛି ପୃଥୁଳତା ଏବଂ ବୟସ ବୃଦ୍ଧି, ପାରିବାରିକ ପ୍ରଭାବ ଏବଂ ଧୂମପାନ।

ଚଳିତବର୍ଷ ବିଶ୍ୱ କିଡ୍‌ନୀ ଦିବସ ଅବସରରେ ଘୋଷିତ ସ୍ଲୋଗାନଟି ହେଉଛି-'ଆପଣଙ୍କ କିଡ୍‌ନୀ ଠିକ୍ ଅଛି ତ ? ଯେତେଶୀଘ୍ର ନିରୂପଣ କର, କିଡ୍‌ନୀକୁ ସୁସ୍ଥ ରଖ'। କିଡ୍‌ନୀ ଦ୍ୱୟ ଆମ ଶରୀରର ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ପ୍ରତିନିୟତ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ପରିଶୋଧନରେ ବ୍ରତୀ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତ କଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ। ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସିତ ହୁଏ ବହୁ ପରିମାଣରେ ପ୍ରୋଟିନ। ଫଳରେ ରକ୍ତରେ ଆଲବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ଼ ଏବଂ ପାଦ ଫୁଲିଯାଏ। ଡାଇବେଟିକ୍ ନେଫ୍ରୋପାଥିରେ ଡାଇବେଟିସ୍ ଯୋଗୁ କିଡ୍‌ନୀ ନଷ୍ଟ ହୋଇ ଜାତ ହୁଏ କିଡ୍‌ନୀ ଅକ୍ଷମତା ବା କିଡ୍‌ନୀ ଫେଲ୍ୟୁଅର।

କିଡ୍‌ନୀ ରୋଗ ନିବାରଣ ପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୯ ଘଣ୍ଟା ଶୁଅନ୍ତୁ। କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବା ସହ ଜନସଚେତନତା ସୃଷ୍ଟି କରନ୍ତୁ। ଏହାର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହାୟତା ନିଅନ୍ତୁ। ବିଶ୍ୱ କିଡ୍‌ନୀ ଦିବସ ଅବସରରେ କିଡ୍‌ନୀର ସୁସ୍ଥତାକୁ ଅଗ୍ରାଧିକାର ଦିଅନ୍ତୁ। ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରନ୍ତୁ। ମନେରଖନ୍ତୁ, ଆଜିର ସାମାନ୍ୟ ସାବଧାନତା ଆସନ୍ତାକାଲି କିଡ୍‌ନୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।

-ଡା. ନିତ୍ୟାନନ୍ଦ ସ୍ୱାଇଁ, ଅଭୀପ୍ସା,
ସେକ୍ଟର-୬, ସିଡିଏ, କଟକ-୧୪
ମୋ: ୮୩୨୮୯୭୫୧୧୮

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ସାଂସ୍କୃତିକ ଓ କ୍ରୀଡ଼ା ସଂସଦର ବାର୍ଷିକୋତ୍ସବ ଅବସରରେ ସଙ୍ଗୀତ ଓ ନାଟକ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୫ଟା।
- ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ୫୯ତମ ବାର୍ଷିକୋତ୍ସବ 'ଜୟଦେବ ସମାରୋହ–୨୦୨୫', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା
- ଜିଲାସ୍ତରୀୟ ନିପୁଣ ଓଡ଼ିଶା ମେଳା, ସ୍ଥାନ: ଡିଆଇଇଟି ପରିସର, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷା ପ୍ଲେ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଗୁରୁଜଙ୍ଗ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର
- ହୋଲିକା ଦହନ ଉତ୍ସବ ଅବସରରେ ଦଣ୍ଡପୂଜା, ସମୟ: ସକାଳ ୯ଟା।
- ବନ୍ଧୁମିଳନ, ସମୟ: ପୂର୍ବାହ୍ନ ୧୦ଟା
- ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ହୋଲିକା ଦହନ ପୂଜା, ସ୍ଥାନ: କୋଶମ୍ଭ ନଗର, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୪୫।
- ଜୁନିୟର ଚାମ୍ପିୟନଶିପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୨ଟା ୩୦।
- ମେଡିକାଲ ଲାବୋରେଟେରୀ ଟେକ୍ନିସିଆନ ଦିବସ, ସ୍ଥାନ: ଗାନ୍ଧି ସ୍ମୃତିଭବନ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ରାଧାକୃଷ୍ଣ ମେଳଣ, ସ୍ଥାନ: ଗୋପୀନାଥପୁର ମେଳନ ପଡ଼ିଆ, ବନ୍ତ, ସମୟ: ରାତି ୧୧ଟା।
- ଲଉଡ଼ି ଖେଳ ପ୍ରତିଯୋଗିତା, ସ୍ଥାନ: ପାଟଣାମିଶ୍ରପୁର ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।
- ଲଉଡ଼ି ଖେଳ ପ୍ରତିଯୋଗିତା, ସ୍ଥାନ: ଦଧିବାମନପୁର, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ
- ଦୋଳ ପୂର୍ଣ୍ଣିମା ଅବସରରେ ଠାକୁରଙ୍କ ମିଳନ ଉତ୍ସବ,ସ୍ଥାନ: ମେଳନ ପଡ଼ିଆ, କରଞ୍ଜିଆ, ସମୟ: ପ୍ରାତଃ ୪ଟା।
- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ମଧୁବନ ୱାର୍ଡ ନଂ. ୯ ବାରିପଦା,ସମୟ:ସକାଳ ୭ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ଅବସରରେ କଳସଯାତ୍ରା,ସ୍ଥାନ:କେନ୍ଦୁସାହି ବାରିପଦା,ସମୟ: ସକାଳ ୮ଟା।
- ବାବା କୃପାନାଥ ମହାଦେବଙ୍କ ୧୬ତମ ବାର୍ଷିକ ଉତ୍ସବ, ସ୍ଥାନ : ବଡ଼ସାହି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ଅଧିବାସ, ସ୍ଥାନ:ହରିପୁର, ବଡ଼ସାହି,ସମୟ:ସନ୍ଧ୍ୟା ୬ଟା।
- ୧୦୦ତମ ହୋଲି ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ରାଟ ମେଲୋଡି, ସ୍ଥାନ: ତାଳପଦା ଦୁର୍ଗାମାଧବ ପଡ଼ିଆ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା
- ସାଂସ୍କୃତିକ ପରିଷଦ ପକ୍ଷରୁ ସାଗରବେଳା ମହୋତ୍ସବ, ସ୍ଥାନ:ପେଣ୍ଠ, ରାଜନଗର, ସମୟ: ଅପରାହ୍ନ ୫ଟା।
- ହରିବାସର ଯୁବକ ସଂଘ ପକ୍ଷରୁ ମା'ଶୀତଳା ଦେବୀଙ୍କ ବାର୍ଷିକ ପୂଜା ଓ ନାମଯଜ୍ଞ, ସ୍ଥାନ: ସୁନିତୀ, ମହାକାଳପଡା, ସମୟ:ସକାଳ ୬ଟା।
- ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀଗୁରୁ ମହାରାଜ ମଠ, କଳଦିଆ, ଆଳି, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼
- ମଦନମୋହନଙ୍କ ବାର୍ଷିକ ଉତ୍ସବରେ ଚାଉପଲ୍ଲୀ ମହୋତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତର ଚାଉପଲ୍ଲୀ, ସମୟ:ସକାଳ ୮ଟା ।
- ବିଶ୍ୱଶାନ୍ତି ଯଜ୍ଞ ଅବସରରେ ଗୋପାଳିପଡ଼ାର ନାଟକ ମହିରାବଣ ବଧ , ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ପୂର୍ବାହ୍ନ ୧୦ଟା।
- ବିଶ୍ୱ ଶାନ୍ତି ଯଜ୍ଞ ଅବସରରେ ନୟାଗଡ଼ର ପୌରାଣିକ ନାଟକ କେଶବ ଭକ୍ତଙ୍କୁ କରୁଛି ଶବ, ସ୍ଥାନ: ନୟାଗଡ଼ ବ୍ଲକର ଭାଟସାହି ସିଦ୍ଧେଶ୍ୱର ଜୀଉଙ୍କ ପୀଠ, ସମୟ:ରାତି ୧୦ଟା।
- ବିଶ୍ୱ ଶାନ୍ତି ମହାଯଜ୍ଞ , ସ୍ଥାନ: ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ କାଦୁଆ ଗଡିଶ୍ୱର ମହାଦେବ ମନ୍ଦିରର ୨ୟ ଦିବସ, ସମୟ:ସକାଳ ୮ଟା ।
- ଭାଗବତ ପାରାୟଣ ଓ ଗୀତା ଯଜ୍ଞର ୭ମ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଖଳିସାହି ଜଗନ୍ନାଥ ମନ୍ଦିର, ସମୟ:ସକାଳ ୮ଟା।
- କାମ୍ଭୋରୀ ଉତ୍ସବର ୩ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଆରସି ହାଇସ୍କୁଲ, ସମୟ:ସନ୍ଧ୍ୟା ୭ଟା।

## ନବରଙ୍ଗପୁର
- ଷୋହଳ ପ୍ରହର ନାମ ଯଜ୍ଞ, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରିଗୁଡ଼ାସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୬ଟା।
- ସ୍ୱାସ୍ଥ୍ୟମେଳା, ସ୍ଥାନ: ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତ ଖୁଣ୍ଟିପଦର ଗୋଷ୍ଠୀ ସ୍ୱାସ୍ଥ୍ୟମେଳା, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- କୋରାପୁଟ ଡୁଡାର ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।
- ରାଧାକୃଷ୍ଣ ମନ୍ଦିର ଦୋଳବିମାନ ସାହି ପରିକ୍ରମା, ସ୍ଥାନ: କୋରାପୁଟ ଗୌତମ ନଗର, ସମୟ: ରାତି ୭ ଟା।

## ସମ୍ବଲପୁର
- ଗୋଲଡେନ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ହାୱା ମଇଦାନ, ସମୟ : ସକାଳ ୮ଟା।
- ବ୍ଲକସ୍ତରୀୟ ଜୁନିୟର ରେଡକ୍ରସ ପ୍ରଶିକ୍ଷଣ ଶିବିର, ସ୍ଥାନ : ଧନକଉଡା ହାଇସ୍କୁଲ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଆରଡିସିଙ୍କ ସହ ନିର୍ମାଣ ସାମଗ୍ରୀ ଯୋଗାଣ ସଂଘର ଆଲୋଚନା, ସ୍ଥାନ : ଆରଡିସି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।
- ନିର୍ମାଣ ସାମଗ୍ରୀ ଯୋଗାଣ ସଂଘର ବୈଠକ, ସ୍ଥାନ: ଆରଡିସି କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର
ବୈଷୟିକ ତାଲିମ କେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଟାଟା ପାୱାର ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ଅପରାହ୍ଣ ୩ଟା ।

## ବରଗଡ଼
- ରାମାୟଣ ପାରାୟଣ,ସ୍ଥାନ: ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ଗାଇସିଲେଟ୍,ସମୟ: ସକାଳ ୯ଟା।
- ହୋଲି ମହୋତ୍ସବ, ସ୍ଥାନ: ତପୋବନ, ବରଗଡ଼, ସମୟ:ଅପରାହ୍ନ ୪ଟା।
- ବସନ୍ତ ମିଳନ, ଫାଲଗୁନ ମହୋତ୍ସବ,ସ୍ଥାନ: ଶାନ୍ତି ତପୋବନ ଆଶ୍ରମ, ଚକରକେନ୍ଦ ଛକ, ବରଗଡ଼,ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି
- ଫଗୁ ମହୋତ୍ସବ ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବ୍ଲକ ନୂଆଗୁଡା, ସମୟ: ସନ୍ଧ୍ୟା ୭ଟା।
- ଓଡ଼ିଆ ଅଧ୍ୟାପକଙ୍କ ବିୟୋଗରେ ସ୍ମୃତି ସଭା, ସ୍ଥାନ: ଭବାନୀପାଟଣା ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ, ସ୍ଥାନ: ତେଲିକୁସୁମ୍ ଗ୍ରାମ, ତିଲେଇବଣି ବ୍ଲକ, ସମୟ: ସକାଳ ୯ଟା।
- ଉଦ୍ୟାନ କୃଷି କର୍ମଶାଳା, ସ୍ଥାନ: କଦଳିପାଲ ଗ୍ରାମ ଛେପିଲିପାଲି, ତିଲେଇବଣି ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ଡାଇମଣ୍ଡ ସର୍କସ, ସ୍ଥାନ: ବଡ଼ ବଗିଚା ପ୍ରଧାନପାଟ ରୋଡ୍, ସମୟ: ଅପରାହ୍ନ ୧ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର
- ତରଭା ବ୍ଲକ ସରଧାପାଲିରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଚବିଶ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ଦିବାରାତ୍ର।
- ତରଭା ସହର ହାଟପଦାରେ ଅଷ୍ଟପ୍ରହର ନାମଯଜ୍ଞ ପାଇଁ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା, ସ୍ଥାନ: ହାଟପଦା ନାମଯଜ୍ଞ, ସମୟ: ଅପରାହ୍ନ ୪ଟା।
- ଦେଶ୍‌ଫାଲ ଲୋକକଳା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ଧର୍ମଶାଳା ପଡିଆ, ସମୟ: ସନ୍ଧ୍ୟା ୬ଟା।
- ବୀରମହାରାଜପୁର ଫଗୁନ୍ ପୁନି ମହୋତ୍ସବ, ସ୍ଥାନ: ବୀରମହାରାଜପୁର ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।
- ବୀରମହାରାଜପୁର ବ୍ଲକ ଚମ୍ପାମାଳ ଦୋଳଯାତ୍ରା ମହୋତ୍ସବ, ସ୍ଥାନ: ଚମ୍ପାମାଳ ଚମ୍ପେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ, ସ୍ଥାନ: ସିନାପାଲି ବ୍ଲକ ହାତୀବନ୍ଧା ଗାଁ, ସମୟ: ସକାଳ ୭ଟା ୩୦।
- ଦୋଳ ପୂର୍ଣ୍ଣିମା ବା ହୋଲି ଉପଲକ୍ଷେ ହୁଲିକା ଦହନ କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଗାଁ, ସମୟ: ମଧ୍ୟରାତ୍ର ୧୨ଟା।

## ଝାରସୁଗୁଡ଼ା
- ସିକିଲ ସେଲ ରୋଗ ପାଇଁ ସଚେତନତା ବୈଠକ, ସ୍ଥାନ: ଭିକମପାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୮ଟା।
- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ତାଳପଟିଆ ନାମ ମଣ୍ଡପ, ସମୟ: ସକାଳ ୮ଟା। ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ବେହେରାପାଲି ନାମ ମଣ୍ଡପ, ସମୟ: ସକାଳ ୮ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ସୁସ୍ଥ ପାରିବାରିକ ଜୀବନ ଓ ନିରଙ୍କୁଶ କର୍ମସାଧନ ପାଇଁ ଆନୁଷଙ୍ଗିକ ପରିବେଶ ଅନୁକୂଳ ରହିବ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ହାସଲ କରିବେ। ପାରିବାରିକ ସମସ୍ୟା ସମାଧାନରେ, ଜମିଜମା ବିବାଦରେ,ପରିବହନଜନିତ ଝଗଡ଼ାରେ ବିଜୟୀ ହେବେ। ସାହିତ୍ୟଚର୍ଚ୍ଚା ଓ ସଙ୍ଗୋଟପଣିଆରୁ ପ୍ରଶଂସିତ ହେବେ।

**ବୃଷ**
ସମ୍ପର୍କୀୟଙ୍କ ସହାନୁଭୂତି ଯୋଗୁ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରିବେ। କର୍ମକ୍ଷେତ୍ରରେ ଗଠନମୂଳକ କାର୍ଯ୍ୟ, ବ୍ୟବସାୟରେ ସଫଳତା ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହିଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ଉଠିବ।

**ମିଥୁନ**
ଆଜି ବନ୍ଧୁଙ୍କ ସହଯୋଗ ଓ ହିତୈଷୀଙ୍କ ପରାମର୍ଶ ପାଇ କାର୍ଯ୍ୟ ସାଧନ କରିବେ। ପରିବାରର ଅନୁରୋଧକ୍ରମେ ଭ୍ରମଣରେ ବାହାରିପାରନ୍ତି। ଉଦ୍ୟୋଗ, ନୂତନ ପ୍ରକଳ୍ପ କିମ୍ବା ବ୍ୟବସାୟରେ ବ୍ୟତିକ୍ରମ ଦେଖାଦେବ। ବହୁତ ଦିନରୁ ଧାର ନେଇଥିବା ଲୋକଟି ଟଙ୍କା ଦେବାର ନାଁ ଧରିବ ନାହିଁ, ଫଳରେ ଉଚ୍ଚବାଚ ଘଟିବାର ଆଶଙ୍କା ରହିଛି।

**କର୍କଟ**
ସହକର୍ମୀମାନେ ସହଯୋଗର ହାତ ବଢ଼ାଇପାରନ୍ତି। କିନ୍ତୁ ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିପ୍, ଗଣଯୋଗାଯୋଗ କ୍ଷେତ୍ରରୁ ସୁଫଳ ମିଳିବ। କ୍ରୀଡ଼ା, ସଙ୍ଗୀତ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ମଧ୍ୟରେ ପ୍ରତିଯୋଗିତାର ସମ୍ଭାବନା ରହିଛି।

**ସିଂହ**
ଆଜି କର୍ମକ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, ସମ୍ମାନଜନକ ପଦବୀ ସାଙ୍ଗକୁ ସମ୍ବର୍ଦ୍ଧିତ ହୋଇପାରନ୍ତି। ପ୍ରଶାସନିକ ସ୍ତରରେ ବିଭିନ୍ନ ଯୋଜନା ସମ୍ପର୍କିତ ଆଲୋଚନା, ଆନୁଷ୍ଠାନିକ କାମର ପ୍ରସ୍ତୁତି ସମ୍ପନ୍ନ କରି ଖୁସି ହେବେ। ଜମିଜମା, ଗାଡ଼ି ମୋଟର ମରାମତି ସକାଶେ ଆଲୋଚନା କରିବେ। ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ।

**କନ୍ୟା**
ସୁସ୍ଥମାନସିକତା ଯୋଗୁ ଦିନଟିରେ କାର୍ଯ୍ୟାରମ୍ଭ, ସଭାସମିତି ଓ ବନ୍ଧୁଙ୍କ ସହ ଆଲୋଚନା ସକାରାତ୍ମକ ରହିବ। ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ବ୍ୟତିକ୍ରମ ଦେଖାଦେବ। ସହଯୋଗର ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେଇପାରନ୍ତି।

**ତୁଳା**
ଦୀର୍ଘଦିନରୁ ପାଉ ନ ଥିବା ଅର୍ଥ କିମ୍ବା ଭବିଷ୍ୟନିଧିରୁ ଟଙ୍କା ପାଇବାର ବିଳମ୍ବ ଯୋଗୁ ବ୍ୟସ୍ତତା ପ୍ରକାଶ କରିବେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରନ୍ତୁ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାରୁ ନିର୍ଦ୍ଦିଷ୍ଟ ସମୟରେ କାମଟି ଶେଷ ନ ହୋଇପାରେ। ପରିବାରରେ ଭୁଲ୍ ବୁଝାମଣାଜନିତ ବିତର୍କ ବଢ଼ିବ।

**ବିଛା**
ବନ୍ଧୁଗହଣରେ ବହୁ ପ୍ରତୀକ୍ଷିତ କାର୍ଯ୍ୟାରମ୍ଭ କରି ଆତ୍ମତୃପ୍ତି ଅନୁଭବ କରିବେ। ମାଙ୍ଗଳିକ କାର୍ଯ୍ୟ, ଜମିଜମା କ୍ରୟ କିମ୍ବା ଗୃହାରମ୍ଭ, ପ୍ରତିଷ୍ଠାଦି କର୍ମ ସକାଶେ ପ୍ରସ୍ତୁତି ଆରମ୍ଭ କରିବେ। ଉଚ୍ଚବର୍ଗଙ୍କ ସହାୟତା, ପଡ଼ୋଶୀଙ୍କ ଆଦର, ଅଭ୍ୟର୍ଥନା ସାଙ୍ଗକୁ ବିଭିନ୍ନ କ୍ଷେତ୍ରରେ ସଫଳତାର ଝଲକ ଦେଖିପାରିବେ।

**ଧନୁ**
ମନର ଅକୁହାକଥା ମାନସିକ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲେ ମଧ୍ୟ କର୍ମକ୍ଷେତ୍ରରେ ନିଜକୁ ନିୟନ୍ତ୍ରଣରେ ରଖିପାରିବେ। ପରିବାରରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ। ଆବଶ୍ୟକତା ପୂରଣ ସକାଶେ ଯେକୌଣସି ପ୍ରକାରେ ଅର୍ଥ ସଂଗ୍ରହ କରିପାରନ୍ତି। ସାଂଗଠନିକ କ୍ଷେତ୍ରରେ ପଦସ୍ଥବ୍ୟକ୍ତିଙ୍କ ଶ୍ରଦ୍ଧାଭାଜନ ହେବାର ଆଶା ରହିଛି।

**ମକର**
ମାନସିକ ସୁସ୍ଥତା ଅଭାବରୁ ଅସ୍ୱାଭାବିକ ଚିନ୍ତାଧାରା କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆଜିର ପ୍ରତ୍ୟୁଷ ଯାତ୍ରା, ପ୍ରଶାସନ, ବନ୍ଧୁ ସମ୍ପର୍କ, ମନୋରଞ୍ଜନ କାର୍ଯ୍ୟକ୍ରମ ଓ ବାଣିଜ୍ୟାଦି ସନ୍ତୋଷଦାୟକ ରହିବ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ବନ୍ଧୁସମ୍ପର୍କ ସ୍ଥାପିତ ହେବ।

**କୁମ୍ଭ**
ଆଜି ପାରିବାରିକ ଅନୁରକ୍ତି, ସରକାରୀ ସାହାଯ୍ୟ, ବିଶିଷ୍ଟବ୍ୟକ୍ତିଙ୍କ ପ୍ରତିଶ୍ରୁତି ଆତ୍ମସମ୍ମାନ ବୃଦ୍ଧି କରିବ। ସ୍ଥଗିତକାର୍ଯ୍ୟ, ବିବାଦୀୟ ସ୍ଥିତି, ସହକର୍ମୀଙ୍କ ଅସହଯୋଗ ବଦଳିଯାଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରାଇପାରେ। ସାମାଜିକ କ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ।

**ମୀନ**
ବନ୍ଧୁଙ୍କ ସହାୟତାରେ ଟେନସନ୍ କମିଯିବ, ସହଯୋଗ ଭିତ୍ତିରେ କାମ କରି ପ୍ରଶଂସିତ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତାରେ ଶିଳ୍ପ, ବ୍ୟବସାୟ ଓ ପରିବହନରେ ପ୍ରତିବନ୍ଧକ ଦୂରେଇଯିବ। ଭୁଲ୍ ବୁଝାମଣା ହେତୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହେବ। ପୂର୍ବଭାଦ୍ରପଦ ନକ୍ଷତ୍ର ସକାଶେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ମାର୍ଚ୍ଚ ୧୩ ତାରିଖ, ବିଶ୍ୱ ବୃକ୍କଦିବସ, ମାସାନ୍ତ, ଫାଲଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା ଗୁରୁବାର। ଶ୍ରୀମନ୍ଦିରରେ ରାଜାଗ୍ନି ବା ମେଣ୍ଢାପୋଡି, ଅଦ୍ୟ ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ରାଶି ନକ୍ଷତ୍ର–ପୂର୍ବାଫାଲଗୁନୀ/ସିଂହ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୦୬.୦୦ ଗତେ ଘ.୦୭.୩୫ ମଧ୍ୟେ, ଘ.୧୦.୪୫ ଗତେ ଘ.୦୧.୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୫ ଗତେ ଘ.୦୨.୫୪ ମଧ୍ୟେ ରାହୁ କାଳ ।

# ୭ ମାସର ସର୍ବନିମ୍ନ ସ୍ତରରେ ଖୁଚୁରା ମୁଦ୍ରାସ୍ଫୀତି

ଭୁବନେଶ୍ୱର,୧୨।୩(ଅନୁରାଧା ମହାରଣା)

୨୦୨୫ ଫେବୃଆରୀରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୭ ମାସର ସର୍ବନିମ୍ନ ସ୍ତରକୁ ଖସିଛି। ୨୦୨୫-୨୬ ଆର୍ଥିକବର୍ଷରେ ରିଟେଲ ଇନ୍‌ଫ୍ଲେଶନ୍ ଆହୁରି କମିପାରେ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଆକଳନ କରାଯାଇଛି। ମୁଦ୍ରାସ୍ଫୀତିରେ ହ୍ରାସ ଘଟିଲେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀଗୁଡ଼ିକର ଦରଦାମ ଖସିବ। ଏଥିରୁ ସାଧାରଣ ଖାଉଟି ଲାଭବାନ ହେବେ।

୨୦୨୫ ଜାନୁଆରୀରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ୪.୩୧% ରହିଥିବାବେଳେ ଫେବୃଆରୀରେ ଏହା ୩.୬୧ ପ୍ରତିଶତକୁ ଖସିଆସିଥିବା ବୁଧବାର ଜାରି ସରକାରୀ ତଥ୍ୟରୁ ଜଣାପଡ଼ିଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଆଧାରରେ ଆକଳନ କରାଯାଇଥିବା ଫେବୃଆରୀ ମାସର ମୁଦ୍ରାସ୍ଫୀତି ହାର ୩.୬୧% ରହିଛି, ଯାହାକି ଜାନୁଆରୀ ତୁଳନାରେ ୦.୬୫ ପ୍ରତିଶତ କମ୍। ମୁଖ୍ୟତଃ ଖାଦ୍ୟ ସାମଗ୍ରୀ ଦର ହ୍ରାସ ଯୋଗୁ ଜୁଲାଇ ପରଠାରୁ ଏହି ହାର ସର୍ବନିମ୍ନ ସ୍ତରକୁ ଆସିଛି। ଫେବୃଆରୀରେ ଖାଦ୍ୟ ମୁଦ୍ରାସ୍ଫୀତି ୨୦୨୩ ମେ' ପରଠାରୁ ସର୍ବନିମ୍ନ ସ୍ତରରେ ପହଞ୍ଚିଛି। ଏହା ଜାନୁଆରୀ ତୁଳନାରେ ୨୨୨ ବେସିସ୍ ପଏଣ୍ଟସ (ବିପିଏସ୍) କମ୍। ପନିପରିବା, ଅଣ୍ଡା, ମାଂସମାଛ, ଡାଲି ଏବଂ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ମୂଲ୍ୟ ହ୍ରାସ ଯୋଗୁ ଏପରି ହୋଇଥିବା କୁହାଯାଉଛି। ଫେବୃଆରୀରେ ତୈଳ ଦରରେ ମଧ୍ୟ ହ୍ରାସ ପରିଲକ୍ଷିତ ହୋଇଛି।ଏଥିଯୋଗୁ ଘରୋଇ ବଜେଟ ଉପରେ ଚାପ କମିଛି। ଫେବୃଆରୀରେ ଇନ୍ଧନ ମୁଦ୍ରାସ୍ଫୀତି ହାର ୧.୩୩ ପ୍ରତିଶତ ରହିଥିଲା। ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟିଲେ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ଆର୍‌ବିଆଇ ଅନ୍ୟ ବ୍ୟାଙ୍କଗୁଡ଼ିକୁ ଦେଉଥିବା ଋଣ ଉପରେ ସୁଧ (ରେପୋ ରେଟ) ହ୍ରାସ ପାଇଁ ମଧ୍ୟ ପଥ ଅନୁକୂଳ ହେବ ବୋଲି ବିଶେଷଜ୍ଞମାନେ କହୁଛନ୍ତି।

ଉଲ୍ଲେଖଯୋଗ୍ୟ, ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରା ଗତ ମାସର ମୁଦ୍ରାନୀତି ସମୀକ୍ଷା ସମୟରେ ରେପୋ ରେଟରେ ୨୫ ବିପିଏସ୍ ହ୍ରାସ ଘୋଷଣା କରି କରିଥିଲେ। ସଞ୍ଜୟ କହିଥିଲେ, ରେପୋ ରେଟ୍ ବର୍ତ୍ତମାନ ୬.୨୫ ପ୍ରତିଶତ ରହିଛି। ମୁଦ୍ରାସ୍ଫୀତି ହାର କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି ଏବଂ ଏହା ଆହୁରି ହ୍ରାସ ପାଇବା ଦ୍ୱାରା ଆର୍‌ବିଆଇର ୪% ଲକ୍ଷ୍ୟ ନିକଟରେ ପହଞ୍ଚିବ। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ମଧ୍ୟରେ ସନ୍ତୁଳନ ବଜାୟ ରଖିବା ପାଇଁ ମୁଦ୍ରାନୀତି କମିଟି (ଏମ୍‌ପିସି) ମୁଦ୍ରାନୀତି ସନ୍ତୁଳନ ସ୍ଥିର କରିଛି। ମୁଦ୍ରାସ୍ଫୀତି ହ୍ରାସ ସହ ତାଳଦେଇ ରେପୋରେଟ୍ କମାଗଲେ ସାଧାରଣ ଉପଭୋକ୍ତା ଓ ବ୍ୟାଙ୍କରୁ ଋଣ ନେଇଥିବା ଲୋକେ ଉପକୃତ ହେବେ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜାଣିଥିଲି କି ?**
**ଅଧେ ସୁନା ଅଧେ ପିତ୍ତଳ ବୋଲି ମୁଁ**
**ନିକିତି ପକାଇ ତୁଳିଥିଲି କି ?**

ଆମ ସମାଜରେ ଏଭଳି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଉପରେ ଅନ୍ୟକୁ ଉପଦେଶ ଦେଇଥାନ୍ତି। କୌଣସି ବିଷୟରେ ଧାରଣା ନ ଥିଲେ ସୁଦ୍ଧା ନିଜର ମତାମତ ଶୁଣାଇଥାନ୍ତି। ତେବେ କୌଣସି କଥାର ଭିତରେ ନ ପଶି ଉପରେ ଉପରେ ସଫେଇ ଦେବା ଉଚିତ ହୋଇ ନ ଥିବାବେଳେ ବ୍ୟକ୍ତିଙ୍କ ଏପରି ବୟାନ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଜଳଜଳା କାଠ ଜଳେ ନାହିଁ**
**ଜଳୁଥିଲେ ଲିଭଇ ନାହିଁ**

ସାଧାରଣତଃ ଜଳଜଳା କାଠକୁ ଜୁଇ କାଠ ବୋଲି କୁହାଯାଇଥାଏ। ଏହି କାଠ କେବଳ ଶବଦାହ ବେଳେ ଆବଶ୍ୟକ ହେଉଥିବାବେଳେ ଅନ୍ୟ କୌଣସି କାର୍ଯ୍ୟ ପାଇଁ ଏହାକୁ ବ୍ୟବହାର କରିବା ବାରଣ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ୩ ଗୁଣା ବଢ଼ିଛି ଡିଜିଟାଲ ...

ସରକାରୀ ସୂତ୍ରରୁ ପ୍ରକାଶ। ରାଜ୍ୟ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ବନ୍ଦୀ ସଞ୍ଜୟ କୁମାର ଏକ ପ୍ରଶ୍ନର ଉତ୍ତର ଦେଇ ନ୍ୟାଶନାଲ ସାଇବରକ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆରପି) ୱେବ୍‌ସାଇଟ୍‌ରେ ପ୍ରଦତ୍ତ ତଥ୍ୟର ଅବତାରଣା କରିଛନ୍ତି। ସେ କହିଛନ୍ତି, ଗତ ୨ ବର୍ଷ ମଧ୍ୟରେ ସାଇବର ଅପରାଧ ୩ ଗୁଣା ବଢ଼ିଛି। ୨୦୨୨ରେ ଏଭଳି ୩୯,୯୨୫ ମାମଲା ରୁଜୁ ହୋଇଥିବାବେଳେ ୯୧.୧୪ କୋଟି ଟଙ୍କା ଠକେଇ ହୋଇଥିଲା। ୨୦୨୪ରେ ଏହା ୧,୨୩,୬୭୨କୁ ବୃଦ୍ଧି ପାଇଥିଲା। ଠକେଇ ଟଙ୍କାର ପରିମାଣ ୨୧ ଗୁଣ ବୃଦ୍ଧିପାଇ ୧୯,୩୫.୫୧ କୋଟିରେ ପହଞ୍ଚିଥିଲା। ୨୦୨୫ର ପ୍ରଥମ ୨ ମାସ ଭିତରେ ୧୭,୭୧୮ ମାମଲା ରୁଜୁ ହୋଇଥିବାବେଳେ ଫେବୃଆରୀ ୨୮ ସୁଦ୍ଧା ସାଇବର ଅପରାଧୀ ଲୋକଙ୍କଠାରୁ ୨୧୦.୨୧ କୋଟି ଟଙ୍କା ଲୁଟ୍ କରିଛନ୍ତି। ଏହି ପୋର୍ଟାଲରେ ସାଇବରକ୍ରାଇମ୍ ଘଟଣାଗୁଡ଼ିକ ରିପୋର୍ଟ କରାଯାଉଛି। ସେଗୁଡ଼ିକୁ ମାମଲାରେ ପରବର୍ତ୍ତିତ କରି ପରବର୍ତ୍ତୀ ସମୟରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଇନ ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ନେଉଥିବା ବିଷୟ ସଞ୍ଜୟ କୁମାର ସୂଚନା ଦେଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ଇଣ୍ଡିଆନ୍ ସାଇବର କ୍ରାଇମ୍ କୋ-ଅର୍ଡିନେଶନ୍ ସେଣ୍ଟର (୧୪ସି) ତତ୍ପରତା ସହ ୩,୯୬୨ ସ୍କାଇପ୍ ଆଇଡି ଏବଂ ୮୩,୬୮୮ ହ୍ୱାଟ୍ସଆପ୍ ଆକାଉଣ୍ଟ ଚିହ୍ନଟ କରି ସେଗୁଡ଼ିକୁ ବ୍ଲକ୍ କରିଛି। ଏହି ଆଇଡି ଏବଂ ଆକାଉଣ୍ଟଗୁଡ଼ିକୁ ଡିଜିଟାଲ ଆରେଷ୍ଟ ପାଇଁ ବ୍ୟବହାର କରାଯାଉଥିଲା ବୋଲି ମନ୍ତ୍ରୀ କହିଛନ୍ତି। ଅଦ୍ୟାବଧି ୧୩.୩୬ ଲକ୍ଷ ଅଭିଯୋଗ ଉପରେ ୪,୩୮୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଫେରାଇ ଅଣାଯାଇପାରିଛି। ଅନ୍‌ଲାଇନ୍ ସାଇବର ଅଭିଯୋଗ ଦାଖଲ ପାଇଁ ଟୋଲ୍-ଫ୍ରି ହେଲ୍ପଲାଇନ୍ ନମ୍ବର ୧୯୩୦ ଜାରି କରାଯାଇଛି। ଅନ୍‌ଲାଇନ୍ ଠକେଇର ଶିକାର ହେଉଥିବା ଲୋକେ ଏଥିରେ ନିଜ ଅଭିଯୋଗ ଦାଖଲ କରିପାରିବେ ବୋଲି ଉଚ୍ଚ ସଦନରେ ମନ୍ତ୍ରୀ ସୂଚନା ଦେଇଛନ୍ତି।

### ଡିଜିଟାଲ ଆରେଷ୍ଟ: ଏକ ଚ୍ୟାଲେଞ୍ଜ

ବାସ୍ତବରେ 'ଡିଜିଟାଲ ଆରେଷ୍ଟ' ବୋଲି କିଛି ନାହିଁ। ଲୋକଙ୍କୁ ଲୁଟିବା ପାଇଁ ଏହା ଏକ ମନଗଢ଼ା ଶବ୍ଦ। ସାଇବର ଅପରାଧୀମାନେ ଲୋକଙ୍କ ଦୁର୍ବଳତା, ବ୍ୟକ୍ତିଗତ ଡେଟା, ଅନ୍ତରଙ୍ଗ ବିଷୟ କିମ୍ବା ଏପରି କୌଣସି ସୂଚନା ହାତେଇବାରେ ସକ୍ଷମ ହେଲେ ତାହାକୁ ବ୍ୟବହାର କରି ଶିକାର ଯୋଜନା କରିଥାଆନ୍ତି। ସେମାନେ ଫୋନ୍ କଲ୍ କରି 'ତୁମ ପିଲା ବଳାତ୍କାର କରିଛି, ତାକୁ ଆମେ ଆରେଷ୍ଟ କରିଛୁ। ଏତିକି ଲକ୍ଷ ଟଙ୍କା ଦେଲେ କୋର୍ଟ ଚାଲାଣ ନ କରି ଛାଡ଼ିଦେବୁ' କହି ରାନ୍‌ସମ୍ ଦାବି କରନ୍ତି। ଘର ଲୋକେ ଭୟ ଓ ଲଜ୍ଜାରେ ଅନ୍‌ଲାଇନ୍‌ରେ ଟଙ୍କା ପଇଠ କରିବାକୁ ବାଧ୍ୟ ହୁଅନ୍ତି। ଏପରି କି କ୍ଲୋନ୍ କରାଯାଇଥିବା ପିଲାର ଭଏସ୍ ମଧ୍ୟ ଶୁଣାଇଥାନ୍ତି। ପରେ ପିଲା ଘରକୁ ଫେରିଲେ ସେମାନେ ଜାଣିପାରନ୍ତି ଯେ, ଏହା 'ଡିଜିଟାଲ ଆରେଷ୍ଟ' ଥିଲା। ମିଛଟାରେ ସେମାନେ ଠକେଇରେ ପଡ଼ିଲେ। ସାଇବର ଅପରାଧୀଙ୍କ ଦ୍ୱାରା ପ୍ରଯୁକ୍ତି ଓ କାରିଗରି ବିଜ୍ଞାନ ଅଗ୍ରଗତିର ଦୁରୁପଯୋଗ କିଭଳି ଭାବେ କରାଯାଉଛି, ଏହା ହେଉଛି ତା'ର ଏକ ନମୁନା। ଏଭଳି ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଠି ଫ୍ରଡଷ୍ଟରମାନେ ବୋମାଇଲ ଫୋନ୍ ବିଶେଷକରି ଭିଡିଓ କଲିଂ ଜରିଆରେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ବିପୁଳ ଅର୍ଥ ଲୁଟିବାରେ ସଫଳ ହେଉଛନ୍ତି। ଏଭଳି ଠକଙ୍କ ଜାଲରେ ନ ପଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଏକାଧିକ ଥର ସତର୍କ କରାଇଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମଧ୍ୟ ଏ ଦିଗରେ ଅନେକ ପଦକ୍ଷେପ ନେଇଛି। ତଥାପି ପ୍ରବର୍ତ୍ତନକାରୀ ଏଜେନ୍ସିଗୁଡ଼ିକ ପାଇଁ ଏହା ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି।

## ୨୦୨୧-୨୦୨୩: ଓଡ଼ିଶାରେ ୬,୩୬୮ ସାଇବର ଠକେଇ ମାମଲା

ଭୁବନେଶ୍ୱର(ସୁନିତ୍ ମିଶ୍ର),୧୨।୩

ଓଡ଼ିଶାରେ ୨୦୨୧, ୨୦୨୨ ଏବଂ ୨୦୨୩ରେ ମୋଟ ୬,୩୬୮ ସାଇବର ଠକେଇ ଅପରାଧ ନେଇ ମାମଲା ରୁଜୁକରାଯାଇଛି। ଏହା ଉପରେ ଅନୁଧ୍ୟାନ କଲେ ସାଇବର ଅପରାଧ ମାମଲା ପ୍ରତିବର୍ଷ ବୃଦ୍ଧି ପାଉଥିବା ନଜରକୁ ଆସିଛି। ୨୦୨୧ରେ ରାଜ୍ୟରେ ମୋଟ୍ ୨,୦୩୭ଟି ମାମଲା ରୁଜୁ ହୋଇଥିବା ବେଳେ ୨୦୨୨ରେ ଏହି ସଂଖ୍ୟାରେ ସାମାନ୍ୟ ହ୍ରାସ ଘଟିଥିବା ଲକ୍ଷ୍ୟ କରାଯାଇଛି। ୨୦୨୧ ତୁଳନାରେ ୨୦୨୨ରେ ମାତ୍ର ୫୫ଟି ମାମଲା କମ୍ ହୋଇଛି। ଏହିବର୍ଷ ରାଜ୍ୟରେ ମୋଟ୍ ୧,୯୮୩ଟି ମାମଲା ସାଇବର ଅପରାଧ ନେଇ ରୁଜୁ କରାଯାଇଛି। ହେଲେ ୨୦୨୩ରେ ରାଜ୍ୟରେ ମୋଟ୍ ୨,୩୪୮ଟି ସାଇବର ଆପରାଧିକ ମାମଲା ବିଭିନ୍ନ ଥାନାରେ ରୁଜୁ କରାଯାଇଛି ; ଯାହାକି ୨୦୨୧ ତୁଳନାରେ ୩୧୧ ଏବଂ ୨୦୨୨ ତୁଳନାରେ ୩୬୫ଟି ଅଧିକ ମାମଲା ରୁଜୁ ହୋଇଥିବା ବିଧାନସଭାରେ ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଏହି ୩ ବର୍ଷ ଭିତରେ ୬,୩୬୮ଟି ସାଇବର ଅପରାଧ ମାମଲାରେ ଗିରଫଦାରି ସଂଖ୍ୟା ବହୁତ କମ୍ ରହିଛି। ୬,୩୬୮ଟି ମାମଲାରେ ମୋଟ ୧୩୮୮ ଜଣଙ୍କୁ ଗିରଫ କରାଯାଇଛି। ୨୦୨୧ରେ ୪୨୫, ୨୦୨୨ରେ ୪୪୧ ଏବଂ ୨୦୨୩ରେ ୫୨୨ ଜଣଙ୍କୁ ଏହିସବୁ ମାମଲାଗୁଡିକରେ ଗିରଫ କରାଯାଇଛି। ଆହୁରି ଚିନ୍ତାଜନକ ବିଷୟ ହେଉଛି ପ୍ରତ୍ୟେକ ବର୍ଷ ସାଇବର ଠକେଇରେ ଅଧିକ ପରିମାଣର ଅର୍ଥରାଶି ହଡ଼ପ ହେଉଛି। ୨୦୨୧ରେ ମୋଟ ୪୦ କୋଟି ୩୯ ଲକ୍ଷ ୭୦ ହଜାର ୫୧୪ ଟଙ୍କାର ଅର୍ଥ ରାଶି ଠକେଇ କରାଯାଇଥିବାବେଳେ ୨୦୨୨ରେ ଏହି ରାଶି ୩୭ କୋଟି ୨୮ ଲକ୍ଷ ୯୬ ହଜାର ୯୮୨ ଟଙ୍କା ରହିଛି। ୨୦୨୧ ତୁଳନାରେ ୩ କୋଟି ୧୦ ଲକ୍ଷ ୭୩ ହଜାର ୫୩୨ ଟଙ୍କା କମ୍ ଅର୍ଥ ରାଶି ହଡ଼ପ ହୋଇଛି। ହେଲେ ୨୦୨୩ରେ ମୋଟ୍ ୪୭ କୋଟି ୯୪ ଲକ୍ଷ ୫୦ ହଜାର ୧୭୮ ଟଙ୍କାର ଅର୍ଥ ରାଶି ହଡ଼ପ କରାଯାଇଛି। ଏହା ୨୦୨୨ ତୁଳନାରେ ୧୦ କୋଟି ୬୫ ଲକ୍ଷ ୫୩ ହଜାର ୧୯୬ ଟଙ୍କା ଅଧିକ । ସେହିପରି ୨୦୨୧ ତୁଳନାରେ ୨୦୨୩ରେ ୭ କୋଟି ୫୪ ଲକ୍ଷ ୭୯ ହଜାର ୬୬୪ କୋଟି ଟଙ୍କା ଅଧିକ ହଡ଼ପ ହୋଇଛି।

ପ୍ରତିବର୍ଷ ସାଇବର ଅପରାଧ ବୃଦ୍ଧି ପାଇବାରେ ଲାଗିଥିବାବେଳେ ଏହାକୁ ରୋକିବା ଲାଗି ରାଜ୍ୟ ସରକାର ୨୦୧୩ ଏପ୍ରିଲ ୧ରୁ ପଦକ୍ଷେପ ନେଉଥିବା କଥା ଦର୍ଶାଇଛନ୍ତି। ଏହି ଅପରାଧ ରୋକିବା ସକାଶେ ସରକାର ସାଇବର କ୍ରାଇମ ଶାଖା, ସାଇବର କ୍ରାଇମ ୟୁନିଟ୍ ମଧ୍ୟରେ ଅନେକ ବିଶେଷ ସବ୍ ୟୁନିଟ୍ ପ୍ରତିଷ୍ଠା କରିଥିବା କହୁଛନ୍ତି। କେବଳ ସେତିକି ନୁହେଁ, ସରକାର ବିଧାନସଭା ଉତ୍ତରରେ ଆହୁରି ଦର୍ଶାଇଛନ୍ତି, ସାଇବର ଅପରାଧ ରୋକିବା ଲାଗି ୧୯୩୦ ସାଇବର ଅପରାଧ ହେଲ୍‌ପଲାଇନ, ସୋସିଆଲ ମିଡିଆ ୟୁନିଟ୍, ଶିଶୁ ଓ ମହିଳା ଅନ୍‌ଲାଇନ ଅପବ୍ୟବହାର ମନିଟରିଂ ବିଭାଗ, ସାଇବର ତଦନ୍ତ ବିଭାଗ ଆଦି ଖୋଲିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୪ଟି ସାଇବର ଅପରାଧ ଏବଂ ଅର୍ଥନୈତିକ ଅପରାଧ ପୋଲିସ ଥାନା ଭୁବନେଶ୍ୱର ସହରାଞ୍ଚଳ, କଟକ ସହରାଞ୍ଚଳ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଅନୁଗୋଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର ଓ କନ୍ଧମାଳଠାରେ ପ୍ରତିଷ୍ଠା ହୋଇଛି। ଏହିଭଳି ବହୁ ମାତ୍ରାରେ ସାଇବର ଅପରାଧ ରୋକିବା ଲାଗି ସରକାର ବ୍ୟବସ୍ଥା ଗ୍ରହଣ କରିଥିବା ବିଷୟରେ ସୂଚନା ଦେଇଥିଲେ ସୁଦ୍ଧା ଏହି ସମ୍ବନ୍ଧୀୟ ଅପରାଧ ସଂଖ୍ୟା ବୃଦ୍ଧି ପାଇଚାଲିବା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସରକାରଙ୍କ ସଚେତନତା ଲୋକଙ୍କ ପାଇଁ ସେତେ ମାତ୍ରାରେ କାମ ଦେଉ ନ ଥିବା ସାଇବର ବିଶେଷଜ୍ଞମାନେ ମଧ୍ୟ ମତ ରଖିବା ଆରମ୍ଭ କରିଛନ୍ତି।

# ମାଂସ ତରକାରି ନ କରିବାରୁ ସ୍ତ୍ରୀଙ୍କୁ ହତ୍ୟା

ମେହବୁବାବାଦ (ତେଲଙ୍ଗାନା), ୧୨।୩

ଖାଦ୍ୟ ପ୍ରସ୍ତୁତିକୁ ନେଇ ଅନେକ ସମୟରେ ପରିବାରରେ ବିବାଦ ଦେଖାଦେଇଥାଏ। ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ମଧ୍ୟ ଲାଗେ। ହେଲେ କିଛି ବ୍ୟକ୍ତି ଅଛନ୍ତି ଏଭଳି ଛୋଟ ଛୋଟ ଘଟଣାକୁ ନେଇ ଉତ୍କ୍ଷିପ୍ତ ହୋଇ ବଡ଼ ଭୁଲ୍ କରି ବସନ୍ତି। ଏମିତି ଏକ ଘଟଣା ଘଟିଛି ତେଲଙ୍ଗାନା ମେହବୁବାବାଦ ଅଞ୍ଚଳରେ। ମାଂସ ତରକାରି କରିବାକୁ ମନା କରିବାରୁ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତା ହେଉଛନ୍ତି ମାଲୋଥ କଳାବଥି(୩୫)। ମୃତାଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତ ସ୍ୱାମୀଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।


ପୋଲିସ ଅଧିକାରୀ ତଦନ୍ତ କରୁଛନ୍ତି।

ମୃତାଙ୍କ ମା' କରିଥିବା ଅଭିଯୋଗ ସୂଚନାନୁସାରେ, କଳାବଥି ତାଙ୍କ ସ୍ୱାମୀଙ୍କ ସହ ରୁହନ୍ତି। ବିଭିନ୍ନ ସମୟରେ ଉଭୟଙ୍କ ମଧ୍ୟରେ ଘରୋଇ ସମସ୍ୟାକୁ ନେଇ ପାଟିତୁଣ୍ଡ ହୋଇଥାଏ। ମଙ୍ଗଳବାର ରାତିରେ କଳାବଥିଙ୍କ ସ୍ୱାମୀ ଘରକୁ ମଟନ୍ ଆଣି ରୋଷେଇ କରିବାକୁ ସ୍ତ୍ରୀଙ୍କୁ କହିଥିଲେ। ହେଲେ ରାତିରେ ମଟନ ତରକାରି କରିପାରିବେ ନାହିଁ ବୋଲି କଳାବଥି କହିବା ପରେ ତାଙ୍କ ସ୍ୱାମୀ ରାଗି ଯାଇଥିଲେ। ଉଭୟଙ୍କ ମଧ୍ୟରେ ଉକ୍ତ ଘଟଣାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ତ୍ରୀଙ୍କ ମୁଣ୍ଡକୁ କାଠଫାଳିଆରେ ବ୍ୟକ୍ତି ଜଣକ ପିଟିଥିଲେ। ଫଳରେ କଳାବଥିଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଖବର ପାଇବାପରେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରିବା ସହ ଫେରାର ବ୍ୟକ୍ତିଙ୍କୁ ଧରିବା ପାଇଁ ଛାନଭିନ୍ ଆରମ୍ଭ କରିଛି। ଅପରପକ୍ଷରେ ଏଭଳି ଏକ ଛୋଟ ଘଟଣାରେ ଜଣେ ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା କରିବା ଘଟଣାକୁ ସ୍ଥାନୀୟ ଲୋକମାନେ ବିଶ୍ୱାସ କରିପାରୁ ନାହାନ୍ତି। ସାମାନ୍ୟ କଥାକୁ ନେଇ ଜଘନ୍ୟ ଘଟଣାକୁ ରୋକିବାକୁ ବ୍ୟାପକ ସଚେତନତା ଜରୁରୀ ବୋଲି ମନସ୍ତତ୍ତ୍ୱବିତ୍ କହିଛନ୍ତି। ପୂର୍ବରୁ ମଧ୍ୟ ଏଭଳି ଘଟଣା ବିଭିନ୍ନ ସ୍ଥାନରେ ଘଟିବାର ନଜିର ରହିଛି। ୨୦୨୨ ଜୁଲାଇ ୯ରେ ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ସାଳେଇବେଡ଼ା ଗ୍ରାମରେ ଗିରୀଶ ଦେହୁରୀ ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ମଟନ ତରକାରି ରାନ୍ଧିବାକୁ କହିଥିଲେ। ହେଲେ ତରକାରି କରିବାକୁ ସ୍ତ୍ରୀ ମନା କରିବାରୁ ଗିରିଶ ଏକ ଲୁହାରଡ୍‌ରେ ପିଟି ହତ୍ୟା କରିଥିଲେ। ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲା

# ଅନ୍ତରୀଣ ସୁରକ୍ଷା ହଟିଲା, ଅଡୁଆ ବଢ଼ିଲା

### ରାଜା ଚକ୍ର, ୪ ସହଯୋଗୀଙ୍କ ଜାମିନ ଆବେଦନ ଖାରଜ

କଟକ/କେନ୍ଦୁଝର, ୧୨।୩ (କାର୍ତ୍ତିକ ସାହୁ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ଗନ୍ଧମାର୍ଦ୍ଦନ ଖଣି ଅର୍ଥ ହେରଫେର ମାମଲାରେ ଜଡ଼ିତ ରାଜା ଚକ୍ର ଓରଫ ସୌମ୍ୟଶଙ୍କର ଚକ୍ର ଓ ତାଙ୍କ ୪ ସହଯୋଗୀଙ୍କ ଆଗୁଆ ଜାମିନ ଆବେଦନ ହାଇକୋର୍ଟରେ ଖାରଜ ହୋଇଛି। ହାଇକୋର୍ଟର ବିଚାରପତି ଭି. ନରସିଂହ ମାମଲାର ଶୁଣାଣି କରି ସେମାନଙ୍କୁ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଛନ୍ତି। ଫଳରେ ସେମାନଙ୍କ ଗିରଫଦାରୀ ଆଶଙ୍କା ବୃଦ୍ଧି ପାଇଛି। ରାଜା ଚକ୍ରଙ୍କ ସହଯୋଗୀମାନେ ହେଲେ ସୁଧାଂଶୁ ଶେଖର ନାୟକ, ସମୀର କୁମାର ଜେନା, ସଦାଶିବ ସାମଲ ଓ ସୁଶାନ୍ତ ସାମଲ।

ସୂଚନାଯୋଗ୍ୟ ଯେ, କେନ୍ଦୁଝର ଜିଲା ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ଲୋଡ଼ିଂ ଓ ଟ୍ରାନ୍ସପୋର୍ଟିଂ କୋଅପରେଟିଭ୍ ସୋସାଇଟିର ଆର୍ଥିକ ଅନିୟମିତତା ମାମଲାରେ ଜଡ଼ିତ ରାଜା ଚକ୍ର ଓ ତାଙ୍କର ୪ ସହଯୋଗୀ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ୩ଟି ପୃଥକ ଆବେଦନ କରିଥିଲେ। ବିଜେଡି ନେତା ରାଜା ଚକ୍ରଙ୍କ ବିରୋଧରେ ୩୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର କରିଥିବା ନେଇ ଅଭିଯୋଗ ରହିଛି। ନିକଟରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ



ଅପରାଧ ଶାଖା(ଇଓଡବ୍ଲ୍ୟୁ) ପକ୍ଷରୁ ତାଙ୍କ ଘର ଉପରେ ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ଇଓଡବ୍ଲ୍ୟୁ ଗନ୍ଧମାର୍ଦ୍ଦନ ଏଜେନ୍ସିର ପୂର୍ବତନ ସଭାପତି ମାନସ ରଞ୍ଜନ ବାରିକ, ସମ୍ପାଦକ ଉତ୍କଳ ଦାସ ପ୍ରମୁଖଙ୍କୁ ଗତ ଫେବୃଆରୀ ୭ ତାରିଖରେ ଗିରଫ କରିଥିଲା। ଉକ୍ତ ସଂସ୍ଥା ୨୦୦୬ ମସିହାରେ ଆଇରନ୍ ଓର୍ ଲୋଡିଂ କରିବା ନିମନ୍ତେ ରେଜିଷ୍ଟ୍ରେଶନ୍ କରିଥିଲା। ୨୦୧୭ ରୁ ୨୦୨୪ ମଧ୍ୟରେ ଏମାନଙ୍କ ବିରୋଧରେ କୋଟି କୋଟି ଟଙ୍କାର ଅର୍ଥ ହେରଫେର କରିଥିବାର ଅଭିଯୋଗ ହୋଇଥିଲା। ଅଭିଯୁକ୍ତମାନେ ଶ୍ରମିକ ଖର୍ଚ୍ଚ, ଇପିଏଫ୍ ଟଙ୍କା, ପାରିପାର୍ଶ୍ୱିକ ବିକାଶ, ଖଣି ଦ୍ୱାରା ପ୍ରଭାବିତ ହୋଇଥିବା ଲୋକଙ୍କୁ କ୍ଷତିପୂରଣ ପ୍ରଦାନ କରିବା, ଭିତ୍ତିଭୂମିର ବିକାଶ କରିବା ଆଳରେ କୋଟି କୋଟି ଟଙ୍କା ହଡ଼ପ କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ହାଇକୋର୍ଟ ମଙ୍ଗଳବାର ମାମଲାର ଶୁଣାଣି କରି ରାଜା ଚକ୍ର ଓ ଅନ୍ୟମାନଙ୍କ ଜାମିନ ଆବେଦନ ରାୟ ସଂରକ୍ଷିତ ରଖିଥିଲେ।

# ଚରିତ୍ରକୁ ଆକ୍ଷେପରୁ ଘଟିଥିଲା ହତ୍ୟାକାଣ୍ଡ: ଏସ୍‌ପି

### ଘରେ ସ୍ୱାମୀଙ୍କ ମୃତଦେହ ପଡ଼ିଥିବା ବେଳେ ସ୍ତ୍ରୀ ଫେରାର ଘଟଣା

ପାରଳାଖେମୁଣ୍ଡି, ୧୨।୩ (ଗିରିଧାରୀ ପରିଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ନଗରମପଲ୍ଲୀ ସାହିରେ ହୋଇଥିବା ହତ୍ୟା ଘଟଣାରେ ମୃତ ଜଗଦୀଶଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ସ୍ତ୍ରୀ ହାରିଙ୍କୁ ଗିରଫ କରି ପାରଳାଖେମୁଣ୍ଡି ପୋଲିସ ମଙ୍ଗଳବାର ସିନ ରିକ୍ରିଏଶନ କରିଥିଲା। ସମସ୍ତ ଦିଗର ତଦନ୍ତ ପରେ ପୋଲିସ ସ୍ତ୍ରୀ ହାରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପରସ୍ପର ପରସ୍ପରର ଚରିତ୍ରକୁ ନେଇ ଆକ୍ଷେପ ପ୍ରତି ଆକ୍ଷେପରୁ ଏପରି ହତ୍ୟାକାଣ୍ଡ ଘଟିଥିବା ଗଜପତି ଏସ୍‌ପି ଯତୀନ୍ଦ୍ର ପଣ୍ଡା ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଜଗଦୀଶ ଓ ହାରିଉଭୟେ ପ୍ରେମ ବିବାହ କରି କିଛିଦିନ ଗୁଣୁପୁରୁ ନିକଟସ୍ଥ ମାଛକୁଣ୍ଡ ଗ୍ରାମରେ ଜଗଦୀଶଙ୍କ ଘରେ ରହି ଆସୁଥିଲେ। ଗତ ଦୁଇ ମାସ ତଳେ ହାରି ତାଙ୍କୁ ପାରଳାଖେମୁଣ୍ଡିରେ ଚାକିରି ମିଳିବ। ଖୁବଶୀଘ୍ର ତାଙ୍କର ନିଯୁକ୍ତିପତ୍ର ଆସିଯିବ। ଆମେ ପାରଳାଖେମୁଣ୍ଡିଠାରେ ରହିବା ବୋଲି ଜଗଦୀଶଙ୍କୁ କହିଥିଲେ। ସ୍ତ୍ରୀଙ୍କ କଥାରେ ସେ ରାଜି ହୋଇଥିଲେ। ପରେ ଉଭୟେ ପାରଳାଖେମୁଣ୍ଡି


ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ଆସି ନଗରମପଲ୍ଲୀ ସାହିରେ ଏକ ଭଡ଼ା ଘର ନେଇ ରହୁଥିଲେ। କିଛିଦିନ ପରେ ଉଭୟଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି ହୋଇ ପାଟିତୁଣ୍ଡ ଲାଗିଥିଲା। ଗତ ୮ତାରିଖରେ ଉଭୟେ ଉଭୟଙ୍କ ଚରିତ୍ରକୁ ନେଇ ଆକ୍ଷେପ ପ୍ରତି ଆକ୍ଷେପ କରିଥିଲେ। ଏଥିରୁ ଉଭୟଙ୍କ ମଧ୍ୟରେ ମାରପିଟ ପର୍ଯ୍ୟନ୍ତ କଥା ଯାଇଥିଲା। ସ୍ତ୍ରୀ ହାରି ଉତ୍ତ୍ୟକ୍ତ ହୋଇ ଘରେ ଥିବା ପରିବା କଟା ଛୁରି ଆଣି ଜଗଦୀଶଙ୍କୁ ଆକ୍ରମଣ କରିଥିଲେ। ଜଗଦୀଶଙ୍କ ଛାତି ଓ ବେକରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ହାରି ନିଜ ଦୋଷକୁ ଲୁଚାଇବାକୁ ଯାଇ ହତ୍ୟାରେ ବ୍ୟବହୃତ ଛୁରିକୁ ନିଜ ବାଡ଼ିପଟ ନାଳରେ ଫୋପାଡ଼ି ତରତର ହୋଇ ଘରେ ତାଲା ପକାଇ ବ୍ୟାଗ ଧରି ନିଜ ବାପଘରକୁ ଚାଲିଯାଇଥିଲେ। ଦୁଇଦିନ ପରେ ଘରୁ ଦୁର୍ଗନ୍ଧ ବାହାରିବାରୁ ସାହିପଡିଶା ଘର ମାଲିକଙ୍କୁ ଖବର ଦେଇଥିଲେ। ଘର ମାଲିକ ପୋଲିସକୁ ଖବର ଦେବାପରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଖବରପାଇ ଜଗଦୀଶଙ୍କ ପରିବାର ଲୋକେ ମଧ୍ୟ ପହଞ୍ଚିଥିଲେ। ତାଙ୍କ ପୁଅକୁ ହତ୍ୟା କରାଯାଇଛି ବୋଲି ଜଗଦୀଶଙ୍କ ମାଆ ଥାନାରେ ଏତଲା ଦେଇ ଅଭିଯୋଗ କରିଥିଲେ। ପୋଲିସ ହାରିଙ୍କୁ ଆଣି ପଚରାଉଚରା କରିବା ସହ ତାଙ୍କୁ ନେଇ ସିନ୍ ରିକ୍ରିଏଶନ କରିଥିଲା। ସମସ୍ତ ପାରିପାର୍ଶ୍ୱିକ ସ୍ଥିତି ଏବଂ ସିନ ରିକ୍ରିଏଶନ ବେଳେ ମିଳିଥିବା ତଥ୍ୟ ଓ ହାରିଙ୍କ ବୟାନକୁ ଆଧାର କରି ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଏସ୍‌ପି ପଣ୍ଡା କହିଛନ୍ତି।

# ବେକକାଟି ସାଙ୍ଗଙ୍କୁ ହତ୍ୟା, ଅଭିଯୁକ୍ତ ଫେରାର

ବଣାଇଁ/ଟେନ୍‌ସା, ୧୨।୩ (ପ୍ରଦୀପ ତ୍ରିପାଠୀ/ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡ଼ା ଥାନା ଅନ୍ତର୍ଗତ ତେନ୍ତୁଲିଡିହି ଗ୍ରାମର ଆର୍‌ପି କଲୋନୀରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କୌଣସି ଏକ କାରଣକୁ ନେଇ ସାଙ୍ଗର ବେକକାଟି ହତ୍ୟା କରାଯାଇଛି। ମୃତକ ଜଣକ ହେଲେ ଗୋବିନ୍ଦ ମୁଣ୍ଡା (୨୧)। ଏହି ଘଟଣା ପରେ ଅଭିଯୁକ୍ତ ଜଣଙ୍କ ଫେରାର ଅଛନ୍ତି।

ପ୍ରକାଶ ଯେ, ତେନ୍ତୁଲିଡିହି ଗ୍ରାମ ଆର୍‌ପି କଲୋନୀରେ ଗୋବିନ୍ଦ ଓ ତାଙ୍କ ସାଙ୍ଗ ରହୁଥିଲେ। ମଙ୍ଗଳବାର କୌଣସି ଏକ କାରଣକୁ ନେଇ ଉଭୟ ସାଙ୍ଗଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସନ୍ଧ୍ୟାରେ ଏହି ଝଗଡ଼ାର ଆପୋସ ବୁଝାମଣା ହେଲା ପରେ ସେମାନେ ନିଜ ନିଜ ଘରକୁ ଯାଇଥିଲେ। ଗୋବିନ୍ଦ ଯାଇ ଶୋଇପଡ଼ିଥିଲେ। କିନ୍ତୁ ତାଙ୍କ ସାଙ୍ଗଙ୍କ ରାଗ ଶାନ୍ତ ହୋଇ ନ ଥିଲା। ଫଳରେ ବିଳମ୍ବିତ ରାତିରେ ଅଭିଯୁକ୍ତ ଜଣକ ଗୋବିନ୍ଦ ଶୋଇଥିବା ଏକ ପରିତ୍ୟକ୍ତ ସ୍କୁଲ ଘର କୋଠରିରେ ପଶି କୌଣସି ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ହତ୍ୟା କରିଥିଲେ। ବୁଧବାର ସକାଳେ ଗ୍ରାମବାସୀ ଗୋବିନ୍ଦଙ୍କ ରକ୍ତାକ୍ତ ମୃତଦେହ କୋଠରିରେ ପଡିଥିବା ଦେଖି ପୋଲିସକୁ ଜଣାଇଥିଲେ। କୋଇଡା ଥାନାଧିକାରୀ ମନୋରଞ୍ଜନ କୁମ୍ଭାର ଏବଂ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। କୋଇଡ଼ା ଥାନା ପୋଲିସ ନଂ.୪୯/୨୫ରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ଷ୍ଟିଲ୍‌ସିଟିରେ ଏନ୍‌କାଉଣ୍ଟର, ଲାଖୁଆ ଆହତ

### ବିଭିନ୍ନ ଥାନାରେ ରହିଛି ଆପରାଧିକ ମାମଲା

ରାଉରକେଲା, ୧୨।୩ (ସଙ୍ଗୀତା ଜେନା)

ଝାଡ଼ଖଣ୍ଡ ଓ ଓଡ଼ିଶାରେ ସକ୍ରିୟ ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ରାଉରକେଲା ପୋଲିସ ଏନ୍‌କାଉଣ୍ଟର କରିଛି। ଅଭିଯୁକ୍ତଙ୍କ ଡାହାଣ ଗୋଡ଼ରେ ଗୁଳି ବାଜିଛି। ସେହେଲେ ଝାଡ଼ଖଣ୍ଡ ପଶ୍ଚିମ ସିଂ ଭୂମ ଆନନ୍ଦପୁରର ବି.ଏସ୍.ଲାଖୁଆ(୩୨)। ଏଥିସହ ପୋଲିସ ଲାଖୁଆଙ୍କ ଜଣେ ସହଯୋଗୀଙ୍କୁ ଅଟକ ରଖିଛି। ସେମାନଙ୍କ ନିକଟରୁ ଗୋଟିଏ ସ୍କର୍ପିଓ( ଗାଡ଼ି (ନଂ. ଜେଏଚ୍‌୦୯-ଏଜି-୮୫୬୭), ୨ଟି ମୋବାଇଲ ଫୋନ୍, ୯ଏମ୍‌ଏମ୍ ଦେଶୀ ପିସ୍ତଲ, ୪ଟି ଖାଲି କାର୍ତ୍ତୁଜ୍ ଜବତ ହୋଇଛି। ଆହତ ଲାଖୁଆଙ୍କୁ ରାଉରକେଲା


ଆହତ ବି.ଏସ୍.ଲାଖୁଆ।

ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଉଭୟଙ୍କ ବିରୋଧରେ ବିଶ୍ରା ଥାନାରେ ଏକ ମାମଲା(ନଂ. ୧୦୦/୨୦୨୫) ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି ବୋଲି ରାଉରକେଲା ପୋଲିସ ମୁଖ୍ୟାଳୟରେ ଆହୂତ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ସୂଚନା ପ୍ରଦାନ କରିଛନ୍ତି।

ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିଶ୍ରା ଥାନା ଅଞ୍ଚଳରେ ବୁଧବାର ଭୋର ପ୍ରାୟ ୩ଟାରେ ଉଭୟ ଅଭିଯୁକ୍ତ ଲାଖୁଆ ଏବଂ ତାଙ୍କ ଜଣେ ସହଯୋଗୀ ସ୍କର୍ପିଓରେ ବୁଲୁଥିବା ସୂଚନା ମିଳିଥିଲା। ସେମାନଙ୍କୁ ଗିରଫ କରିବା ପାଇଁ ବିଶ୍ରା ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତି ଓ ଅନ୍ୟମାନଙ୍କୁ କୁହାଯାଇଥିଲା। ତୁଳସୀକାନି ପଞ୍ଚାୟତସ୍ଥିତ ପ୍ରସିଦ୍ଧ ଜଳପ୍ରପାତ ଅକ୍ଷୟଶୀଳା ନିକଟରେ ଅଭିଯୁକ୍ତଙ୍କ ସ୍କର୍ପିଓ ଗାଡ଼ିର ପିଛା କରାଯାଇଥିଲା। ସେମାନଙ୍କ ଗାଡ଼ିକୁ ଅଟକାଇ ଉଭୟଙ୍କୁ ଆତ୍ମସମର୍ପଣ କରିବାକୁ କୁହାଯାଇଥିଲା। ହେଲେ ଏହା ନ ଶୁଣି ଲାଖୁଆ ପୋଲିସ ଉପରକୁ ଗୁଳିଚାଳନା କରି ଫେରାର ହେବାକୁ ଉଦ୍ୟମ କରିଥିଲେ। ଏହାର ଜବାବରେ ପୋଲିସ ପକ୍ଷରୁ ୪ରାଉଣ୍ଡ ଗୁଳି ବିନିମୟ କରାଯାଇଥିଲା। ଫଳରେ ଲାଖୁଆଙ୍କ ଡାହାଣ ଗୋଡ଼ରେ ଗୁଳିମାଡ଼ ହୋଇଥିଲା। ଲାଖୁଆଙ୍କ ବିରୋଧରେ ବିଶ୍ରା, ଆନନ୍ଦପୁର, ମନୋହରପୁର ଆଦି ଥାନା ଅଞ୍ଚଳରେ ଡକାୟତି, ଦାଦାବଟି, ହତ୍ୟା, ଅବୈଧ ଅସ୍ତ୍ରଶସ୍ତ୍ର ବହନ କରିବା ଭଳି ୪ଟି ମାମଲା ରୁଜୁ ରହିଛି। ସେହିପରି ତାଙ୍କ ସହଯୋଗୀଙ୍କ ବିରୋଧରେ ବିଶ୍ରା ଓ ଆନନ୍ଦପୁର ଆଦିରେ ଏକାଧିକ ଆପରାଧୀକ ମାମଲା ରହିଛି। ଏପରି କି ଲାଖୁଆ ଏବଂ ତାଙ୍କ ସହଯୋଗୀଙ୍କ ବିରୋଧରେ ରାଉରକେଲା ଜେଏମ୍‌ଏଫ୍‌ସି କୋର୍ଟରେ ଏକ ମାମଲାରେ ପଳାତକ ନୋଟିସ ମଧ୍ୟ ଜାରି ହୋଇଛି। ପୋଲିସ ଲାଖୁଆଙ୍କ ସହଯୋଗୀଙ୍କୁ ଅଟକ ରଖି ପଚରାଉଚରା କରୁଥିବାରୁ ତାଙ୍କ ନାମ କରି ନାହିଁ । ସୂଚନାଯୋଗ୍ୟ, ଲାଖୁଆ ଜଣେ ସାର୍ପସୁଟର ବୋଲି ଆଲୋଚନା ହେଉଛି। କିଛିଦିନ ପୂର୍ବେ ସେକ୍ଟର-୪ ଅଞ୍ଚଳରେ ସଙ୍ଗଠିତ ଜଣେ ଠିକାଦାରଙ୍କ ଉପରେ ଗୁଳିମାଡ଼ ଘଟଣାରେ ତାଙ୍କର ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଖବରଦାତା ସମ୍ମିଳନୀରେ ରାଉରକେଲା ଏସ୍‌ପି ନୀତେଶ ୱାଧୱାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଜେଲଗଲେ ୨ ଅଭିଯୁକ୍ତ

### ଝିଅ, ପୁଅ ସମ୍ମୁଖରେ ବାପାକୁ ହତ୍ୟା ଘଟଣା

ସୋନପୁର, ୧୨।୩ (ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଲଛିପୁର ଥାନା ଲୁପୁରସିଂହା ଗ୍ରାମରେ ଦୁଇ ଝିଅ ଓ ପୁଅଙ୍କ ସମ୍ମୁଖରେ ବାପା କାର୍ତ୍ତିକ ବରିହା(୫୦)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଲୁପୁରସିଂହାର ଦୈତାରି ପଧାନ ଓ ଶୁକ୍ରୁ ଭୁଏଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲା। ବିଚାରପତି ଉଭୟଙ୍କ ଜାମିନ ନାମଞ୍ଜୁର କରିବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେହିପରି ଅଭିଯୁକ୍ତ ଶୁକ୍ରୁଙ୍କୁ ଘରୁ ପୋଲିସ ରକ୍ତ ଲଗା ଟାଙ୍ଗିଆ ଜବତ କରିଛି। ତେବେ ଅନ୍ୟତମ ଅଭିଯୁକ୍ତ ଶୁକ୍ରୁଙ୍କ ପୁଅ ରାମ ଘଟଣା ପରେ ଫେରାର ହୋଇଯାଇଛି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଏସ୍‌ପି ରାମପ୍ରସାଦ ସାହୁ ବୁଧବାର ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲୁପୁରୁସିଂହା ଗ୍ରାମ ପାର୍ଶ୍ୱରେ ବହି ଯାଇଥିବା ନାଳରେ ଚୂଆ ଖୋଳି ମୃତ କାର୍ତ୍ତିକ ଓ ତିନି ଅଭିଯୁକ୍ତ କ୍ଷେତରେ ଧାନ, ଚଣା ଏବଂ ପନିପରିବା ଚାଷ କରିଥିଲେ। ଚୂଆ ଖୋଳିବା, କ୍ଷେତରେ ପାଣି ମଡାଇବାକୁ କେନ୍ଦ୍ର କରି କାର୍ତ୍ତିକ ଓ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବିବାଦ ସୃଷ୍ଟି ହୋଇଥିଲା। ପୂର୍ବ ଶତ୍ରୁତାରୁ ସୋମବାର ସନ୍ଧ୍ୟାରେ କାର୍ତ୍ତିକଙ୍କୁ ହତ୍ୟା କରାଯାଇଥିଲା। ଗ୍ରାମର ଦୈତାରି ପଧାନ, ରାମ ଭୁଏ ଓ ରାମଙ୍କ ବାପା ଶୁକ୍ରୁ ଟାଙ୍ଗିଆରେ ମୁଣ୍ଡକୁ ହାଣିବା ସହ କାଠଫାଳିଆ ଓ ବାଡିରେ ପିଟି ହତ୍ୟା କରିଥିଲେ। ଏହି ସମୟରେ କାର୍ତ୍ତିକଙ୍କ ପୁଅ ଶିବ, ଦୁଇ ଝିଅ ପଦ୍ମିନୀ ଓ ଶୀର କ୍ଷେତରେ ଥିଲେ। ମାତ୍ର ସେମାନେ ଅଭିଯୁକ୍ତଙ୍କ କବଳରୁ ବାପାଙ୍କୁ ରକ୍ଷା କରି ପାରି ନ ଥିଲେ। ମୃତକଙ୍କ ପୁଅ ଶିବ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଲଛିପୁର ଆଇଆଇସି ଭୋଜରାଜ ସା ପୋଲିସ ଟିମ୍ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ରକ୍ତ ଭିଜା କାଠଫାଳିଆ, ବାଡି ଓ ରକ୍ତ ଛିଟାର ନମୂନା ଜବତ ହୋଇଥିଲା।

# ଏଟିଏମ୍ ଲୁଟେରା ଗିରଫ, ୧୯ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

### ଅଭିଯୁକ୍ତ ଏଟିଏମ୍ ପରିଚାଳନା ସଂସ୍ଥା ବୈଷୟିକ କର୍ମଚାରୀ



ଲୁଟେରାଙ୍କ ନିକଟରୁ ଜବତ ଟଙ୍କା ଓ ଅନ୍ୟାନ୍ୟ ସାମଗ୍ରୀ ଏବଂ ଗିରଫ ଲୁଟେରା ସୁମନ୍ ସାହୁଙ୍କୁ ନିଆଯାଉଛି।

ସମ୍ବଲପୁର, ୧୨।୩ (ପ୍ରମୋଦ ବହିଦାର)

ସମ୍ବଲପୁର ଟାଉନ ଥାନା ପୋଲିସ ଜଣେ ଏଟିଏମ୍ ଲୁଟେରାଙ୍କୁ ଗିରଫ କରିଛି। ତାଙ୍କଠାରୁ ୧୯ ଲକ୍ଷ ୬୪ ହଜାର ୩୦୦ଟଙ୍କା, ଦୁଇଟି ମୋବାଇଲ ଫୋନ, ଗୋଟିଏ ସ୍କ୍ରୁଡ୍ରାଇଭର ଜବତ କରାଯାଇଛି। ଲୁଟେରା ଏଟିଏମ୍ ପରିଚାଳନା ସଂସ୍ଥାର ବୈଷୟିକ କର୍ମଚାରୀ ସୁମନ୍ ସାହୁ(୨୫)। ତାଙ୍କ ଘର ସମ୍ବଲପୁର ଜିଲା ଝୁଝୁମୁରା ଥାନା ଟାମ୍ପରଗଡ଼ ଗ୍ରାମରେ। ଲୁଟ୍‌ର ୨୪ଘଣ୍ଟା ଭିତରେ ଲୁଟେରାଙ୍କୁ ଗିରଫ କରିବା ସହ ଲୁଟ୍ ଟଙ୍କା ଜବତ ହେବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ଜିଲା ପୋଲିସ ମୁଖ୍ୟାଳୟରେ ବୁଧବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁସାରେ, ସମ୍ବଲପୁର ସହର ନୟାପଡ଼ାସ୍ଥିତ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ବଜାର ଶାଖା ପ୍ରବନ୍ଧକ ମନୋଜ କୁମାର ମହାନନ୍ଦ ବୁଧବାର ଟାଉନ ଥାନାରେ ତାଙ୍କ ଶାଖା ସଂଲଗ୍ନ ଏଟିଏମ୍‌ରୁ ଟଙ୍କା ଚୋରି ହୋଇଥିବା ନେଇ ଏତଲା ଦେଇଥିଲେ। ମାର୍ଚ୍ଚ ୧୧ ତାରିଖ ଭୋର ୫ଟା ୧୩ମିନିଟରେ ତାଙ୍କ ବ୍ୟାଙ୍କ ଏଟିଏମ୍‌ର ଚେଷ୍ଟ ଡୋରକୁ ଅନଧିକୃତ ଭାବେ ଖୋଲାଯାଇ ଟଙ୍କା ଚୋରି ହୋଇଥିବା ନେଇ ତାଙ୍କ ବ୍ୟାଙ୍କର ହାଇଦ୍ରାବାଦସ୍ଥିତ ଇ-ସର୍ଭିଲାନ୍ସ ଟିମ୍ ପକ୍ଷରୁ ସୂଚନା ମିଳିଥିଲା। ପରେ ମହାନନ୍ଦ ଏଟିଏମ୍ ପରିଦର୍ଶନ କରି ସେଥିରୁ ଟଙ୍କା ଚୋରି ହୋଇଥିବା ନିଶ୍ଚିତ ହୋଇଥିଲେ ବୋଲି ଏତଲାରେ ଦର୍ଶାଇଛନ୍ତି। ଏତଲାକୁ ଆଧାର କରି ଟାଉନ ଥାନାରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୦୫(ଏ)ରେ ଏକ ମାମଲା(ନଂ. ୬୮/୨୫)ରୁଜୁ କରି ପୋଲିସ ତନାଘନା ଆରମ୍ଭ କରିଥିଲା। ଟାଉନ ଥାନା ତଦନ୍ତକାରୀ ଦଳ ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ଅନୁଧ୍ୟାନ କରିଥିଲେ। ଏହାସହ ଅନ୍ୟାନ୍ୟ ସୂତ୍ର ସହାୟତାରେ ଲୁଟେରା ସୁମନ୍‌ଙ୍କ ନିକଟରେ ପୋଲିସ ପହଞ୍ଚିଥିଲା। ସୁମନ୍‌ଙ୍କୁ ଥାନାକୁ ଆଣି ପଚରାଉଚରା ପରେ ସେ ଏଟିଏମ୍ ଲୁଟ୍ କରିଥିବା ମାନି ଯାଇଥିଲେ। ପୋଲିସ ତାଙ୍କ ଘରୁ ଲୁଟ୍ ଟଙ୍କା ଉଦ୍ଧାର କରିଥିବା ଆରକ୍ଷୀ ଅଧୀକ୍ଷକ ଭାମୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଅଭିଯୁକ୍ତ ସୁମନ ଏଟିଏମ୍ ପରିଚାଳନା ସଂସ୍ଥାର ବୈଷୟିକ କର୍ମଚାରୀ ହୋଇଥିବାରୁ ଏଟିଏମ୍ ଚେଷ୍ଟଡୋର ଖୋଲି ଟଙ୍କା ଚୋରି କରିବା ତାଙ୍କ ପାଇଁ ସହଜ ହୋଇଥିଲା। ତେବେ ଏଟିଏମ୍ ଲୁଟ୍‌ରେ ସେ ଏକାକୀ ନା ତାଙ୍କ ସହିତ ଅନ୍ୟ କିଏ ସମ୍ପୃକ୍ତ ସେନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଭାମୁ କହିଛନ୍ତି। ପୋଲିସ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ତାଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଭିଜିଲାନ୍ସ ଜାଲରେ ଫରେଷ୍ଟର, ହାତୀ ସ୍କ୍ୱାଡ୍

ପରଜଙ୍ଗ, ୧୨।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ମହାବିରୋଡ଼ ରେଞ୍ଜ୍ ଡିହଡୋଳ ଫରେଷ୍ଟ ସେକ୍ସନର ଫରେଷ୍ଟର ବିଶ୍ୱନାଥ ସୋରେନ ଓ ଟଙ୍କା ଦେବାନେବାରେ ମଧ୍ୟସ୍ଥ ସାଜିଥିବା ଉକ୍ତ ସେକ୍ସନର ହାତୀ ସ୍କ୍ୱାଡ୍ ବାରିହାପୁର ଗ୍ରାମର ସନ୍ଦୀପ ସାହୁଙ୍କୁ ଭିଜିଲାନ୍ସ ବିଭାଗ ଗିରଫ କରିଛି। ମହାବିରୋଡ଼ ରେଞ୍ଜ୍ କୁରୁଚିଆ ଗାଁର ଜେସିବି ମାଲିକ ବଳରାମ ସାହୁଙ୍କଠାରୁ ବକେୟା ୧୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ବିଭାଗ ଗିରଫ କରିଛି। ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ଆମ୍ବପଲାସ ଗାଁ ବରକଟାଠାରେ ଜଙ୍ଗଲ ଜମିରେ



ବିଶ୍ୱନାଥ ସୋରେନ୍ ଓ ସନ୍ଦୀପ ସାହୁ।

ଏକ ପୋଖରୀ ଖୋଳାକୁ କେନ୍ଦ୍ରକରି ୫୦ ହଜାର ଟଙ୍କା ଦାବି କରିଥିଲେ ଫରେଷ୍ଟର। ୨୫ ହଜାର ଟଙ୍କାରେ ଡିଲ୍ ଫାଇନାଲ ହୋଇଥିଲା। ମଙ୍ଗଳବାର ବଳରାମ ଫରେଷ୍ଟର ବିଶ୍ୱନାଥ ସୋରେନଙ୍କୁ ୧୫ ହଜାର ଟଙ୍କା ଦେଇଥିଲେ। ବୁଧବାର ବକେୟା ୧୦ ହଜାର ଟଙ୍କା ହାତୀ ସ୍କ୍ୱାଡ୍ ଜରିଆରେ ଫରେଷ୍ଟର ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ମାଡ଼ି ବସିଥିଲେ। ଡିହଡୋଳ ବନପାଳ କାର୍ଯ୍ୟାଳୟର ବିଶ୍ୱନାଥ ସୋରେନଙ୍କ ପୈତୃକ ବାସଭବନ ବାଟଗାଁସ୍ଥିତ ତାରଣୀପଶି, ଭଡ଼ାଘର ଜିରଡ଼ାମାଲି, ହାତୀ ସ୍କ୍ୱାଡ୍ ସନ୍ଦୀପ ସାହୁଙ୍କ ବାରିହାପୁର ଗ୍ରାମରେ ଥିବା ପୈତୃକ ବାସଭବନରେ ଭିଜିଲାନ୍ସ ବିଭାଗ ଚଢ଼ାଉ ଜାରି ରଖିଛି। ଅନୁଗୋଳ ଓ କଟକ ଦୁର୍ନୀତି ନିବାରଣ ଶାଖା ପକ୍ଷରୁ ମିଳିତ ଚଢ଼ାଉ ହୋଇଥିଲା। ରେଡ୍‌ରେ କଟକ ଦୁର୍ନୀତି ନିବାରଣ ଶାଖାର ଡିଏସ୍‌ପି ବଳରାମ ସାଗର, ଅନୁଗୋଳ ଦୁର୍ନୀତି ନିବାରଣ ଶାଖାର ଡିଏସ୍‌ପି ବିନୋଦ କୁମାର ସାମଲ, ଇନ୍ସପେକ୍ଟର ସରୋଜ କୁମାର ସେଠୀଙ୍କ ସମେତ ଅନ୍ୟ ଅଧିକାରୀ ଏହି ଚଢ଼ାଉ କରିଥିଲେ।

# ଜମି ବିକ୍ରି ନାଁରେ ୯୧ ଲକ୍ଷ ଟଙ୍କା ଠକେଇ, ଦୁଇ ଭାଇ ଗିରଫ

ଭୁବନେଶ୍ୱର, ୧୨।୩ (ସୂର୍ଯ୍ୟକାନ୍ତ ବେହେରା)

ଗାଡ଼କଣା ମୌଜାରେ ପୂର୍ବରୁ ବିକ୍ରି ହୋଇସାରିଥିବା ଜମିକୁ ଜାଲିଆତି କରି ପୁନର୍ବାର ଜଣେ ବ୍ୟକ୍ତିଙ୍କୁ ମିଥ୍ୟା କହି ବିକ୍ରି କରିବା ଅଭିଯୋଗରେ ଦୁଇ ଭାଇ ଗିରଫ ହୋଇଛନ୍ତି। ୯୧ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ମଞ୍ଚେଶ୍ୱର ପୋଲିସ ରଙ୍ଗମାଟିଆ ତଳସାହିର କୃଷ୍ଣ ଚନ୍ଦ୍ର ବେହେରା ଓ ରମେଶ ଚନ୍ଦ୍ର ବେହେରାଙ୍କୁ ବୁଧବାର କୋର୍ଟ ଚାଲାଣ କରିଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଠକାମିର ଶିକାର ହୋଇଥିବା ସୁକାନ୍ତ ସାହୁଙ୍କ ଅଭିଯୋଗ ଆଧାରରେ ପୋଲିସ ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ ଏହି ପଦକ୍ଷେପ ଗ୍ରହଣ କରିଛି। ଏହି ମାମଲାରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତ ରହିଥିବାବେଳେ ସେମାନେ ଫେରାର ଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରଖିଛି।




ସମସ୍ତ ପ୍ରକାର କାର୍ଯ୍ୟକୁ ଭଲ ଭାବେ ସଂପନ୍ନ କରିବାକୁ ଇଚ୍ଛା କର। ଉନ୍ନତି କରିବାକୁ ପ୍ରୟାସ କର। ଜୀବନରେ ସାଧାରଣ ମଣିଷଠାରୁ କିଛିଟା ଅଧିକ ଭଲ ହେବାକୁ ଆକାଂକ୍ଷା କର। -ଶ୍ରୀମା

-ବରାହ ଦୋଳ, ରାଜାଗ୍ନି ଓ ଓଳକଣା ମେଳନ



# ଦୁଇଟି ବିବାହର କଥା



ଦେବଦତ୍ତ ପଟ୍ଟନାୟକ

ଭାରତରେ ଆମେ ଦୁଇ ପ୍ରକାର ବିବାହ ଦେଖିବାକୁ ପାଉ। ଗୋଟିଏ ବହୁ ଆଡ଼ମ୍ବରରେ ଓ ଅଧିକ ଖର୍ଚ୍ଚରେ କରାଯାଉଥିବାବେଳେ ଅନ୍ୟଟି ସରଳରେ ହୋଇଥାଏ। ବ୍ୟୟବହୁଳ ବିବାହ ବିଶେଷକରି ଶୈବ କିମ୍ବା ବୈଷ୍ଣବ ପନ୍ଥୀ ପରିବାରଗୁଡ଼ିକରେ କରାଯାଉଥିବା ଦେଖାଯାଏ। ଅନ୍ୟପକ୍ଷରେ ସରଳ ବିବାହ ମୁଖ୍ୟତଃ ବୌଦ୍ଧ କିମ୍ବା ଜୈନ ସନ୍ୟାସୀଙ୍କ ପଥ ଅନୁସରଣ କରୁଥିବା ଲୋକମାନେ ହିଁ କରିଥାନ୍ତି। ବ୍ୟୟବହୁଳ ତଥା ଭବ୍ୟ ବିବାହ ଆକର୍ଷଣୀୟ ହୋଇଥାଏ। ଏଥିରେ ଶୋଭାଯାତ୍ରା ଓ ପାର୍ଟିର ଆୟୋଜନ କରାଯାଏ। ତାହାପୁଣି ଅନେକ ମାସ ଧରି ଚାଲେ। ସେଥିରେ ନୂଆକରି ସାମ୍ନାକୁ ଆସିଥିବା କିଛି ରୀତିନୀତିକୁ ସାମିଲ କରାଯାଏ। ଏହା ବ୍ୟତୀତ ଏଥିରେ ସେଲିବ୍ରିଟି, ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର, ହଲିଉଡ୍ ଷ୍ଟାର, ପ୍ରତିଷ୍ଠିତ ଖେଳାଳି, ପ୍ରଖ୍ୟାତ ସଙ୍ଗୀତଜ୍ଞ ତଥା ଡ୍ୟାନ୍ସରମାନେ ଯୋଗଦିଅନ୍ତି। ଏହାସହ ଏଭଳି ବିବାହରେ ଅନ୍ତର୍ଜାତୀୟ ପ୍ରତିଷ୍ଠିତ ବ୍ୟବସାୟୀ ଓ ଶକ୍ତିଶାଳୀ ନେତା ଏପରିକି ଆଧ୍ୟାତ୍ମିକ ଗୁରୁମାନେ ଆକର୍ଷଣର କେନ୍ଦ୍ର ପାଲଟିଥାନ୍ତି। ବ୍ୟୟବହୁଳ ବିବାହରେ ପରିବାର ସହ ବନ୍ଧୁ ଓ କର୍ମଚାରୀମାନେ ସମସ୍ତେ ରତ୍ନଖଚିତ ପୋଷାକ ପିନ୍ଧନ୍ତି। ଏମିତିକି ବିବାହରେ ପୁରୁଣା କାର୍, ରଥ, ବିଦେଶୀ ପୋଷାଜୀବ, ପ୍ରାଇଭେଟ୍ ଜେଟ୍ ଦେଖିବାକୁ ମିଳେ। ଏମିତିକା ଭବ୍ୟ ବିବାହର ଉଦ୍ଦେଶ୍ୟ ହେଉଛି ନିଜର ଧନ ଓ ସ୍ଥିତିକୁ ବାହାରକୁ ଦେଖାଇବା ଏବଂ ଅନ୍ୟମାନଙ୍କୁ ନ୍ୟୂନ ମନେକରିବା। ଏଭଳି ବିବାହ ବିଶ୍ୱର ଦୃଷ୍ଟି ଆକର୍ଷଣ କରେ ଏବଂ ଭାରତ ଚମକୁଛି ବୋଲି ସେମାନେ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି।

ବ୍ୟୟବହୁଳ ବିବାହ କରୁଥିବା ଧନୀବ୍ୟକ୍ତିଙ୍କ ସହ ପାଖାପାଖି ସମାନ ଧନଶାଳୀମାନେ ଅନେକ ସମୟରେ ସେମାନଙ୍କ ପରିବାର ଓ ବନ୍ଧୁଙ୍କ ଗହଣରେ ବିବାହକୁ ଅପେକ୍ଷାକୃତ ସରଳରେ, ଶାନ୍ତ, ସୁରୁଚିପୂର୍ଣ୍ଣ ତଥା ଆତ୍ମୀୟତାର ସହ କରିଥାନ୍ତି। କିନ୍ତୁ ଏହି ବିବାହରେ ବଡ଼ଭୋଜିରେ ଅତ୍ୟଧିକ ବ୍ୟୟ କରାଯାଇଥାଏ। ଏହାସହ ଧର୍ମୀୟ କାର୍ଯ୍ୟକ୍ରମ ଆୟୋଜନକରି ବହୁତ ଲୋକଙ୍କୁ ମଧ୍ୟ ଖାଇବାକୁ ଦିଆଯାଏ। ଏଭଳି ବିବାହ ସରଳରେ ହେଲେ ମଧ୍ୟ ଏହା ପଛରେ ଉଦ୍ଦେଶ୍ୟ ରହିଛି। ଉଦାରତା ପ୍ରଦର୍ଶନ କରିବା ସକାଶେ କରାଯାଉଥିବା ଅଧିକ ବ୍ୟୟ ସମାଜରେ ଜଣଙ୍କର ବିଶେଷ ସ୍ଥିତିକୁ ଜଣାଇବାକୁ କରାଯାଇଥାଏ। ବଦାନ୍ୟତା ପ୍ରଦର୍ଶନ



ପାଇଁ କରାଯାଉଥିବା ଏଭଳି ବିବାହ ପଛର ଉଦ୍ଦେଶ୍ୟ ହେଉଛି ସେମାନଙ୍କ ପିଲାମାନଙ୍କ ଭବିଷ୍ୟତ ପାଇଁ ଦୟାଭାବ ହାସଲ କରିବା। ବିବାହରେ ଧନ ଦାନଦେବା ହେଉଛି କେବଳ ଧନର ପୁନଃବଣ୍ଟନ ପଦ୍ଧତି। ଭାରତୀୟମାନେ କର୍ମରେ ବିଶ୍ୱାସ କରନ୍ତି । ସେମାନେ ଭୌତିକ କର୍ମର ଆଧ୍ୟାତ୍ମିକ ଫଳ ଉପରେ ମଧ୍ୟ ବିଶ୍ୱାସ ରଖନ୍ତି। କିନ୍ତୁ ମନେରଖିବାକୁ ହେବ ଯେ, ବିବାହରେ ବିପୁଳ ଅର୍ଥ ନଷ୍ଟକରିବା ଏକପ୍ରକାର କ୍ଷତିକାରକ କର୍ମ। ଏଣୁ ଏହା ପାପ। ଏହି ପାପରୁ ମୁକ୍ତି ପାଇଁ ଅନ୍ୟମାନଙ୍କୁ ଖାଇବାକୁ ଦେବାକୁ ହେବ। ଅନ୍ୟମାନଙ୍କ ପାଇଁ ଖର୍ଚ୍ଚ କରିବାକୁ ହୁଏ ଓ ଅନ୍ୟମାନଙ୍କୁ ଦାନ ଦେଇ ପୁଣ୍ୟ ଅର୍ଜନ କରିବାକୁ ପଡ଼େ।

ଭାରତୀୟ ପୁରାଣରେ ସ୍ୱର୍ଗ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଅବଧାରଣା। ଏହା ହେଉଛି ସବୁଠୁ ଆକର୍ଷଣୀୟ ଓ ବିଳାସମୟ ସ୍ଥାନ। ଏଠାରେ ଅପ୍‌ସରାମାନେ ନୃତ୍ୟ କରନ୍ତି, ଗନ୍ଧର୍ବମାନେ ଗାଆନ୍ତି ଏବଂ ସୁରାର ବନ୍ୟା ସୃଷ୍ଟିହୁଏ। ଏହି ସ୍ୱର୍ଗ ହେଉଛି ଇନ୍ଦ୍ରସଭା ଓ ଏଭଳି ଉଚ୍ଚତମ ଭୌତିକ ସ୍ଥିତିକୁ ମଧ୍ୟ ଜଣେ ପାଇପାରିବ। ଋଗ୍‌ବେଦରେ ଇନ୍ଦ୍ରଙ୍କର ପ୍ରଶଂସା କରାଯାଇଛି, ଯିଏ କି ହିଂସା ଓ ଯୁଦ୍ଧ ଦ୍ୱାରା ଏହି ମହତ୍ତ୍ୱପୂର୍ଣ୍ଣ ସ୍ଥିତି ହାସଲ କରିଛନ୍ତି। ହେଲେ ଏବକାର ବିଶ୍ୱର ଧନୀମାନେ ଧନ କେବଳ ନୂତନତ୍ୱ ଓ ଉଦ୍ୟୋଗ ଦ୍ୱାରା ପାଇନାହାନ୍ତି, ବରଂ ଶାସକଙ୍କ ସହଯୋଗରୁ ତାହା ହାସଲ କରିଛନ୍ତି। ଶାସକମାନେ ସେମାନଙ୍କ ଔପଚାରିକ ଭାବେ ଜମି, ପାଣି, ବନ୍ଦର, ବିମାନବନ୍ଦର, ପ୍ରସାରଣ କ୍ଷେତ୍ର, ବ୍ୟାଙ୍କିଙ୍ଗ୍, ଇଣ୍ଟରନେଟ୍, ଭିତ୍ତିଭୂମି ଭଳି ସଂସାଧନକୁ ଲୁଟ୍ କରିବାକୁ ଅନୁମତି ଦେଇଛନ୍ତି। ଏହିଭଳି ଭାବେ ଅର୍ଥବ୍ୟବସ୍ଥା ଗଢିଉଠିଛି ଓ ନିର୍ବାଚନପାଣ୍ଠି ଯୋଗାଡ଼ କରାଯାଉଛି। ଆଶ୍ଚର୍ଯ୍ୟର କଥା ଯେ, ଭାରତର ପଶ୍ଚିମଭାଗ ତୁଳନାରେ ପୂର୍ବଭାଗରେ ଅଧିକ ଅତି ଧନୀ ରହିଛନ୍ତି।

କେହି ଇନ୍ଦ୍ରଙ୍କୁ ପୂଜା କରନ୍ତି ନାହିଁ। ବୌଦ୍ଧକଳାରେ ବୁଦ୍ଧଙ୍କ ସମ୍ମୁଖରେ ସ୍ୱର୍ଗର ଅଧିପତି ମୁଣ୍ଡ ନୁଆଁଇଥିବା ଦେଖାଯାଏ। ଏଥିରୁ ଅନୁଭବ କରାଯାଏ, କାମନା ହିଁ ଦୁଃଖର କାରଣ। ଜୈନ ଇତିହାସରେ ବର୍ଣ୍ଣନା ରହିଛି ଯେ, ନେମି ବିବାହ କରିବାକୁ ମନା କରିଦେଇଥିଲେ। ସେ ଏକ ବିବାହ ଭୋଜି ପାଇଁ ହତ୍ୟା କରାଯାଉଥିବା ପ୍ରାଣୀଙ୍କ ଆକୁଳ କ୍ରନ୍ଦନ ଶୁଣିବା ପରେ ସନ୍ନ୍ୟାସୀ ହୋଇ ଯାଇଥିଲେ। ଏହା ବ୍ୟତୀତ ଋଷଭ ଦେବଙ୍କ କାହାଣୀ ମଧ୍ୟ ରହିଛି। ଥରେ ଋଷଭ ଦେବ ସ୍ୱର୍ଗର ନିମନ୍ତ୍ରଣ ପାଇ ସେଠାକୁ ଯାଇଥିଲେ। ସେଠାରେ ସେ ଅପ୍‌ସରା ନିରଞ୍ଜନାଙ୍କୁ ମୃତ ଅବସ୍ଥାରେ ଦେଖିବାକୁ ପାଇଥିଲେ ଏବଂ ଇନ୍ଦ୍ର ଅଲୌକିକ ଶକ୍ତି ପ୍ରୟୋଗକରି ତାଙ୍କ ମୃତଦେହ ସ୍ଥାନରେ ଏକ ଅବିକଳ ମୂର୍ତ୍ତି ସୃଷ୍ଟି କରିଥିଲେ। ଏହା ଦେଖି ଋଷଭ ଅନୁଭବ କରିଥିଲେ ଯେ, ସ୍ୱର୍ଗରେ ବି ମୃତ୍ୟୁ ହୁଏ। କିଛି ସ୍ଥାୟୀ ନୁହେଁ, କେହି ବି ଚିରଦିନ ବଞ୍ଚନ୍ତିନି। ଏପରିକି ଯେଉଁମାନଙ୍କର ସବୁକିଛି ଅଛି ସେମାନେ ମଧ୍ୟ ଅମର ନୁହନ୍ତି। ଏଣୁ ମାନବଜାତିକୁ କୌଶଳ, କଳା ଓ ହସ୍ତକଳାର ଶିକ୍ଷା ଦେଇ ଋଷଭ ଦେବ କାନକୁ ଜୟ କରିବାକୁ ସଂଘର୍ଷ କରୁଥିବା ସନ୍ନ୍ୟାସୀମାନଙ୍କ ଦିବ୍ୟପଥରେ ଯାତ୍ରୀ ହେବାକୁ ନିଷ୍ପତ୍ତି ନେଇଥିଲେ। ଦେଖିବାକୁ ଗଲେ ବୈଦିକ ଯୁଗରେ ଗୃହସ୍ଥ ଭୌତିକ ବା ସାଂସାରିକ ଜଗତର ସୁଖରୁ ଦୂରେଇ ରହି ନ ଥିଲେ। ଶକ୍ତିଙ୍କ ଦ୍ୱାରା ଶିବ ପରିଚାଳିତ ହେବା ଏବଂ ଲକ୍ଷ୍ମୀଙ୍କ ପ୍ରତି ଅଧିକ ଧ୍ୟାନ ଦେଉଥିବା ବିଷ୍ଣୁଙ୍କ ଭଳି ଇନ୍ଦ୍ର ବିଷୟାସକ୍ତ ଥିଲେ। ଜଣେ ଗୃହସ୍ଥ ଅର୍ଜନ କରିଥିବା ଧନସମ୍ପତ୍ତିରୁ ବଳକା ଅନ୍ୟମାନଙ୍କୁ ଉଧାର ଦେବା ଓ ସେମାନଙ୍କ ପାଇଁ ଖର୍ଚ୍ଚ କରିବା ଉପରେ ବିଶ୍ୱାସ ରହିଥିଲା ଏବଂ ତାହା ଅନ୍ୟମାନଙ୍କୁ ସେଭଳି କରିବା ଲାଗି ଉତ୍ସାହିତ କରିଆସୁଛି।

ଭାରତରେ ଗରିବ ପରିବାରଗୁଡ଼ିକ ବିବାହ ଓ ଯୌତୁକରେ ଅଧିକ ଖର୍ଚ୍ଚକରି ଋଣଗ୍ରସ୍ତ ହୋଇ ଦେବାଳିଆ ହୋଇଯାଉଛନ୍ତି। ସେମାନଙ୍କ ସମ୍ପର୍କୀୟ, ପଡ଼ୋଶୀ ଓ ପ୍ରତିପକ୍ଷମାନେ କରିଥିବା ବିବାହ ତୁଳନାରେ ଅଧିକ ଭଲ କରିବାକୁ ସେମାନେ ଏଭଳି ବିବାହ ଆୟୋଜନ କରିଥାନ୍ତି। ଏହି ସାମାଜିକ ପ୍ରତିଦ୍ୱନ୍ଦ୍ୱିତା ହିଁ ଋଣର ମୁଖ୍ୟ କାରଣ ଏବଂ ଏହା ପରିବାକୁ କ୍ଷତି ପହଞ୍ଚାଇଥାଏ। ବିବାହ ଜୀବନ ସଂସ୍କାର ମହତ୍ତ୍ୱର ସୂଚକ ବୋଲି ଧନୀମାନେ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। କିନ୍ତୁ ଭବ୍ୟ ହେଉ କିମ୍ବା ସରଳ, କୌଣସି ବିବାହ ଉତ୍ସବ କୌଣସି ବୈବାହିକ ସମ୍ପର୍କର ଗୁଣବତ୍ତାର ମାନଦଣ୍ଡ ନୁହେଁ।

-devduttofficial@gmail.com

# କିଏ କାହାକୁ କହିବ



ଚିତ୍ତରଞ୍ଜନ ବେହେରା

ସମାଜର ସଂସ୍କାର ଭିତରେ ବଞ୍ଚିବା ପାଇଁ ମଣିଷ ଚେଷ୍ଟା କରୁଥିବା ବେଳେ କେତେକ କୁସଂସ୍କାର ପ୍ରବେଶ କରି ଜୀବନ ଅସ୍ତବ୍ୟସ୍ତ କରି ଦେଉଛି। ଶାନ୍ତି ଶୃଙ୍ଖଳାରେ ବଞ୍ଚିବା ପରିବର୍ତ୍ତେ ଆମେ ଝଗଡ଼ା ଓ ବିଭେଦ ସୃଷ୍ଟି କରିବାକୁ ଅଗ୍ରସର ହଉଛୁ; ଯାହା ଗ୍ରହଣୀୟ ନୁହେଁ। କେବେ ଆମେ ଭାବି ନାହିଁ ଯେ ଏହାର ପ୍ରଭାବ ଭବିଷ୍ୟତ ପିଢ଼ି ଉପରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହୁଛି। ଆମ ଚାରିପାଖରେ ଘଟୁଥିବା ଘଟଣା ଓ ସରକାରଙ୍କ ଦ୍ୱାରା ନିଷ୍ପତ୍ତି ନିଆଯାଇଥିବା ବିଭିନ୍ନ ଯୋଜନାର ସୁପ୍ରଭାବ ଓ କୁପ୍ରଭାବ ସମାଜ ଉପରେ ପଡ଼ିଥାଏ। ନିଶାଦ୍ରବ୍ୟ ମଦ ଓ ଗୁଟ୍‌ଖା ଶରୀର ପାଇଁ କ୍ଷତିକାରକ। ବିଭିନ୍ନ ସମୟରେ ସରକାର ଓ ଅନ୍ୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନେ ମଧ୍ୟ ଏ ବିଷୟରେ ସଚେତନ କରିଥାନ୍ତି। ଏହା ସ୍ୱେଚ୍ଛାସେବୀ ଅନୁଷ୍ଠାନ ପାଇଁ ଉପଯୁକ୍ତ କାର୍ଯ୍ୟ ହୋଇପାରେ କିନ୍ତୁ ସରକାରଙ୍କ ପାଇଁ ଉପଯୁକ୍ତ ବୋଲି ଭାବିବା ଭୁଲ୍, କାରଣ ସରକାର ଚାହିଁଲେ ଦେଶରୁ କିମ୍ବା ରାଜ୍ୟରୁ ସମ୍ପୂର୍ଣ୍ଣ ନିଶାଦ୍ରବ୍ୟ ଓ ମଦ ବନ୍ଦ କରିପାରିବେ କିନ୍ତୁ କରୁନାହାନ୍ତି। ଏପଟେ ମଦ ଦୋକାନ ଖୋଲିବା, ଗୁଟ୍‌ଖା ବିକିବା ଓ ସେପଟେ ସଚେତନ ପାଇଁ ପଇସା ଖର୍ଚ୍ଚ କରିବା ଠିକ ଲାଗୁନାହିଁ। ଗୁଟ୍‌ଖାକୁ ଭଲ ବୋଲି ଟେଲିଭିଜନରେ ପ୍ରସାରିତ ହୋଇଥାଏ; ଯାହା ହେବାକଥା ନୁହେଁ। ଯେଉଁ ବ୍ୟକ୍ତିମାନେ ଟେଲିଭିଜନକୁ ଦେଖି କିଛି ଶିଖିବା ପାଇଁ ଚାହୁଁଥିବେ ଏହି ବିଜ୍ଞାପନ ତାଙ୍କୁ ଖରାପ ରାସ୍ତାରେ ନେଇଯାଇପାରେ। କାରଣ ବଡ଼ ଅକ୍ଷରରେ ବିଜ୍ଞାପନ ଆଉ ଛୋଟ ଅକ୍ଷରରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ଲେଖା ଯାଇଥାଏ। ମଦ ଦୋକାନ ଆଗରେ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଲେଖିବା ଓ ସମ୍ପୂର୍ଣ୍ଣ ମଦ ବନ୍ଦ କରିବା ଭିତରୁ କେଉଁଟି ଉପଯୁକ୍ତ ତାହା ସରକାରଙ୍କ ନିଷ୍ପତ୍ତି। ଜନତାଙ୍କ ଦ୍ୱାରା ସରକାର ଗଠନ ହୋଇଥିଲେ ସରକାରଙ୍କ ଦ୍ୱାରା ହିଁ ଜନତା ପରିଚାଳିତ। ଏଣୁ ନିରୀହ ଜନତା କାହାକୁ କହିବେ?

ରାଜନୀତି କ୍ଷେତ୍ରରେ ଦେଖିବାକୁ ଗଲେ ଗଣତାନ୍ତ୍ରିକ ଦେଶରେ ଲୋକଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନେ ନେତୃତ୍ୱ ନେଇଥାନ୍ତି । କିନ୍ତୁ ବର୍ତ୍ତମାନ ଲୋକମାନଙ୍କ ବିଷୟରେ ସଂସଦ, ବିଧାନସଭାରେ ଆଲୋଚନା କରିବା ବଦଳରେ ଦଳୀୟ ନିଷ୍ପତ୍ତି ଆଧାରରେ ଅଧିକ ଆଲୋଚନା କରାଯାଉଛି। କିଛି କ୍ଷେତ୍ରରେ ମହିଳା ପ୍ରାର୍ଥୀ ନାମକୁ ମାତ୍ର ନିର୍ବାଚିତ ପ୍ରତିନିଧି କିନ୍ତୁ ସବୁ କାମ ଗୋଟେ ପୁରୁଷ ଦ୍ୱାରା ହିଁ ହୋଇଥାଏ। ହେଇ ପାରେ ତାଙ୍କ ସ୍ୱାମୀ, ଭାଇ, ବାପା କିମ୍ବା ଜଣେ ଦଳୀୟ କର୍ମୀ। ଏହି କ୍ଷେତ୍ରରେ ଜନତା କ'ଣ କରିବେ?

ଆଜିର ସମାଜରେ ସମ୍ପର୍କ ମୂଲ୍ୟ ଅଧିକ ବୁଝିବା ପରିବର୍ତ୍ତେ ସମ୍ପର୍କର ମାନେ କିଛି ନାହିଁ କହିଲେ କିଛି ଭୁଲ୍ ହେବ ନାହିଁ। ପଇସା ପାଇଁ ଲୋକେ କିଛି ବି କରିବା ପାଇଁ ପ୍ରସ୍ତୁତ। ଧନ ରୋଜଗାର କରିବା ଖରାପ ନୁହେଁ କିନ୍ତୁ ଉପଯୁକ୍ତ କର୍ମ ଓ ଠିକ୍ ମାର୍ଗରେ ଉପାର୍ଜନ ଅତି ସୁନ୍ଦର କଥା। ଆଜିକାଲି ଦୁନିଆରେ ଘର କରିବା, ଭଲ ଦାମୀ ଗାଡ଼ି କିଣିବା, ସୁନା ପିନ୍ଧିବା, ବଡ଼ ସହରରେ ଜୀବନ ବିତେଇବା ଭଳି ଅନେକ ଆଶା ମନରେ ଆସିଥାଏ। ଏହି କାରଣରୁ ଅତି ଉଚ୍ଚ ଶିକ୍ଷିତ ପୁଅ ଝିଅମାନେ ବାହାରେ ରହିବା ପାଇଁ ଅଧିକ ପସନ୍ଦ କରିଥାନ୍ତି। ସମସ୍ତେ ଏହା ଭାବିବା ଆଗରୁ ମୁଁ ଜନ୍ମ ହେଲା ପରେ ମୋତେ ନେଇ ମୋ ବାପା ମା' କ'ଣ ସ୍ୱପ୍ନ ଦେଖିଛନ୍ତି ତାହା ବି ପୂରଣ କରିବା ଗୋଟେ ପୁଅ ତା' ଦାୟିତ୍ୱ ଓ କର୍ତ୍ତବ୍ୟ। ଆଜିକାଲି ଏହା ଦେଖିବାକୁ ମିଳୁନାହିଁ। ସମସ୍ତ ମାତା ପିତା ଚାହାନ୍ତି ମୋ ପୁଅ କିମ୍ବା ଝିଅ ଭଲ ପାଠ ପଢ଼ି ସମ୍ମାନର ସହ ଉଚ୍ଚ ସ୍ଥାନରେ ରହୁ ଏବଂ ସମାଜରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ହୋଇ ମୋ ମୁଣ୍ଡ ଉପରକୁ କରୁ କିନ୍ତୁ ଠିକ୍ ସମୟରେ ସେଇ ପୁଅ ନିଜ ମାତାପିତାଙ୍କୁ ଘରେ କିମ୍ବା ଗାଁରେ ରଖି ଦେଇ ସହରକୁ ଯାଇ ନିଜ ମା'ବାପାଙ୍କ କଥା ମନେକରେ ନାହିଁ। ସବୁବେଳେ ନିଜ ପୁଅର ଖୁସି ମନାସୁଥିବା ମା' ବାପା କାହାକୁ ବା କ'ଣ କହିବେ?

ସମାଜରେ ବିଭିନ୍ନ ଲୋକଙ୍କ ବିଭିନ୍ନ ମତ ଅନୁସାରେ କାର୍ଯ୍ୟ ନିର୍ବାହ କରନ୍ତି। ସଚେତନ ବ୍ୟକ୍ତି ଯେତେବେଳେ ଜାତୀୟ ସମ୍ପତ୍ତି ଓ ଜାତୀୟ ଏକତା କଥା କହେ କିମ୍ବା କୌଣସି ଜାତୀୟ ସମ୍ପତ୍ତିକୁ ଠିକ୍ ଭାବରେ ଉପଯୋଗ କରିବା କଥା କହେ କିଛି ବ୍ୟକ୍ତି ବିରୋଧ କରନ୍ତି, ଯାହା ଫଳରେ ସଚେତନ ନାଗରିକଟି କିଛି ନ କହି ନୀରବ ରହିଥାଏ ଓ ମନେ ମନେ ଭାବୁଥାଏ କାହାକୁ କହିବି ? ଏମିତି ମଣିଷ ମନରେ ଅନେକ ପ୍ରଶ୍ନ ଆସିଥାଏ କିନ୍ତୁ ସମାଧାନ ପାଇଁ ରାସ୍ତା ମିଳେ ନାହିଁ।

ମୋ: ୯୪୩୮୭୧୦୩୮୭

## ଏଇ ଭାରତରେ

ନର୍ସ ଚାକିରି କରିବା ସହ ସାପ ଉଦ୍ଧାର କରୁଛନ୍ତି ଛତିଶଗଡ଼ର ଅଜିତା ପାଣ୍ଡେ। ସାପ ଉଦ୍ଧାର ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ଆଣିଦେଇଛି। ଗତ ୧୦ ବର୍ଷ ମଧ୍ୟରେ ସେ ଅନେକ ହଜାର ସାପ ଉଦ୍ଧାର କରିସାରିଲେଣି। ରାୟପୁରବାସୀ ଅଜିତା କୋଭିଡ୍ ସମୟରେ ଅନେକ ଲୋକଙ୍କ ଘରୁ ୯୮୪ ସାପ ଉଦ୍ଧାର କରିଥିଲେ। ୧୮ ବର୍ଷ ବୟସରୁ ଅଜିତା ସାପଧରିବା ଆରମ୍ଭ କରିଥିଲେ, ଯାହାକୁ ସେ ଏବେ ସୁଦ୍ଧା ଜାରି ରଖିଛନ୍ତି। ଲୋକଙ୍କଠାରୁ କଲ୍ ପାଇବା କ୍ଷଣି ସାପ ଧରିବା ଲାଗି ସେ ସେହି ସ୍ଥାନରେ ପହଞ୍ଚିଯାଉଛନ୍ତି। ସାପ ଧରିଲେ ସେ କାହାଠାରୁ ଅର୍ଥ ନିଅନ୍ତିନାହିଁ। ସାପଧରା ଏକ ବିପଜ୍ଜନକ କାର୍ଯ୍ୟ ହୋଇଥିବାରୁ ଏଥିପାଇଁ ସ୍ୱାସ୍ଥ୍ୟ ବିଭାଗର ଅନୁମତି ଲୋଡ଼ିଥିଲେ ଓ ତାହା ମଧ୍ୟ ସେ ପାଇଛନ୍ତି। ଅଜିତା ଜଙ୍ଗଲ ବିଭାଗ ଅଧିକାରୀ, ପ୍ରାଣୀଙ୍କ ପାଇଁ କାମ କରୁଥିବା ଏନ୍‌ଜିଓ ସହ ଯୋଗାଯୋଗ ରକ୍ଷାକରି ବିଭିନ୍ନ ପ୍ରକାର ସାପଙ୍କ ଆଚରଣ ସମ୍ପର୍କରେ ଜାଣିବାକୁ ସକ୍ଷମ ହୋଇଛନ୍ତି। ଯାହାଫଳରେ ସେ ଏଯାବତ୍ କୌଣସି ବିପଦର ସମ୍ମୁଖୀନ ହୋଇନାହାନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ମାର୍ଚ୍ଚ ୧୯୭୬

- କେନ୍ଦ୍ର ଯୋଜନା ରାଷ୍ଟ୍ରମନ୍ତ୍ରୀ ଆଇ.କେ. ଗୁଜରାଲଙ୍କୁ ସୋଭିଏତ ୟୁନିୟନରେ ଭାରତର ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପ୍ରଦାନ।
- ଗୁଜରାଟ ବିଧାନସଭାରେ କଂଗ୍ରେସ ଦଳ ସଂଖ୍ୟାଗରିଷ୍ଠତା ଲାଭ କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ଜନତା ସାମ୍ମୁଖ୍ୟ ସରକାରର ପତନ।
- ଲେବାନନରେ ସାମରିକ ବାହିନୀ ସେନାପତି ଜେନେରାଲ ଆହ ଧାବ ରାଷ୍ଟ୍ରପତିଙ୍କୁ କ୍ଷମତାରୁ ଓହରି ଯିବାଲାଗି ଦେଇଥିବା ଚରମପତ୍ରକୁ ରାଷ୍ଟ୍ରପତିଙ୍କ ପ୍ରତ୍ୟାଖ୍ୟାନ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | | 2 | | | |
| 5 | | | | | | 9 | 1 | |
| | 4 | | 7 | 6 | | | | |
| | 5 | | 9 | | | 7 | | |
| | | | 6 | | | | | |
| 2 | | 8 | | | | | 6 | 1 |
| | 3 | | | | 5 | | | |
| 6 | | | | | | 2 | 9 | |
| 4 | | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 4 | 3 | 8 | 1 | 7 | 2 | 5 |
| 1 | 8 | 5 | 2 | 6 | 7 | 3 | 9 | 4 |
| 2 | 3 | 7 | 5 | 4 | 9 | 1 | 6 | 8 |
| 9 | 5 | 8 | 1 | 3 | 2 | 6 | 4 | 7 |
| 7 | 1 | 2 | 6 | 5 | 4 | 8 | 3 | 9 |
| 3 | 4 | 6 | 9 | 7 | 8 | 5 | 1 | 2 |
| 5 | 7 | 1 | 4 | 2 | 6 | 9 | 8 | 3 |
| 4 | 6 | 3 | 8 | 9 | 5 | 2 | 7 | 1 |
| 8 | 2 | 9 | 7 | 1 | 3 | 4 | 5 | 6 |

ଗତକାଲିର ଉତ୍ତର

# ସାକ୍ଷରତା ଓ ସରକାରୀ ସ୍କୁଲ



ଅଞ୍ଜନ ଚାନ୍ଦ

ରାସ୍ତାରେ ଦୁଇଜଣ ଲୋକ ଯାଉଛନ୍ତି। ଜଣେ ସେ ଅଞ୍ଚଳକୁ ନୂଆ ଆସିଛନ୍ତି। ସାଥିରେ ଥିବା ଲୋକଙ୍କୁ ସେ ପଚାରିଲେ – ପାଚେରି ସେପଟେ ଏଇ ସୁନ୍ଦର ଘରଟି କ'ଣ ? ସାଥୀ କହିଲେ – ଏଇଟା ଗୋଟେ ସ୍କୁଲ। ନୂଆଲୋକ ପଚାରିଲେ – ଏଠାରେ ଏତେ ପାଚିରୁଣ୍ଡ କାହିଁକି ? ସାଥୀ କହିଲେ – ପାଚିରୁଣ୍ଡ ଏଠି ଦରକାର। ନ ହେଲେ କେମିତି ଜାଣିବେ ସ୍କୁଲଟା ହେଉଛି ସରକାରୀ ?

ଶିକ୍ଷାର ଉନ୍ନତି ପାଇଁ ଏବେ ସରକାର ବହୁତ କିଛି କରୁଛନ୍ତି। ବିଗତ ବର୍ଷମାନଙ୍କରେ କେତେ ଯୋଜନା ହୋଇଛି। ଯୋଜନାର ସଫଳତା ପାଇବାକୁ ଅନେକ ଉଦ୍ୟମ କରାଯାଇଛି। ତା'ପରେ ପୁଣି ତାକୁ ବଦଳାଇ ନୂଆ ଯୋଜନା, ନୂତନ ନୀତି ପ୍ରଣୟନ ହୋଇଛି। ଶିକ୍ଷା ଓ ପରୀକ୍ଷା ପଦ୍ଧତି ବାରମ୍ବାର ବଦଳୁଛି। ଏହା ବୋଧେ ପରୋକ୍ଷ ଭାବରେ ଦର୍ଶାଉଛି ଯେ ପୂର୍ବ ନୀତିନିୟମରେ କିଛି ତ୍ରୁଟି ରହିଛି। ୨୦୦୧-୦୨ଠାରୁ ଭାରତ ସରକାର ଦେଶରେ ସର୍ବଶିକ୍ଷା ଅଭିଯାନ ଆରମ୍ଭ କଲେ। ସବୁ ପିଲାଙ୍କୁ ବିଦ୍ୟାଳୟକୁ ଆଣିବା ପାଇଁ ବିଭିନ୍ନ ଯୋଜନା କରାଗଲା। ଦଣ୍ଡହୀନ ଅଞ୍ଚଳରେ ଅଣ୍ଡାଭାତ ଖାଇ ପିଲାମାନେ ଆନନ୍ଦରେ ବୁଲିଲେ। ପରୀକ୍ଷା ପାଇଁ ଡର ରହିଲାନାହିଁ। ଖାତାରେ କିଛି ନ ଲେଖିଲେ ବି ଶିକ୍ଷକ ସେମାନଙ୍କୁ ଫେଲ କରିପାରିବେନାହିଁ। ପ୍ରଥମଶ୍ରେଣୀରେ ଯିଏ ବି ପ୍ରବେଶ ନେବ ଆଠବର୍ଷ ପରେ ସେ ପ୍ରାଥମିକ ଶିକ୍ଷା ଶେଷ କରି ନବମ ଶ୍ରେଣୀରେ ପହଞ୍ଚିଯିବ। ପାଞ୍ଚବର୍ଷ ଭିତରେ ଏହି ଯୋଜନାର ସୁଫଳ ମିଳିବ ବୋଲି ଆଶା ଥିଲା। କିନ୍ତୁ ସର୍ବେକ୍ଷଣରୁ ଜଣାଗଲା ଛାତ୍ର ଉପସ୍ଥାନ କିଛି ବଢ଼ିଲେ ବି ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ମାନ ହ୍ରାସ ପାଇଛି। ସେଥିପାଇଁ ପୁଣି ନୂଆ ଯୋଜନା। ନୂଆ ଆୟୋଜନ। ନୂଆ ପ୍ରଶିକ୍ଷଣ। ପୁଣି ପାଞ୍ଚ ବର୍ଷ ଅପେକ୍ଷା। ପୁଣି ସର୍ବେକ୍ଷଣ। ଫଳ ସେଇ ଗୋଟିଏ। ଦଳ ଭିତରେ ଫସିଥିବା ଲୋକ ପରି ପ୍ରାଥମିକ ଶିକ୍ଷା କ୍ରମଶଃ ନିମ୍ନଗାମୀ ହେବାକୁ ଲାଗିଲା। ଅବସ୍ଥାରେ ଉନ୍ନତି ନ ହେବାରୁ ୨୦୧୮ରେ ସର୍ବଶିକ୍ଷା ବଦଳରେ ଆରମ୍ଭ ହେଲା ସମଗ୍ରଶିକ୍ଷା। ପ୍ରାଥମିକ ଶିକ୍ଷା ସହିତ ମାଧ୍ୟମିକ ଶିକ୍ଷା, ପ୍ରାଥମିକ ବିଦ୍ୟାଳୟ ସହିତ ମାଧ୍ୟମିକ ବିଦ୍ୟାଳୟକୁ ମିଶାଇ ସବୁ ପିଲାଙ୍କୁ ଏହି ଯୋଜନା ମାଧ୍ୟମରେ ଉପକୃତ କରିବା ପାଇଁ ଉଦ୍ୟମ ଆରମ୍ଭ ହେଲା। ଅଥଚ ଏଥିରେ ଫଳ ବିପରୀତ ହେଲା। ଉପଯୁକ୍ତ ଭିତ୍ତିଭୂମି ନ ଥାଇ ବିଦ୍ୟାଳୟଗୁଡ଼ିକୁ ମିଶାଇ ଦେବା ଫଳରେ ବହୁ ସ୍ଥାନରେ ବିଶୃଙ୍ଖଳା ଓ ଗଣ୍ଡଗୋଳ ଉପୁଜିଲା। ବିଦ୍ୟାଳୟ ମିଶିଲେ ବି ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷକଙ୍କ ମନ ମିଶିଲା ନାହିଁ। ଉଭୟଙ୍କ ଦ୍ୱନ୍ଦ୍ୱ ଭିତରେ ବିଚରା ପ୍ରଧାନଶିକ୍ଷକ ମଣ୍ଡିହେଲେ। ଫଳତଃ ପ୍ରାଥମିକ ସହିତ ମାଧ୍ୟମିକ ଶିକ୍ଷା ନିଜର ଗୁଣ ହରାଇ ବସିଲା। ଏସବୁର ପ୍ରତିକାର ପାଇଁ ବୋଧହୁଏ ଏବେ ନୂତନ ଜାତୀୟ ଶିକ୍ଷାନୀତି ପ୍ରସ୍ତୁତ ହେଉଛି।

ପ୍ରସଙ୍ଗକ୍ରମେ ଏଠାରେ ପୁରୁଣା ଶିକ୍ଷାପଦ୍ଧତି ବିଷୟରେ କିଛି ଆଲୋଚନା କରାଯାଇପାରେ। ସେତେବେଳେ ବିଦ୍ୟାଳୟରେ ଶିକ୍ଷା ଓ ଶାସନ ଉଭୟ ଥିଲା। ଶାସନ ଶିକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଶାସନ ଦ୍ୱାରା ଶୃଙ୍ଖଳିତ ଛାତ୍ର, ଶିକ୍ଷା ଦ୍ୱାରା ଉପଯୁକ୍ତ ଶିକ୍ଷିତ ହୋଇପାରେ। ସେତେବେଳେ ଶିକ୍ଷକମାନେ ପାଠ ପଢାଇବା ସମୟରେ ମେଧା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ। ଜ୍ଞାନ ବୃଦ୍ଧି ହିଁ ସେ ସମୟର ଶିକ୍ଷାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା। ପରୀକ୍ଷା ଏକ ସାମୟିକ ଘଟଣା। ପାସ୍ କିମ୍ବା ଫେଲ୍ ତା'ର ଦୁଇଟି ମାତ୍ର ଫଳ। ଯଦି ପିଲାଟିଏ ମାଟ୍ରିକ ପରୀକ୍ଷାରେ ଫାଷ୍ଟ ଡିଭିଜନ ପାଇଯାଏ ତ ତା'ର ସମ୍ମାନ ପାଇଁ ଗାଁରେ ସଭା ଡକାଯାଏ ।

ପିଲାମାନଙ୍କ ମନରେ ଜିଜ୍ଞାସା ସୃଷ୍ଟି କରିବା



ଶିକ୍ଷାର ଶ୍ରେଷ୍ଠ ପଦ୍ଧତି। ଜିଜ୍ଞାସା ଆସିଲେ ତାହାର ସମାଧାନ ପାଇଁ ମସ୍ତିଷ୍କରେ ଚିନ୍ତନ ପ୍ରକ୍ରିୟା ସୃଷ୍ଟିହୁଏ। ତାହା ଏକ ମାନସିକ ବ୍ୟାୟାମ। ମସ୍ତିଷ୍କକୁ ସୁସ୍ଥ ରଖିବା ସହିତ ନୂତନ ଆବିଷ୍କାର ପାଇଁ ଏହା ପଥ ସୁଗମ କରେ। ଗଛରୁ ଫଳଟି କାହିଁକି ତଳକୁ ଖସିଲା ? ଏମିତି ଏକ ସାଧାରଣ ପ୍ରଶ୍ନ ଓ ସେ ବିଷୟରେ ଗଭୀର ଚିନ୍ତନ ଫଳରେ ଯେଉଁ ଶକ୍ତିର ଆବିଷ୍କାର ହୋଇଥିଲା ତାହା ବିଶ୍ୱର ଜ୍ଞାନବିଜ୍ଞାନ କ୍ଷେତ୍ରରେ ଚହଳ ସୃଷ୍ଟି କରିଥିଲା। ପୂର୍ବରୁ ଶିକ୍ଷକମାନେ ଛାତ୍ରମାନଙ୍କ ମନରେ ଜିଜ୍ଞାସା ବଢାଇବା ପାଇଁ ଉପାୟ କରୁଥିଲେ। ଚିନ୍ତାର ଅବସର ପାଇଁ ଗୃହକାର୍ଯ୍ୟ ଦେଉଥିଲେ। ସେତେବେଳେ ଗୃହକାର୍ଯ୍ୟ କରିବା ପାଇଁ ପିଲାମାନଙ୍କର ଏକମାତ୍ର ସାଧନ ଥିଲା ପାଠ୍ୟପୁସ୍ତକ। ସେହି ପୁସ୍ତକଗତ ବିଷୟକୁ ବାରମ୍ବାର ଅଧ୍ୟୟନ ସହିତ ନିଜ ବୁଦ୍ଧିର ସମନ୍ୱୟରେ ସେମାନେ ଶିକ୍ଷକ ଦେଇଥିବା ପ୍ରଶ୍ନର ସମାଧାନ କରୁଥିଲେ। ବର୍ତ୍ତମାନ ସମୟରେ ମଧ୍ୟ ପିଲାମାନଙ୍କୁ ଗୃହ କାର୍ଯ୍ୟ ଦିଆଯାଉଛି। ଅଥଚ ସେଥିପାଇଁ ସେମାନଙ୍କୁ ଭାବିବାର ଅବସର ଦିଆଯାଉନାହିଁ। ଏକାଧିକ ଟେଷ୍ଟପେପର, ଟିଉଶନ ସାର, ଶିକ୍ଷିତ ମାତାପିତା ଅଥବା ସ୍ମାର୍ଟ ଫୋନ ତୁରନ୍ତ ପ୍ରଶ୍ନର ଉତ୍ତର ଯୋଗାଇ ଦେଉଛନ୍ତି। ଏହାଦ୍ୱାରା ପିଲାମାନଙ୍କର ବୁଦ୍ଧିର ବିକାଶ ଠିକ୍ ହୋଇପାରୁନାହିଁ। ସେମାନେ କ୍ରମଶଃ ପରମୁଖାପେକ୍ଷୀ ହୋଇଯାଉଛନ୍ତି।

କୃତ୍ରିମ ବୁଦ୍ଧିମତ୍ତାକୁ ନେଇ ଏବେ ଚର୍ଚ୍ଚା ହେଉଛି। ଶିକ୍ଷା କ୍ଷେତ୍ରରେ ଏହାର ପ୍ରୟୋଗ ଆରମ୍ଭ ହୋଇଛି। କିନ୍ତୁ ପ୍ରାଥମିକ ଓ ମାଧ୍ୟମିକ ସ୍ତରରେ ଶିକ୍ଷାଦାନ ପାଇଁ ଶିକ୍ଷକଙ୍କ ଉପସ୍ଥିତି ଏକାନ୍ତ ଜରୁରୀ। କିନ୍ତୁ ସରକାରୀ ସ୍କୁଲଗୁଡ଼ିକରେ ଏବେ ବିପରୀତ ଦେଖାଯାଉଛି। ପକ୍କା ଘର, ଉନ୍ନତ ପାଠ୍ୟ ଉପକରଣ, ପାଠ୍ୟପୁସ୍ତକ ସହିତ ପିଲାମାନଙ୍କୁ ଖାଦ୍ୟ ଓ ପୋଷାକ ଯୋଗାଇ ଦିଆଯାଉଛି। ଅଥଚ ପାଠ ପଢାଇବା ପାଇଁ ଶିକ୍ଷକ ନାହାନ୍ତି। ପ୍ରଧାନଶିକ୍ଷକ ନିଯୁକ୍ତି ହେଉନାହିଁ। ଜଣେ ଦି' ଜଣ ଶିକ୍ଷକରେ ସ୍କୁଲ ଚାଲୁଛି। ସେମାନଙ୍କୁ ପାଠପଢା ବ୍ୟତୀତ ଅନ୍ୟ କାର୍ଯ୍ୟରେ ନିଯୁକ୍ତ କରାଯାଉଛି ଏବଂ ଶେଷରେ କୁହାଯାଉଛି ପିଲାମାନେ କେହି ଦଶମ ପରୀକ୍ଷାରେ ଫେଲ ହେବେନାହିଁ। ଶତ ପ୍ରତିଶତ ପରୀକ୍ଷାଫଳ ସହିତ ଅଧିକାଂଶ ପିଲା ଯେମିତି A1 ହେବେ ସେଥିପାଇଁ ତାଗିଦ କରାଯାଉଛି। ବିଷୟ ଶିକ୍ଷକ ନ ଥାଇ ବର୍ଷଯାକ ପାଠ ପଢ଼ିଥିବା ପିଲାମାନଙ୍କୁ ବର୍ଷଶେଷରେ A1 କରିବା ପାଇଁ ସ୍ୱତନ୍ତ୍ର ଶିକ୍ଷା ଦିଆଯାଉଛି। ଏହିସବୁ ଅସଙ୍ଗତି ପାଇଁ ସଚେତନ ଅଭିଭାବକମାନେ ତାଙ୍କ ପିଲାମାନଙ୍କୁ ସରକାରୀ ସ୍କୁଲରେ ପାଠ ପଢାଇବାକୁ ପସନ୍ଦ କରୁନାହାନ୍ତି ।

ଦେଶରେ ନୂତନ ଶିକ୍ଷାନୀତି ପ୍ରଚଳନ ହେବାକୁ ଯାଉଥିବା ବେଳେ ଏବେ ଏ ବିଷୟରେ ଚିନ୍ତା କରିବାର ସମୟ ଆସିଛି। ଦିନ ଥିଲା, ଯେତେବେଳେ ସବୁଠି ପକ୍କାଘର ନ ଥିଲା; ପର୍ଯ୍ୟାପ୍ତ ପାଠ୍ୟ ଉପକରଣ ନ ଥିଲା, ମାଗଣା ଖାଦ୍ୟ ପୋଷାକ ଦିଆଯାଉ ନ ଥିଲା ସେତେବେଳେ ଉପରଶ୍ରେଣୀର ପିଲାଙ୍କଠାରୁ ପାଠବହି ସଂଗ୍ରହକରି ତଳଶ୍ରେଣୀର ପିଲାମାନେ ପଢୁଥିଲେ। କଳାପଟା, ଚକଖଡ଼ି, ମାନଚିତ୍ର ଏମିତି କେତୋଟି ମାତ୍ର ସାଧନକୁ ନେଇ ଶିକ୍ଷକମାନେ ସରକାରୀ ସ୍କୁଲରେ ପାଠ ପଢ଼ାଉଥିଲେ। ପରୀକ୍ଷାଫଳରେ A1 ନ ହେଲେ ମଧ୍ୟ ଏଇ ସରକାରୀ ସ୍କୁଲରୁ ହିଁ ମେଧାବୀ ଛାତ୍ରମାନେ ବାହାରୁଥିଲେ। ଅଥଚ ଏବେ ଅବସ୍ଥା ଏମିତି ହୋଇଛି ଯେ ଜନସାଧାରଣରେ ଆଲୋଚନା ହେଉଛି – ପାଠ ପଢିବ ଯଦି ପ୍ରାଇଭେଟ ସ୍କୁଲ, ଅଣ୍ଡା ଖାଇବ ଯଦି ସରକାରୀ ସ୍କୁଲକୁ ଯାଅ। ଧନିକ ଅଥବା ସରକାରୀବାବୁମାନଙ୍କ ପିଲାମାନେ କେହି ସରକାରୀ ସ୍କୁଲକୁ ପଢ଼ିବାକୁ ଯାଉନାହାନ୍ତି। ଗରିବ ଓ ନିମ୍ନ ମଧ୍ୟବିତ୍ତଙ୍କ ପିଲାମାନେ ସେଠାକୁ ଯାଇ ସରକାରୀ ସାହାଯ୍ୟ ପାଉଛନ୍ତି ଏବଂ ବହୁପିଲା ଶିକ୍ଷିତ ନ ହୋଇ କେବଳ ସାକ୍ଷର ହେଉଛନ୍ତି। ସୁତରାଂ ଏବେ ସରକାରୀ ସ୍କୁଲଗୁଡ଼ିକ ଦେଶର ସାକ୍ଷରତା ବଢ଼ାଇବାର ଉପଯୁକ୍ତ ମାଧ୍ୟମ ହୋଇଛି।

ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

## ପାଠକ ଶ୍ରେଷ୍ଠ ବିଚାରକ

### ଅନୁଗୋଳରେ ଠାକୁର ଅସୁରକ୍ଷିତ

ମହାଶୟ,

ଅନୁଗୋଳ ସହରସ୍ଥିତ ଶୈଳଶ୍ରୀକ୍ଷେତ୍ର ମନ୍ଦିରରୁ ଦୁର୍ବୃତ୍ତମାନେ ତାଲାଭାଙ୍ଗି ହୁଣ୍ଡିଦାନର ଅର୍ଥ ଏବଂ ୩ ଠାକୁରଙ୍କ ସୁନା ଚିତା ଚୋରି କରି ନେଇଯାଇଛନ୍ତି ବୋଲି ପ୍ରକାଶିତ ଖବରରୁ ଜାଣିବାକୁ ପାଇଲି। ଏହା ଅନୁଗୋଳ ଜନସାଧାରଣଙ୍କୁ ବ୍ୟଥିତ କରିବା ସହ ସେମାନେ ବିଶେଷ ଭାବେ ମର୍ମାହତ। ଅନୁଗୋଳରେ ପୂର୍ବପରି ଆଉ ଶାନ୍ତିମୟ ପରିବେଶ ନାହିଁ। ପରିବାରର ସଦସ୍ୟମାନେ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ଗଲେ ଚୋରମାନେ ସେମାନଙ୍କ ଅନୁପସ୍ଥିତିର ସୁଯୋଗନେଇ ଦିନ ବେଳେ ମଧ୍ୟ ଚୋରି କରିବାର ଦୃଷ୍ଟାନ୍ତ ରହିଛି। ଏହାକୁ ରୋକିବା ପାଇଁ କିଛି ପଦକ୍ଷେପ ନିଆଯିବା ଦରକାର। ଗୃହ ମାଲିକମାନେ ଭଡା ଦେବା ପୂର୍ବରୁ ସେମାନଙ୍କଠାରୁ ତାଙ୍କ ଅଞ୍ଚଳର ପୋଲିସ ଷ୍ଟେସନରୁ ଅପରାଧଜନିତ ମାମଲାରେ ଜଡିତ ନ ଥିବାର ପ୍ରମାଣ ପତ୍ର ଦେଖାଇଲେ ହିଁ ତାଙ୍କୁ ରହିବା ପାଇଁ ପ୍ରଶ୍ରୟ ଦେବା ଉଚିତ। ବର୍ତ୍ତମାନ ସିସିଟିଭି କ୍ୟାମେରା ପୋଲିସ ବିଭାଗର ଆଖି ଖୋଲି ଦେଇଛି। ସେମାନେ ଅପରାଧୀମାନଙ୍କୁ ସହଜରେ ଧରିବା ପାଇଁ ସକ୍ଷମ ହୋଇପାରୁଛନ୍ତି। କିନ୍ତୁ ପରିତାପର ବିଷୟ ପ୍ରାୟତଃ ୩ ବର୍ଷରୁ ଅଧିକ ହେବ ମନ୍ଦିରର ସିସିଟିଭି କ୍ୟାମେରା ଅଚଳ ଅବସ୍ଥାରେ ଅଛି। ମନ୍ଦିର ପ୍ରଶାସନ ଜିଲାପାଳଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ସେ ନିଶ୍ଚିତ ଭାବେ ପଦକ୍ଷେପ ନେଇପାରିଥାନ୍ତେ। ତେଣୁ ସରକାର ଅନୁଗୋଳ ସହରର ତଥା ଗ୍ରାମାଞ୍ଚଳର ସମସ୍ୟାଗୁଡ଼ିକ ପ୍ରତି ବିଶେଷ ଧ୍ୟାନଦେବା ଉଚିତ।

-ସନ୍ତୋଷ କୁମାର ପଟ୍ଟନାୟକ, ଶଙ୍ଖପୁର, ବନ୍ତଳା, ଅନୁଗୋଳ

## ଚିରନ୍ତନୀ

ଜଗତେ ଯେହ୍ନେ ଯେତିକି ଦୀନ
ସକଳ ସୁଖ-ସୋହାଗ-ହୀନ
ନୟନବାରି କେବଳ ତା'ର ସମ୍ବଳ
ଯେ ଧନେ ଆଜି ଉଠଇ ଭରି ଅମ୍ବର।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଲଛିପୁରକୁ ନୂତନ ବ୍ଲକ୍ ଗଠନ ଦାବି ତେଜିଲା

ସୋନପୁର, ୧୨।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଲଛିପୁରକୁ ନୂତନ ବ୍ଲକ ଗଠନ ଦାବି ଜୋର ଧରିଛି। ଏଥିନେଇ ଜିଲା ସଦର ମହକୁମାରେ ବୁଧବାର ରାଲି ଅନୁଷ୍ଠିତ ହୋଇଯାଇଛି। ପରେ ଜିଲାପାଳଙ୍କ ଜରିଆରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର କୁମାର ମାଝୀ ସ୍ମାରକପତ୍ର ଗ୍ରହଣ କରିଥିଲେ। ଏଥିରେ ଅଞ୍ଚଳର ସମସ୍ତ ନେତୃବୃନ୍ଦ ଓ ନିର୍ବାଚିତ ଲୋକ ପ୍ରତିନିଧି ସାମିଲ ଥିଲେ। ସୋନପୁର ଓ ବିନିକା ବ୍ଲକର ପୁନର୍ଗଠନ କରି ଉଭୟ ବ୍ଲକର ୧୦ଟି ପଞ୍ଚାୟତର ୭୪ଖଣ୍ଡ ଗ୍ରାମକୁ ନେଇ ଲଛିପୁରଠାରେ ନୂତନ ବ୍ଲକ ଗଠନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ପ୍ରସ୍ତାବିତ ଲଛିପୁର ବ୍ଲକର ଜନସଂଖ୍ୟା ୨୦୧୧ ଜନଗଣନା ଅନୁସାରେ ୫୩୫୧୨। ପ୍ରାୟ ଉକ୍ତ ଲୋକସଂଖ୍ୟାର ୨୬ଭାଗ ଅନୁସୂଚିତ ଜାତି, ୧୩ ଭାଗ ଅନୁସୂଚିତ ଜନଜାତି ବର୍ଗର। ପ୍ରସ୍ତାବିତ ବ୍ଲକରେ ସୋନପୁର ବ୍ଲକର ରେଙ୍ଗାଲି, ଖଲିଆପାଲି, ଲଛିପୁର, ଛକୋରମାଲ, ମୟୂରଉଡାନ ଓ ବିନିକା ବ୍ଲକର ମହଦା, କୁଇବାହାଲି, ଜୁଲୁଣ୍ଡା,


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଞ୍ଚଳିକ କମିଟି କର୍ମକର୍ତ୍ତା।

## ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

କଇଁତରା ଓ ବାଉଁଶୁଣି ପଞ୍ଚାୟତକୁ ସାମିଲ କରିବା ପାଇଁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି। ବର୍ତ୍ତମାନ ସୋନପୁର ବ୍ଲକର ଶେଷ ସୀମାରେ ଥିବା ଛକୋରମାଲ ପଞ୍ଚାୟତ ୪୫ କିଲୋମିଟର ଦୂର ପଡୁଥିବା ବେଳେ ଲଛିପୁରକୁ ୩୦ କିଲୋମିଟର ଦୂର ପଡୁଛି। ଲଛିପୁରରେ ନୂତନ ବ୍ଲକ ଗଠନ ହେଲେ ଭୌଗଳିକ ଦୃଷ୍ଟିକୋଣରୁ ଲୋକେ ଗମନାଗମନ ଦୃଷ୍ଟିରୁ ସୁବିଧା ପାଇବେ। ଏଥିସହ ଲଛିପୁରରେ ସ୍ୱାସ୍ଥ୍ୟକେନ୍ଦ୍ର, ଡାକ ଘର, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ସେବା ସମବାୟ ସମିତି, ବ୍ୟାଙ୍କ, ଥାନା ଓ କଲେଜ ଆଦି ରହିଛି। ଏଥିପାଇଁ ନୂତନ ବ୍ଲକ ଗଠନ କରାଯିବାକୁ ଅଞ୍ଚଳବାସୀ ଦାବି ଜୋରଦାର କରିଛନ୍ତି। ଆନ୍ଦୋଳନରେ ଆଞ୍ଚଳିକ କମିଟି ସଭାପତି ସତ୍ୟନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଭୁବନ ଦାଶ, ସମ୍ପାଦକ ବାସୁଦେବ ରଣା, କୋଷାଧ୍ୟକ୍ଷ ଶମ୍ଭୁ ଭୂଷଣ ମେହେର, ଶଙ୍କର ପ୍ରସାଦ ସା, ସଞ୍ଜିବ୍ ମିଶ୍ର, ମହଦା ସରପଞ୍ଚ ଭୀମସେନ ସିଂହଦେଓ, ସମିତି ସଭ୍ୟ ବହାଦୋଲ ଚୌଧୁରୀ, ରମାକାନ୍ତ ପୂଝାରୀ, ଅଲେଖ ନାଏକ, ଲଛମନ ସୁନା, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ନବକୃଷ୍ଣ ଦନ୍ତା, କରମଚାନ୍ଦ ମହାନ୍ତି, ଜ୍ୟୋତିରଞ୍ଜନ ନୁଆଁଇ, ଜୁଲୁଣ୍ଡା ସରପଞ୍ଚ ରଜତ ପଧାନ, ରେଙ୍ଗାଲି ସରପଞ୍ଚ ପ୍ରଦୀପ ବାଗ, ସାନୁର୍ଜ ନାଏକ, ମେଘନାଦ ସାହୁଙ୍କ ସମେତ ଶତାଧିକ ନେତୃବୃନ୍ଦ ସାମିଲ ଥିଲେ।

# ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପରିଶ୍ରମ କଲେ ସଫଳତା ମିଳେ

## ଖଇରମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଆମରପାଲି, ୧୨।୩(ପୀତାମ୍ବର ସାହୁ)

ବିନା ପରିଶ୍ରମରେ କୌଣସି ସଫଳତା ମିଳେ ନାହିଁ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କଠିନ ପରିଶ୍ରମ କଲେ ସଫଳତା ମିଳିଥାଏ। ତେଣୁ ସଫଳତା ପାଇବା ପାଇଁ ଅନବରତ ପରିଶ୍ରମ କରିବା ଜରୁରୀ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଇରମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ରଖିଛନ୍ତି। ପ୍ରଧାନଶିକ୍ଷକ କରୁଣାକର ବିଶିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଦେହୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରଗତି ଉପରେ ଆଲୋକପାତ କରିଥିଲେ। ସମ୍ମାନୀତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ ବିଶି, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିନୟ ବିଶ୍ୱାଳ, ପଞ୍ଚ ସଖାଶିକ୍ଷା ସେତୁର ସଭାପତି ପ୍ରଦୀପ ପଧାନ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ପ୍ରଭଞ୍ଜନ ପାତ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ନିଜ ବାର୍ତ୍ତା ପ୍ରଦାନ କରିଥିଲେ। ଚଳିତ ବର୍ଷର କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସଭା ପରେ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଦ୍ୟାଳୟ ସହକାରୀ ଶିକ୍ଷକ ଅଚ୍ୟୁତାନନ୍ଦ କୁରକୁରିଆ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷକ ଚୈତନ୍ୟ ବେରିହା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ସମସ୍ତ ଶିକ୍ଷକ କର୍ମଚାରୀ ଓ ପରିଚାଳନା କମିଟି ସଦସ୍ୟ ଯୋଗଦେଇଥିଲେ। ସେହିପରି କେନଝିରିଆପାଲି କ୍ଲଷ୍ଟରର ବଲିପାଲି, କଦଳୀପାଲି, ଅଟଣ୍ଡା ବିଦ୍ୟାଳୟର ମଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ


ମୁର୍ଷୁଣ୍ଡି ହାଇସ୍କୁଲରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଅମରପାଲି, ୧୨।୩(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡିସ୍ଥିତ ରଘୁନାଥ ହାଇସ୍କୁଲରେ ଇକୋକ୍ଲବ ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ପରିବେଶ ବିଜ୍ଞାନ ଅଧ୍ୟୟନ କେନ୍ଦ୍ର ତରଫରୁ ଏକକ ବ୍ୟବହୃତ ପ୍ଲାଷ୍ଟିକମୁକ୍ତ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ କର୍ମକର୍ତ୍ତା ରାଜେଶ କୁମାର ମହାନ୍ତି, ସତ୍ୟରଞ୍ଜନ ଦାସ ଓ ସୁଶାନ୍ତ ଲେଙ୍କାଙ୍କ ଉପସ୍ଥିତିରେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ଏକ ଶପଥ ପାଠ କରାଯାଇଥିଲା। ଏହା ପରେ ଏକ ସଚେତନତା ଶୋଭାଯାତ୍ରା କରାଯାଇ ଲୋକଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକର ନିରାକରଣ ସମ୍ପର୍କରେ ସଚେତନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ଲାଷ୍ଟିକମୁକ୍ତ ସମ୍ପର୍କରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ପ୍ରଧାନଶିକ୍ଷକ କାଳିଆ କର୍ମୀ ସଭାରେ ପୌରୋହିତ୍ୟ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସହିତ ପ୍ଲାଷ୍ଟିକ ବଦଳରେ ବିକଳ୍ପଭାବେ କିପରି ପରିବେଶ ଉପଯୋଗୀ ଜିନିଷ ବ୍ୟବହାର କରିବା ସେହି ବିଷୟରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ରଶ୍ମିତା ପଣ୍ଡା ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ନୀଳାମ୍ବର ନୀଳାମ୍ବର ମେହେର ସଭା ପରିଚାଳନା କରିଥିଲେ। ସଚ୍ଚିଦାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।

# ନୃତ୍ୟଗୀତରେ ଝୁମିଲେ ଦର୍ଶକ

## ବୀରମହାରାଜପୁର ଫଗୁନ୍‌ପୁନି ମହୋତ୍ସବ

ସୋନପୁର, ୧୨।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନାମଯଜ୍ଞ କମିଟିର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଫଗୁନ୍‌ପୁନି ମହୋତ୍ସବର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଭଜନ ସମାରୋହରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବ୍ଲକ କଲ୍ୟାଣ ମଣ୍ଡପଠାରେ ସାଂସ୍କୃତିକ ମଞ୍ଚରେ କମିଟି ଅଧ୍ୟକ୍ଷ ତଥା ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଅଧ୍ୟକ୍ଷତା କରିଥିଲେ। ଭଜନ ସମାରୋହରେ କାର୍ତ୍ତିକ ଭୁକ୍ତା, ଇନ୍ଦ୍ରାପ୍ରିୟ ଦର୍ଶିନି ମହାକୁଡ଼ ଓ ସୁଦର୍ଶନ ବିଶ୍ୱାଳ ଭଜନ ପରିବେଷଣ କରିଥିଲେ।ମୁଖ୍ୟ ଅତିଥି ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ କୁମାର ରାଓ ଯୋଗଦାନ କରିଥିଲେ। ନାମଯଜ୍ଞ କମିଟି କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପଣ୍ଡା, ସମ୍ମାନୀତ ଅତିଥି ବରିଷ୍ଠ ଆଇନଜୀବୀ ଆନନ୍ଦ କୁମାର ହୋତା, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦି, କୋଷାଧ୍ୟକ୍ଷ ଅକ୍ଷୟ କୁମାର ମିଶ୍ର ଉପସ୍ଥିତ ଥିଲେ।


ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମର ଅତିଥିମାନେ।

# ଦର୍ଶନ ଦେଲେ ଚମ୍ପେଶ୍ୱର ମହାଦେବ

## ଚମ୍ପେଶ୍ୱର ବାବାଙ୍କ ପଞ୍ଚଦୋଳ ଯାତ୍ରା ମହୋତ୍ସବର ତୃତୀୟ ସନ୍ଧ୍ୟା

ସୋନପୁର, ୧୨।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟ ପ୍ରସିଦ୍ଧ ଶୈବପୀଠ ଚମ୍ପାମାଲ ଚମ୍ପେଶ୍ୱର ପଞ୍ଚଦୋଳ ଯାତ୍ରାର ବୁଧବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମହୋତ୍ସବରେ ବାବା ଚମ୍ପେଶ୍ୱର ମନ୍ଦିରରୁ ବାହାରି ଦୋଳ ମଣ୍ଡପରେ ଦୋଳିରେ ଝୁଲିଛନ୍ତି। ଏହି ଅବସରରେ ବାବାଙ୍କ ପୂଜାର୍ଚ୍ଚନା କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଯାତ୍ରା କମିଟି ସଭାପତି କିଶୋର ହୋତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସ୍ୱୟମ୍ଭୁନାଥ ଖଣ୍ଡଗିରି ଓ ରଞ୍ଜିତ କୁମାର ରଥ ଯୋଗ ଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା, ସରପଞ୍ଚ ସଂଘ ସଭାପତି ଶ୍ରୀୟା କର୍ମୀ, ସମ୍ପାଦକ ସୂର୍ଯ୍ୟ ନନ୍ଦ, କେନଝିରିଆପାଲି ସରପଞ୍ଚ ସସ୍ମିତା ଦୀପ, ମୁର୍ଷୁଣ୍ଡି ସମିତି ସଭ୍ୟା ରିତା ଗାର୍ଡିଆ, ଦୁର୍ଜନତୈଲା ସମିତି ସଭ୍ୟ, ହିଲୁଙ୍ଗ ସରପଞ୍ଚ ବନିତା ସେଠୀ ଓ କମିରା ସରପଞ୍ଚ ପ୍ରତିନିଧି ସୁରୁ ପଧାନ ଅତିଥିଭାବେ ଯୋଗ ଦେଇଥିଲେ। ଚମ୍ପମାଲ ସରପଞ୍ଚ ମହେନ୍ଦ୍ର ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ। ଯାତ୍ରା କମିଟି ଉପସଭାପତି ବିଶ୍ୱନାଥ ଥନାପତି, ପ୍ରମୋଦ ପୁରୋହିତ, ସମ୍ପାଦକ ଆଶୁତୋଷ କର୍ଣ୍ଣ, ଭୋଳାନାଥ ସେଠୀ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ଦେଶଫାଲ ଲୋକକଳା ମହୋତ୍ସବ, ପ୍ରତିଭା ସମ୍ବର୍ଦ୍ଧିତ


ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ସୋନପୁର, ୧୨।୩(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳାରେ ଚାଲିଥିବା ଷଷ୍ଠ ଦେଶଫାଲ ଲୋକକଳା ମହୋତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟା ଥିଲା। ମହୋତ୍ସବ କମିଟି ସଭାପତି ପଦ୍ମଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟ ଅତିଥି, ବକ୍ତାଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ସୋନପୁର ବ୍ଲକ ଅଧ୍ୟକ୍ଷ ପ୍ରହଲ୍ଲାଦ ନାୟକ, ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ସମାଜସେବୀ ମହମ୍ମଦ ଆକବର ଖାଁ, ମୁଣ୍ଡୋଘାଟ ସରପଞ୍ଚ କେଶନ ଜଗଦଲା ଓ ଲୋକକଳା ମହୋତ୍ସବ ସହସମ୍ପାଦକ ଗିରୀଶ ଦାସ ଯୋଗଦେଇଥିଲେ। କିଶୋର ହୋତା ସ୍ୱାଗତ ଭାଷଣ ଦେଇଥିଲେ। ଡ଼ ଦ୍ୱିତିକୃଷ୍ଣ ପଣ୍ଡା ସଭା ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


## ଦ.ପୂ. ରେଳପଥ – ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ଯାନ୍ତ୍ରିକ), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର ୧୫.୦୦ ଘଣ୍ଟିକା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ୧୫.୩୦ ଘଣ୍ଟିକାରେ ଖୋଲାଯିବ: କ୍ର.ସଂ.: ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ (ଟ.); ଅମାନତ ରାଶି (ଟ.); ଖୋଲାଯିବା ତାରିଖ; କାର୍ଯ୍ୟର ସମାପ୍ତି ଅବଧି: (୧) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୧-୨୦୨୫; ଖଡ଼ଗପୁର ୱାର୍କଶପର ନୂଆ ୱାଗନ୍ ଶପଠାରେ ପ୍ରତିମାସରେ ୱାଗନ୍ ପିଓଏଚ୍ କ୍ଷମତାକୁ ୪୫୦ରୁ ୫୫୦ ୱାଗନ୍ ପର୍ଯ୍ୟନ୍ତ ପରିବର୍ଦ୍ଧନ କରିବା; ₹୬,୧୨,୯୦,୧୧୩.୨୩; ₹୪,୫୬,୫୦୦.୦୦; ୨୪।୦୩।୨୦୨୫; ୧୨ ମାସ। (୨) ଇ-କେଜିପିଡବ୍ଲ୍ୟୁ-ଡିଇଏନ୍-୦୨-୨୦୨୫; ପିଓଏଚ୍ ସାଇକଲ୍ ଟାଇମ୍‌କୁ ହ୍ରାସ କରିବା ପାଇଁ ଖଡ଼ଗପୁର ୱାର୍କଶପର କୋଚ୍/ଇଏମ୍‌ୟୁ/ଏମ୍‌ଇଏମ୍‌ୟୁ/ଡିଇଏମ୍‌ୟୁର ପିଓଏଚ୍ ଭିତ୍ତିଭୂମିର ପରିବର୍ଦ୍ଧନ; ₹୫,୧୭,୨୩,୦୧୦.୯୧; ₹୪,୦୮,୬୦୦.୦୦; ୦୩।୦୪।୨୦୨୫; ୧୮ ମାସ; ଟେଣ୍ଡର କାଗଜପତ୍ର ମୂଲ୍ୟ (ଟ.): ₹୦.୦୦ (ଉଭୟ ଟେଣ୍ଡର ପାଇଁ)। ବିଡିଂ ଆରମ୍ଭ ତାରିଖ: କ୍ର. ସଂ. ୧ ପାଇଁ ତା୧୦।୦୩।୨୦୨୫ରିଖରୁ ତା୨୪।୦୩।୨୦୨୫ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ; କ୍ର. ସଂ. ୨ ପାଇଁ ତା୨୦।୦୩।୨୦୨୫ରିଖରୁ ତା୦୩।୦୪।୨୦୨୫ରିଖ ୧୫.୦୦ ଘଣ୍ଟିକା ପର୍ଯ୍ୟନ୍ତ। ଟେଣ୍ଡରଗୁଡ଼ିକର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ଏବଂ ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି"। (PR-1228)

## SAHEED LAXMAN NAYAK MEDICAL COLLEGE & HOSPITAL, KORAPUT

Walk-in-Interview for the Post of JR, SR, Assistant Professor, Associate Professor and Professor on Contractual Basis/Deputation Basis

### WALK-IN-INTERVIEW

No. E-801: Eligible candidates are invited for Walk-in-Interview for the Post of JR, SR, Assistant Professor, Associate Professor and Professor on Contractual/Deputation Basis for SLNMCH, Koraput. The Walk-in-Interview is scheduled to be held on **19.03.2025 at 10.30 A.M.** in the Office of the Dean & Principal, SLNMCH, Koraput. The details eligibility criteria, selection procedure, application form alongwith other terms and conditions are available in our official website i.e. **www.slnmch.nic.in**.

Sd./- Dean & Principal
SLNMCH, Koraput

OIPR-10121/11/0026/2425

## COLLECTORATE : NABARANGPUR

(DISTRICT PROJECT MANAGEMENT UNIT (MDM), NABARANGPUR)

No. 1502 /S&ME (MDM)-06/VI/2025 Dated : 11/03/2025

TENDER CALL NOTICE

Sealed Tenders are invited in the prescribed form from the intending Firms / Individuals/ Company / Corporations/ Agents having Common Carrier License for engagement of Transporting Contractor under Mid-Day Meal Programme for transportation of rice from OSCSC Ltd. Godown points to schools/ WSHGs/ SHGs point in individual blocks of Nabarangpur district during the financial year 2025-26. The tender paper containing detail terms and conditions, Cost of tender paper, EMD, Solvency Certificate and statutory requirements etc. which can be downloaded from the district website: http//www.nabarangpur.odisha.gov.in. The tender paper complete in all respect along with required documents in sealed cover superscribed as "TENDER FOR ENGAGEMENT OF TRANSPORTING AGENT UNDER PM POSHAN (MDM) SCHEME FOR________BLOCK FOR THE FINANCIAL YEAR 2025-26" addressed to the District Education Officer, Nabarangpur, Po/Ps/Dist: Nabarangpur, Pin-764059 should be sent by Speed post/ Registered post/Courier only so as to reach on or before 27.03.2025 at 05.00 P.M. The tender paper received beyond the stipulated date and time shall not be taken into consideration.

The undersigned reserves the right to reject or cancel all the tenders or any part of it without assigning any reasons thereof.

Sd./- Collector & District Magistrate, Nabarangpur

## OFFICE OF THE SUPERINTENDING ENGINEER

PUBLIC WORK DEPARTMENT, BILASPUR CIRCLE, BILASPUR, CHHATTISGARH

### निविदा निरस्तीकरण सूचना

इस कार्यालय के निविदा आमंत्रण सूचना क्रमांक 302 दिनांक 24.12.2024, निविदा आमंत्रण सूचना क्रमांक 332, 333 दिनांक 08.01.2025 एवं निविदा आमंत्रण सूचना क्रमांक 337 दिनांक 10.01.2025 को अपरिहार्य कारणवश निरस्त किया जाता है।

स्वा./- अधीक्षण अभियंता
लोक निर्माण विभाग
बिलासपुर मण्डल, बिलासपुर

G-242505914/2

## ଭାରତ ସରକାର / Government of India

ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

ଫର୍ମ ନଂ. ଏସ୍‌ଟିକେ-୬

### ସର୍ବସାଧାରଣ ବିଜ୍ଞପ୍ତି

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ-ଧାରା (୨) ଏବଂ ଉପ-ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆରଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୪-୨୫/୧୭୬୭ ତାରିଖ:- ୦୩।୦୨।୨୦୨୫

**ସନ୍ଦର୍ଭ:** (୧) କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୭)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୨୨୯୦୯୨୭ | ୟୁ୭୪୯୨୦ଓଆର୍୧୯୯୬ପିଟିସି୦୦୪୬୧୭ | ପିଆର୍ କନ୍‌ସଲ୍‌ଟାଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୨ | ଏବି୨୨୩୬୬୭୨ | ୟୁ୮୫୧୧୦ଓଆର୍୨୦୧୫ପିଟିସି୦୧୯୬୩୩ | ରୋହନ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍ |
| ୩ | ଏବି୨୪୭୧୩୨୦ | ୟୁ୪୫୩୦୯ଓଆର୍୨୦୧୬ପିଟିସି୦୨୫୫୫୯ | ରେଲିଭାନ୍ସ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୪ | ଏବି୨୪୨୩୭୧୫ | ୟୁ୭୪୯୯୯ଓଆର୍୨୦୧୭ପିଟିସି୦୨୬୨୮୩ | ମଙ୍ଗୁଜ୍ ଇଣ୍ଡିଆ ପ୍ରଡକ୍ଟସ୍ ଆଣ୍ଡ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ |
| ୫ | ଏବି୨୩୩୮୩୮୯ | ୟୁ୬୦୨୩୨ଓଆର୍୨୦୦୮ପିଟିସି୦୧୦୧୫୯ | ଏଏମ୍‌ସିଡି ଟ୍ରାନ୍ସପୋର୍ଟ ଆଣ୍ଡ ମିନେରାଲ୍ ପ୍ରାଇଭେଟ୍ ଲିମିଟେଡ୍ |
| ୬ | ଏବି୨୪୩୩୧୧୭ | ୟୁ୧୫୪୦୦ଓଆର୍୨୦୨୨ପିଟିସି୦୩୮୯୦୩ | କମଳଲୋଚନ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ |
| ୭ | ଏବି୨୪୮୦୭୦୨ | ୟୁ୭୦୨୦୦ଓଡି୨୦୨୩ପିଟିସି୦୪୩୪୫୫ | ଚେଞ୍ଜଭର୍ସ ଆଡ୍‌ଭାଇଜର୍ସ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ-ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି।

(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି।

(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି।

ଇର୍କନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରାନ୍ୱିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0764/2425

## GOVERNMENT OF ODISHA

OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR

Mail id: seccbbsr@gmail.com

**E-Procurement Tender Call Notice No. 20 of 2024-25**

No. 1210 (Estg.) Bhubaneswar the 7th March 2025

No. B-1070: The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for four number of Annual Comprehensive Maintenance Plan of roads to be received in online bidding, double cover system as detailed in **https://tendersodisha.gov.in**. The details of bid documents will be available in the above website from 5.00 P.M. of 17.03.2025 to 5.00 P.M. of 27.03.2025. The bidders must possess compatible Digital Signature Certificate of Class-II or III. Bids received online shall be opened at 11.00 A.M. of 28.03.2025 in the Office of the Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal **www.tendersodisha.gov.in**.

Addendum/Corrigendum, if required, will be available only in the website.

Sd./- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar

OIPR-34156/11/0023/2425

## Govt. of Jharkhand

OFFICE OF THE EXECUTIVE ENGINEER

Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002

e-mail— eercdapfsdran-jhr@nic.in

e-Procurement very Short Notice
3rd Call

e-Tender Reference No .-RCD/FSD /AP/ RAN/71/24-25 Dated 11.03.2025

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of road Bhikhari chowk (on Gola -Muri road) to Muri Station road including replacement of culverts and bridges, proposal of new culverts and bridges, complete Land Acquisition Proposal including ownership details Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Ranchi in the state of Jharkhand from Consultants empanelled in Category -I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Work completion time | 30 Days |
| 3- | Tentative Length | 04.00 km |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs- 10,000/- (Rupees Ten Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 17.03.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 24.03.2025, 12.30 PM |
| 7- | Date and Timing of Bid opening | 25.03.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi - 834002, Mobile No - 8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10 | PR No | 346996 Road (24-25) |

For further information please go through the website http://jharkhandtenders.gov.in

Executive Engineer Field Survey Division,A.P
Road Construction Department,Ranchi

PR 348460 Road(24-25)D

## କୋଶଳବାଦୀ ୪ ନେତା ଅଟକ

ବଲାଙ୍ଗୀର,(ବୀରେନ୍ଦ୍ର କୁମାର ଝାଙ୍କର): ବେଲପଡା ଥାନା ଅନ୍ତର୍ଗତ ବିଭିନ୍ନ ଗାଁର ୪ ଜଣ କୋଶଳବାଦୀ ନେତାଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡିଛି। ସମ୍ବଲପୁରଠାରେ ଆୟୋଜିତ ସୁଭଦ୍ରା କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କ ବିବାଦୀୟ ମନ୍ତବ୍ୟ ପରେ ବଲାଙ୍ଗୀର ଜିଲାରେ କୋଶଳ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରି ବିଧାୟକ ମିଶ୍ରଙ୍କୁ ସମର୍ଥନ କରିଥିଲେ। ଏପରି କି ବିଧାନସଭା ଘେରାଉ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହାକୁ କେନ୍ଦ୍ର କରି ୪ ଜଣ ଯୁବନେତାଙ୍କୁ ପୋଲିସ ବେଲପଡା ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡିଛି।

**ସଂକ୍ଷେପରେ**

## ମହିଳାଙ୍କୁ ମିଳୁନି ନ୍ୟାୟ: ଏସ୍‌ପିଙ୍କ ଦ୍ୱାରସ୍ଥ

ବଲାଙ୍ଗୀର,୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)

ପୁଇଁତଲା ଥାନା ବୁଢ଼ୀସିଙ୍ଘୋଲ ଗ୍ରାମର ତିନୋଟି ଏସ୍‌ଏଚ୍‌ଜିର ମହିଳାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଠକେଇର ଶିକାର ହୋଇଥିବା ମହିଳାମାନେ ବୁଧବାର ବଲାଙ୍ଗୀର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସେମାନେ କହିଛନ୍ତି ଯେ, ଗତବର୍ଷ ପାଟଣାଗଡ ଅଞ୍ଚଳର ଜଣେ ଯୁବକ, ଲୋଇସିଂହା ଥାନା କୁଶଙ୍ଗ ଗ୍ରାମର ଜଣେ ମଧ୍ୟସ୍ଥିଙ୍କ ଜରିଆରେ ବୁଢ଼ୀସିଙ୍ଘୋଲ ଗାଁରେ ପହଞ୍ଚି ତିନୋଟି ଏସ୍‌ଏଚ୍‌ଜି ମହିଳା ସଦସ୍ୟାଙ୍କୁ ଭେଟିଥିଲେ। ପ୍ରେସ୍ ଖଲିଦନା ତିଆରି କଲେ ସେମାନେ ଅଧିକ ଲାଭବାନ ହେବେ ଏବଂ ରିହାତି ଦରରେ ସେ ମେଶନ ଯୋଗାଇ ଦେବେ ବୋଲି କହିଥିଲେ। ତାଙ୍କ କଥାରେ ପଡି ମହିଳାମାନେ ତାଙ୍କୁ ଆଡଭାନ୍ସ ଆକାରରେ ପ୍ରାୟ ୬ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଟଙ୍କା ନେବା ପରେ ସେ ଆଉ ଧରାଛୁଆଁ ଦେଉନାହାନ୍ତି।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ମୁରିବାହାଲ/କଣ୍ଟାବାଞ୍ଜି, (ଶ୍ରୀବତ୍ସ ବେହେରା/ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଲଖନା ଗ୍ରାମ ପଞ୍ଚାୟତ ବ୍ରାହ୍ମଣୀ ଗ୍ରାମରେ ସାପ କାମୁଡାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଦିଗମନ ଭୋଇ(୬୨)। ଖାଇବା ପାଇଁ ବସିଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲାଠୋର,୧୨।୩(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମର ହାଟପଦାପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖପ୍ରାଖୋଲ ଅତିରିକ୍ତ ଶିକ୍ଷା ଅଧିକାରୀ ମିନକେତନ ବରିହା ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଜାମଗୁଆଁ କେନ୍ଦ୍ର ସଂଯୋଜକ ସତ୍ୟବ୍ରତ ବେହେରା ଓ ସମ୍ମାନିତ ଅତିଥି ଭାବେ ଲାଠୋର କେନ୍ଦ୍ର ସଂଯୋଜକ ଚକ୍ରଧର ଭୋଇ,ସଦାନନ୍ଦ ବେହେରା, ଭୁବନେଶ୍ୱର ବାରିକ, କପିଳ ସୁନା ଏବଂ କ୍ରିଷ୍ଣା ସେଠୀ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଅତିଥିମାନଙ୍କୁ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତ ଭାଷଣ ଦେଲା ପରେ ଅତିଥି ମାନେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଆମ ଦୈନନ୍ଦିନ ଜୀବନରେ ମାଟି ଏବଂ ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀର ବହୁଳ ଭାବେ ଆବଶ୍ୟକତା ରହିଛି। ଛାତ୍ରୀଛାତ୍ର ସେସବୁ ସାମଗ୍ରୀ କେମିତି ତିଆରି କରିବେ ସେ ଉପରେ ଝଲିଆଲିଟି ଗ୍ରାମର ୩ ମହିଳା କାରିଗର ଯମୁନା ଝାରମାଝୀ,ରଇବାରି ଝାରମାଝୀ, ଫୁଲମତି ଝାରମାଝୀ ଶିକ୍ଷାଦାନ କରିଥିଲେ। ବିଦ୍ୟାଳୟ ପକ୍ଷରୁ ସେମାନଙ୍କୁ ମାନପତ୍ର ସହ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ‘ନକଲି ଆଦିବାସୀଙ୍କୁ ହଟାଅ, ଗନ୍ଧମାର୍ଦ୍ଦନକୁ ସୁରକ୍ଷା ଦିଅ’

ବଲାଙ୍ଗୀର,୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)


କୋଶଳ କଳାମଣ୍ଡଳ ପଡିଆରେ ଅନୁଷ୍ଠିତ ବୈଠକରେ ମଞ୍ଚାସୀନ ସଦସ୍ୟା ସଦସ୍ୟ ।

**ଆଦିବାସୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର**

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ କୋଶଳ କଳାମଣ୍ଡଳ ପଡିଆରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାରେ ଆଦିବାସୀ କଲ୍ୟାଣ ସଂଘ ସଭାପତି ସତ୍ୟ ନାରାୟଣ ଭୋଇ, ସାଧାରଣ ସମ୍ପାଦକ ପୁରୁଷୋତ୍ତମ ଧରୁଆ, ବ୍ଲକ ସଭାପତି ଅଷ୍ଟରତ୍ନ ବରିହା, କ୍ଷମାନିଧି ଦଳପତି, ମୟ ପ୍ରଧାନୀ, ଲକ୍ଷ୍ମୀଧର ଧରୁଆ, ଧୀନା ଭୋଇ, ନିରୁପମା ମାଝି, ଦୁଃଖିଶ୍ୟାମ ଭୋଇ, ଯଥା ବିଶ୍ୱାଳ, ଦଇତାରୀ ଭୋଇ, ଶ୍ରୀଧର ମାଝି, ମମତା କୁମ୍ଭାର, ବିଶିକେଶନ ମିର୍ଦ୍ଧା, ଦିଲୀପ ଭୋଇ, କ୍ଷୀରୋଦ ନାଗ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସଭାରେ ଭୋଇ କହିଥିଲେ, ନକଲି ଆଦିବାସୀ ନ ହଟାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ । ୩୦୦ରୁ ଉର୍ଦ୍ଧ୍ୱ ନକଲି ଆଦିବାସୀଙ୍କୁ ଚିହ୍ନଟ କରାଯାଇ ପ୍ରଶାସନ ଜରିଆରେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଯାବତ୍ ମାତ୍ର ୮୦ ଜଣ ନକଲି ଆଦିବାସୀଙ୍କୁ ବହିଷ୍କାର କରାଯାଇଛି। ଅନ୍ୟ ନକଲି ଆଦିବାସୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ପ୍ରକୃତ ଆଦିବାସୀମାନେ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ସମସ୍ତ ନକଲି ଆଦିବାସୀଙ୍କୁ ସରକାର ହଟାନ୍ତୁ ବୋଲି ସେ କହିଥିଲେ। ଗନ୍ଧମାର୍ଦ୍ଦନ ପାହାଡ ହଜାର ହଜାର ଆଦିବାସୀଙ୍କ ଜୀବନ ଜୀବିକାର ଉତ୍ସ। ସେଠାରେ କୌଣସି ପ୍ରକାର ଖଣି ଖନନକୁ ବିରୋଧ କରାଯିବ। ଗନ୍ଧମାର୍ଦ୍ଦନ କୌଣସି କମ୍ପାନୀକୁ ଦିଆଗଲେ ସଂଘ ପକ୍ଷରୁ ଜୋରଦାର ବିରୋଧ କରାଯିବ ବୋଲି କହିଥିଲେ। ପାଟଣାଗଡ ଅଞ୍ଚଳର ପ୍ରସ୍ତାବିତ ସାଲେପାଲି ଖଣି ଖନନକୁ ବନ୍ଦ କରିବାକୁ ଦାବି କରିଥିଲେ। ସାଧାରଣ ସମ୍ପାଦକ ଧରୁଆ ଗ୍ରାମାଞ୍ଚଳରେ ଥିବା ସରକାରୀ ସ୍କୁଲ ଓ କଲେଜରେ ଆବଶ୍ୟକ ଶିକ୍ଷକ, ଅଧ୍ୟାପକ ନିଯୁକ୍ତି କରାଯାଉ ନ ଥିବାରୁ ଶିକ୍ଷା ବିପର୍ଯ୍ୟସ୍ତ ହୋଇପଡିଛି। ଏଣୁ ତୁରନ୍ତ ଆବଶ୍ୟକ ଶିକ୍ଷକ, ଅଧ୍ୟାପକ ନିଯୁକ୍ତ କରାଯାଉ। ଆଦିବାସୀ ଗାଁକୁ ବିଜୁଳି, ପାଣି, ସଡକ ସଂଯୋଗ କରାଯାଉ। ଏହାଛଡା ସଂରକ୍ଷଣ ବ୍ୟବସ୍ଥାକୁ ଠିକ ଭାବେ କାର୍ଯ୍ୟକାରୀ କରିବା, ଜଙ୍ଗଲ ଜମି ପଟ୍ଟା, ଗୋଷ୍ଠୀଗତ ପଟ୍ଟା ଶୀଘ୍ର ଦିଆଯାଉ ବୋଲି ଦାବି କରିଥିଲେ। ସଭା ପରେ ଆଦିବାସୀ ସଂଘ ସଦସ୍ୟାସଦସ୍ୟମାନେ ଏକ ରାଲିରେ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

## କଣ୍ଟାବାଞ୍ଜିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଆଲୋଚନାଚକ୍ର

କଣ୍ଟାବାଞ୍ଜି,୧୨।୩ (ଗୁରୁ ଦୟାଲ ହଂସ)

**କଣ୍ଟାବାଞ୍ଜି ମାଟିର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ରେଲବାଇ ଫୁଟବଲ ଗ୍ରାଉଣ୍ଡରେ ଚାଲିଥିବା କଣ୍ଟାବାଞ୍ଜି ମାଟିର ମହୋତ୍ସବର ମଙ୍ଗଳବାର ଥିଲା ଦ୍ୱିତୀୟ ସନ୍ଧ୍ୟା । ଏହି ଅବସରରେ ମହୋତ୍ସବର ସମ୍ପାଦକ ତଥା ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ସଂଯୋଜନାରେ କଣ୍ଟାବାଞ୍ଜିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାଚକ୍ରରେ ବରିଷ୍ଠ ଆଇନଜୀବୀ ମୋହନଲାଲ ଶର୍ମା, ବିଷ୍ଣୁପ୍ରସାଦ ଶର୍ମା, ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ତଥା ଶିକ୍ଷାବିତ୍ ଜଳନ୍ଧର ମହାକୁଡ, ବରିଷ୍ଠ ସାମ୍ବାଦିକ ରାଜୀବ କୁମାର ସଗରିଆ, ଅଧ୍ୟାପକ ରମେଶ ମହାନନ୍ଦ, ବରିଷ୍ଠ ଭାଜପା ନେତା ଶିବାଜୀ ମହାନ୍ତି, ଶିକ୍ଷାବିତ୍ ବ୍ରଜେଶ ମିତଲ ଆଲୋଚକ ଭାବେ ଯୋଗ ଦେଇଥିଲେ। କଣ୍ଟାବାଞ୍ଜିର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସ୍ଥିତି ଉପରେ ଆଲୋଚକମାନେ ନିଜର ମତାମତ ରଖିଥିଲେ। ସେହିପରି ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ମୁଖ୍ୟଅତିଥି ଭାବେ ଗିରିରାଜ ସିଂ ମାଝି, ସମ୍ମାନିତ ଅତିଥି ଭାବେ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଳା ବେହେରା, ମୁରିବାହାଲ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେର, ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରା, କଣ୍ଟାବାଞ୍ଜି ତହସିଲଦାର ବିଶ୍ୱନାଥ ଖାଲକୋ, ଏନଏସି ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା,ମହୋତ୍ସବ ସାଂସ୍କୃତିକ ସମ୍ପାଦକ ରଶ୍ମିରଞ୍ଜନ ପୁଟେଲ, ପୁରନ୍ଦର ବାଗ ଓ ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡ. ଯୁଗଳ କିଶୋର ଷଡଙ୍ଗୀ ମଞ୍ଚାସୀନ ଥିଲେ। କଣ୍ଟାବାଞ୍ଜି ସହରର ମାଟିର ସୁରକ୍ଷା ତଥା ସ୍ୱଚ୍ଛ, ନିର୍ମଳ ପରିବେଶ ପାଇଁ ଗଛଟିଏ ଲଗାଇ ପାରିଲେ ହିଁ ମାଟିର ମହୋତ୍ସବ ସଫଳ ହେବ ବୋଲି ଏନଏସି ନିର୍ବାହୀ ଅଧିକାରୀ ଦଣ୍ଡସେନା ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ଅବସରରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲା ।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିବେ ୭ ଜଣିଆ ଚାଷୀ ପ୍ରତିନିଧି

ଲୋଇସିଂହା,୧୨।୩(ସୁଶାନ୍ତ ବାରିକ)

**ଲୋୟର ସୁକ୍‌ତେଲ ପ୍ରକଳ୍ପ ଜଳସେଚନରୁ ବାଦ୍ ପଡିବା ଘଟଣା**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ରୁଗୁଡିଖାଲ ରାମମନ୍ଦିର ପ୍ରାଙ୍ଗଣରେ ଲୋଇସିଂହା ଓ ଆଗଲପୁର ବ୍ଲକ ମିଳିତ କୃଷକ ସଂଘର୍ଷ ସମିତିର ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ରତ୍ନାକର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଥିରେ ସଂଘର୍ଷ ସମିତିର ସକ୍ରିୟ ସଦସ୍ୟ ଉପସ୍ଥିତ ରହି ରାଜ୍ୟ ସରକାର କିପରି ଲୋୟର ସୁକତେଲ ଜଳସେଚନରୁ ବାଦ ପଡୁଥିବା ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକର ୧୧ ପଞ୍ଚାୟତର ଜମିକୁ ଜଳସେଚନ ପାଇଁ ପଦକ୍ଷେପ ନେବେ ସେ ନେଇ ଆଲୋଚନା କରିଥିଲେ। ନିକଟରେ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏକ ୭ ଜଣିଆ ଚାଷୀ ପ୍ରତିନିଧି ଭେଟିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଜୀବନ ରେଖା କୁହାଯାଉଥିବା ଲୋୟର ସୁକତେଲ ପ୍ରକଳ୍ପରୁ ଲୋଇସିଂହା, ବଲାଙ୍ଗୀର ଓ ସୋନପୁର ନିର୍ବାଚନମଣ୍ଡଳୀର ୪୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷ ଜମିକୁ ଜଳସେଚନ ଲକ୍ଷ୍ୟ ରଖାଯାଇଛି। ଜଳସେଚନ ପାଇଁ ଏବେ ଜୋରସୋରରେ ପାଇପ ପିଛା କାମ ଚାଲିଛି।

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋୟର ସୁକତେଲ ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ। ସେତେବେଳେ ବିରୋଧୀ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ୨୦୨୪ ସାଧାରଣ ନିର୍ବାଚନରେ ଏହାକୁ ପ୍ରସଙ୍ଗ କରିବା ସହ ଭାଜପା ସରକାର ଆସିଲେ ଡିପିଆର ପରିବର୍ତ୍ତନ କରି ବାଦ ପଡୁଥିବା ଅଞ୍ଚଳରେ ଜଳସେଚନ ପାଇଁ ପଦକ୍ଷେପ ନିଆଯିବ ବୋଲି କୁହାଯାଇଥିଲା। ନିର୍ବାଚନରେ ଭାଜପା ସଂଖ୍ୟା ଗରିଷ୍ଠତା ଲାଭ କରିବା ସହିତ ରାଜ୍ୟରେ ସରକାର ଗଠନ କରିଛି। ବିଧାୟକ ମୁକେଶ ମହାଲିଙ୍ଗ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ସହିତ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ମନ୍ତ୍ରୀମଣ୍ଡଳରେ ଶପଥ ନେବା ପରେ ୨୦୨୪ ଜୁନ ୨୭ ତାରିଖରେ ଲୋଇସିଂହା ଗସ୍ତ କରିଥିଲେ। ସେହିଦିନ ରୁଗୁଡିଖାଲ ରାମମନ୍ଦିରଠାରେ ମିଳିତ କୃଷକ ସଂଘର୍ଷ ସମିତି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେତେବେଳେ ମନ୍ତ୍ରୀ ମହାଲିଙ୍ଗ ନିର୍ବାଚନ ପ୍ରଚାର ସମୟର କଥାକୁ ଦୋହରାଇବା ସହ ଖୁବଶୀଘ୍ର ଏକ ଏକ୍ସପର୍ଟ କମିଟି ଗସ୍ତ କରି ଜଳସେଚନ ପାଇଁ ସର୍ଭେ କରିବେ ବୋଲି କହିଥିଲେ। ଇତିମଧ୍ୟରେ ୯ ମାସ ବିତି ଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏଣୁ ସଂଘର୍ଷ ସମିତି ପକ୍ଷରୁ ଏ ନେଇ ମନ୍ତ୍ରୀ ମହାଲିଙ୍ଗଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଗାମୀ ରଣନୀତି ଉପରେ ବୈଠକରେ ଆଲୋଚନା ହୋଇଥିଲା।

## ସ୍ୱଚ୍ଛତା ହିଁ ସେବା ଆଲୋଚନାଚକ୍ର

ଦେଓଗାଁ,୧୨।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ସାଲେପାଲି ଗ୍ରାମ ମଙ୍ଗଳ ପାଠାଗାର ଦ୍ୱାରା ପରିଚାଳିତ ଶିଶୁ ଯତ୍ନ ଅନୁଷ୍ଠାନଠାରେ ସ୍ୱଚ୍ଛତା ହିଁ ସେବା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ସମିତି ପିଓଆଇସି ସଭାପତି ଆଶିଷ ନାଏକ, ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ମିଶ୍ର, ସାଲେପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅରବିନ୍ଦ କୁମ୍ଭାର ଏବଂ ପାଠାଗାରର ପ୍ରକଳ୍ପ ସଂଯୋଜକ ନନ୍ଦିକିଶୋର ଷାଣ୍ଢ ଯୋଗଦେଇ ଶିଶୁମାନଙ୍କୁ ସ୍ୱଚ୍ଛତା ବିଷୟରେ କହିଥିଲେ। ଅନୁଷ୍ଠାନର ଅନ୍ତେବାସୀ ଶିଶୁମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିବା ସହ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମକୁ ଶିବ ପ୍ରସାଦ ସାହୁ ସଂଯୋଜନା କରିଥିବା ବେଳେ ସୁରେଶ ମହାକୁର ଧନ୍ୟବାଦ ଦେଇଥିଲେ। ଶିଶୁ ଯତ୍ନ ଅନୁଷ୍ଠାନର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ଧଣ୍ଡାମୁଣ୍ଡାରେ ୮୬ ତମ ଦୋଳ ମହୋତ୍ସବ ଆରମ୍ଭ

ଖପ୍ରାଖୋଲ,୧୨।୩(ଅଭୟ ତ୍ରିପାଠୀ)



ଖପ୍ରଖୋଲ ବ୍ଲକ ଧଣ୍ଡାମୁଣ୍ଡା ଗାଁରେ ୮୬ ତମ ଦୋଳ ମହୋତ୍ସବ ବୁଧବାର ଆରମ୍ଭ ହୋଇଛି। ଏହି ଅବସରରେ ୧୬ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟାରେ ରାଧାକୃଷ୍ଣଙ୍କୁ ସୁସଜ୍ଜିତ ବିମାନରେ ବସାଇ ମନ୍ଦିରକୁ ନିଆଯାଇଥିଲା। ଚଳିତବର୍ଷ ମହୋତ୍ସବକୁ ଆକର୍ଷଣୀୟ କରିବା ପାଇଁ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି। ଏହି ଅବସରରେ ପ୍ରତି ରାତିରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ରଖାଯାଇଛି ବୋଲି ସଭାପତି ପଞ୍ଚାନନ ସାହୁ, ସମ୍ପାଦକ କ୍ଷୀରୋଦ ପଧାନ ପ୍ରକାଶ କରିଛନ୍ତି । ପୂଜକ ଭାବେ ବୈଦ୍ୟନାଥ ମିଶ୍ର, କମଳାପତି ମିଶ୍ର, କଙ୍ଗନମୟ ମିଶ୍ର, ଜୀବନମୟ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି । ସେହିପରି ମିନାବଜାର, ବିଭିନ୍ନ ପ୍ରକାର ଦୋଳି, ପ୍ରଜ୍ଞାପନ ମେଢ ଆଦି ପ୍ରଦର୍ଶିତ ହୋଇଛି।

## ନିଆଁ ଲାଗି ଜଳିଗଲା ୫ ଚାଷୀଙ୍କ ଆଖୁ କିଆରି

ଲୋଇସିଂହା,୧୨।୩(ସୁଶାନ୍ତ ବାରିକ)


ଜଳି ଯାଇଥିବା ଆଖୁ କିଆରି ।

ବୁଧବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛେଲବାହାଲ ଗ୍ରାମର ୫ଜଣ ଚାଷୀଙ୍କ ଆଖୁ କିଆରିରେ ନିଆଁ ଲାଗି ଆଖୁ ଫସଲ ନଷ୍ଟ ହୋଇଯାଇଛି । ଯୋଗୀସର୍ଡା ରାଜସ୍ୱ ନିରୀକ୍ଷକ କ୍ଷେତ୍ର ପରିଦର୍ଶନ କରି କ୍ଷୟକ୍ଷତି ଆକଳନ କରିଥିବା ଜଣାଯାଇଛି। ଯୋଗୀସର୍ଡା ପଞ୍ଚାୟତ ଅଧୀନ ଛେଲବାହାଲ ଏକ କୃଷି ପ୍ରଧାନ ଗାଁ। ଏହି ଗାଁର ଜମିରେ ଖରିଫରେ ମୁଖ୍ୟତଃ ଧାନ ସହିତ ଆଖୁ ଓ ବିଭିନ୍ନ ପନିପରିବା ଚାଷ ହେଉଛି। ଏବେ ଆଖୁ ଅମଳ ସମୟ । ତେବେ ଛେଲବାହାଲ କୁମୁଣ୍ଡେ ରାସ୍ତାର ଟିଙ୍ଗରାସର୍ ଅଞ୍ଚଳରେ ଥିବା ସୁରୁ ମହାକୁର, ଚକା ମହାକୁର, କାଇଁରୁ ମହାକୁର, ରାଇଟର ପଧାନ ଓ ବଳିଙ୍ଗ ପଧାନଙ୍କ ଆଖୁ କିଆରିରେ ମଧ୍ୟାହ୍ନ ସମୟରେ ନିଆଁ ଲାଗିଯାଇଥିଲା। ଚାଷୀଙ୍କ କହିବା ଅନୁଯାୟୀ, କିଆରୀରୁ ଅଧ କିମି ଦୂର ନଦୀମୁହାଣ ଅଞ୍ଚଳରୁ ନିଆଁ ଝୁଲ ଉଡି ନିଆଁ ଲାଗି ଯାଇଥିଲା। ଖରା ସାଙ୍ଗକୁ ପବନ ବହୁଥିବାରୁ ଅଳ୍ପ ସମୟ ମଧ୍ୟରେ ନିଆଁ ବ୍ୟାପି ଯାଇଥିଲା। ଚାଷୀମାନେ ନିଆଁକୁ ଆୟତ୍ତ କରିବାରେ ବିଫଳ ହେବାରୁ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ । ହେଲେ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ଆଖୁ କିଆରି ପୋଡି ଛାରଖାର ହୋଇଯାଇଥିଲା ବୋଲି କ୍ଷତିଗ୍ରସ୍ତ ଚାଷୀମାନେ କହିଛନ୍ତି। ଚାଷୀ ସୁରୁ ଚାଷ ଜମି ହିଡ଼ରେ ଲଗାଇଥିବା ହରଡ ଡାଲି ଫସଲ ମଧ୍ୟ ପୋଡି ନଷ୍ଟ ହୋଇଥିବା ଜଣାଯାଇଛି।

## ଖରାତାତିର ମୁକାବିଲା ନେଇ ପ୍ରସ୍ତୁତି

ଟିଟିଲାଗଡ଼,୧୨।୩(ଶରତ ମିଶ୍ର)

ମାର୍ଚ୍ଚ ପ୍ରଥମ ସପ୍ତାହରୁ ଟିଟିଲାଗଡ଼ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟାରେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ସଭାଗୃହରେ ଉପଖଣ୍ଡ ପ୍ରଶାସନର ବିଭିନ୍ନ ବ୍ଲକର ଅଧିକାରୀ, କର୍ମଚାରୀଙ୍କ ସହ ଖରାତାତିର ମୁକାବିଲା ତଥା ଜନଜୀବନ ସୁରକ୍ଷା ନେଇ ଆଲୋଚନା କରିବା ସହ ବିଭିନ୍ନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ବିଶେଷ କରି ଲୋକଙ୍କ ପାଇଁ ପାନୀୟ ଜଳର ସୁବ୍ୟବସ୍ଥା, ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ରଗୁଡିକରେ ବିଶେଷ ସାବଧାନତା, ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ଆକ୍ରାନ୍ତଙ୍କ ତ୍ୱରିତ ଚିକିତ୍ସା ବ୍ୟବସ୍ଥା, ପ୍ରାଣୀ ସମ୍ପଦଙ୍କ ସୁରକ୍ଷା ଆଦି ନେଇ ବିଶେଷ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅଂଶୁଘାତ ଆକ୍ରାନ୍ତଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଶୀତତାପ ନିୟନ୍ତ୍ରିତ କକ୍ଷ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସହର ତଥା ଗ୍ରାମାଞ୍ଚଳ ଛକଗୁଡିକରେ ଆବଶ୍ୟକ ଅନୁଯାୟୀ ଜଳଛତ୍ର ବ୍ୟବସ୍ଥା, ଜଳକ୍ଲିଷ୍ଟ ଗ୍ରାମକୁ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଇଁ ପ୍ରସ୍ତୁତ ରହିବାକୁ ଉପଖଣ୍ଡ ଅନ୍ତର୍ଗତ ୫ଟି ବ୍ଲକର ବିଡ଼ିଓ, ଗ୍ରାମ୍ୟ ଜଳଯୋଗାଣ ବିଭାଗ ଅଧିକାରୀଙ୍କୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତରେ ଶୂନ୍ୟ ମୃତ୍ୟୁହାର ନେଇ ବ୍ୟାପକ ସଚେତନତା ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ସହକାରୀ ଜିଲାପାଳ ସନ୍ଦୀପ ଚନ୍ଦ୍ରକାର, ଟିଟିଲାଗଡ଼ ବିଡ଼ିଓ ଚନ୍ଦ୍ରମଣି ନାଗ, ଏସଡ଼ିପିଓ ଯଶୋବନ୍ତ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ।

## ଶତାଧିକ ଦେଶୀ ବିହନ ପ୍ରଦର୍ଶିତ

ଖପ୍ରାଖୋଲ,୧୨।୩(ଅଭୟ ତ୍ରିପାଠୀ)


ମେଳା ଅବସରରେ ଯୋଗ ଦେଇଥିବା ମହିଳା ।

**■ପାରମ୍ପରିକ ବିହନ ଓ ଖାଦ୍ୟ ମେଳା**
**■ଦେଶୀ ବିହନ ବାଣ୍ଟିଲେ ଚାଷୀ**

ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଜମୁନାପାଲି ଗାଁ ଆମ୍ବ ବଗିଚାଠାରେ ଆରସିଡିସି ଓ ଖାଦ୍ୟ ସୁରକ୍ଷା ମହାସଂଘର ମିଳିତ ଉଦ୍ୟମରେ ବୁଧବାର ପାରମ୍ପରିକ ବିହନ ଓ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବିହନ ରଥ ଓ ବିହନ କଳସ ଶୋଭାଯାତ୍ରା ଗାଁ ପରିକ୍ରମା କରିବା ପରେ ସଭାସ୍ଥଳରେ ପହଞ୍ଚି ଥିଲା। ଏହି ଅବସରରେ ଦେବରାଜ ଭୁଏଁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ସୁଖିରାମ ସାଣ୍ଡ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତେଲେନପାଲି ସରପଞ୍ଚ ଶକୁନ୍ତଳା ବେହେରା, ରେଙ୍ଗାଲି ସରପଞ୍ଚ ଉମାକାନ୍ତ ମେହେର, ଜିଲା ଜଙ୍ଗଲ ସୁରକ୍ଷା ଫୋରମ ଆବାହକ କୁଳମଣି ସାହୁ, ଆରସିଡ଼ିସି ଜିଲା ସଂଯୋଜକ ଶମ୍ଭୁ ସାହୁ, ଶ୍ରୀ ଅନ୍ନ ଅଭିଯାନ ବ୍ଲକ ସଂଯୋଜକ ଉମେଶ କୁମାର ଗୁପ୍ତା, ଏଫଇଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ, ଦେଶୀ ବିହନ ବିଶେଷଜ୍ଞ ସୁଦର୍ଶନ ସାହୁ, ବାବା ରତ୍ନମଣି ଯୋଗ ଦେଇଥିଲେ। ଅତିଥିମାନେ ଦେଶୀ ବିହନ, ଦେଶୀ ଖାଦ୍ୟର ସୁରକ୍ଷା ସହିତ ପାରମ୍ପାରିକ କୃଷି ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ କରିଥିଲେ । ଶହ ଶହ ବର୍ଷ ଧରି ବିନା ରାସାୟନିକ ସାର, କୀଟନାଶକ ପ୍ରୟୋଗରେ ଚାଷ ହୋଇଆସୁଥିବା ବେଳେ ଅଧିକ ଅମଳ ଓ ଅଧିକ ଲାଭ ଲୋଭରେ ପଡି ଚାଷୀ କ୍ଷତି ସହୁଥିବା କହିଥିଲେ। ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଦ୍ୱାରା ମାଟି, ପାଣି, ପବନ ଓ ପରିବେଶ ନଷ୍ଟ ହେଉଥିବାରୁ ବିଭିନ୍ନ ରୋଗ ହେଉଥିବା କହିଥିଲେ। ଏହି ଅବସରରେ ଶତାଧିକ ପ୍ରକାରର ବିଭିନ୍ନ ଦେଶୀ ବିହନ ପ୍ରଦର୍ଶିତ ହୋଇଥିଲା। ସେହିପରି ମହିଳା ଚାଷୀମାନେ ନିଜ ସଂରକ୍ଷିତ ଦେଶୀ ବିହନକୁ ଅନ୍ୟମାନଙ୍କୁ ବାଣ୍ଟିଥିଲେ। ବର୍ଷ ବର୍ଷ ଧରି ଦେଶୀ ବିହନ ସଂରକ୍ଷଣ କରି ରଖିଥିବା ରାୟଗଡ଼ାର ପ୍ରମିଳା କିମ୍ବିକା, ରଞ୍ଜିତା ବିଷ୍ଣା, ସାପମୁଣ୍ଡ ଗାଁର ଗୁଣ ସାଗର ରାୟ, ଶାନ୍ତିଲତା ମାଝୀ, ଗୋଲାପି ବିଶି, ଭୋଜରାଜ ମାଝୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହି ପରି ଗନ୍ଧମାର୍ଦ୍ଦନ ସୁରକ୍ଷା କର୍ମୀ ଟେକେନ୍ଦ୍ର ଜାଲ, ରାଜକୁମାର ସେଠ, ଚାଷୀ ନେତା ମଧୁସୂଦନ ସାହୁ, ଚୈତନ୍ୟ ପଧାନ,ଲକ୍ଷ୍ମୀଧର ନାୟକ, ବିପ୍ର ବିଶି ପ୍ରମୁଖ ଯୋଗ ଦେଇ ଥିଲେ। ଶେଷରେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ‘ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଶୀଘ୍ର ସ୍ଥାୟୀ କର’

ବଲାଙ୍ଗୀର,୧୨।୩(ବୀରେନ୍ଦ୍ର କୁମାର ଝାଙ୍କର)


ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରକୁ ଡେପୁଟି କଲେକ୍ଟର ଗ୍ରହଣ କରୁଛନ୍ତି।

**■ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ**
**■୨୪ରେ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ଗଣବିକ୍ଷୋଭ**

ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ବଲାଙ୍ଗୀର ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ସମସ୍ତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରୀ ନିରାପତ୍ତା ଯୋଗାଇବା, ଛଟେଇ ବନ୍ଦ କରିବା ଏବଂ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା, ନିୟମିତ ଦରମା ପ୍ରଦାନ କରିବା ଏବଂ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସମାନ ସୁବିଧା ସୁଯୋଗ ଦେବା ଦାବିରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ଯାଦବ ଭବନରୁ ଏକ ରାଲିରେ ଜିଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଆଉଟ୍‌ସୋର୍ସିଂ କର୍ମଚାରୀ ସରକାରଙ୍କ ଏହି ଶୋଷଣକାରୀ ପ୍ରଥାକୁ ବିଲୋପ କରିବା ପାଇଁ ସ୍ଲୋଗାନ ଦେଇଥିଲେ। ଦୀର୍ଘ ୧୫ ବର୍ଷ ଧରି ସ୍ୱଳ୍ପ ଦରମାରେ ଆଉଟସୋର୍ସିଂ କର୍ମଚାରୀମାନେ କାମ କରୁଥିଲେ ମଧ୍ୟ ସେମାନଙ୍କୁ ସ୍ଥାୟୀ କରାଯାଉ ନଥିବାରୁ ଏହାକୁ ପ୍ରତିବାଦ କରିଥିଲେ। ଆସନ୍ତା ୧୭ରୁ ୨୧ ଯାଏ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟାଳୟରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବେ ବୋଲି ସୂଚନା ଦେଇଛନ୍ତି। ସରକାର ଦାବି ନ ଶୁଣିଲେ ଆଗାମୀ ୨୪ ତାରିଖରେ ଭୁବନେଶ୍ୱରର ଲୋଅର ପିଏମ୍‌ଜି ଠାରେ ବିଶାଳ ଗଣବିକ୍ଷୋଭ କରାଯିବ ବୋଲି ସୂଚନା ଦେଇଥିଲେ। ବିଗତ କିଛି ବର୍ଷ ହେଲା ଲଗାତାର ଭାବେ ଆଉଟସୋର୍ସିଂ କର୍ମଚାରୀମାନେ ନିଜ ଦାବି ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରି ଆସୁଛନ୍ତି । ବିଜେଡ଼ି ସରକାର ଅଳ୍ପ କିଛି ଦାବି ପୂରଣ କରିବା ସହ ୨୫ ପ୍ରତିଶତ ଦରମା ବୃଦ୍ଧି କରିଥିଲା। ମାତ୍ର ଏହି ବର୍ଦ୍ଧିତ ଦରମା ଅନେକ ବିଭାଗରେ କାମ କରୁଥିବା କର୍ମଚାରୀ ଏପର୍ଯ୍ୟନ୍ତ ପାଇବାରୁ ବଞ୍ଚିତ ହୋଇଥିବା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିରୋଧୀ ଦଳ ମୁଖ୍ୟ ସଚେତକ ଥିଲାବେଳେ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ଏବେ ସେ ମୁଖ୍ୟମନ୍ତ୍ରୀ ଥିବାରୁ ସମସ୍ତ ଦାବି ପୂରଣ ହେବ ବୋଲି କର୍ମଚାରୀମାନେ ଆଶା ବାନ୍ଧିଥିବା କହିଛନ୍ତି। ଡେପୁଟି କଲେକ୍ଟର ପ୍ରଶାନ୍ତ ମହାପାତ୍ର ଦାବିପତ୍ର ଗ୍ରହଣ କରିଥିଲେ। ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ଉପଦେଷ୍ଟା ହେମନ୍ତ କୁମାର ପଣ୍ଡା, ଜିଲା ସଭାପତି ରାଜେଶ ଝାଙ୍କର, ସମ୍ପାଦକ ଚଞ୍ଚଳ ମିଶ୍ର, ଉପସଭାପତି ଦିଲୀପ ସାହୁ, ସୁନୀଲ ମିଶ୍ର, ଆଶୁତୋଷ ବେହେରାମାଳି, ନିରୋଜ ମିଶ୍ର, ସତ୍ୟାନନ୍ଦ ସେଠ୍, ଅଭିଳାଷ ମିଶ୍ର, ରଶ୍ମିରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ଜିଲାର ୧୪ଟି ବ୍ଲକର ଶତାଧିକ ଆଉଟ୍‌ସୋର୍ସିଂ କର୍ମଚାରୀ ଉପସ୍ଥିତ ଥିଲେ।

## ରାମଚରିତ ମାନସ ଉଦ୍‌ଯାପିତ

**ଗାଇସିଲେଟ (ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ଶ୍ରୀଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ମହିଳାଭକ୍ତମାନଙ୍କ ଦ୍ୱାରା ଅନୁଷ୍ଠିତ ସନ୍ଥ ତୁଳସି ଦାଶ ରଚିତ ରାମଚରିତମାନସର ଓଡ଼ିଆ ଅନୁବାଦର ନଅ ଦିନ ବ୍ୟାପି ପାରାୟଣ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ଅରବିନ୍ଦ ପଣ୍ଡା ସ୍ତ୍ରୀ ମିନାପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପଣ୍ଡିତ ଶ୍ରୀୟାକାନ୍ତ ଦାସ ବ୍ୟାସକାର୍ଯ୍ୟ ତୁଲାଉ ଥିଲେ, ଝସକେତନ ଥପା, କୈଳାସ ଥନାପତି, ଜନ୍ମବାବୁ, ବବଲୁବାଗ ସହଯୋଗ କରିଥିଲେ। ମନ୍ଦିର ପୂଜକ ଲଳିତ କୁମାର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଛାତ୍ରୀ ମୃତ

**ଝାରବନ୍ଧ:୧୩।୩(ଦେବେନ୍ଦ୍ର ସାହୁ):** ଝାରବନ୍ଧ ଥାନା ଅଧିନ ଭୈସାଦର୍ହା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବୁଧବାର ଜଣେ କଲେଜ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଝାରବନ୍ଧ କଲେଜର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ବିଣା ଛତର। ଉକ୍ତ ଗ୍ରାମର ଜଣେ ଚାଷୀ ନିଜର ଫସଲକୁ ବଞ୍ଚାଇବା ପାଇଁ ତାର ବାଡ଼ ଦେଇ ସେଥିରେ ବିଦ୍ୟୁତ୍ ସଂଯୋଗ କରିଥିଲେ। ଛାତ୍ରୀ ଜଣକ ନଳକୂପରେ ଗାଧୋଇ ସାରି ତାରବାଡ଼ରେ ରଖିଥିବା ପୋଷାକ ଆଣିବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ଛାତ୍ରୀଙ୍କୁ ମୃତ ଘୋଷଣା କରିଥିଲେ।

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

**ପଦ୍ମପୁର,୧୨।୩(ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ଡଙ୍ଗାଘାଟ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସହ ଅନ୍ୟାନ୍ୟ ଅଷ୍ଟ ଦେବଦେବୀ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ସମ୍ପନ୍ନ ହୋଇଯାଇଛି। ଏଥିରେ ଜଗନ୍ନାଥ ମନ୍ଦିର ସମେତ ମାଉସୀମା' ମନ୍ଦିର, ଅରୁଣ ସ୍ତମ୍ଭ, ଗ୍ରାମ୍ୟଦେବୀ ମନ୍ଦିର, ବୁଢାରଜା ମନ୍ଦିର, ଘଟୁଏନ ବୁଢ଼ୀ ମନ୍ଦିର, ହନୁମାନ ମଣ୍ଡପ, କୁଳିହା କୁଳିହେନ ମନ୍ଦିର ଓ ଶିବଲିଙ୍ଗ ଆଦି ସାତଟି ଦେବଦେବୀ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଗତ ୬ ତାରିଖରୁ ୧୨ତାରିଖ ଯାଏ ଏହି ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଅଧିବାସ, ସଂସ୍କାର, ନାମଯଜ୍ଞ, ପ୍ରାଣ ପ୍ରତିଷ୍ଠା, ଶିଖରୀ ସ୍ନାନ, ନିଧି ସ୍ନାନ, ଗୀତା ଆହୁତି, ବିଗ୍ରହଙ୍କ ମନ୍ଦିର ପ୍ରବେଶ, ଦର୍ଶନ କାର୍ଯ୍ୟକ୍ରମ ସହ ପ୍ରତ୍ୟହ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

### ସାକ୍ଷରତା, ସଂଖ୍ୟାଜ୍ଞାନ ଶିକ୍ଷଣ ଉପକରଣ ପ୍ରଦର୍ଶନୀ

**ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ(ଡିଆଇଇଟି)ରେ ବୁଧବାର ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଶିକ୍ଷଣ ଉପକରଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଦର୍ଶନୀରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଶିକ୍ଷଣ ଉପରେ ଆଧାରିତ ୧୨୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଡିଆଇଇଟିର ଅଧ୍ୟକ୍ଷ ରଜନୀକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଏସସିଇଆରଟି ପୂର୍ବତନ ଉପନିର୍ଦ୍ଦେଶକ ରବିନାରାୟଣ ବଘାର ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ଅକ୍ଷୟ କୁମାର ବାରିକ ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରଦର୍ଶିତ ହୋଇଥିବା ପ୍ରକଳ୍ପର ପ୍ରଶଂସା କରିଥିଲେ। ସାକ୍ଷରତା ଓ ସଂଖ୍ୟାଜ୍ଞାନ ମୌଳିକ ଶିକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ବୋଲି ସେ କହିଥିଲେ। ସୁନ୍ଦରଗଡ଼ ଡିଆଇଇଟିର ପୂର୍ବତନ ଅଧ୍ୟକ୍ଷ ଶିବ ଶଙ୍କର ଷଡ଼ଙ୍ଗୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଶିକ୍ଷଣ ଉପକରଣର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ପ୍ରଶିକ୍ଷିକା ସୀମାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଶିକ୍ଷକ ଜନକ ସେଟ୍‌ଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ଅଣଦେଖା ଅଭିଯୋଗ

- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ
- ୨୧ରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ
- ୨୪ରେ ଗାନ୍ଧିମାର୍ଗରେ ବଡ଼ ଆନ୍ଦୋଳନ


ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆଉଟ୍‌ସୋର୍ସିଂ କର୍ମଚାରୀବୃନ୍ଦ।

**ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)**

ରାଜ୍ୟର ବିଭିନ୍ନ ସରକାରୀ ଅନୁଷ୍ଠାନରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଆଉଟ୍‌ସୋର୍ସିଂ କର୍ମଚାରୀମାନେ ବାରମ୍ବାର ସେମାନଙ୍କ ଦାବି ସମୂହ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବା ସତ୍ତ୍ୱେ ସେ ଦିଗରେ କିଛି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ, ବରଗଡ଼ ଜିଲା ଶାଖା ପକ୍ଷରୁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆସନ୍ତା ୧୯ତାରିଖ ସୁଦ୍ଧା ସେମାନଙ୍କ ଦାବି ସମୂହ ପୂରଣ କରା ନ ଗଲେ ସେମାନେ ଆସନ୍ତା ୨୪ତାରିଖ ଭୁବନେଶ୍ୱର ଗାନ୍ଧିମାର୍ଗରେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ସ୍ମାରକପତ୍ରରେ ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ସରକାରଙ୍କ ବିଭିନ୍ନ ବିଭାଗରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ସୁଚାରୁରୂପେ କର୍ତ୍ତବ୍ୟ ସମ୍ପାଦନ କରିଆସୁଛନ୍ତି। ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ତୃଣମୂଳସ୍ତରରୁ ସେମାନେ କାମ କରୁଛନ୍ତି। ଅଥଚ ସେମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପୋଷଣ କରିଆସୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ସମୟରେ ସେମାନଙ୍କୁ ଛଟେଇ କରାଯାଉ ଥିବାବେଳେ ଦରମା ପ୍ରଦାନରେ ମଧ୍ୟ ପାତରଅନ୍ତର ନୀତି କରାଯାଉଛି ବୋଲି ଆଉଟସୋର୍ସିଂ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ଚାକିରି ଅସୁରକ୍ଷିତ ହୋଇପଡ଼ିଥିବାବେଳେ ସ୍ୱଳ୍ପ ଦରମାରେ ପରିବାର ପୋଷଣ ମଧ୍ୟ କଷ୍ଟସାଧ ହୋଇପଡୁଛି ବୋଲି ସମ୍ପୃକ୍ତ କର୍ମଚାରୀମାନେ କହିଛନ୍ତି। ଫଳରେ ସେମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ପାଇଁ ଆଉଟ୍‌ସୋର୍ସିଂ କର୍ମଚାରୀମାନେ କହିଛନ୍ତି। ସେହିପରି ପୂର୍ବ ସରକାର ସମୟରେ କାର୍ଯ୍ୟ କରିଥିବା ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ସମସ୍ତ ସରକାରୀ କର୍ମଚାରୀଙ୍କ ମଧ୍ୟରେ ସମାନତା ଆଣିବା ଏବଂ ସେମାନଙ୍କ ଚାକିରି ସୁରକ୍ଷା ନେଇ ସରକାର ପ୍ରତିଶ୍ରୁତି ଦେବାକୁ ଆଉଟ୍‌ସୋର୍ସିଂ କର୍ମଚାରୀ ସଂଘ ଦାବି କରିଛି। ଏହି ଦାବି ସମୂହ ପୂରଣ କରା ନ ଗଲେ ଆସନ୍ତା ୧୭ତାରିଖରୁ ୨୧ତାରିଖ ଯାଏ ସମସ୍ତ ଆଉଟ୍‌ସୋର୍ସିଂ କର୍ମଚାରୀ କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ କରିବା ସହିତ ପ୍ରତିବାଦ କରିବେ ଏବଂ ୨୪ତାରିଖ ଭୁବନେଶ୍ୱର ଗାନ୍ଧିମାର୍ଗରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ମହାସଂଘର ବରଗଡ଼ ଜିଲା ସଭାପତି ରାକେଶ ଶତପଥୀଙ୍କ ନେତୃତ୍ୱରେ ବହୁସଂଖ୍ୟକ ଆଉଟ୍‌ସୋର୍ସିଂ କର୍ମଚାରୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

## ୧୭ରୁ ଜାତୀୟସ୍ତରୀୟ ବାଣିଜ୍ୟ ମେଳା

**ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ୧୭ତାରିଖରୁ ବରଗଡ଼ ନିଶାମଣି ସ୍କୁଲ ପଡ଼ିଆରେ ଜାତୀୟସ୍ତରୀୟ ବିଶାଳ ପ୍ରଦର୍ଶନୀ ବାଣିଜ୍ୟ ମେଳା ଅନୁଷ୍ଠିତ ହେବ। ଦୀର୍ଘ ୧୦ଦିନ ଧରି ଆସନ୍ତା ୨୬ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏଥିପାଇଁ ନିଶାମଣି ସ୍କୁଲ ପଡ଼ିଆ ପରିସରରେ ଡଃ ସତ୍ୟନାରାୟଣ ସିଂହସାମନ୍ତଙ୍କ ସଭାପତିତ୍ୱରେ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବରଗଡ଼ ଜିଲାର ବୁଦ୍ଧିଜୀବୀ, କବି, କଳାକାର, ଶିକ୍ଷାବିତ୍, ହସ୍ତଶିଳ୍ପପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ପ୍ରଦର୍ଶନୀରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ଶିଳ୍ପ ଉଦ୍ୟୋଗୀ, ହସ୍ତଶିଳ୍ପ କାରିଗରମାନେ ସେମାନଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ ଗୁଡ଼ିକୁ ନିଜେ ପ୍ରଦର୍ଶନ କରିବା ସହିତ ବିକ୍ରୟ କରିବେ ବୋଲି ସୂଚନା ଦିଆଯାଇଛି। ପ୍ରଦର୍ଶନୀ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇ ରାତି ୯ଟା ଯାଏ ଚାଲିବ। କର୍ଣ୍ଣାଟକର କାଠକାମ, ମୁରଦାବାଦର ପିତ୍ତଳ କାମ, ପଶ୍ଚିମବଙ୍ଗର ଫୁଲ, ଶିଂଘ, ଶୀତଳପଟ୍ଟି, ରାଜସ୍ଥାନର ଟାଏ ଆଣ୍ଡ୍ ଡାଏ, ଜୁଏଲାରୀ, ପଞ୍ଜାବର ଜୋତାକାମ, ଲକ୍ଷ୍ନୌର ଚିକନ, ଚିକନ ଏମ୍ବ୍ରୋଡୋରୀ, ବଲାଙ୍ଗିରର କାରପେଟ୍, ବାଲେଶ୍ୱର ଏବଂ ଭଦ୍ରକର ଧାନକାମ, ପୁରୀର ପଟ୍ଟଚିତ୍ର, ଚାନ୍ଦୁଆ, କତାକାମ, ପଥର ଖୋଦେଇ, ଖୋର୍ଦ୍ଧାର ଝୋଟ ଆଦି ସାମଗ୍ରୀ ଗୁଡ଼ିକ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହେବ। ବରଗଡ଼ର ବଳରାମ ଡ୍ୟାନ୍ସ ଏକାଡ଼େମୀ, ଶ୍ରୀ ନୃତ୍ୟମ ଡ୍ୟାନ୍ସ ଏକାଡ଼େମୀ, ରିଙ୍କୁ ଡ୍ୟାନ୍ସ ଏକାଡ଼େମୀ, ଗୁରୁକୁଳ ଡ୍ୟାନ୍ସ ଏକାଡ଼େମୀ, ସାନ ଡ୍ୟାନ୍ସ ଏକାଡ଼େମୀ, ଅତାବିରାର ନଟରାଜ ଡ୍ୟାନ୍ସ ଏକାଡ଼େମୀ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ଦିଆଯାଇଛି। ଉକ୍ତ ପ୍ରଦର୍ଶନୀ ଭାରତ ସରକାରଙ୍କ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ, ନୂଆଦିଲ୍ଲୀଙ୍କ ସହାୟତାରେ ଏବଂ ଅନୁଗୋଳର ଡୋଭ୍ର ଦ୍ୱାରା ଆୟୋଜିତ ହେବ। ବୈଠକ ଶେଷରେ ଡୋଭ୍ର ସମ୍ପାଦକ ଅନୀଲ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଆଇଆଇଏଚ୍‌ଟିର ବାର୍ଷିକ ସମାରୋହ ଅଭ୍ୟୁଦୟରେ ଫ୍ୟାଶନ ଶୋ।

## ଆଇଆଇଏଚ୍‌ଟିରେ ବାର୍ଷିକ ସମାରୋହ ଅଭ୍ୟୁଦୟ

**ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ସ୍ଥିତ ଭାରତୀୟ ହସ୍ତତନ୍ତ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ (ଆଇଆଇଏଚ୍‌ଟି)ରେ ବୁଧବାର ବାର୍ଷିକ ସମାରୋହ ଅଭ୍ୟୁଦୟ ଅନୁଷ୍ଠିତ ହୋଇଛି। ସଂସ୍ଥାନର ନିର୍ଦ୍ଦେଶକ ବିଜେଶ କୁମାର ଅବସ୍ଥି ଅଧ୍ୟକ୍ଷତା କରିଥିଲେ। ବିଶ୍ୱ ଉଷ୍ଣତା ହ୍ରାସ କରିବାରେ ହସ୍ତତନ୍ତ ପ୍ରଯୁକ୍ତିର ଗୁରୁତ୍ୱ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପ୍ରଦୁଷଣମୁକ୍ତ ବିଶ୍ୱ ପାଇଁ ସବୁଜ ଶକ୍ତି ଉତ୍ପାଦ ଏକମାତ୍ର ସଠିକ୍ ବିକଳ୍ପ ବୋଲି ନିର୍ଦ୍ଦେଶକ ଅବସ୍ଥି ମତପ୍ରକାଶ କରିଥିଲେ। ଇମ୍ପେରିୟଲ କଲେଜର ନିର୍ଦ୍ଦେଶକ ଦିପକ କୁମାର ଗୋୟଲ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ସେହିପରି ସନ୍ଥ କବୀର ପୁରସ୍କାର ବିଜେତା କ୍ଷେତ୍ରମୋହନ ମେହେର, ବରଗଡ଼ ପୋଲି ଟେକ୍‌ନିକ୍‌ର ଅଧ୍ୟକ୍ଷ ସଚ୍ଚିନ୍ଦ୍ର କୁମାର ଗୋଖୁରା ଅତିଥିଭାବେ ମଞ୍ଚାସୀନ ଥିଲେ। ବିବେକାନନ୍ଦ ଗୁଇନ ବାର୍ଷିକ ବିବରଣୀ ପଠନ କରିଥିଲେ। ରୂପରାଣୀ ଶତ୍ରୁସାଲ୍ୟ ଏବଂ ସୁଶାନ୍ତ କୁମାର ସାମଲଙ୍କୁ ଚଳିତବର୍ଷର ଶ୍ରେଷ୍ଠ ଛାତ୍ରୀଛାତ୍ରଭାବେ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଫ୍ୟାଶନ ଶୋ ଅନୁଷ୍ଠିତ ହୋଇଥିଲା। ଡି.କେ ଯାଦବ, ରାଜେନ୍ଦ୍ର ସିକନ୍ଦର, ଦିପକ ସରାଫ, ଜେ.ପି ଶତପଥୀ, ଅଧ୍ୟାପକ ଧର୍ମେନ୍ଦ୍ର କୁମାର, ରଞ୍ଜିତ କୁମାର ଚୌହାନ, ଅରବିନ୍ଦ କୁମାର, ସତୀଶ ଜାଙ୍ଗରା, ସ୍ନିଗ୍ଧା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍ଥାନର ସହକାରୀ ନିର୍ଦ୍ଦେଶକ ଏମ୍. ଆନନ୍ଦନ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ୨ ମୃତ

**ବଘିଆପଡା,୧୨।୩( ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଥାନା ଅନ୍ତର୍ଗତ ବଘିଆପଡା -ବୁଡୁପାଲି ରାସ୍ତାର ଭେଜିମାଳ ନିକଟରେ ବୁଧବାର ଦିନ ଡାଲା ପିକଅପ୍ ଭ୍ୟାନ୍ ସହ ଏକ ମୋଟର ସାଇକେଲର ମୁହାଁମୁହିଁ ଧକ୍କା ହେବା ଯୋଗୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବୌଦ୍ଧ ଥାନା ନକୁଆନାଳି ଗ୍ରାମର ଲକି ସ୍ୱାଇଁ ଓ ଲକ୍ଷ୍ମୀପ୍ରସାଦ ଗ୍ରାମର ନିତ୍ୟାନନ୍ଦ ଜଟି । ପ୍ରକାଶ ଯେ, ଲକି ଓ ନିତ୍ୟାନନ୍ଦ ଏକ ବାଇକ୍ ଯୋଗେ ବଡିଙ୍ଗା ଛକ ପଟୁ ନକୁଆନାଳି ଆଡକୁ ଯାଉଥିବା ବେଳେ ବଘିଆପଡା ପଟୁ ବୁଡୁପାଲି ଅଭିମୁଖେ ଆସୁଥିବା ଏକ ଡାଲା ପିକଅପ୍ ସହ ଭେଜିମାଳ ଗ୍ରାମ ନିକଟରେ ଧକ୍କା ହୋଇଥିଲା । ଫଳରେ ମୋଟର ସାଇକେଲରେ ଯାଉଥିବା ଲକି ଓ ନିତ୍ୟାନନ୍ଦ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ବୌଦ୍ଧ ମେଡିକାଲ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଉଭୟ ଗାଡିକୁ ଜବତ କରିଛି । ଏନେଇ ଥାନାରେ ନଂ ୧୪୪/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ ସୂଚନା ଦେଇଛନ୍ତି ।

## ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା


ସଭାରେ ଆଲୋଚନା ଚାଲିଛି।

**ବରପାଲି,୧୨।୩(ଚିତ୍ତରଞ୍ଜନ ସାହୁ)**

ବରପାଲି ବ୍ଲକ କଁଟାପାଲି ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତିର ସଭାପତି ଧ୍ରୁବରାଜ ସାହୁଙ୍କ ଅଧ୍ୟକ୍ଷତାରେ ମହୁଲପାଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସମ୍ପାଦକ ବାସୁକି ସ୍ୱାଇଁ ସମିତିର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ବରଗଡ଼ ଡି ସାର୍ ସିଏସ ଯୁଗଳ ଦାସ, ଏଆର୍‌ସିଏସ୍ ପ୍ରବୀଣ ଘୋଷ, ଜିଲା ବ୍ୟାଙ୍କ ସମ୍ପାଦକ ଯୋଗଦାନ କରି ଚାଷୀମାନଙ୍କ ପାଇଁ ସରକାରଙ୍କ ଦ୍ୱାର ଅନୁମୋଦିତ ହୋଇଥିବା ଯନ୍ତ୍ରପାତି ବିନା ସୁଧରେ ଋଣ, ସାର ଆଦି ଜିନିଷ ଠିକ୍ ସମୟରେ କେମିତି ପାଇ ପାରିବେ ସେ ଉପରେ ଆଲୋଚନା ହୋଇଥିଲା। ଏହି ବାର୍ଷିକ ସମିତି ସଭାରେ କଁଟାପାଲି ସମବାୟ ସମିତି ସମସ୍ତ ସଭ୍ୟ ଗୋପିକା ସ୍ୱାଇଁ, ସ୍ନେହଲତା ବାରିକ, ଗଙ୍ଗାଧର ଦାସ, ଅଶ୍ୱିନୀ କୁମାର ପଧାନ, ବେଣୁଧର ବାରିକ, ଯାଦବ ପଧାନ, ରଘୁମଣି ପଧାନ, ଦୂତିଆ ଭୁଏ, ସ୍ୱାଇଁ, ନୀଳମଣି ନାଗ, ବିକ୍ରମ ସାହୁ, ସଞ୍ଜୀବ ନାଏକଙ୍କ ସମେତ ରାଜ୍ୟ ସମବାୟ ସମିତି ଉପସଭାପତି ତଥା ଆଗଲପୁର ପ୍ୟାକ୍ସ ସଭାପତି ବିରୋସନ ସାହୁ, ବରପାଲି ପ୍ୟାକ୍ସ ସଭାପତି ଗୁରୁ ମେହେର, କୁମ୍ଭାରୀ ପ୍ୟାକ୍ସ ସଭାପତି ପ୍ରଫୁଲ୍ଲ ପଧାନ, ମହୁଲପାଲି ସରପଞ୍ଚ ରବୀନ୍ଦ୍ର ଭୋଇ, କଁଟାପାଲି ସରପଞ୍ଚ ଗଙ୍ଗାଧର ଦାସ, ସମିତି ସଭ୍ୟ ଅରୁଣ ସାହୁ ଯୋଗ ଦେଇ ଚାଷୀମାନଙ୍କ ଉନ୍ନତି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବୋର୍ଡ ସଭ୍ୟ ତଥା କନ୍ତାପାଲି ସରପଞ୍ଚ ଗଙ୍ଗାଧର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜୁନିୟର ରେଡ୍‌କ୍ରସ୍ କାଉନ୍‌ସିଲରଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବୌଦ୍ଧ,୧୨।୩( ଅଜିତ କୁମାର ବାରିକ)**



କାର୍ଯ୍ୟକ୍ରମରେ ଅତିଥି।

ବୌଦ୍ଧ ଜିଲା ମାଉଲସିଙ୍ଗାଠାରେ ଥିବା ଜାନକୀ ଭିକାରୀ ଚରଣ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ଦିନ ଜୁନିୟର ରେଡ୍‌କ୍ରସ୍ କାଉନସିଲରମାନଙ୍କ ଏକ ଦିବସୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର, ଜିଲା ଶାରିରୀକ ଶିକ୍ଷା ନିରୀକ୍ଷକ ଆନନ୍ଦ ବେହେରା, ଜିଲା ଜୁନିୟର ରେଡକ୍ରସ ଅଧିକାରୀ ନବ କୁମାର ଦୀପ, ଜାନକୀ ଭିକାରୀ ଚରଣ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମେହେର ଯୋଗ ଦେଇଥିଲେ। ରାଜ୍ୟପାଳଙ୍କ ଦ୍ୱାରା ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଥିବା କଣ୍ଟାମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ପ୍ରଧାନଙ୍କୁ ଜିଲା ଶିକ୍ଷା ଅଧିକାରୀ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ସଂଯୋଜକ ଭାବେ ବୌଦ୍ଧ ବ୍ଲକ ପାଇଁ ମନଜିତ ମୋହନ ଚାନ୍ଦ, କଣ୍ଟାମାଳ ବ୍ଲକ ପାଇଁ ବନମାଳୀ ମେହେର ଓ ହରଭଙ୍ଗା ବ୍ଲକ ପାଇଁ ପ୍ରିୟମ୍ବଦା ସୁବୁଦ୍ଧିଙ୍କୁ ମନୋନୀତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବେ ଶିକ୍ଷକ ନବ କୁମାର ଦୀପ ଓ ସନ୍ତୋଷ କୁମାର ସ୍ୱାଇଁ ଯୋଗଦେଇ ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ।

## ଅନ୍ଧାରରେ ପୁରୁଣାକଟକ ରାଜସ୍ୱ କାର୍ଯ୍ୟାଳୟ

**ହରଭଙ୍ଗା,୧୨।୩ (ନରେନ୍ଦ୍ର କୁମାର ସାହୁ):** ବୌଦ୍ଧ ଜିଲା ହରଭଙ୍ଗା ତହସିଲର ପୁରୁଣାକଟକ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ୧୦ ଦିନ ହେବ ଲାଇନ ନାହିଁ । ଜନସାଧାରଣ ବିଭିନ୍ନ କାମ ନେଇ ଉକ୍ତ କାର୍ଯ୍ୟାଳୟ ଆସୁଥିବା ବେଳେ ବିଦ୍ୟୁତ ନ ଥିବାରୁ କାମ ହୋଇପାରୁ ନାହିଁ। ଫଳରେ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଛି। ଉକ୍ତ କାର୍ଯ୍ୟାଳୟ ଅଞ୍ଚଳର ୪୦ଗୋଟି ରାଜସ୍ୱ ଗ୍ରାମକୁ ନେଇ ଗତ ୧୯୯୨ ମସିହାରେ ଖୋଲା ଯାଇଥିଲା । ହେଲେ ଦୀର୍ଘ ୩୦ ବର୍ଷରୁ ଅଧିକ ହେବ ଉକ୍ତ କାର୍ଯ୍ୟାଳୟର ନିଜସ୍ୱ ବିଦ୍ୟୁତ ସଂଯୋଗ ନଥିଲା । କାର୍ଯ୍ୟାଳୟକୁ ଅସ୍ଥାୟୀ ଭାବେ ନିକଟସ୍ଥ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ବିଦ୍ୟୁତ ସଂଯୋଗ କରାଯାଇ କାମ ଚାଲି ଆସୁଥିଲା।

## କର୍ମଶାଳାରେ ଶିଶୁ ସୁରକ୍ଷାକୁ ଗୁରୁତ୍ୱ

**ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)**

ବରଗଡସ୍ଥିତ ବୟନଶିଳ୍ପ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ବରଗଡ଼ ସବଡିଭିଜନ ଅନ୍ତର୍ଗତ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଭ୍ୟମାନଙ୍କୁ ନେଇ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ଯୋଗଦେଇ ଅତିଥିଙ୍କ ପରିଚୟ ପ୍ରଦାନ ସହିତ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ମଙ୍ଗଳ ସମିତିର ସଭ୍ୟା ସନ୍ତୋଷିନୀର କର ବାତ୍ସଲ୍ୟ ଅନ୍ତର୍ଗତ ବିଭିନ୍ନ ଶିଶୁ ସୁରକ୍ଷା ସମ୍ପର୍କୀତ ସ୍କିମ୍ ଉପରେ ଆଲୋଚନା କରିଥିଲେ। ସଭ୍ୟା ମମତା ମେହେର ଶିଶୁ ଅଧିକାରରେ ଶିଶୁ ମଙ୍ଗଳ ସମିତିର ଭୂମିକା ଉପରେ ଆଲୋକପାତ କରିଥିଲେ। କିଶୋର ନ୍ୟାୟ ବୋର୍ଡ଼ର ସଭ୍ୟା ନିର୍ଜନା ମାହାର ଆଇନ ସହ ଦ୍ୱନ୍ଦରେ ରହିଥିବା ପିଲାମାନଙ୍କର ଯତ୍ନ ଓ ସୁରକ୍ଷା ତଥା ସେମାନଙ୍କର ଥଇଥାନ ଉପରେ ବକ୍ତବ୍ୟ ରଖିଥିଲେ। କିଶୋର ନ୍ୟାୟ ବୋର୍ଡର ସଭ୍ୟ ପ୍ରୟାସ ଦାଶ କିଶୋର ନ୍ୟାୟ ଆଇନ ୨୦୧୫ ଉପରେ ବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଆନୁଷ୍ଠାନିକ ଯତ୍ନ ଓ ସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ପୋଷ୍ୟ ସନ୍ତାନ ଗ୍ରହଣ ଓ ପ୍ରତିପାଳନ ଯତ୍ନ ଉପରେ ବିବରଣୀ ପ୍ରଦାନ କରିଥିଲେ। ଚାଇଲ୍ଡ ହେଲ୍ପ ଲାଇନର ପ୍ରକଳ୍ପ ସଂଯୋଜକ ସଞ୍ଜୟ ଶତପଥୀ ଶିଶୁ ସୁରକ୍ଷାରେ ଚାଇଲ୍ଡ ଲାଇନର ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ ଜୟନ୍ତୀ ହିଆଲ, ଅଭିଷେକ ବିଶ୍ୱାଳ, ଜିତେନ୍ଦ୍ର ସା, ମନିଷା ନାଗ, ବବିତା ରାଉତ, ଚାଇଲ୍ଡ ହେଲ୍ପ ଲାଇନର କର୍ମଚାରୀ ଲଳିତ ମୋହନ ପ୍ରଧାନ, ଆକାଶ ପ୍ରଧାନ, ନୈମିଶ ପ୍ରଧାନ ପ୍ରମୁଖ କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ।

## ସୁବର୍ଣ୍ଣ ଜୟନ୍ତୀ ପାଇଁ ୨୧ ଯୋଡ଼ି କର୍ତ୍ତାବରଣ

**ସରଣ୍ଡା, ୧୨।୩ (ଯୁଧିଷ୍ଠିର ମହାପାତ୍ର)**


୨୧ ଯୋଡ଼ି କର୍ତ୍ତାଙ୍କୁ ବରଣ କରାଯାଉଛି।

ଅତାବିରା ସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ଉପଲକ୍ଷେ ବୁଧବାର ସନ୍ଧ୍ୟା୭ ଟାରେ ୨୧ଟି କର୍ତ୍ତା ଯୋଡ଼ି ବରଣ କରାଯାଇଛି। ଆସନ୍ତା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ତ୍ରିଦିନାତ୍ମକ ନବକୁଣ୍ଡିୟ ଗୀତା ଯଜ୍ଞ ପାଇଁ ଅଜିତ ପ୍ରଧାନ, ଯତୀନ ପ୍ରଧାନ, ହୃଷିକେଶ ଭୋଇ, ଦୀନେଶ କୌଶିକ, ଜଗନ୍ନାଥ ଭୋଇ, ବିରେନ ପ୍ରଧାନ, ଦେବଦତ୍ତ ସାହୁ, ବୁଲୁ ପଣ୍ଡା, ପୱନ ବାଙ୍କା, ଅଶ୍ୱିନୀ ପ୍ରଧାନ, ପଦ୍ମଲୋଚନ ପ୍ରଧାନ, ଲେସଦେବ ପ୍ରଧାନ, ଡା. ଶ୍ରୀକୁମାର ପାତ୍ର, ଡା. ଶୋଭେନ୍ଦ୍ର ଦାଶ, ସିଦ୍ଧାର୍ଥ ଶଙ୍କର ପଣ୍ଡା, ସତ୍ୟନାରାୟଣ ପ୍ରଧାନ, ବୀରେନ୍ଦ୍ର ପ୍ରଧାନ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ବିଭୁତି ନାଏକ, ରାଜେଶ ପ୍ରଧାନ, ମୁକେଶ ପ୍ରଧାନ, ବାବୁଲୁ ସାହୁ, ନାରାୟଣ ସାହୁ, ଡା.ପଲଭ ପ୍ରଧାନ, ରାମଚନ୍ଦ୍ର ଭୋଇ, କିଶୋର ପ୍ରଧାନ, ତିଳ ମେହେର ସପତ୍ନୀକ କର୍ତ୍ତା ଭାବେ ବରଣ କରାଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ଜୟକୁମାର ଦାଶ, ପଣ୍ଡିତ ସଞ୍ଜୟ ଦାଶ, ଜ୍ୟୋତିପ୍ରକାଶ ପଣ୍ଡା, ଉତ୍ତମ ପଣ୍ଡା ବରଣ କାର୍ଯ୍ୟ ପରିଚାଳନା କରିଥିବା ବେଳେ ଗ୍ରାମ୍ୟ କମିଟି ସଭାପତି ଦେବାରୀ ପ୍ରଧାନ ସମେତ ଅଞ୍ଚଳର ବର୍ଷିଆନ ବ୍ୟକ୍ତିମାନେ ବରଣ କରିଥିଲେ।

# ବରଗଡ଼ରେ ଛତିଶଗଡ଼ ପୋଲିସ ହଟହଟା

**ବରଗଡ଼,୧୨।୩(ପ୍ରେମାନନ୍ଦ ଖମାରୀ)**

- ଫେରାର୍ ଅଭିଯୁକ୍ତଙ୍କୁ ଧରିବାକୁ ଆସିଥିଲା
- ଗିରଫଦାରୀଙ୍କୁ ବିରୋଧ କରି ପୋଲିସ ସହ ଧସ୍ତାଧସ୍ତି


ରୂପେଶଙ୍କ ଘର ଆଗରେ ଛତିଶଗଡ଼ ପୋଲିସ ଏବଂ ସ୍ଥାନୀୟ ଲୋକେ।

ଛତିଶଗଡ଼ ପୋଲିସ ମଙ୍ଗଳବାର ଜଣେ ଫେରାର୍ ଅଭିଯୁକ୍ତ(ୱାରେଣ୍ଟି)ଙ୍କୁ ଧରିବାକୁ ଆସି ହଟହଟା ହୋଇଛି। ସ୍ଥାନୀୟ କେତେଜଣ ଲୋକ ଗିରଫଦାରୀଙ୍କୁ ବିରୋଧ କରି ଛତିଶଗଡ଼ ପୋଲିସକୁ ଧସ୍ତାଧସ୍ତି କରିଥିବା ଅଭିଯୋଗ ହୋଇଛି। ଏ ନେଇ ଏଠାକୁ ଆସିଥିବା ଛତିଶଗଡ଼ ପୋଲିସ ଅଧିକାରୀମାନେ ସ୍ଥାନୀୟ ଟାଉନ ଥାନାରେ ଏତଲା ଦେଇଥିବା ସୂଚନା ମିଳିଛି। ଅନ୍ୟପଟେ ଅଭିଯୁକ୍ତ ରୂପେଶ କୁମାର ଝାୱର ଫେରାର୍ ହୋଇ ଯାଇଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ତନାଘନା ଚଳାଇଛି। ସେହିପରି ଛତିଶଗଡ଼ ପୋଲିସ ମଧ୍ୟ ବରଗଡ଼ରେ ଡେରା ପକାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ତାଙ୍କ ପ୍ରତି ନଜର ରଖିଛି।

ସୂଚନା ଅନୁଯାୟୀ, ଏକ ବଡ଼ ଧରଣର ଆର୍ଥିକ କାରବାରକୁ ନେଇ ରୂପେଶଙ୍କ ବିରୋଧରେ ଛତିଶଗଡ଼ ରାଜ୍ୟ ରାୟପୁର କୋର୍ଟର ନ୍ୟାୟିକ ବିଚାରପତିଗତ ଫେବୃୟାରୀ ମାସ ୧୭ତାରିଖରୁ ୱାରେଣ୍ଟ ଜାରି କରିଛନ୍ତି। ବୁଧବାର ତାଙ୍କୁ କୋର୍ଟରେ ହାଜର କରିବାକୁ ବିଚାରପତିଙ୍କ ଆଦେଶ ରହିଥିଲା। ଏହି କ୍ରମରେ ଛତିଶଗଡ଼ ପୋଲିସ ରୂପେଶଙ୍କୁ ଧରିବା ପାଇଁ ମଙ୍ଗଳବାର ସନ୍ଧ୍ୟାରେ ବରଗଡ଼ ପହଞ୍ଚିଥିଲା। କିନ୍ତୁ ତାଙ୍କୁ ଖୋଜାଖୋଜି କରିବା ସହିତ ବରଗଡ଼ ନାକାଛକ-ଭଟଲି ରୋଡ୍‌ରେ ରହିଥିବା ରୂପେଶଙ୍କ ଘରକୁ ପୋଲିସ ପହଞ୍ଚିଥିଲା। ତେବେ ତାଙ୍କ ଗିରଫଦାରୀଙ୍କୁ ସ୍ଥାନୀୟ କେତେଜଣ ଲୋକ ବିରୋଧ କରିବା ସହିତ ପୋଲିସକୁ ଧସ୍ତାଧସ୍ତି କରିଥିବା ଅଭିଯୋଗ ହୋଇଛି।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ଜଣେ ମୃତ

**ରାଉରକେଲା,୧୨।୩(ସଙ୍ଗୀତା ଜେନା):** ରାଉରକେଲା ସେକ୍ଟର ୭/୧୭ ଛକରେ ମଙ୍ଗଳବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଏକ ଟ୍ରକ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କେନ୍ଦ୍ରାପଡା ସଠି ଅଞ୍ଚଳର ରିତ ସ୍ୱାଇଁ (୬୩)। ବୁଧବାର ପୂର୍ବାହ୍ନ ୧୦ଟାରେ ପୋଲିସ ମୃତକଙ୍କ ପରିବାରବର୍ଗଙ୍କ ଏତଲା ଆଧାରରେ ମାମଲା ନଂ.୨୫/୨୫ ରୁଜୁ କରିଛି। ଅପରପକ୍ଷରେ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ପୋଲିସ ଜବତ କରିଛି।

### ନାବାଳିକାଙ୍କୁ ବଳାତ୍କାର: ସମ୍ପର୍କୀୟ କକା ଗିରଫ
#### ସନ୍ତାନ ପ୍ରସବ କଲେ ପୀଡ଼ିତା

**ରାଉରକେଲା,୧୨।୩(ସଙ୍ଗୀତା ଜେନା):** ସେକ୍ଟର-୭ ଥାନା ଅଞ୍ଚଳରେ ଜଣେ ନାବାଳିକା(୧୨)ଙ୍କୁ ତାଙ୍କ ସମ୍ପର୍କୀୟ କକା ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏଥିରେ ପୀଡ଼ିତା ଏକ ସନ୍ତାନ ପ୍ରସବ କରିଛନ୍ତି। ଥାନାରେ ଅଭିଯୋଗ ପରେ ବୁଧବାର ପୋଲିସ ଉକ୍ତ ଅଭିଯୁକ୍ତ କକାଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ସେକ୍ଟର-୫ ଟିମ୍ବରକଲୋନୀର ଶ୍ରୀରାମ ପ୍ରସାଦ ମିଶ୍ର(୩୭)। ଏ ନେଇ ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରିବା ପରେ ଅପରାହ୍ନ ୪ଟାରେ ଅଭିଯୁକ୍ତ ମିଶ୍ରଙ୍କୁ ପୋକସୋ କୋର୍ଟଙ୍କୁ ଚାଲାଣ କରାଯାଇଛି। ଏ ନେଇ ମାମଲା(ନଂ.୫୦/୨୫) ରୁଜୁ ହୋଇଛି। ସଖି ୱାନ ଷ୍ଟପ୍ ସେଣ୍ଟର କେନ୍ଦ୍ର ପ୍ରଶାସକଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ପୀଡ଼ିତା ଗତ ୧୧ ତାରିଖରେ ଶିଶୁ ଯୌନ ନିର୍ଯାତନା କେନ୍ଦ୍ରକୁ ଆସିଥିଲେ। କାଉନସେଲିଂ ସମୟରେ ପୀଡ଼ିତା ସମ୍ପର୍କୀୟ କକା ଏପରି କରିଥିବା ସ୍ୱୀକାର କରଥିଲେ।

### ପାଳଗଦାରେ ନିଆଁ ଲାଗି ମହିଳା ଜୀବନ୍ତ ଦଗ୍ଧ

**ବନ୍ଧମୁଣ୍ଡା,୧୨।୩(ସୁବ୍ରତ ଦେ):** ସୁନ୍ଦରଗଡ଼ ଜିଲା ବିଶ୍ରା ବ୍ଲକ କପଟମୁଣ୍ଡା ଗାଁର ବଡକା ଟୋଲାରେ ବୁଧବାର ଅପରାହ୍ନ ୪ଟାରେ ଏକ ପାଳଗଦାରେ ନିଆଁ ଲାଗିଯିବାରୁ ଜଣେ ମହିଳା ଜୀବନ୍ତ ଜଳିଯାଇଛନ୍ତି। ସେ ହେଲେ ବଡ଼କା ଟୋଲା ନିବାସୀ ଫାଗୁ ଖେସଙ୍କ ସ୍ତ୍ରୀ ହଲ୍ୟାଣୀ ଖେସ। ହ ଲ ୍ୟ ା ଣ ୀ ଖେସ ଗାଁର ଏକ ପାଳଗଦା ନିକଟରେ ବସିଥିଲେ। ଏହି ସମୟରେ କୌଣସି କାରଣରୁ ହଠାତ୍ ଉକ୍ତ ପାଳଗଦାରେ ନିଆଁ ଲାଗିଯାଇଥିଲା। ଫଳରେ ମହିଳା ଜଣକ ନିଆଁରେ ଜଳିଯାଇଥିଲେ। ସ୍ଥାନୀୟ ଲୋକେ ମହିଳାଙ୍କୁ ଜଳୁଥିବା ଦେଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଖବର ପାଇ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ପୋଡ଼ିଯାଇଥିବା ମହିଳାଙ୍କୁ ଉଠାଇ ବିଶ୍ରା ଡାକ୍ତରଖାନାକୁ ନେଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଲେଖା ହେବା ସୁଦ୍ଧା ଏ ନେଇ ବିଶ୍ରା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

### ବନ୍ଧମୁଣ୍ଡା ଡିଜେଲ ଶେଡ୍‌ର ସ୍କ୍ରାପ୍ ୟାର୍ଡରେ ଅଗ୍ନିକାଣ୍ଡ

**ବନ୍ଧମୁଣ୍ଡା,୧୨।୩(ସୁବ୍ରତ ଦେ):** ବନ୍ଧମୁଣ୍ଡାର ରେଲ୍‌ୱେ ଡିଜେଲ ଶେଡ୍‌ର



ରନିଂ ପଏଣ୍ଟ ନିକଟସ୍ଥ ସ୍କ୍ରାପ୍ ୟାର୍ଡରେ ରଖାଯାଇଥିବା ସ୍କ୍ରାପ୍ ଫିଲ୍ଟରରେ ବୁଧବାର ସନ୍ଧ୍ୟା ପ୍ରାୟ ୬ଟାରେ ଅଗ୍ନିକାଣ୍ଡ ଘଟିଛି। ସ୍କ୍ରାପ୍ ଫିଲ୍ଟରରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଏ ନେଇ ବିଭାଗୀୟ ଅଧିକାରୀମାନେ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ରାଉରକେଲା ଅଗ୍ନିଶମ ବିଭାଗ ଟିମ୍ ସନ୍ଧ୍ୟା ୭ଟାରେ ଘଟଣାସ୍ଥଳରେ ପହଞ୍ଚି ବହୁକଷ୍ଟରେ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବା ବେଳେ ଡିଜେଲ ଶେଡ୍‌ର ସିନିୟର ଡିଏମ୍‌ଇ ପଞ୍ଚାନନ ବେହେରା ପହଞ୍ଚି ଘଟଣାର ସମୀକ୍ଷା କରିଛନ୍ତି।

### ନବଜାତ ଶିଶୁର ମୃତଦେହ ଜବତ

**ରାଜଗାଙ୍ଗପୁର, ୧୨।୩(ଅଶୋକ ପାଣି):** ରାଜଗାଙ୍ଗପୁର ପୌର ପରିଷଦର ୧୮ ନଂ. ୱାର୍ଡସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ପାଚେରିକଡ଼ରୁ ବୁଧବାର ପୋଲିସ ଏକ ନବଜାତ ଶିଶୁ ପୁତ୍ରର ମୃତଦେହ ଜବତ କରିଛି। ଉକ୍ତ ସ୍ଥାନରେ ଦୀର୍ଘସମୟ ଧରି ନବଜାତକର ମୃତଦେହ ପଡ଼ିରହିଥିଲା। ସ୍ଥାନୀୟ ଲୋକେ ଏହା ଦେଖି ପୋଲିସକୁ ଜଣାଇଥିଲେ। ଥାନାଧିକାରୀ ମନୋରଞ୍ଜନ ପ୍ରଧାନ, ହେମନ୍ତ ଧାରୁଆ ଓ ଅନ୍ୟ ପୋଲିସ ଅଧିକାରୀ ପହଞ୍ଚି ଶିଶୁର ମୃତଦେହ ଜବତ କରିଥିଲେ।

# ରାଉରକେଲାରେ ସ୍ଥାୟୀ ପୋକ୍‌ସୋ, ଭିଜିଲାନ୍ସ କୋର୍ଟ ସ୍ଥାପନ ଦାବି

**ରାଉରକେଲା,୧୨।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାରେ ସ୍ଥାୟୀ ପୋକ୍ସୋ ଓ ଭିଜିଲାନ୍ସ କୋର୍ଟ ସ୍ଥାପନ ପାଇଁ ରାଉରକେଲା ବାର୍ ଆସୋସିଏଶନ ପକ୍ଷରୁ ବାରମ୍ବାର ଦାବି ହେଉଛି। ହେଲେ କୋର୍ଟ ସ୍ଥାପନ ହେଉନାହିଁ। କେବଳ ରାଉରକେଲାରେ ମାସିକ ୪ଦିନିଆ ସର୍କିଟ କୋର୍ଟ ମାଧ୍ୟମରେ ଉପରୋକ୍ତ ଆପରାଧିକ ମାମଲାର ନ୍ୟାୟିକ ବିଚାର ହେଉଛି। ଅନ୍ୟପଟେ ରାଉରକେଲାରେ ସ୍ଥାୟୀ ପୋକ୍ସୋ ଏବଂ ଭିଜିଲାନ୍ସ କୋର୍ଟ ସ୍ଥାପନ ହେଉ ନ ଥିବାରୁ ରାଉରକେଲା ଓ ବଣାଇରେ ପୋକ୍ସୋ ଓ ଦୁର୍ନୀତି(ଭିଜିଲାନ୍ସ) ଗତ ଆପରାଧିକ ମାମଲାର ନ୍ୟାୟିକ ବିଚାର ପାଇଁ ସୁନ୍ଦରଗଡ଼ ସ୍ଥିତ ପୋକ୍ସୋ ଓ ଭିଜିଲାନ୍ସ କୋର୍ଟକୁ ଅଭିଯୋଗକାରୀଙ୍କୁ ଯିବାକୁ ପଡୁଛି। ଗୋଟିଏ ପଟେ ରାଉରକେଲା ଏବଂ ବଣାଇରେ ସବୁଠାରୁ ବେଶି ମହିଳା ଅପରାଧ ମାମଲା ଏବଂ ଦୁର୍ନୀତିଜନିତ ମାମଲା ହେଉଥିବା ବେଳେ ଏହାର ବିଚାରବିଭାଗୀୟ ମୁଖ୍ୟ ଅଦାଲତ ସୁଦୂର ୧୦୦କି.ମି. ଦୂର ସୁନ୍ଦରଗଡ଼ଠାରେ ରହୁଥିବାରୁ ଏହିଭଳି ଆପରାଧିକ ମାମଲାରେ ସମ୍ପୃକ୍ତ ଅପରାଧୀଙ୍କୁ କୋର୍ଟରେ ହାଜରକରିବା ଆଇନଗତ ବିଧେୟ ରଣନୀତିରେ ଗମ୍ଭୀରତା ସୃଷ୍ଟି କରୁଛି। ୨୦୨୩ଠାରୁ ପୋକ୍ସୋ ସମ୍ପର୍କିତ ନ୍ୟାୟିକ ବିଚାର ପାଇଁ ରାଉରକେଲାଠାରେ ଏକ ଫାଷ୍ଟଟ୍ରାକ୍ କୋର୍ଟ ରହିଛି। ମାତ୍ର ଏଭଳି ମାମଲାର ବିଚାର ନିମନ୍ତେ ଆବଶ୍ୟକ ଥିବା ଭିତ୍ତିଭୂମି ଯେଭଳି ସୁଦୃଢ଼ ହେବା କଥା ସେତିକି ସୁଦୃଢ଼ ନାହିଁ। ରାଉରକେଲା ସ୍ଥିତ ଫାଷ୍ଟଟ୍ରାକ୍ କୋର୍ଟରେ ପାଖାପାଖି ୨୨୦ ପୋକ୍ସୋ ମାମଲା ଓ ୧୨୬ଟି ଶାରୀରିକ ନିର୍ଯାତନାଜନିତ ମାମଲାର ବିଚାର ଲମ୍ବିତ ରହିଥିବା ବେଳେ ଦୁର୍ନୀତିଗତ ମାମଲା ଆଦିର ମଧ୍ୟ ସମାନ ସ୍ଥିତି ରହିଛି। ରାଉରକେଲାରେ ସ୍ଥାୟୀ ପୋକ୍ସୋ ଏବଂ ଭିଜିଲାନ୍ସ କୋର୍ଟ ସ୍ଥାପନ ନ ହେବା ହେତୁ ଏସବୁ ମାମଲାର ଯାଞ୍ଚ ଅଧିକାରୀମାନଙ୍କୁ ଚାର୍ଜଶିଟ୍ ପ୍ରସ୍ତୁତ, ରେକର୍ଡ ଟ୍ରାଏଲ ଓ ସମ୍ପୃକ୍ତ ମାମଲାର ତଦନ୍ତଭିତ୍ତିକ ରିପୋର୍ଟ ଦାଖଲ କରିବା ପାଇଁ ସୁଦୂର ସୁନ୍ଦରଗଡ଼ ପୋକ୍ସୋ ଓ ଭିଜିଲାନ୍ସ କୋର୍ଟକୁ ୪ରୁ୫ ଥର ଯିବାକୁ ପଡୁଛି। ଏହାଦ୍ୱାରା ବିଭାଗୀୟ ତଦନ୍ତ ଅଧିକାରୀଙ୍କ ଅନ୍ୟାନ୍ୟ ଆପରାଧିକ ମାମଲାର ତଦନ୍ତଭିତ୍ତିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ତେଣୁ ଏସବୁ ଦୃଷ୍ଟିରୁ ରାଉରକେଲା ଏବଂ ବଣାଇବାସୀଙ୍କ ସାର୍ବଜନିକ ହିତ ପାଇଁ ରାଉରକେଲାରେ ଏକ ସ୍ଥାୟୀ ପୋକ୍ସୋ ଏବଂ ଭିଜିଲାନ୍ସ କୋର୍ଟ ସ୍ଥାପନ ହେବା ନିହାତି ଆବଶ୍ୟକ ବୋଲି ରାଉରକେଲା ବାର୍ ଆସୋସିଶସନ ପକ୍ଷରୁ ଆଇନଜୀବୀ ରାଜକିଶୋର ପ୍ରଧାନ ଦାବି କରିଛନ୍ତି।



ଆଲୋଚନାଚକ୍ରରେ ସମ୍ମିଳିତ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

# ସୁରକ୍ଷା, ସୁସ୍ଥତା ଉପରେ ଆଲୋଚନାଚକ୍ର

**ରାଉରକେଲା,୧୨।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିରେ ଜାତୀୟ ସୁରକ୍ଷା ମାସ ପାଳନ ଉପଲକ୍ଷେ ମଙ୍ଗଳବାର ଏଲ୍ ଆଣ୍ଡ ଡି ବିଭାଗରେ ବିକଶିତ ଭାରତରେ ଇଏସ୍‌ଜି ଉତ୍କର୍ଷ ନିମନ୍ତେ ସୁରକ୍ଷା ଏବଂ ସୁସ୍ଥତା ମହତ୍ତ୍ୱପୂର୍ଣ୍ଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଓଡ଼ିଶା ସରକାରଙ୍କ ଫ୍ୟାକ୍ଟ୍ରି ଓ ବଏଲର ବିଭାଗର ଉପନିର୍ଦ୍ଦେଶକ ବିଭୁପ୍ରସାଦ ଏବଂ ଆର୍‌ଏସ୍‌ପିର ସୁରକ୍ଷା ବିଭାଗର ପୂର୍ବତନ ଜିଏମ୍ ଶ୍ରୀକାନ୍ତ ପଣ୍ଡା ସମ୍ମାନିତ ବକ୍ତାଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ ତଥା ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ପଲାଇ ନିଜ ବକ୍ତବ୍ୟରେ ବିକଶିତ ଭାରତର ବୃହତର ଲକ୍ଷ୍ୟ ହାସଲ ପାଇଁ ଇଏସ୍‌ଜି ଉତ୍କର୍ଷ ତଥା ସୁରକ୍ଷା ଓ ସୁସ୍ଥତାର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସୁରକ୍ଷାର ଏକ ପ୍ରଭାବଶାଳୀ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଟି ବ୍ୟକ୍ତିବିଶେଷଙ୍କ ଭୂମିକା ତଥା ସର୍ବୋପରି ଶିଳ୍ପ ଏବଂ ସରକାରଙ୍କ ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ବିଭୁପ୍ରସାଦ ତାଙ୍କ ସମ୍ବୋଧନରେ ଶିଳ୍ପଗୁଡିକରେ ବିଶେଷକରି ଲୌହ ଏବଂ ଇସ୍ପାତ ଶିଳ୍ପରେ କଳ କାରଖାନା ଅଧିନିୟମ ୧୯୪୮ ନୀତି ନିୟମାବଳୀର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ। ସେ ମଧ୍ୟ ବିଭିନ୍ନ ବୈଧାନିକ ନୀତିନିୟମର ଅନୁପାଳନ ପୂର୍ବକ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହେବା ବିଷୟରେ ଆଲୋକପାତ କରିଥିଲେ ଏବଂ ନିୟମର ଢାଞ୍ଚାର ଅନୁଶୀଳନ ଓ ସକ୍ରିୟ ପଦକ୍ଷେପ ଗ୍ରହଣ ଉପରେ ଜୋର ଦେଇଥିଲେ। ପରେ ଶ୍ରୀକାନ୍ତ ପଣ୍ଡା ଆସନ୍ନ ବିପଦକୁ କମ୍ କରିବା ରଣନୀତିର ଶ୍ରେଷ୍ଠ ଉପଯୋଗ ସହିତ ସୁରକ୍ଷିତ କାର୍ଯ୍ୟକାରିତା ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସୁରକ୍ଷା ବିଭାଗର ଜିଏମ୍ ଇନ୍‌ଚାର୍ଜ ଆଶା କାର୍ଥା ସମାବେଶକୁ ସ୍ୱାଗତ କରିଥିଲେ। ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସୁଶ୍ରୀ ପ୍ରଜ୍ଞା ନାଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଆମ ପୋଲିସ ସମିତି ବୈଠକ
### ବନ୍ଧମୁଣ୍ଡା ରେଳବାଇ କଲୋନୀ ଘରଗୁଡ଼ିକୁ ମରାମତି ଦାବି

**ବନ୍ଧମୁଣ୍ଡା,୧୨।୩(ସୁବ୍ରତ ଦେ):** ବନ୍ଧମୁଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀକାନ୍ତ ଖମାରିଙ୍କ ଦ୍ୱାରା ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରକ୍ଷା କରିବା ପାଇଁ ବୁଧବାର ସନ୍ଧ୍ୟା ୭ଟାରେ ଥାନା ପରିସରରେ ଆମ ପୁଲିସ ବୈଠକର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସ୍ଥାନୀୟ ଜଣ ପ୍ରତିନିଧି, ସାମାଜିକ କର୍ମୀ ଏବଂ ସମାଜର ବୁଦ୍ଧିଜୀବୀ ଲୋକମାନେ ଉପସ୍ଥିତ ହେଇ ଥିଲେ। ବୈଠକରେ ଲୋକମାନେ ଦାବି କରିଛନ୍ତି ଯିଏ ବନ୍ଧମୁଣ୍ଡା ରେଳବାଇ କଲୋନୀରେ ବହୁ ଦିନ ଧରି ଭଙ୍ଗା ଅବସ୍ଥାରେ ପଡ଼ି ରହିଛି। ଏହି ଘର ଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗିବା କିମ୍ୱା ସେହି ଘର ଗୁଡ଼ିରେ ଆଗ ଭଳି କବାଟ ଏବଂ ଝରକା ଲଗାଯାଉ ବୋଲି ଦାବି କରିଛନ୍ତି। ଥାନା ଅଧିକାରୀ ଶୀଘ୍ର ରେଳବାଇ ବିଭାଗ ସହିତ ଏହି ବାବଦରେ କଥା ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ପୋଲିସ ତରଫରୁ ଆଗାମୀ ହୋଲି ଏବଂ ଇଦ ପର୍ବକୁ ଶାନ୍ତି ଶୃଙ୍ଖଳାରେ ପାଳନ କରିବା ପାଇଁ ଜଣ ସଧାରଣଙ୍କୁ ନିବେଦନ କରାଯାଇଛି। ଥାନାଧିକାରୀ ଶ୍ରୀକାନ୍ତ ଖମାରି, ସବ ଇନ୍ସପେକ୍ଟର ସୌମ୍ୟା ରଞ୍ଜନ ଗିରି, ଗିରିଜା ନନ୍ଦିନୀ ଗାର୍ଡିଆ, ମାନସୀ ସରକାର, ଚନ୍ଦନ ତରାଇ, ଲଖନ ଲୋହାର, ମାଣିକ ଚୌଧୁରୀ, ଜନ ଭେଂଗ୍ରା, ନୀତିଶ ମୁଖୀ, ଦିପା ମଣ୍ଡଳ, ଧିରେନ ମଲ୍ଲିକ, ଆକାଶ ଏକ୍କା, ପ୍ରବଳ ଦେ, ରୀଙ୍କୁ ଉପସ୍ଥିତ ଥିଲେ।

# ଜାତୀୟ ମାଷ୍ଟର୍ସ ଗେମ୍ସରେ ଆର୍‌ଏସ୍‌ପି କର୍ମଚାରୀଙ୍କ ଉଲ୍ଲେଖନୀୟ ପ୍ରଦର୍ଶନ




ଏସ୍.କେ. ଭୂୟାଁ ଭାରୋତ୍ତଳନରେ ସ୍ୱର୍ଣ୍ଣ ପଦକ ଲାଭ କରୁଛନ୍ତି।

**ରାଉରକେଲା,୧୨।୩(ବିପ୍ଳବ ରଞ୍ଜନ ଦାଶ)**

ଆରଏସପିର କର୍ମଚାରୀ ଏବଂ ଅଧିକାରୀମାନେ ମାଷ୍ଟର୍ସ ଗେମ୍ସ ଫାଉଣ୍ଡେଶନ (ଓଡ଼ିଶା) ଦ୍ୱାରା ରାଉରକେଲାରେ ଆୟୋଜିତ ସପ୍ତମ ଜାତୀୟ ମାଷ୍ଟର୍ସ ଗେମ୍ସ-୨୦୨୫ରେ ସେମାନଙ୍କର ପ୍ରଶଂସନୀୟ ପ୍ରତିଭା ପ୍ରଦର୍ଶନ ପୂର୍ବକ ଉଲ୍ଲେଖନୀୟ ସଫଳତା ହାସଲ କରି କାରଖାନାକୁ ଗୌରବାନ୍ୱିତ କରିଛନ୍ତି। ଭାରୋତ୍ତୋଳନରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଆରଏସପି କର୍ମଚାରୀମାନେ ୨ଟି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ଟିଆରଏମ ବିଭାଗ ଜିଏମ ସନ୍ତୋଷ କୁମାର ଭୂୟାଁ ୮୩ କି.ଗ୍ରା. ବର୍ଗରେ ସ୍ୱର୍ଣ୍ଣପଦକ ଲାଭ କରିଥିବା ବେଳେ କୋକ ଓଭେନ ବିଭାଗର ଜିଏମ ବିଜୟ ରାଉଳ ୧୨୦ କିଗ୍ରା ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିଭଳି ସନ୍ତରଣରେ ରୋଲ ସପ୍ ବିଭାଗର ଓସିଟି ପ୍ରଦୀପ କୁମାର ବାରିକ ୨ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ହାସଲ କରିଥିଲେ। ପ୍ରଦୀପ ୧ଶହ ମିଟର ଫ୍ରିଷ୍ଟାଇଲ ଏବଂ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକରେ ସ୍ୱର୍ଣ୍ଣପଦକ ଲାଭ କରିଥିଲେ ଓ ୫୦ମିଟର ଫ୍ରିଷ୍ଟାଇଲରେ ରୌପ୍ୟ ପଦକ ଲାଭ କରିଥିଲେ। ଏଥିସହିତ ଲନ୍ ଟେନିସରେ ୩୦ବର୍ଷରୁ ଅଧିକ ବୟସ ଦଳଗତ ଡବଲ୍ସ ବର୍ଗରେ ଆରଏସପି ଖେଳାଳିମାନେ ରନର୍ସଅପ ରହିଥିଲେ। ଏହା ବ୍ୟତିତ ଲନ୍ ଟେନିସର ୩୦ବର୍ଷରୁ ଅଧିକ ବୟସ ଗୋଷ୍ଠୀ ଡବଲ୍ସ ବର୍ଗରେ,ଏଚଆର ବିଭାଗର ଏଜିଏମ ଦେବାଶିଷ ପଟ୍ଟନାୟକ ଉପବିଜୟୀ ହୋଇଥିଲେ। ଉଲ୍ଲେଖନୀୟ ବିଷୟ ଯେ, ଇଭେଣ୍ଟରେ ଫୁଟବଲ, ବାସ୍କେଟବଲ, ବ୍ୟାଡମିଣ୍ଟନ, ହକି, ଭାରତୋଳନ, ଆଥଲେଟିକ୍ସ, ତୀରନ୍ଦାଜୀ ଓ ସନ୍ତରଣ ସହ ବିଭିନ୍ନ କ୍ରୀଡା ବିଭାଗରେ ବହୁ ବୟୋଜ୍ୟୋଷ୍ଠ ଖେଳାଳି ଅଂଶଗ୍ରହଣ କରିଥିଲେ।

# ଯୋଗ କେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ।

**ରାଉରକେଲା,୧୨।୩(ବିପ୍ଳବ ରଞ୍ଜନ ଦାଶ)**

ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ପରିବାର ଦ୍ୱାରା ପରିଚାଳିତ ଶକ୍ତିନଗର ସାରଳା ମନ୍ଦିର ଯୋଗ କେନ୍ଦ୍ରର ୧୭ତମ ବାର୍ଷିକ ଉତ୍ସବ ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ତଥା ପରିଚାଳିକା ସାବିତ୍ରୀ ସେନାପତିଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅରବିନ୍ଦ ପଣ୍ଡାଙ୍କ ପୌରୋହିତ ଓ ଯଜମାନ ସସ୍ତ୍ରିକ ଧରଣୀଧର ସେନାପତିଙ୍କ ଦ୍ୱାରା ଯଜ୍ଞ ବିଶ୍ୱ କଲ୍ୟାଣ ନିମନ୍ତେ କରାଯାଇଥିଲା। ସହ ରାଜ୍ୟ ପ୍ରଭାରୀ ଅଙ୍କୁର ମାର୍ଥା ମୁଖ୍ୟ ଅତିଥିଭାବେ ଯୋଗଦେଇ ବୈଦିକ ରୀତି ଓ ନୀତି ଅନୁଯାୟୀ ମନ୍ତ୍ର ପାଠ ପୂର୍ବକ ଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ସେ ତାଙ୍କ ଅଭିଭାଷଣରେ ଯୋଗର ଆବଶ୍ୟକତା ଓ ଏହାଦ୍ୱାରା ବ୍ୟକ୍ତି, ସମାଜ ଓ ଦେଶର ଆର୍ଥିକ ପ୍ରଗତିରେ ଯୋଗର ଅବଦାନ ଉପରେ ଚର୍ଚ୍ଚା କରିଥିଲେ। ସାବିତ୍ରୀ ସେନାପତି ଗୁରୁ ବନ୍ଦନା ଗାନ କରିବା ସହିତ କେନ୍ଦ୍ରର ବାର୍ଷିକ ବିବରଣୀ ପାଠ କରିଥିଲେ। କେନ୍ଦ୍ର ତରଫରୁ ଯୋଗ ରତ୍ନ ବିଭୂଷିତା ଜିଲା ମହିଳା ପ୍ରଭାରୀ ନୀତମ୍ବିନି ସ୍ୱାଇଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ମହିଳା ପତାଞ୍ଜଳୀ ଯୋଗ ସମିତି ମହିଳା ପ୍ରଭାରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ନିତମ୍ବିନି ସ୍ୱାଇଁ, ଜିଲା ବିଏସଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲା ଯୋଗ ସମିତି ପ୍ରଭାରୀ ପ୍ରଦୀପ୍ତ ସାହୁ, ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ଜିଲା ସୋସିଆଲ ମିଡିଆ ମହିଳା ପ୍ରଭାରୀ ଆରତୀ କର, ବରିଷ୍ଠ ଯୋଗ ଶିକ୍ଷକ କପିଳେଶ୍ୱର ମହାରଣା ଯୋଗର ଉପକାରିତା ଓ ଆବଶ୍ୟକତା ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ମମତା ସେନାପତି, ସଂଯୁକ୍ତା ସ୍ୱାଇଁ , ମମତା ନାୟକ, ସସ୍ମିତା ନାୟକ, ଲକ୍ଷ୍ମୀ ପ୍ରିୟା ନାୟକ, ଇପ୍ସିତା ଦାସ, ମଞ୍ଜୁଲତା ମହାରଣା, କଳ୍ପନା କବି, ମମତା ରାଠୋର, ପ୍ରତିମା ନାୟକ, ପାୟଲ ସିଂ, ପମ୍ପା ମହାତୋ, ସରସତୀ ସାଣ୍ଡିଲ, ତନୁ ପ୍ରଧାନ, ମୀନା ପାତ୍ର, ଦେବରାଜ ତନ୍ତୀ, ମାନସ ରଞ୍ଜନ ସାହୁ, ନଗେନ୍ଦ୍ର ନାଥ ସ୍ୱାଇଁ, ଆଖୟକୁମାର ବଳଙ୍କ ସମେତ ମନ୍ଦିର କମିଟି ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ପାଲୀ ଫେଷ୍ଟର ୬୩ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ

**ରାଉରକେଲା,୧୨।୩(ସଙ୍ଗୀତା ଜେନା)**

କଟକରେ ମାର୍ଚ୍ଚ ୩ ଓ ୪ ତାରିଖରେ ଆୟୋଜିତ ହୋଇଥିବା ରାଜ୍ୟସ୍ତରୀୟ ପାଲୀ ଫେଷ୍ଟ ପ୍ରତିଯୋଗିତାରେ ରାଉରକେଲା ୟୁଜିଆଇଇର ୬୩ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେମାନେ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରି ରାଉରକେଲା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏନେଇ ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ ପ୍ରତିଯୋଗିତାରେ ସ୍କେଲ କଣ୍ଟେଷ୍ଟ ( ପୁରୁଷ ଓ ବାଳିକା), ମନୋ ଆକ୍ଟ, ସଟପୁଟ ଥ୍ରୋ, କ୍ଲାସିକାଲ ଡ୍ୟାନ୍ସ ସୋଲୋ, ଗ୍ରୁପ କ୍ଲାସିକାଲ ଡ୍ୟାନ୍ସ, ଗ୍ରୁପ ମଡର୍ନ ଡ୍ୟାନ୍ସ, ମାଇମ, ଗ୍ରୁପ ସଙ୍ଗ, ଫୁଟବଲ ଆଦିରେ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଥିଲେ। ଏହି ରାଜ୍ୟ ପ୍ରତିଯୋଗିତାରେ ୟୁଜିଆଇଇର ଜୋନ୍ ଚାମ୍ପିୟନ୍ ହୋଇଥିଲା। ବିଗତ ୩ ବର୍ଷରୁ ଶିକ୍ଷାନୁଷ୍ଠାନ ଏହି ଧାରା ବଜା ରଖିଆସୁଛି। ଏହିପରିପ୍ରେକ୍ଷୀରେ ୟୁଜିଆଇଇ ପକ୍ଷରୁ ଏକ ବିଜୟ ଶୋଭାଯାତ୍ରା ପ୍ରାକ୍ତନ ଛାତ୍ର ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋଭାଯାତ୍ରା ଶିକ୍ଷାନୁଷ୍ଠାନରୁ ବାହାରି ଅଞ୍ଚଳ ପରିକ୍ରମା କରି ପୁନଃ ଶିକ୍ଷାନୁଷ୍ଠାନ ପ୍ରତ୍ୟାବର୍ତ୍ତନ କରିଥିଲା। ଇଂ. ଅଶୋକ ବିଶ୍ୱାଳ ମାଷ୍ଟର ଆଥଲେଟିକ୍ ଚାମ୍ପିଆନ୍ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରେରିତ କରିଥିଲେ। ଉକ୍ତ ସମାରୋହକୁ ସାଧାରଣ ସମ୍ପାଦକ ଶୁଭେନ୍ଦୁ ପଣ୍ଡା ପରିଚାଳନା କରିଥିବାବେଳେ ଉପସଭାପତି ସଜଳ ବାନାର୍ଜୀ, ଲଳିତେନ୍ଦୁ ମିଶ୍ର, ବୈଲୋଚନ ସାମଲ, ସମ୍ପାଦକ ତାପସ ଜେନା, କୋଷାଧକ୍ଷ ପ୍ରଭାତ ରଞ୍ଜନ ତ୍ରିପାଠୀ, ସହକୋଷାଧକ୍ଷ ମନୋଜ ମହାନ୍ତ, କୌସ୍ତୁଭ ପଣ୍ଡିତ, ପଙ୍କଜ ସାମ, ସୁଭାସିନୀ ଜେନା, ସକ୍ରିୟ ସଦସ୍ୟ ଅମର ସାହୁ, ସୀବ ସାହୁ ସମେତ ଅନ୍ୟମାନେ ଅଂଶ ଗ୍ରହଣ କରିଥିଲେ।



ୟୁଜିଆଇଇ ପରିସରରେ ସମ୍ବର୍ଦ୍ଧନା କରାଯାଇଛି।

## ପାନପୋଷ ଉପଖଣ୍ଡର ଆଇନ ବ୍ୟସ୍ଥାକୁ ନେଇ ବୈଠକ

**ରାଉରକେଲା,୧୨।୩(ସଙ୍ଗୀତା ଜେନା)**

ପାନପୋଷ ଉପଖଣ୍ଡ ଅଞ୍ଚଳରେ ଆଇନ ଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଭାରତୀୟ ନାଗରିକ ସୁରକ୍ଷା ସଂହିତା(ବିଏନ୍‌ଏସ୍)ଅନ୍ତର୍ଭୁକ୍ତ ବିଭିନ୍ନ ମାମଲାର ଶୀଘ୍ର ସମାଧାନ ପାଇଁ ମଙ୍ଗଳବାର ଅପରାହ୍ନ ୫ଟାରେ ପିଏଆଇଟିଡିଏ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ବୈଠକରେ ଏସ୍‌ଡିପିଓ ପାନପୋଷ ଅମିତ ମହାନ୍ତି, ରାଉରକେଲା ତହଦସିଲଦାର ନିବେଦିତା ପ୍ରଧାନ, ବିରମିତ୍ରପୁର ତହସିଲଦାର ଗୌରୀ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ବିଭବରଞ୍ଜନ ସାମନ୍ତସିଂହାର ସହିତ ବିଭିନ୍ନ ଥାନା ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ସାମିଲ ହୋଇଥିଲେ। ରାଉରକେଲା, ବିରମିତ୍ରପୁର, ପାନପୋଷ ତହସିଲଦାରମାନେ ନିଜ ଅଞ୍ଚଳରେ ବିଏମ୍‌ଏସ୍ କେସ୍ ଗୁଡ଼ିକ ସମ୍ପର୍କରେ ଅବଗତ କରାଇଥିଲେ। ଏଥିରେ ପୋଲିସର କ୍ଷମତା ବ୍ୟବହାର କରି ଚୋରାଚାଲାଣ ହୋଇଥିବା ବାଲି, ମଦ ବେପାର, ବେଆଇନ ଜମି ଦଖଲ ଆଦି ଦିଗରେ ତ୍ୱରିତ ସମାଧାନ ଦିଗରେ ଆଲୋଚନା କରିଥିଲେ। ଉପଜିଲାପାଳ ନିଲମ୍ବିତ ମାମଲାକୁ ଶୀଘ୍ର ସମାଧାନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସେହିପରି ଅବକାରୀ ଏବଂ ମାଇନିଂ ବିଭାଗ ମଧ୍ୟ ଏ ଦିଗରେ ବିଭାଗ ପକ୍ଷରୁ କରାଯାଉଥିବା କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଉପଜିଲାପାଳ ନାୟକ କହିଥିଲେ, ନାଗରିକମାନଙ୍କ ସୁରକ୍ଷା ଓ ଅଞ୍ଚଳର ଶାନ୍ତି ବଜାୟ ରଖିବା ପାଇଁ ପ୍ରଶାସନ ଓ ପୋଲିସ ବିଭିନ୍ନ ବିଭାଗ ସମନ୍ୱୟ ରଖିବା ପାଇଁ ସହଯୋଗର ଆବଶ୍ୟକତା ରହିଛି। ସହରରେ ବାଲିଚୋରି , ମଦ ବେପାର ପାଇଁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡ ମାନ ଗଠନ କରାଯାଇଛି। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିବା ବେଳେ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ନାୟକ ସୂଚନା ଦେଇଥିଲେ।

# ନିର୍ମାଣ ହେଉନି ୧୩୮ ଅଙ୍ଗନୱାଡି କେନ୍ଦ୍ର

### କୋମଳମତି ଶିଶୁଙ୍କ ସର୍ବାଙ୍ଗୀନ ବିକାଶ ବାଧାପ୍ରାପ୍ତ

**ରାଉରକେଲା,୧୨।୩(ବିପ୍ଳବ ରଞ୍ଜନ ଦାଶ)**

ପୂର୍ବ ସରକାର ଅମଳରେ ରାଉରକେଲା ଶିକ୍ଷାଞ୍ଚଳ ଅନ୍ତର୍ଗତ ଥିବା ୫୨ରୁ ଉର୍ଦ୍ଧ୍ୱ ସରକାରୀ ହାଇସ୍କୁଲକୁ ସ୍ମାର୍ଟ ହାଇସ୍କୁଲରେ ରୂପାନ୍ତରିତ କରିବା ନିମନ୍ତେ ୨ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହେଲା। ମାତ୍ର ରାଉରକେଲା ସହରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ବିଭାଗ ଅଧୀନ ୧୬୦ଟି ଅଙ୍ଗନୱାଡି କେନ୍ଦ୍ରରୁ ୧୩୮ଟି କେନ୍ଦ୍ରରେ ଶିକ୍ଷାଲାଭ କରୁଥିବା କୋମଳମତି ଶିଶୁଙ୍କ ନିଜସ୍ୱ ଅଙ୍ଗନୱାଡି କେନ୍ଦ୍ର ଏଯାଏଁ ନିର୍ମାଣ ହୋଇପାରିଲା ନାହିଁ। ଫଳରେ ଦୀର୍ଘବର୍ଷ ହେଲା ୧୩୮ଟି ଅଙ୍ଗନୱାଡି କେନ୍ଦ୍ରର ୭ହଜାରରୁ ଉର୍ଦ୍ଧ୍ୱ କୋମଳମତି ଶିଶୁ ଭଡ଼ାଘରେ ଓ କମ୍ୟୁନିଟି ସେଣ୍ଟରରେ କାମଚଳା ଭାବେ ଶିକ୍ଷା ଗ୍ରହଣ କରୁଛନ୍ତି। ଅଙ୍ଗନୱାଡି କେନ୍ଦ୍ର ଅଭାବରୁ କୋମଳମତି ଶିଶୁଙ୍କ ବୌଦ୍ଧିକ ବିକାଶରେ ବାଧକ ସାଜୁଥିବା ସହରର ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହେଉଛି। ପ୍ରକାଶ ଥାଉକି, ରାଉରକେଲା ସହରରେ ସର୍ବମୋଟ ୧୬୦ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ମାତ୍ର ମୋଟ ୧୬୦ଟି ଅଙ୍ଗନୱାଡି କେନ୍ଦ୍ରରୁ ୧୦୭କେନ୍ଦ୍ର ଭଡାସୂତ୍ରରେ, ୩୧କେନ୍ଦ୍ର କମ୍ୟୁନିଟି ସେଣ୍ଟରରେ ଚାଲିଥିବା ବେଳେ ମାତ୍ର ୨୨ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ରହିଛି। ଏଥିସହିତ ବହୁ ସମୟରେ ସହରରେ ଭଡାସୂତ୍ରରେ ଚାଲିଥିବା କିଛି ଅଙ୍ଗନୱାଡି କେନ୍ଦ୍ର ଭଡା ବାବଦୀୟ ରାଶି ବିଭାଗ ପକ୍ଷରୁ ଠିକ୍ ସମୟରେ ପୈଠ ନ ହେଲେ ଘର ମାଲିକମାନେ କେନ୍ଦ୍ରରେ ତାଲା ମଧ୍ୟ ମାରି ଦେଉଛନ୍ତି। ଏ ଦିଗରେ ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ହେବା ଜରୁରୀ ହୋଇପଡ଼ିଛି ବୋଲି ଶିଶୁଙ୍କ ଅଭିଭାବିକା/ଅଭିଭାବକ ମହଲରୁ ଦାବି ହେଉଛି। ଏନେଇ ରାଉରକେଲା ସିଡିପିଓ ଦର୍ଶନୀ ଏକ୍କାଙ୍କୁ ପଚାରିବାରୁ, ମାଲଗୋଦାମ ଓ ଦୁର୍ଗାପୁର ଅଙ୍ଗନୱାଡି କେନ୍ଦ୍ର ସମସ୍ୟାର ସମାଧାନ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏଥିସହ ୧୩୮ ଅଙ୍ଗନୱାଡି କେନ୍ଦ୍ର ବିଷୟରେ ମଧ୍ୟ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସହରାଞ୍ଚଳର ୨୨ଟି ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହେବ। ଏଥିପାଇଁ ୨୨ କେନ୍ଦ୍ର ନିମନ୍ତେ ଜମି ଚିହ୍ନଟ ପ୍ରକ୍ରୀୟା ସମ୍ପୂର୍ଣ୍ଣ ହୋଇସାରିଛି ବୋଲି ଉଲ୍ଲେଖ କରିବା ସହ ଅସଜଡା କେନ୍ଦ୍ରଗୁଡିକର ମରାମତି କାର୍ଯ୍ୟ ମଧ୍ୟ ତୁରନ୍ତ କରାଯିବ ବୋଲି ଦର୍ଶାଇଥିଲେ।



ରାଉରକେଲା ସମନ୍ୱିତ ଶିଶୁ ବିକାଶ ବିଭାଗ କାର୍ଯ୍ୟାଳୟ।

**ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର**

ଜମନକିରା,(ରବୀନ୍ଦ୍ର ପ୍ରସାଦ ଦାନୀ): ଜମନକିରା ବ୍ଲକ ପରିସରରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୫୩୮ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସେଥିରୁ ମାନସିକ ଅନଗ୍ରସର ୧୦୭, ଦୃଷ୍ଟିବାଧିତା ୩୩, ଶ୍ରବଣ ବାଧିତା ୫୮, ରକ୍ତଶିକୁଳି ୬ ଏବଂ ଅସ୍ଥି ବିଶେଷ ୩୩୪ଜଣଙ୍କ ପରୀକ୍ଷା କରାଯାଇଥିଲା। ଡା ଜି. ଡି. ପଣ୍ଡା ଇଏନଟି, ଡା ଲଳିତ ପ୍ରଧାନ ମେଡ଼ିସିନ୍ ଡା କଲ୍ୟାଣୀ ପାତ୍ର ଚକ୍ଷୁ ବିଶେଷଜ୍ଞ, ଓମ୍ ପ୍ରକାଶ ସିଂ ଶ୍ରୁତି ବିଶେଷଜ୍ଞ, ସଚ୍ଚିଦାନନ୍ଦ ଖୁଣ୍ଟିଆ, ସୁଲତା ପତି ଏବଂ ଭବାନୀ ମୁଦୁଲି ପ୍ରମୁଖ ବିଶେଷଜ୍ଞ ଉପସ୍ଥିତ ରହି ପରୀକ୍ଷା କରିଥିଲେ। ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ବିଏସଏସଓ ରଞ୍ଜିତ କୁମାର ସାହୁ ପରିଚାଳନା କରିଥିଲେ।



# ସମ୍ବଲପୁରକୁ ବାଲି ଯୋଗାଣ ବନ୍ଦ

ସମ୍ବଲପୁର,୧୨।୩(ଭବାନୀ ଶଙ୍କର ଭୋଇ)



ଜିଲାପାଳ ଅଫିସ ସମ୍ମୁଖରେ ଉପସ୍ଥିତ ସମ୍ବଲପୁର ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ସଦସ୍ୟମାନେ ।

**ଇ-ଟ୍ରାଞ୍ଜିଟ୍ ପାସ୍ ପ୍ରଦାନରେ ଅଚଳାବସ୍ଥା**

- ବାଟରେ ଖଣି ବିଭାଗଠାରୁ ପୋଲିସ ଏବଂ ପରିବହନ ବିଭାଗ ଲଗାଉଛି ଫାଇନ
- ଆର୍‌ଡିସିଙ୍କ ସହ ଆଲୋଚନା କରିବ ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ

ସମ୍ବଲପୁର ଜିଲାରେ ମହାନଦୀ ରହିଥିବାସତ୍ତ୍ୱେ ବାଲିର ଅଭାବ ରହିଛି। ସେଥିପାଇଁ ସମ୍ବଲପୁରରେ ନିର୍ମାଣ କାର୍ଯ୍ୟ ପାଇଁ ଝାରସୁଗୁଡ଼ା, ସୁନ୍ଦରଗଡ଼, ବୌଦ୍ଧ, ବରଗଡ଼ ଏବଂ ସୁବର୍ଣ୍ଣପୁର ଜିଲା ଉପରେ ନିର୍ଭର କରିବାକୁ ପଡୁଛି। ହେଲେ ବାଲି ଖଣିଗୁଡିକରେ ବେଆଇନ ଚୋରାଚାଲାଣ ହେଉଥିବା ଅଭିଯୋଗ ପରେ ବିଗତ କିଛିଦିନ ହେବ ରାସ୍ତାରେ ହାଇୱାଗୁଡିକୁ ଯାଞ୍ଚ କରାଯାଇ ଫାଇନ ଆଦାୟ କରାଯାଉଛି। ବିଭିନ୍ନ ଜିଲାରୁ ସମ୍ବଲପୁରକୁ ବାଲି ପରିବହନ ସମୟରେ ଆବଶ୍ୟକ ପାସ୍ ନ ଥିବାରୁ ପରିବହନକାରୀ ହାଇୱାଗୁଡିକୁ ଫାଇନ କରାଯାଉଛି। ପୁଣି ସମ୍ବଲପୁର ସହର ଭିତରେ ମଧ୍ୟ ଟ୍ରାକ୍ଟରଗୁଡିକରେ ବାଲି ପରିବହନ ସମୟରେ ଟ୍ରାଫିକ ପୋଲିସ ଠୁ ଆରମ୍ଭ କରି ପରିବହନ ବିଭାଗ ଫାଇନ କାଟୁଥିବା ଅଭିଯୋଗ ହୋଇଛି। ଏହାବାଦ ସମ୍ପୃକ୍ତ ଡ୍ରାଇଭରମାନଙ୍କ ନାମରେ ଚୋରାଚାଲାଣ ନେଇ କେସ୍ କରାଯାଇ ହାଜତକୁ ପଠାଯାଉଛି ବୋଲି ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସେଥିପାଇଁ ଗାଡି ମାଲିକମାନେ ଭୟରେ ୫ଦିନ ହେବ ନିଜର ଗାଡି ବାହାର କରୁନାହାନ୍ତି। ଯାହା ଫଳରେ ସମ୍ବଲପୁରକୁ ବାଲି ପରିବହନ ବନ୍ଦ ରହିଥିବା ସଂଘର ସଭାପତି ବିନାୟକ ରାମ କହିଛନ୍ତି।

ସେ ଅଭିଯୋଗ କରିଛନ୍ତି ବାଲିର ଯୋଗାଣ ଏବଂ ପରିବହନ ପାଇଁ ଆବଶ୍ୟକ ଇ-ଟ୍ରାଞ୍ଜିଟ୍ ପାସ୍ ପ୍ରଦାନରେ ଘୋର ସମସ୍ୟା ରହିଛି। ବାଲିକ୍ୱାରୀ ଲିଜ୍‌ଧାରୀମାନେ ଇ-ଟ୍ରାଞ୍ଜିଟ୍ ପାସ୍ ନ ଦେଇ ଅନେକ ସମୟରେ ହାତଲେଖା ପାସ୍ ଦେଉଛନ୍ତି। ପୁଣି ତିନ ହାଇୱା ବାଲି ନେଲେ ଗୋଟିଏ ପାସ୍ ପ୍ରଦାନ କରୁଥିବା ବିନାୟକ ଅଭିଯୋଗ କରିଛନ୍ତି। ଯାଦ୍ୱାରା ବିନା ଟ୍ରାଞ୍ଜିଟ ପାସରେ ବାଲି ପରିବହନ କରି ଧରାପଡିଲେ ଫାଇନ କଟାଯାଉଛି। ଏହାସହ ଗାଡିରେ ଓଭରଲୋଡିଂକୁ ଏଡାଇବା ପାଇଁ, ବାଲିକ୍ୱାରୀ ସାଇଟରେ ଓଜନ ବ୍ୟବସ୍ଥା କରାଯାଉନି। ଜିଲା ପ୍ରଶାସନକୁ ସମସ୍ୟା ବିଷୟରେ ଅବଗତ କରାଯାଇଛି। ତେବେ ଏହା ଆନ୍ତଃଜିଲା ସମସ୍ୟା ହୋଇଥିବାରୁ ନୀତିଗତ ସମାଧାନ ହେବାର ଆବଶ୍ୟକତା ରହିଛି। ତେବେ ସମସ୍ୟାର ସମାଧାନ ହୋଇପାରୁ ନ ଥିବା ବେଳେ ସମ୍ବଲପୁରରେ ଘର ନିର୍ମାଣ କରୁଥିବା ଜନସାଧାରଣ ହଇରାଣ ହେଉଛନ୍ତି। ଏହାସହ ଜିଲାର ବିକାଶ କାମ୍ ବ୍ୟାହତ ହେବାର ଆଶଙ୍କା ଦେଖାଦେଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ପାଇଁ ଆରଡିସିଙ୍କ ସହ ଆଲୋଚନା କରାଯିବା ନେଇ ସମ୍ବଲପୁର ଜିଲା ନିର୍ମାଣ ସାମଗ୍ରୀ ଯୋଗାଣକାରୀ ସଂଘ ବୁଧବାର ଜିଲାପାଳ କାର୍ଯ୍ୟାଳୟ ଆଗରେ ବୈଠକ କରି ନିଷ୍ପତ୍ତି ନେଇଛି।

## ପ୍ରେରଣା ଉଚ୍ଚ ସୋପାନକୁ ନେଇଥାଏ




ବାର୍ଷିକ ଉତ୍ସବ ସଭାରେ ମଞ୍ଚାସୀନ ଅତିଥିମାନେ।

ପଡିଆବାହାଲ,୧୨।୩(ରାଧାମୋହନ ଷଡଙ୍ଗୀ)

**ଡୁଙ୍ଗୁରିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ବ୍ଲକ ବାହାମ ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗୁରିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବୁଧବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବାହାମ ଆଦିବାସୀ ହାଇସ୍କୁଲ ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ଭୋଇ, ମୁଖ୍ୟବକ୍ତାଭାବେ ସମାଜସେବୀ ଡାକ୍ତର ରାଜାରାମ ଷଡ଼ଙ୍ଗୀ ଯୋଗଦେଇ କହିଥିଲେ କଠୋର ପରିଶ୍ରମ ହିଁ ସଫଳତାର ଚାବିକାଠି। ପ୍ରେରଣା ହିଁ ଉଚ୍ଚ ସୋପାନକୁ ନେଇଥାଏ ବୋଲି ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ।

ସମ୍ମାନିତ ଅତିଥି ଶିକ୍ଷକ ବିପିନ ବେହେରା, ସ୍କୁଲର ମୁଖ୍ୟ ଉଦ୍ୟୋକ୍ତା ଚମାର ଭୋଇ,ବ ।ହାମ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ୟାମ ବାଗ, ପୂର୍ବତନ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ସାହୁ, ପୂର୍ବତନ ଶିକ୍ଷକ ମାନଧାତା ପଣ୍ଡା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିର୍ମଳ ଗର୍ଡିଆ ଉପସ୍ଥିତ ରହି ଅଭିଭାଷଣ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ବାର୍ଷିକ ବିବରଣୀ ପଠନ ସହ ସଭାରେ ଅଧ୍ୟକ୍ଷତା କରିଥିଲେ। ଶିକ୍ଷୟିତ୍ରୀ କିଶୋରୀ ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସୁବ୍ରତ ସିଂହ ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ତେନ୍ତୁଳି ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ରେଢାଖୋଲ,୧୨।୩(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଏନଏସି ୧ନଂ ୱାର୍ଡ ପୁରୁଣାଗଡ ଗ୍ରାମର ଜଣେ ଯୁବକ ତେନ୍ତୁଳି ଗଛରୁ ପଡିଯିବାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ବଳରାମ ଭୁକ୍ତା(୩୬)। ବୁଧବାର ପୂର୍ବାହ୍ନ ୧୧ଟା ବେଳେ ବଳରାମ ବୁଧବାର ଗ୍ରାମ ନିକଟରେ ଥିବା ଏକ ତେନ୍ତୁଳି ଗଛକୁ ଚଢି ତେନ୍ତୁଳି ତୋଳୁଥିବା ବେଳେ ଖସି ଅବସ୍ଥାରେ ପରିବାର ତାଙ୍କୁ ରେଢାଖୋଲ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବଳରାମଙ୍କ ସ୍ତ୍ରୀ ଓ ଗୋଟିଏ ୧୨ବର୍ଷର ଝିଅ ଓ ୪ବର୍ଷର ପୁଅ ଅଛି।

## ପ୍ରଶାସନିକ ହସ୍ତକ୍ଷେପ, ବନ୍ଦ ହେଲା ବାଲ୍ୟବିବାହ

କୁଚିଣ୍ଡା,୧୨।୩(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁସୁମୀ ଗ୍ରାମରେ ହେବାକୁ ଥିବା ବାଲ୍ୟ ବିବାହ ପ୍ରଶାସନିକ ହସ୍ତକ୍ଷେପ ଯୋଗୁ ବନ୍ଦ ହୋଇଛି। ମହୁଲପାଲି ଥାନା କୁସୁମୀ ଗ୍ରାମର ଜଣେ ନାବାଳିକାଙ୍କ ସହ ସୁନ୍ଦରଗଡ ଜିଲା କୋଇଡା ଥାନା ଗୋପନା ଗ୍ରାମର ଦେବାନନ୍ଦ ଦାଶଙ୍କ ବୁଧବାର ବିବାହ ସ୍ଥିରୀକୃତ ହୋଇଥିଲା। ଏଥି ପାଇଁ ବରକନ୍ୟା ଉଭୟଙ୍କ ଘରେ ବନ୍ଧୁବାନ୍ଧବଙ୍କ ସମାଗମ ହୋଇ ସମସ୍ତ ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କନ୍ୟା ଘରକୁ କେବଳ ବରଯାତ୍ରୀ ପହଞ୍ଚିବା ବାକିଥିଲା। ମାତ୍ର କନ୍ୟା ଜଣେ ନାବାଳିକା ହୋଇଥିବା ଜଣାପଡିବା ପରେ ଏଥିରେ ପ୍ରଶାସନ ହସ୍ତକ୍ଷେପ କରିଥିଲା। ଖବରପାଇ କୁଚିଣ୍ଡା ସିଡିପିଓ ତଥା ବାଲ୍ୟ ବିବାହ ନିରୋଧ ଅଧିକାରୀ ରାଜଶ୍ରୀ ପରିଡାଙ୍କ ହସ୍ତକ୍ଷେପ ଯୋଗୁ ଏହି ବିବାହ ବନ୍ଦ ହୋଇଥିଲା। ସିଡିପିଓ ପରିଡାଙ୍କ ସହ କୁନ୍ତରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ଈଶର ମୁଣ୍ଡା, ଶିଶୁସୁରକ୍ଷା ଅଧିକାରୀ ସରିତା ମହାପାତ୍ର, ମହିଳା ପରିଦର୍ଶୀକା ଜ୍ୟୋତି ମିଶ୍ର, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ମହିଳା ସ୍ୱାସ୍ଥ୍ୟକର୍ମୀ, ମହୁଲପାଲି ଥାନା ଅଧିକାରୀ ଓ କୁସୁମୀ ଫାଣ୍ଡି ଅଧିକାରୀ ମିଳିତ ଭାବେ ନାବାଳିକାଙ୍କ ଘରକୁ ଯାଇ ବାଲ୍ୟ ବିବାହ ଏକ କର୍ତ୍ତବ୍ୟ ଅପରାଧ ବୋଲି ବୁଝାଇ ଥିଲେ। ପରେ ଉକ୍ତ ବିବାହ ବନ୍ଦ ହୋଇଥିଲା। ଅନ୍ୟ ପକ୍ଷରେ ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକ ସିଡିପିଓ ଏବଂ ଶିଶୁ ସୁରକ୍ଷା କମିଟିର କର୍ମକର୍ତ୍ତାମାନେ ଏହି ବିବାହ ବନ୍ଦ ପାଇଁ ବରପକ୍ଷଙ୍କୁ ବରଯାତ୍ରୀ ନଯିବା ପାଇଁ ବୁଝାଇଥିଲେ। ଫଳରେ ଏହି ବାଲ୍ୟ ବିବାହ ବନ୍ଦ ହୋଇଥିବା ସିଡିପିଓ ପରିଡା ସୂଚନା ଦେଇଛନ୍ତି।

# ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର



ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀମାନେ ।

ସମ୍ବଲପୁର,୧୨।୩(ବି.ଶଙ୍କର)

ସମ୍ବଲପୁର ଜିଲା ଶିକ୍ଷା କାର୍ଯ୍ୟାଳୟ ଆୟୋଜିତ ବ୍ଲକସ୍ତରୀୟ ଜୁନିୟର ରେଡ଼କ୍ରସ ପ୍ରଶିକ୍ଷଣ ଶିବିର ଧନକଉଡ଼ା ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। ଜିଲା ଜୁନିୟର ରେଡ଼କ୍ରସ ଅଫିସର ବିଶ୍ୱାମିତ୍ର ଦୀପଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱାସ୍ଥ୍ୟ, ସେବା ଓ ବିଶ୍ୱବନ୍ଧୁତାର ବାର୍ତ୍ତା ବହନ କରୁଥିବା ଏହି ପ୍ରଶିକ୍ଷଣ ଶିବିରକୁ ମୁଖ୍ୟ ଅତିଥି ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇ ବିଦ୍ୟାଳୟସ୍ତରରେ ପ୍ରଶିକ୍ଷିତ ଜ୍ଞାନକୁ ପ୍ରୟୋଗ କରିବା ପାଇଁ ଉତ୍ସାହିତ କରିଥିଲେ। ଉକ୍ତ ଶିବିର ଧନକଉଡା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ରାଜ୍ୟ ଜିଲା ରେଡ଼କ୍ରସ ସେକ୍ରେଟାରୀ ରୋଜାଲିନ ତିର୍କୀ, ଜିଲା ରେଡ଼କ୍ରସ ସଂଯୋଜିକା ପ୍ରମିଳା ବେହେରା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସୁଜାତା ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଶିକ୍ଷାର୍ଥଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ଦିବସ କାର୍ଯ୍ୟକ୍ରମରେ ହୋପ ସ୍କୋପ ଡ୍ରାଇଭିଂ ସ୍କୁଲର ସଂଯୋଜକ ମନୋରଞ୍ଜନ ପଧାନ ସଡ଼କ ସୁରକ୍ଷା ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଡ. ରାମଚରଣ ପଧାନ ନିଶା ନିବାରଣ ସମ୍ପର୍କରେ ପ୍ରଶିକ୍ଷାର୍ଥୀ ଶିକ୍ଷକମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବରିଷ୍ଠ କାଉନସେଲର ପଙ୍କଜିନୀ ନାୟକ ରେଡ଼କ୍ରସ ଇତିହାସ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଧନକଉଡା, ରେଙ୍ଗାଲି, ବାମରା ଏବଂ କୁଚିଣ୍ଡା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟରୁ ମୋଟ ୧ଶହ ଜଣ କାଉନସେଲର ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜୁନିୟର ରେଡ଼କ୍ରସ କାଉନସେଲର ଆନନ୍ଦ ଡନସନା, ପ୍ରତାପ ସେନାପତି, ସତ୍ୟନାରାୟଣ ପଣ୍ଡା, ରାଜାରାମ ପଣ୍ଡା, ଲକ୍ଷ୍ମଣ ମେହେର, ତ୍ରିବିକ୍ରମ ରଣା, ଧନକଉଡା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

## ଗୋଚାଲାଣ ମାମଲାରେ ଆଉ ୪ ଗିରଫ

ସମ୍ବଲପୁର,୧୨।୩(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ପୋଲିସ ଏନକାଉଣ୍ଟରରେ ୨ ଗୋଚାଲାଣକାରୀ ଗୁରୁତର ହୋଇଥିଲେ। ଏହି ଘଟଣାରେ ପୋଲିସ ଟ୍ରେଲର୍ ଚାଳକ ଦବିନ୍ଦର ସିଂ(୨୫) ଓ ଗୋରୁ ଯୋଗାଣକାରୀ ନରେନ୍ଦ୍ର ମେହେର(୨୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ଘଟଣାରେ ପୋଲିସ ଆଉ ୪ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଫଳରେ ଏହି ମାମଲାରେ ଗିରଫ ସଂଖ୍ୟା ୮କୁ ବୃଦ୍ଧି ପାଇଛି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ରାମପୁର ଗ୍ରାମର ପରମେଶ୍ୱର ଲୁହା(୩୦), ପ୍ରସନ୍ନ ସାହୁ ଓରଫ ବୁଲୁ(୪୭), ଦୟାନିଧି ଲୁହା(୨୮) ଓ ନନ୍ଦ କୁମାର ଚୌଧୁରୀ(୩୪)। ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଗୋରୁ ଯୋଗାଣକାରୀ ସୁବର୍ଣ୍ଣପୁର ଜିଲା ରାମପୁରର ନରେନ୍ଦ୍ରଙ୍କୁ ଜେରାବେଳେ ମିଳିଥିବା ସୂଚନା ଆଧାରରେ ପୋଲିସ ଉକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ମଙ୍ଗଳବାର ଭୋରରୁ ସମ୍ବଲପୁର ସିଟି ଷ୍ଟେଶନ ନିକଟରେ ଜଗି ରହିଥିବା ପୋଲିସ ସହିତ ଗୋରୁ ଚାଲାଣକାରୀଙ୍କ ଗୁଳି ବିନିମୟ ହୋଇଥିଲା। ଏଥିରେ ଶେଖ ମଣ୍ଟୋ ହକ୍(୩୪) ଓ କାର ଚାଳକ ଶେଖ ଆରିଫ୍(୨୨) ଗୁରୁତର ଆହତ ହୋଇ ବର୍ତ୍ତମାନ ଭିମ୍‌ସାରରେ ଚିକିତ୍ସାଧୀନ ଅଛନ୍ତି।

## ଟିପିଡବ୍ଲ୍ୟୁଓଡିଏଲ୍ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସୁଦୃଢ଼ କରିବ



ବିକଳ୍ପ ନୂତନ ୩୩ କେଭି ଭୂତଳ ବିଦ୍ୟୁତ ଲାଇନକୁ କାର୍ଯ୍ୟକ୍ଷମ କରାଯାଉଛି ।

ସମ୍ବଲପୁର,୧୨।୩(ବି.ଶଙ୍କର)

**ନୂତନ ବିକଳ୍ପ ୩୩ କେଭି ଭୂତଳ ବିଦ୍ୟୁତ୍ ଲାଇନ କାର୍ଯ୍ୟକ୍ଷମ**

ସମ୍ବଲପୁର ସହରରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଅଧିକ ସୁଦୃଢ ହେବ। ଏନେଇ ଟାଟା ପାୱାର ପଶ୍ଚିମ ଓଡ଼ିଶାର ବିଦ୍ୟୁତ୍ ବିତରଣ କମ୍ପାନୀ( ଟିପିଡବ୍ଲ୍ୟୁଓଡିଏଲ) ବିବିଧ କାର୍ଯ୍ୟ କରୁଛି। ଗଣେଷନଗର ସ୍ଥିତ ଓପିଟିସିଏଲ ଗ୍ରୀଡ ସବଷ୍ଟେଶନଠାରୁ ଅଇଁଠାପାଲିସ୍ଥିତ ପାୱାର ସବଷ୍ଟେଶନ୍ ପର୍ଯ୍ୟନ୍ତ ବିକଳ୍ପ ନୂତନ ୩୩ କେଭି ଭୂତଳ ଲାଇନକୁ ମଙ୍ଗଳବାର କାର୍ଯ୍ୟକ୍ଷମ କରାଯାଇଛି। ଏଥିଯୋଗୁ ସମ୍ବଲପୁର ସହରର ଅଇଁଠାପାଲି, ବୁଢାରାଜା, ଫାଟକ, ମୁଦିପଡ଼ା, ଚେରୁଆପଡ଼ା, ଏସଆରଆଇଟି କଲୋନୀ, ଜଗନ୍ନାଥ କଲୋନୀ, ଫାର୍ମରୋଡ଼, ରେଲୱେ ଷ୍ଟେଶନ ଅଞ୍ଚଳ, ଅନୁଗୁଳିଆପଡ଼ା ଓ ଝାରସୁଗୁଡ଼ା ରୋଡ, ରେମଡ୍ ସମେତ ଏହାର ଆଖପାଖ ଅଞ୍ଚଳର ପାଖାପାଖି ୩୦ହଜାର ବିଦ୍ୟୁତ ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିଶ୍ଚିତ କରାଯାଇପାରିବ। ଏଥିସହ ସହରର ବିଭିନ୍ନ ସରକାରୀ, ବେସରକାରୀ କୋଠା, ବିଦ୍ୟାଳୟ, ମହାବିଦ୍ୟାଳୟ, ସରକାରୀ କାର୍ଯ୍ୟାଳୟ, ପୋଲିସ ଷ୍ଟେଶନ, ହୋଟେଲକୁ ମଧ୍ୟ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ନିଶ୍ଚିତ ହୋଇପାରିବ।

ଅଇଁଠାପାଲି ପାୱାର ସବ-ଷ୍ଟେଶନକୁ ଗଣେଷନଗରସ୍ଥିତ ଓପିଟିସିଏଲ ଗ୍ରୀଡରୁ ଓଭରହେଡ ୩୩ କେଭି ଫିଡର ଲାଇନ ଦ୍ୱାରା ବିଦ୍ୟୁତ ଯୋଗାଣ କରାଯାଇଥାଏ। ମାତ୍ର ପିକ୍ ଲୋଡ ସମୟରେ ବିଦ୍ୟମାନ ଓଭର ହେଡ୍ ୩୩ କେଭି ଫିଡର ଲାଇନଟି ଓଭରଲୋଡ୍ ହୋଇଯାଏ। ଯାହା ଫଳରେ ବିଦ୍ୟୁତ୍ ଯୋଗାଣ ଅନେକ ସମୟ ବାଧାପ୍ରାପ୍ତ ହୋଇଥାଏ। ତେଣୁ ଏହି ବିକଳ୍ପ ଭୂତଳ କେବୁଲ ଲାଇନଟି ବିଦ୍ୟୁତ୍ ଭାରକୁ ଦୁଇଟି ଭିନ୍ନ ଭାଗରେ ବଣ୍ଟନ କରିବ ଏବଂ ଏହା ସମସ୍ତ ବିତରଣ ଟ୍ରାନ୍ସଫର୍ମରଗୁଡ଼ିକୁ ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରି ଓଭରଲୋଡ ଟ୍ରିପିଙ୍ଗକୁ ହ୍ରାସ କରିବ। ଆଗାମୀ ଦିନଗୁଡିକରେ ଟିପିଡବ୍ଲ୍ୟୁଓଡିଏଲ ସମସ୍ତ ଫିଡର ଲାଇନ୍ ଗୁଡ଼ିକୁ ଭୂତଳ କରିବା ପାଇଁ ନିଷ୍ପତ୍ତି ନେଇଛି। ଏହାଦ୍ୱାରା କାଳବୈଶାଖୀ ତଥା ବାତ୍ୟା ଭଳି ପରିସ୍ଥିତିରେ କ୍ଷୟକ୍ଷତିର ସମ୍ଭାବନା କମ୍ ହୋଇଯିବ। ଫଳରେ ଗ୍ରୀଡରୁ ପାୱାର ସବ-ଷ୍ଟେଶନଗୁଡ଼ିକୁ ନିରବଚ୍ଛିନ୍ନଭାବେ ବିଦ୍ୟୁତ ଯୋଗାଣ ହୋଇପାରିବ ବୋଲି ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ।

# ବନାଗ୍ନି ନିରାକରଣ ସଚେତନତା ଶିବିର

ଜମନକିରା,୧୨।୩(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ରେଞ୍ଜ ପକ୍ଷରୁ କସଡ଼ା ପଞ୍ଚାୟତ ସମ୍ମିଳନୀ କକ୍ଷରେ ବନାଗ୍ନି ନିରାକରଣ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଲକ୍ଷ୍ମୀନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ଜମନକିରା ତହସିଲଦାର ପ୍ରବୀଣା ବିଲୁଙ୍ଗ ଯୋଗଦେଇ ଜଙ୍ଗଲକୁ କିପରି ନିଆଁ ଦାଉରୁ ରକ୍ଷା କରାଯାଇପାରିବ ସେନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଙ୍ଗଲ ମଧ୍ୟରେ ଅନେକ ବନ୍ୟପ୍ରାଣୀ ବସବାସ କରନ୍ତି। ଏଥିସହ ସେମାନେ ଜଙ୍ଗଲ ମଧ୍ୟରେ ବିଚରଣ କରି ଜଙ୍ଗଲକୁ ସୁରକ୍ଷିତ ରଖିଥାନ୍ତି। ଜଙ୍ଗଲ ମଧ୍ୟରେ ଅନେକ ଔଷଧୀୟ ବୃକ୍ଷ ରହିଛି, ଯାହାକି ସମସ୍ତ ପ୍ରାଣୀଙ୍କ ପାଇଁ ବରଦାନ ସଦୃଶ। ସେହି ବୃକ୍ଷଗୁଡ଼ିକ ଯଦି ନିଆଁରେ ପୋଡ଼ି ନଷ୍ଟ ହୋଇଯିବ ତାହେଲେ ମଣିଷ ଜଗତ ସହ ବନ୍ୟପ୍ରାଣୀ ମଧ୍ୟ ଅସୁବିଧାରେ ପଡ଼ିବେ। ତେଣୁ ଜଙ୍ଗଲକୁ ନିଆଁ ପୋଡ଼ିରୁ ସୁରକ୍ଷା କରିବା ଆମର ସମସ୍ତଙ୍କର କର୍ତ୍ତବ୍ୟ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ କସାଡ଼ା ସରପଞ୍ଚ ହୁତାସିନି ନାଏକ, ସମିତି ସଭ୍ୟା ସୁନନ୍ଦା କିସାନ, ଅଗ୍ନିଶମ ବିଭାଗର ମିତ୍ରଭାନୁ ପଧାନ ଏବଂ ଯୁଧିଷ୍ଠିର ବାଘ ମଞ୍ଚାସୀନ ଥିଲେ। ଫରେଷ୍ଟର ହେମନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରୋଟାରି ହସ୍ପିଟାଲ ନାମରେ ଥାନାରେ ଅଭିଯୋଗ

ସମ୍ବଲପୁର,୧୨।୩(ଭବାନୀ ଶଙ୍କର ଭୋଇ)

**ଅଢେଇବର୍ଷ ହେବ ଜନ୍ମ ପ୍ରମାଣପତ୍ର ନ ମିଳିବା ଘଟଣା**

ସମ୍ବଲପୁର ରୋଟାରି ହସ୍ପିଟାଲରେ ଜନ୍ମ ହୋଇଥିବା ୨୪ ଜଣ ଶିଶୁଙ୍କ ଅଢେଇବର୍ଷ ହେବ ଜନ୍ମ ପ୍ରମାଣପତ୍ର ମିଳିପାରୁ ନାହିଁ। ଏହାକୁ ନେଇ ସମ୍ବଲପୁର ମହାନଗର ଅନ୍ତର୍ଗତ ୩୪ ନମ୍ବର ୱାର୍ଡ ସାରସ୍ୱତ କଲୋନିର ରାଜକୁମାର ସାହୁ ବୁଧବାର ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁସାରେ ଧନୁପାଲି ଭତରାସ୍ଥିତ ରୋଟାରି ହସ୍ପିଟାଲରେ ୨୦୨୨ ମସିହା ସେପ୍ଟେମ୍ବର ୧୪ରେ ତାଙ୍କର ଝିଅ ଜନ୍ମ ହୋଇଥିଲା। ରାଜକୁମାର ରୋଟାରି କ୍ଲବ ଅଧୀନରେ ଥିବାରୁ ଏହି ଡାକ୍ତରଖାନାରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ମିଳିବା ନେଇ ଆଶାବାଦୀ ରହିଥିଲେ। ସେଠାରୁ ଡିସ୍‌ଚାର୍ଜ ହେବା ସମୟରେ ୨୮ ହଜାର ୪ଶହ ଟଙ୍କା ପଇଠ ମଧ୍ୟ କରିଥିଲେ। ହେଲେ ଏହାପରେ ସେ ମହାନଗର ନିଗମର ସ୍ୱାସ୍ଥ୍ୟ ବିଭାଗରେ ଝିଅର ଜନ୍ମ ପ୍ରମାଣପତ୍ର ଆବେଦନ କରଥିଲେ। ହେଲେ ଡାକ୍ତରଖାନା ସରକାରୀ ସ୍ୱୀକୃତିପ୍ରାପ୍ତ ହୋଇ ନ ଥିବାରୁ ସେଠାରେ ଜନ୍ମ ହୋଇଥିବା ଛୁଆକୁ ଜନ୍ମ ପ୍ରମାଣପତ୍ର ଦିଆଯାଇ ପାରିବ ନାହିଁ ବୋଲି ମନା କରିଦିଆଗଲା। ଏହାପରେ ସେ ରୋଟାରି ହସ୍ପିଟାଲ ଦାୟିତ୍ୱରେ ଥିବା କ୍ଲବର କର୍ମକର୍ତ୍ତା ଡାକ୍ତର ଅଶୋକ ସିଂହଙ୍କୁ ଯୋଗାଯୋଗ କରିଥିଲେ। ତେବେ ସେ ପ୍ରମାଣପତ୍ର କରାଇଦେବା ପ୍ରତିଶ୍ରୁତି ଦେଇ ଦିନ ଗଡାଇ ଚାଲିଥିବାରୁ ଝିଅର ପାଠପଢା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ଏହାପରେ ସେ ଥାନାର ଦ୍ୱାରସ୍ଥ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ସେ ଅଭିଯୋଗର ନକଲ ସମ୍ବଲପୁର ଜିଲାପାଳ, ଏସ୍‌ପିଙ୍କୁ ଡାକ ଯୋଗେ ପଠାଇଛନ୍ତି। ରାଜକୁମାର କହନ୍ତି, ତାଙ୍କ ଭଳି ଆହୁରି ୨୩/୨୪ ଜଣ ନିଜ ଛୁଆର ଜନ୍ମ ପ୍ରମାଣପତ୍ର ପାଇଁ ହଇରାଣ ହେଉଛନ୍ତି। ଏ ସମ୍ପର୍କରେ ଧନୁପାଲି ଥାନା ଅଧିକାରୀ ଆଦିତ୍ୟ ମହାକୁଡଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ପ୍ରଥମେ ଅନୁଧ୍ୟାନ କରାଯିବ, ତା'ପରେ ଆଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କର

ସମ୍ବଲପୁର,୧୨।୩(ପ୍ରମୋଦ ବହିଦାର)




ରାଲିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଆଉଟସୋର୍ସିଂ କର୍ମଚାରୀ ସଂଘ ସଦସ୍ୟ।

ରାଜ୍ୟର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ଅନ୍ୟ ସରକାରୀ ସୁବିଧା ପ୍ରଦାନ କର। ଏହିଭଳି ଦାବି କରିଛି ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ସଂଘ। ଓଡ଼ିଶା ଆଉଟସୋର୍ସିଂ କର୍ମଚାରୀ ମହାସଂଘ ନିର୍ଦ୍ଦେଶକ୍ରମେ ବୁଧବାର ସମ୍ବଲପୁର ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହିତ ଛଟେଇ ପ୍ରକ୍ରିୟା ବନ୍ଦ, ଆଉଟସୋର୍ସିଂ ଓ ଡେଲିୱେଜ କର୍ମଚାରୀଙ୍କ ମଧ୍ୟରେ ତରତମ୍ୟ ନ କରି ସମାନ ସୁବିଧା ପ୍ରଦାନ ଆଦି ତିନିଦଫା ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସଂଘ ସଭାପତି ପ୍ରେମାନନ୍ଦ ରେଡ୍ଡୀଙ୍କ ନେତୃତ୍ୱରେ ଆଉଟ୍‌ସୋର୍ସିଂ କର୍ମଚାରୀମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ସ୍ଥାନୀୟ ପୌର ପରିଷଦ ଛକରୁ ଏକ ରାଲିରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସଂଘର ଏକ ପ୍ରତିନିଧି ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ଗ୍ରହଣ କରି ଜିଲାପାଳ ନିଜସ୍ୱ ସ୍ତରରେ ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଦାବି ପୂରଣ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆସନ୍ତା ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ ପରିଧାନ କରିବେ। ଏହାସତ୍ତ୍ୱେ ତାଙ୍କ ସମସ୍ୟା ସମାଧାନ ପାଇଁ ସରକାର ୨୨ତାରିଖ ମଧ୍ୟରେ ପଦକ୍ଷେପ ଗ୍ରହଣ ନ କଲେ କର୍ମଚାରୀମାନେ ଆସନ୍ତା ୨୪ ତାରିଖରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗଠାରେ ଶାନ୍ତିପୂର୍ଣ୍ଣଭାବେ ଆନ୍ଦୋଳନ ପୂର୍ବକ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ସଂଘ ସମ୍ବଲପୁର ଜିଲା ଶାଖା ଉପସଭାପତି ଜଗଦାନନ୍ଦ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ରଙ୍କ ସମେତ ବହୁସଂଖ୍ୟାରେ ଆଉଟସୋର୍ସିଂ କର୍ମଚାରୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ୨ କଶ୍ମୀରୀ ସଙ୍ଗଠନକୁ ନିଷିଦ୍ଧ କଲା କେନ୍ଦ୍ର

ଶ୍ରୀନଗର, ୧୨।୩

ଜମ୍ମୁ-କଶ୍ମୀରର ୨ ସଙ୍ଗଠନ 'ଜମ୍ମୁ-କଶ୍ମୀର ଇତିହାଦୁଲ ମୁସ୍ଲିମିନ୍ (ଜେକେଆଇଏମ୍) ଏବଂ ଆୱାମୀ ଆକ୍ସନ କମିଟି(ଏଏସି)କୁ ବେଆଇନ ସଙ୍ଗଠନ ଭାବେ ମଙ୍ଗଳବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ପକ୍ଷରୁ ଏକ୍ସ'ରେ ଏହି ସୂଚନା ଦିଆଯାଇଛି। ହିଂସା ପାଇଁ କଶ୍ମୀରବାସୀଙ୍କୁ ଉସ୍କାଇବା ସହ ଆଇନଶୃଙ୍ଖଳା ସ୍ଥିତିକୁ ବିଗାଡ଼ିବାରେ ଉଭୟ ସଙ୍ଗଠନ ଲିପ୍ତ ରହୁଥିବାରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଶାହା କହିଛନ୍ତି। ଜମ୍ମୁ-କଶ୍ମୀରରେ ବିଭିନ୍ନ ଅଶାନ୍ତି ସୃଷ୍ଟି କରିବାକୁ ଏହି ୨ ସଙ୍ଗଠନ ଷଡ଼ଯନ୍ତ୍ର ରଚୁଥିବାରୁ 'ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ) ଅଧିନିୟମ-୧୯୬୭' ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୫ ବର୍ଷ ପାଇଁ ଉଭୟ ଜେକେଆଇଏମ୍ ଏବଂ ଏଏସି ସଙ୍ଗଠନ ଉପରେ ନିଷେଧାଦେଶ ଜାରି ହୋଇଥିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି।

### ହରିୟାଣା ପୌର ନିର୍ବାଚନରେ ଭାଜପାର ବିପୁଳ ବିଜୟ

ଚଣ୍ଡିଗଡ଼, ୧୨।୩

ହରିୟାଣା ପୌର ନିର୍ବାଚନର ଫଳାଫଳ ବୁଧବାର ଘୋଷିତ ହୋଇଛି। ରାଜ୍ୟର ୧୦ ନଗର ନିଗମରୁ ୯ରେ ଭାଜପା ବାଜିମାତ୍ କରିଛି। ମାନେସର ନଗର ନିଗମରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। କଂଗ୍ରେସ ଏହି ନିର୍ବାଚନରେ ଖାତା ମଧ୍ୟ ଖୋଲିପାରିନାହିଁ। ପୂର୍ବତନ ବିଧାୟକ ତଥା କଂଗ୍ରେସ ବିଧାୟକ ଭିନେଶ ଫୋଗଟଙ୍କ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜୁଲାନା ନଗର ନିଗମରୁ ମଧ୍ୟ ଭାଜପା ବିଜୟୀ ହୋଇଛି। ଫରିଦାବାଦରେ ଭାଜପାର ମେୟର ପ୍ରାର୍ଥୀ ପ୍ରବୀଣ ବତ୍ରା ରେକର୍ଡ ୩ ଲକ୍ଷ ୧୬ ହଜାର ୮୫୨ ଭୋଟରେ ବିଜୟୀ ହୋଇଛନ୍ତି। ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟ ଉପରେ ହରିୟାଣାବାସୀଙ୍କର ଅତୁଟ ଭରସା ରହିଛି ବୋଲି ଏହି ଜନାଦେଶ ଦର୍ଶାଉଥିବା ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସାଇନି କହିଛନ୍ତି।

# ବେଲୁଚିସ୍ତାନକୁ ଉପେକ୍ଷାର ପରିଣାମ

## ହାଇଜ୍ୟାକ୍ ଟ୍ରେନ୍‌ରେ ବିସ୍ଫୋରଣର ଭିଡିଓ ଜାରି କଲା ବିଏଲ୍ଏ



ଇସ୍‌ଲାମାବାଦ୍/କ୍ୱେଟା, ୧୨।୩

ପାକିସ୍ତାନ ଅନେକ ଦଶନ୍ଧି ଧରି ଦକ୍ଷିଣପଶ୍ଚିମ ବେଲୁଚିସ୍ତାନ ପ୍ରଦେଶକୁ ଉପେକ୍ଷା କରିଥିବାରୁ ଏହାର ପ୍ରତିଶୋଧ ସ୍ୱରୂପ ବେଲୁଚିସ୍ତାନ ଲିବରେଶନ୍ ଆର୍ମି (ବିଏଲ୍ଏ) ବିଦ୍ରୋହୀ ମଙ୍ଗଳବାର ଜଫର ଏକ୍ସପ୍ରେସ୍‌କୁ ନାଟକୀୟ ଶୈଳୀରେ ହାଇଜ୍ୟାକ୍ କରିଥିବା ଜଣାପଡ଼ିଛି। ଏହା ପୂର୍ବରୁ ବିଦ୍ରୋହୀମାନେ ପାକିସ୍ତାନ ସରକାର ବିରୋଧରେ ଅନେକ କାର୍ଯ୍ୟାନୁଷ୍ଠାନ ନେଇଥିଲେ ମଧ୍ୟ ଏତେ ବଡ଼ ଧରଣର ଆକ୍ରମଣ କରି ନ ଥିଲେ। ଏନେଇ ଇସ୍‌ଲାମାବାଦର ବିଶ୍ଳେଷକ ଅବ୍‌ଦୁଲ୍ଲା ଖାନ୍ କହିଛନ୍ତି, ଟ୍ରେନ୍ ଅପହରଣ ହେଉଛି ଅଦ୍ୟାବଧି ବିଏଲ୍ଏ ପକ୍ଷରୁ କରାଯାଇଥିବା ସବୁଠୁ ଘାତକ ଆକ୍ରମଣ। ମୃତାହତଙ୍କ ସଂଖ୍ୟା ସାମ୍ନାକୁ ଆସିଲେ ଦେଶ ଚକିତ ହୋଇଯିବ।

ବେଲୁଚିସ୍ତାନ ହେଉଛି ପାକିସ୍ତାନର ସର୍ବବୃହତ୍ ପ୍ରଦେଶ, ଯେଉଁଠି ଦେଶର ସବୁଠୁ କମ୍ ଜନସଂଖ୍ୟା ରହିଛି। ଏହି ପ୍ରଦେଶରେ ପ୍ରଚୁର ପ୍ରାକୃତିକ ବାଷ୍ପ, ତୈଳ ଓ ଖଣିଜ ସାମଗ୍ରୀ ରହିଥିଲେ ମଧ୍ୟ ଏହା ଅନ୍ୟ ଅଞ୍ଚଳ ତୁଳନାରେ ଅନୁନ୍ନତ। ପାକିସ୍ତାନ ସରକାର ସେମାନଙ୍କ ପ୍ରତି କରିଆସିଥିବା ଭେଦଭାବପୂର୍ଣ୍ଣ ଆଚର ପ୍ରତିବାଦରେ ୨୦୦୦ ଦଶକରୁ ଆନ୍ଦୋଳନ ଜାରି ରହିଛି। ବିଚ୍ଛିନ୍ନତାବାଦୀମାନେ ବେଲୁଚିସ୍ତାନକୁ ଭିନ୍ନ ଦେଶର ମାନ୍ୟତା ଦାବିରେ ସଶସ୍ତ୍ର ଆନ୍ଦୋଳନ କରିଆସୁଛନ୍ତି। ଇତିମଧ୍ୟରେ ବିଏଲ୍ଏ ହାଇଜ୍ୟାକ୍ କରିଥିବା ଟ୍ରେନ୍‌ରେ ବିସ୍ଫୋରଣ ବେଳର ଭିଡିଓ ଜାରି କରିଛି। ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ଚାଲିଥିବା ଅଭିଯାନ ବେଳେ ୩୦ ଉଗ୍ରପନ୍ଥୀ ନିହତ ହୋଇଛନ୍ତି। ସେହିପରି କେତେଜଣ ପାକିସ୍ତାନୀ ସେନା ଓ ଗୋଇନ୍ଦା ଅଧିକାରୀ ମଧ୍ୟ ଅପରେଶନ ବେଳେ ନିହତ ହୋଇଥିବା ଜଣାପଡ଼ିଛି।

### ବିଦ୍ରୋହୀଙ୍କ କବ୍‌ଜାରେ ଏବେ ବି ଅନେକ ପଣବନ୍ଦୀ

ବିଏଲ୍ଏ ବିଦ୍ରୋହୀଙ୍କ କବଳରୁ ପାକିସ୍ତାନୀ ସେନା ୩୦୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କୁ ଉଦ୍ଧାର କରିଛି। ତେବେ ଅନେକ ପଣବନ୍ଦୀଙ୍କୁ ବିଦ୍ରୋହୀମାନେ ହତ୍ୟା କରିଛନ୍ତି। ଏବେ ବି ଅପରେଶନ୍ ଜାରି ରହିଛି ବୋଲି ବୁଧବାର ପାକିସ୍ତାନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ପ୍ରାୟ ୪୫୦ ଯାତ୍ରୀଙ୍କୁ ନେଇ କ୍ୱେଟାରୁ ପେଶାୱର ଅଭିମୁଖେ ଯାତ୍ରା କରୁଥିବା ଜଫର ଏକ୍ସପ୍ରେସ୍‌କୁ ମଙ୍ଗଳବାର ବେଲୁଚିସ୍ତାନ ପ୍ରଦେଶର ଏକ ଟନେଲ୍‌ରେ ବିଏଲ୍ଏ ବିଦ୍ରୋହୀ ହାଇଜ୍ୟାକ୍ କରିନେଇଥିଲେ। ବିଏଲ୍ଏ ଉଗ୍ରପନ୍ଥୀମାନଙ୍କୁ ଜେଲରୁ ମୁକ୍ତକଲେ ପଣବନ୍ଦୀଙ୍କୁ ଛାଡ଼ିବେ ବୋଲି ସର୍ତ୍ତ ରଖିଥିଲେ। ତେବେ ପାକିସ୍ତାନୀ ସେନା ସେମାନଙ୍କ ଦାବିକୁ ଅଗ୍ରାହ୍ୟ କରିଦେଇଥିଲା। ବୁଧବାର ୩୦୦ରୁ ଊର୍ଦ୍ଧ୍ୱ ପଣବନ୍ଦୀଙ୍କୁ ସେମାନଙ୍କ କବଳରୁ ଉଦ୍ଧାର କରାଯାଇଥିବା ପାକିସ୍ତାନୀ ଅଧିକାରୀମାନେ ସୂଚନା ଦେଇଛନ୍ତି। ତେବେ କେତେଜଣ ପଣବନ୍ଦୀଙ୍କୁ ହତ୍ୟା କରାଯାଇଛି ସେନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ଦେବାକୁ ଅଧିକାରୀମାନେ ମନା କରିଦେଇଛନ୍ତି।

# କ୍ଷତି ସହୁଥିବା ବ୍ୟକ୍ତି ଆଇନଗତ ପ୍ରତିନିଧି

ନୂଆଦିଲ୍ଲୀ, ୧୨।୩

ଯାନବାହନ ଦୁର୍ଘଟଣାଗ୍ରସ୍ତ ହେଲେ ମୋଟର ଭେହିକିଲ ଆକ୍ଟ ଅଧୀନରେ କ୍ଷତିପୂରଣ ଦାବି କରୁଥିବା ବ୍ୟକ୍ତିଙ୍କୁ ମୃତକଙ୍କ ସ୍ତ୍ରୀ, ସ୍ୱାମୀ, ମା'ବାପା କିମ୍ବା ପିଲାଛୁଆଙ୍କ ଭିତରେ ସୀମିତ ନ ରଖାଯାଉ। ମୃତକଙ୍କ ଉପରେ ନିର୍ଭରଶୀଳ ଯେକୌଣସି ବ୍ୟକ୍ତିଙ୍କୁ ଲିଗାଲ ରିପ୍ରେଜେଣ୍ଟେଟିଭ୍ ବା ଆଇନଗତ ପ୍ରତିନିଧି ଭାବେ ବିବେଚନା କରାଯାଇପାରିବ ବୋଲି ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି।

ଜଷ୍ଟିସ୍ ସଞ୍ଜୟ କାରୋଲ ଏବଂ ପ୍ରଶାନ୍ତ କୁମାର ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଆବେଦନର ଶୁଣାଣି କରି କହିଛନ୍ତି, ଯଦି ଦାବି କରୁଥିବା ବ୍ୟକ୍ତି/ବ୍ୟକ୍ତିମାନେ ମୃତକଙ୍କ ଆୟ ଉପରେ ନିର୍ଭରଶୀଳ ଥିଲେ ତେବେ ସେମାନଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇପାରିବ। ଜଣେ ଆଇନଗତ ପ୍ରତିନିଧି ହେଉଛନ୍ତି ସିଏ, ଯିଏକି ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ମୃତକଙ୍କ ଯୋଗୁ କ୍ଷତି ସହିଛନ୍ତି। ସେହି ବ୍ୟକ୍ତି ମୃତକଙ୍କ ସ୍ତ୍ରୀ, ସ୍ୱାମୀ କିମ୍ବା ପିଲା ହୋଇଥିବା ଜରୁରୀ ନୁହେଁ ବୋଲି ଶୀର୍ଷ ଅଦାଲତ କେତୋଟି ପୂର୍ବ ମାମଲାରେ ରାୟର ଅବତାରଣା କରି ସ୍ପଷ୍ଟ କରିଛନ୍ତି।

### ଗାଡ଼ି ଦୁର୍ଘଟଣା କ୍ଷତିପୂରଣ ଦାବି

ଆଲୋଚ୍ୟ ମାମଲାରେ ମୋଟର ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ (ଏମ୍ଏସିଟି) କ୍ଷତିପୂରଣ ନିର୍ଦ୍ଦେଶ ଦେବାବେଳେ ୨୪ ବର୍ଷୀୟ ମୃତକଙ୍କ ଆପିଲେଣ୍ଟ(ବାପା ଓ ଭଉଣୀ)ଙ୍କ ଦାବିକୁ ବିଚାରକୁ ନେଇ ନ ଥିଲେ। ଏମ୍ଏସିଟି କହିଥିଲେ, ବାପା ମୃତକଙ୍କ ଆୟ ଉପରେ ନିର୍ଭରଶୀଳ ନ ଥିଲେ। ବାପା ଜୀବିତ ଥିବାରୁ ମୃତକଙ୍କ ସାନଭଉଣୀଙ୍କୁ ମଧ୍ୟ ମୃତକଙ୍କ ଉପରେ ଡିପେଣ୍ଡାଣ୍ଟ ବା ନିର୍ଭରଶୀଳ ବୋଲି କୁହାଯାଇପାରିବ ନାହିଁ। ଏମ୍ଏସିଟିଙ୍କ ରାୟର ଏହି ଅଂଶକୁ ହାଇକୋର୍ଟ ଗ୍ରହଣ କରି ଅନୁରୂପ ନିଷ୍ପତ୍ତି ନେଇଥିଲେ। ଫଳରେ ଆପିଲେଣ୍ଟ ବାଧହୋଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଉପରୋକ୍ତ ନିଷ୍ପତ୍ତିକୁ ଖାରଜ କରି କହିଛନ୍ତି, ତଳକୋର୍ଟ କ୍ଷତିପୂରଣ ଦାବି କରୁଥିବା ବ୍ୟକ୍ତିଙ୍କୁ ନେଇ ଭୁଲ୍ ରାୟ ଦେଇଛନ୍ତି। ତେଣୁ ମୃତକଙ୍କ ଉପରେ ନିର୍ଭରଶୀଳ ଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଭାରତ-ମରିସସ୍ ୮ ଚୁକ୍ତି ସ୍ୱାକ୍ଷର

ପୋର୍ଟ ଲୁଇସ୍, ୧୨।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମଙ୍କ ଉପସ୍ଥିତିରେ ବୁଧବାର ୨ ଦେଶ ମଧ୍ୟରେ ଆପରାଧିକ ଯାଞ୍ଚ, ସାମୁଦ୍ରିକ ଟ୍ରାଫିକ ନିରୀକ୍ଷଣ, ଭିତ୍ତିଭୂମି କୂଟନୀତି, ବାଣିଜ୍ୟ, ଦକ୍ଷତା ବୃଦ୍ଧି, ମହାସାଗର ଅର୍ଥନୀତି ଆଦି ବିଭିନ୍ନ କ୍ଷେତ୍ରରେ ୮ଟି ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବସରରେ ମୋଦି କହିଛନ୍ତି, ଭାରତ ଓ ମରିସସ୍ ମଧ୍ୟରେ ସମ୍ପର୍କ କେବଳ ଭାରତ ମହାସାଗରରେ ନୁହେଁ, ବରଂ ଉଭୟ ଦେଶର ସାଂସ୍କୃତିକ ପରମ୍ପରା ଓ ମୂଲ୍ୟବୋଧ ପରସ୍ପର ସହ ଜଡ଼ିତ। ଅର୍ଥନୈତିକ ଏବଂ ସାମାଜିକ ପ୍ରଗତି ପଥରେ ଉଭୟ ପରସ୍ପରର ସାଥୀ। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଭୟ ଦେଶ ପରସ୍ପରକୁ ସହଯୋଗ କରିଥାନ୍ତି। ଏହାସହ ବୁଧବାର ଉଭୟ ନେତା ମରିସସ୍‌ର ରେଡୁଇଟ୍‌ଠାରେ 'ଅଟଳ ବିହାରୀ ବାଜପେୟୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ସର୍ଭିସ୍ ଆଣ୍ଡ୍ ଇନୋଭେଶନ'ର ଉଦ୍‌ଘାଟନ କରିଥିଲେ। ଭାରତ-ମରିସସ୍ ଦ୍ୱିପାକ୍ଷିକ ବିକାଶ ଭାଗୀଦାରି ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମରିସସ୍‌ର ଦକ୍ଷତା ବୃଦ୍ଧି ଦିଗରେ ଭାରତର ପ୍ରତିବଦ୍ଧତାକୁ ଦର୍ଶାଉଛି ବୋଲି ମୋଦି କହିଛନ୍ତି। ସେହିପରି ଉକ୍ତଦିନ ଆୟୋଜିତ ମରିସସ୍‌ର ଜାତୀୟ ଦିବସ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।



ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମରିସସ୍ ପ୍ରଧାନମନ୍ତ୍ରୀ ନବୀନ ଚନ୍ଦ୍ର ରାମଗୁଲାମଙ୍କ ଉପସ୍ଥିତିରେ ୨ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗରେ ଚୁକ୍ତି ସ୍ୱାକ୍ଷର ହେଉଛି।

### ଖାଇକୁ ଖସିଲା ସେନା ଗାଡ଼ି, ୩ ଯବାନ ମୃତ

ଶ୍ରୀନଗର, ୧୨।୩

ମଣିପୁରର ସେନାପତି ଜିଲାର ଚାଙ୍ଗୋବୁଙ୍ଗ ଗ୍ରାମ ନିକଟରେ ସୀମା ସୁରକ୍ଷା ବାହିନୀ(ବିଏସ୍ଏଫ୍)ର ଯବାନଙ୍କୁ ନେଇ ଯାଉଥିବା ଏକ ଗାଡ଼ି ନିୟନ୍ତ୍ରଣ ହରାଇ ଖାଇରେ ପଡ଼ିଯିବାରୁ ୩ ଯବାନଙ୍କର ମୃତ୍ୟୁ ହୋଇଯାଇଛି। ଏହି ଦୁର୍ଘଟଣାରେ ୧୩ ଜଣ ଯବାନ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ସେନାପତି ଜିଲା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ କେତେଜଣ ଯବାନଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ନେଇ ସ୍ଥାନୀୟ ଜିଲାପାଳ କହିଛନ୍ତି। ୩ ଯବାନଙ୍କ ମୃତ୍ୟୁକୁ ନେଇ ମଣିପୁର ରାଜ୍ୟପାଳ ଅଜୟ କୁମାର ଭଲ୍ଲା ଶୋକପ୍ରକଟ କରିଛନ୍ତି।

# ୧୩ ବର୍ଷୀୟା ବଳାତ୍କାର ପୀଡ଼ିତାଙ୍କୁ ଗର୍ଭପାତ ଅନୁମତି ଦେଲେ ହାଇକୋର୍ଟ

ଜୟପୁର, ୧୨।୩

୭ ମାସର ଗର୍ଭବତୀ ଥିବା ୧୩ ବର୍ଷୀୟା ବଳାତ୍କାର ପୀଡ଼ିତାଙ୍କୁ ଗର୍ଭପାତ କରାଇବା ପାଇଁ ରାଜସ୍ଥାନ ହାଇକୋର୍ଟର ଜୟପୁର ବେଞ୍ଚ୍ ଅନୁମତି ପ୍ରଦାନ କରିଛନ୍ତି। ନାବାଳିକାଙ୍କୁ ପିଲା ଜନ୍ମ ପାଇଁ ବାଧ କରାଗଲେ ପିଲାର ଲାଳନପାଳନ ଓ ଅନ୍ୟାନ୍ୟ ସମସ୍ୟା ନେଇ ତାଙ୍କୁ ଜୀବନବ୍ୟାପୀ ହନ୍ତସନ୍ତ ହେବାକୁ ପଡ଼ିବ ବୋଲି ଜଷ୍ଟିସ୍ ସୁଦେଶ ବଂଶଲ ତାଙ୍କ ରାୟରେ କହିଛନ୍ତି। ଏଥିସହିତ ନାବାଳିକାଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତି କ୍ଷତି ପହଞ୍ଚିବା ସମ୍ଭାବନା ରହିଥିବାରୁ ଏହାକୁ ଅଣଦେଖା କରାଯାଇପାରିବ ନାହିଁ। ବୁଧବାର ତାଙ୍କ ଗର୍ଭପାତ ପାଇଁ ଆବଶ୍ୟକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଅଦାଲତ ସଙ୍ଗନେରର ମହିଳା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ରାଜ୍ୟ ଆଇନ ସେବା କର୍ତ୍ତୃପକ୍ଷ ପୀଡ଼ିତାଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇଦେବାକୁ କୁହାଯାଇଛି। ଗର୍ଭପାତ ପରେ ଯଦି ଭ୍ରୂଣ ଜୀବିତ ରହେ, ରାଜ୍ୟ ସରକାର ଶିଶୁର ସମସ୍ତ ଖର୍ଚ୍ଚ ବହନ କରିବେ। ଭ୍ରୂଣ ମରିଯାଇଥିଲେ, ଅଧିକ ତଦନ୍ତ ପାଇଁ ତାହାର ଡିଏନ୍ଏ ନମୁନା ସଂରକ୍ଷିତ ରଖାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ, ୭ ମାସରେ ପିଲା ଜନ୍ମ କରାଇଲେ, ୧୦ ନବଜାତକଙ୍କ ମଧ୍ୟରୁ ପ୍ରାୟ ୮ ଜଣ ବଞ୍ଚିଥାନ୍ତି। ତେବେ ଏଭଳି ସ୍ଥିତିରେ ସମୟ ପୂର୍ବରୁ ଜନ୍ମ ଶାରୀରିକ ଏବଂ ମାନସିକ ଅକ୍ଷମତା ଆଦି ବିଭିନ୍ନ ବିପଦ ଆଣିପାରେ ବୋଲି ସେମାନେ ସତର୍କ କରାଇଛନ୍ତି। ପୀଡ଼ିତା ଏବେ ୨୭ ସପ୍ତାହ ୬ ଦିନ ଗର୍ଭଧାରଣ କରିଛନ୍ତି। ପୂର୍ବରୁ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ୨୮ ସପ୍ତାହରେ ଗର୍ଭପାତ ପାଇଁ ଅନୁମତି ଦେଇଥିବାରୁ ନାବାଳିକାଙ୍କୁ ଏଥିପାଇଁ ଅନୁମତି ଦିଆଯାଉ ବୋଲି ତାଙ୍କ ଓକିଲ କୋର୍ଟଙ୍କୁ ନିବେଦନ କରିଥିଲେ। ଏହା ଉପରେ ଅନୁଧ୍ୟାନ ଲାଗି ୩ ବିଶେଷଜ୍ଞଙ୍କୁ ନେଇ ଏକ ମେଡିକାଲ ବୋର୍ଡ ଗଠନ କରିବାକୁ କୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ଗର୍ଭପାତ ବିପଦପୂର୍ଣ୍ଣ ହେଲେ ମଧ୍ୟ ସମ୍ଭବ ବୋଲି ବୋର୍ଡ ଗତ ୮ ତାରିଖରେ ରିପୋର୍ଟ ଦେଇଥିଲେ।

# ଗ୍ୱାଟେମାଲାରେ ୨ ଭାରତୀୟ ଯୁବକଙ୍କୁ ଅପହରଣ କରି ନିର୍ଯାତନା

ଚଣ୍ଡିଗଡ଼, ୧୨।୩

ଡୁଙ୍କି' ରୁଟ୍ ଦେଇ ବେଆଇନ ଭାବେ ଆମେରିକା ଯାଉଥିବା ୨ ଭାରତୀୟ ଯୁବକଙ୍କୁ ଅପହରଣ କରାଯାଇ ଗ୍ୱାଟେମାଲାରେ ପଣବନ୍ଦୀ କରି ନିର୍ଯାତନା ଦିଆଯାଉଥିବା ମାମଲା ସାମ୍ନାକୁ ଆସିଛି। ସେଥିମଧ୍ୟରୁ ଜଣେ ଯୁବକ ହରିୟାଣାର କୈଥଲ ଜିଲା ମୋହନା ଗ୍ରାମର ଯୁବରାଜ ସିଂ ହୋଇଥିବା ବେଳେ ଅନ୍ୟ ଜଣେ ପଞ୍ଜାବର ହୋସିଆରପୁର ଜିଲାର ଦାସୁୟା ସହରନିବାସୀ ହୋଇଥିବା ଜଣାପଡ଼ିଛି। ଉଭୟଙ୍କ ମୁକ୍ତି ପାଇଁ ଅପହରଣକାରୀମାନେ ୨୦ ହଜାର ଆମେରିକୀୟ ଡଲାର ଦାବି କରୁଛନ୍ତି। ଦୁହିଙ୍କୁ ଭାରତ ଫେରାଇଆଣିବା ପାଇଁ ସେମାନଙ୍କ ପରିବାର ପକ୍ଷରୁ ଭାରତ ସରକାରଙ୍କୁ ଅନୁରୋଧ କରାଯାଇଛି। ଘଟଣାକୁ ନେଇ ସ୍ଥାନୀୟ ଟ୍ରାଭେଲ ଏଜେଣ୍ଟଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ବୋଲି କୈଥଲ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ରାଜେଶ କାଲିଆ ସୂଚନା ଦେଇଛନ୍ତି। ଯୁବରାଜଙ୍କ ବାପା କୁଲଦୀପ ସିଂ କହିଛନ୍ତି, ଅପହରଣକାରୀମାନେ ତାଙ୍କ ପୁଅଙ୍କୁ ବନ୍ଧୁକମୁନରେ ଅତ୍ୟାଚାର କରୁଛନ୍ତି।

# ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଭାରତରୁ ୯

ନୂଆଦିଲ୍ଲୀ, ୧୨।୩(ପି.ଟି.)

ଉଚ୍ଚଶିକ୍ଷାକୁ ନେଇ ବିଶ୍ଳେଷଣ କରୁଥିବା ସଙ୍ଗଠନ 'କ୍ୟୁଏସ୍' ପକ୍ଷରୁ ବୁଧବାର 'କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ସ ୨୦୨୫'ର ତାଲିକା ଜାରି କରାଯାଇଛି। କ୍ୟୁଏସ୍ ପକ୍ଷରୁ ଜାରି ଏହି ବିଷୟଭିତ୍ତିକ ବିଶ୍ୱର ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ର୍‍ୟାଙ୍କିଙ୍ଗ୍‌ରେ ଭାରତର ୯ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନର ନାମକୁ ଅନ୍ତର୍ଭୁକ୍ତ କରାଯାଇଛି। ତେବେ ଗତବର୍ଷ ତୁଳନାରେ ଏହି ତାଲିକାରେ ରହିଥିବା ଭାରତର ୩ଟି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି(ଆଇଆଇଟି), ୨ଟି ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ (ଆଇଆଇଏମ୍) ଏବଂ ଜବାହରଲାଲ ନେହେରୁ ୟୁନିଭର୍ସିଟି(ଜେଏନ୍‌ୟୁ)ର ର୍‍ୟାଙ୍କିଙ୍ଗ୍‌ରେ ହ୍ରାସ ଘଟିଛି। କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ସର ଏହି ୧୫ତମ ସଂସ୍କରଣରେ ବିଷୟଭିତ୍ତିକ ର୍‍ୟାଙ୍କିଙ୍ଗ୍ ଏବଂ ବ୍ୟାପକ ଅଧ୍ୟାପନା କ୍ଷେତ୍ରରେ ଭାରତ ୧୨ଶ ସ୍ଥାନ ଅଧିକାର କରିଛି। ଇଞ୍ଜିନିୟରିଂ-ମିନେରାଲ୍ସ ଏବଂ ମାଇନିଂ ବିଷୟ ପାଇଁ ଧାନବାଦ୍‌ସ୍ଥିତ ଇଣ୍ଡିଆନ୍ ସ୍କୁଲ୍ ଅଫ୍ ମାଇନିଂ(ଆଇଏସ୍ଏମ୍) ବିଶ୍ୱସ୍ତରରେ ୨୦ତମ ସ୍ଥାନ ହାସଲ କରିଛି। ଇଞ୍ଜିନିୟରିଂ-ମିନେରାଲ୍ସ ଏବଂ ମାଇନିଂ ବିଷୟ ପାଇଁ ଆଇଆଇଟି ବମ୍ବେ ଏବଂ ଖଡ଼ଗପୁର ଯଥାକ୍ରମେ ୨୮ତମ ଏବଂ ୪୫ତମ ସ୍ଥାନରେ ରହିଛନ୍ତି। ତେବେ ଗତବର୍ଷର ର୍‍ୟାଙ୍କିଙ୍ଗ୍ ଅନୁଯାୟୀ ଉଭୟ ଅନୁଷ୍ଠାନର ପ୍ରଦର୍ଶନରେ ସାମାନ୍ୟ ହ୍ରାସ ଘଟିଛି। ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ବିଷୟ ପାଇଁ ଆଇଆଇଟି ଦିଲ୍ଲୀ ଏବଂ ବମ୍ବେ ଯଥାକ୍ରମେ ୨୬ତମ ଏବଂ ୨୮ତମ ସ୍ଥାନରେ ରହିଛନ୍ତି। ଗତବର୍ଷଠାରୁ ଉଭୟ ଅନୁଷ୍ଠାନର ପ୍ରଦର୍ଶନରେ ସୁଧାର ଆସିଛି। ଗତବର୍ଷ ଏହି ୨ ଉଚ୍ଚ ଶିକ୍ଷାନୁଷ୍ଠାନ ଯୁଗ୍ମ ଭାବେ ୪୫ତମ ସ୍ଥାନରେ ରହିଥିଲେ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଏବଂ ଇଲେକ୍ଟ୍ରୋନିକ୍ସରେ ମଧ୍ୟ ଉଭୟ ଆଇଆଇଟି ଦିଲ୍ଲୀ ଏବଂ ବମ୍ବେ ନିଜ ପ୍ରଦର୍ଶନରେ ସୁଧାର ଆଣି ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ସ୍ଥାନ ପାଇପାରିଛନ୍ତି। ସେହିପରି 'ବ୍ୟବସାୟ ଏବଂ ପରିଚାଳନା ଅଧ୍ୟୟନ' ବିଷୟ ପାଇଁ ଆଇଆଇଏମ୍ ଅହମଦାବାଦ ଏବଂ ବେଙ୍ଗାଲୁରୁ ଶ୍ରେଷ୍ଠ ୫୦ ବିଶ୍ୱବିଦ୍ୟାଳୟ ମଧ୍ୟରେ ରହିଥିଲେ ମଧ୍ୟ ଗତବର୍ଷଠାରୁ ଉଭୟଙ୍କ ପ୍ରଦର୍ଶନରେ ହ୍ରାସ ଘଟିଛି। ଆଇଆଇଏମ୍ ଅହମଦାବାଦ୍‌ର ର୍‍ୟାଙ୍କିଙ୍ଗ୍ ୨୨ରୁ ଖସି ୨୭ରେ ପହଞ୍ଚିଥିବାବେଳେ ଆଇଆଇଏମ୍ ବେଙ୍ଗାଲୁରୁର ର୍‍ୟାଙ୍କିଙ୍ଗ୍ ୩୨ରୁ ୪୦କୁ ଖସିଆସିଛି। ସେହିପରି ପେଟ୍ରୋଲିୟମ ଇଞ୍ଜିନିୟରିଂ ବିଷୟରେ ଆଇଆଇଟି ମାଡ୍ରାସ୍ ଏବଂ ବିକାଶ ଅଧ୍ୟୟନ ବିଷୟରେ ଜେଏନ୍‌ୟୁକୁ ଶ୍ରେଷ୍ଠ ୫୦ ୟୁନିଭର୍ସିଟି ମଧ୍ୟରେ ସ୍ଥାନ ମିଳିଛି। ତେବେ ଗତବର୍ଷଠାରୁ ଉଭୟ ଅନୁଷ୍ଠାନର ପ୍ରଦର୍ଶନରେ ହ୍ରାସ ଘଟିଛି। ପ୍ରାୟ ୫୫ଟି ବିଷୟକୁ ଭିତ୍ତିକରି କ୍ୟୁଏସ୍ ପକ୍ଷରୁ ଏହି ର୍‍ୟାଙ୍କିଙ୍ଗ ତାଲିକା ଜାରି କରାଯାଇଛି।

### କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ର୍‍ୟାଙ୍କିଙ୍ଗ୍ସ ୨୦୨୫



# ଆଇଆଇଏଫ୍ଏ ଆୱାର୍ଡ୍‌କୁ ନେଇ ବର୍ଷିଲେ ସୋନୁ ନିଗମ

**ମୁମ୍ବାଇ:** ଷ୍ଟରନ୍ୟାଶ୍‌ନାଲ ଇଣ୍ଡିଆନ୍ ଫିଲ୍ମ ଏକାଡେମୀ (ଆଇଆଇଏଫ୍ଏ) ୨୦୨୫ ଆୱାର୍ଡ୍ସ ସମାରୋହ ଗତ ୮ ଏବଂ ୯ ତାରିଖରେ ଜୟପୁରରେ ଆୟୋଜିତ ହୋଇଥିଲା। ଏହି ସମାରୋହରେ ବିଭିନ୍ନ ଶ୍ରେଣୀରେ ଶ୍ରେଷ୍ଠ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା। ତେବେ ପ୍ରସିଦ୍ଧ ଗାୟକ ସୋନୁ ନିଗମଙ୍କୁ 'ବେଷ୍ଟ ମେଲ୍ ପ୍ଲେ ବ୍ୟାକ୍ ସିଙ୍ଗର' ଶ୍ରେଣୀରେ ନୋମିନେଶନ ମିଳି ନ ଥିଲା। ଏନେଇ ସୋନୁ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ସମାଲୋଚନାମୂଳକ ପୋଷ୍ଟ ଶେୟାର କରିଛନ୍ତି। ଏଥିପାଇଁ ସେ ରାଜସ୍ଥାନ ସରକାରଙ୍କୁ ଦାୟୀ କରିଛନ୍ତି। ରାଜସ୍ଥାନ ସରକାରଙ୍କ ଅମଲାତନ୍ତ୍ରର ଚାପରେ ପଡ଼ି ଆଇଆଇଏଫ୍ଏ'ର ଆୟୋଜକଙ୍କ ପକ୍ଷରୁ ତାଙ୍କ ନାମକୁ 'ବେଷ୍ଟ ମେଲ୍ ପ୍ଲେ ବ୍ୟାକ୍ ସିଙ୍ଗର' ଶ୍ରେଣୀରେ ମନୋନୀତ କରାଯାଇ ନାହିଁ ବୋଲି ସୋନୁ ଅଭିଯୋଗ ଆଣିଛନ୍ତି। ସୋନୁ ତାଙ୍କ ପୋଷ୍ଟରେ 'ବେଷ୍ଟ ମେଲ୍ ପ୍ଲେ ବ୍ୟାକ୍ ସିଙ୍ଗର' ଶ୍ରେଣୀରେ ମନୋନୀତ ହୋଇଥିବା ଗାୟକଙ୍କ ନାମ ଥିବା ଏକ ସ୍କ୍ରିନ୍‌ଶଟ୍‌କୁ ଶେୟାର କରିଥିଲେ। ପୋଷ୍ଟ'ର ବ୍ୟାକ୍‌ଗ୍ରାଉଣ୍ଡରେ ସେ 'ଭୁଲ୍ ଭୁଲୈୟା ୩' ଫିଲ୍ମର 'ମେରେ ଢୋଲନା ୩.୦' ଗୀତକୁ ଲଗାଇଥିଲେ। ଏହି ଲୋକପ୍ରିୟ ଗୀତ ପାଇଁ ବି ତାଙ୍କୁ ନୋମିନେଶନ ମିଳିଲା ନାହିଁ ବୋଲି ସୋନୁ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ପ୍ରକାଶ ଯେ, ଗତବର୍ଷ ଡିସେମ୍ବରରେ ରାଜସ୍ଥାନ ସରକାରଙ୍କ ପକ୍ଷରୁ ଆୟୋଜିତ ରାଇଜିଂ ରାଜସ୍ଥାନ କାର୍ଯ୍ୟକ୍ରମରେ ସୋନୁ ପର୍ଫର୍ମାନ୍ସ ଦେଉଥିବାବେଳେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଅଧାରୁ ଉଠି ପଳାଇଥିଲେ। ସେତେବେଳେ ସୋନୁ ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ରାଜସ୍ଥାନ ଅମଲାତନ୍ତ୍ରର ଚାପରେ ତାଙ୍କୁ ଆଇଆଇଏଫ୍ଏ ଆୱାର୍ଡ ପାଇଁ ମନୋନୀତ କରାଯାଇ ନ ଥିଲା ବୋଲି ସୋନୁ ଅଭିଯୋଗ ଆଣିଛନ୍ତି।


यूनियन बैंक ऑफ इंडिया Union Bank of India

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
 କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
୧ମ ମହଲା, କେ କେ ଭାଓ୍ୱସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, କଟକ-୭୫୩୦୦୧

ଡିମାଣ୍ଡ ନୋଟିସ୍

ଆମର ଶର୍ମା ଛକ ତାଳଚେର ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଶର୍ମା ଛକ ତାଳଚେର ଶାଖା**ର ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଶାଖା / ଋଣଗ୍ରହୀତା/ଜାମିନଦାରମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଋଣ ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| **ଶର୍ମା ଛକ ତାଳଚେର ଶାଖା /** ଋଣଗ୍ରହୀତାମାନେ: ୧) ନବଘନ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ୨) କୃଷ୍ଣଧ୍ୱଜ ବିଶ୍ୱାଳ, ପିତା: ସନାତନ ବିଶ୍ୱାଳ, ଉଭୟଙ୍କ ଠିକଣା ସା.: ଯୋରାଗାଡିଆ, ପୋ.: ପଦ୍ମାବତୀପୁର, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୦୩ | ଓଭରଡ୍ରାଫ୍ଟ ଟ.୬,୦୦,୦୦୦/- | ୧୩.୦୧.୨୦୨୫ / ୨୪.୦୫.୨୦୨୩ ସୁଦ୍ଧା ଟ.୫,୩୬,୮୨୨.୧୭ ଠାରୁ ତତ୍‌ପରବର୍ତ୍ତୀ ସୁଧ | ଶ୍ରୀ ନବଘନ ବିଶ୍ୱାଳ ଏବଂ କୃଷ୍ଣଧ୍ୱଜ ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭/୭, ପ୍ଲଟ୍ ନଂ.: ୩୦୬/୮୮୬, ପରିମିତ କ୍ଷେତ୍ର: ଏକର୦.୦୩୦ଡିସିମିଲି, ସା.: ଯୋରାଗାଡିଆ, ତାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚଉପାର୍ଶ୍ୱରେ ଉତ୍ତର: ପଦ୍ମନାଭ ପ୍ରଧାନ, ଦକ୍ଷିଣ: ଅଚଡୁଇତା ପ୍ରଧାନ, ପୂର୍ବ: ରାସ୍ତା, ପଶ୍ଚିମ: ଦିନବନ୍ଧୁ ପ୍ରଧାନ |

ଆମର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। ୧) ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ / ଋଣ ଆଦାୟ ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ ହେବୁ। ୨) ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: କଟକ, ତାରିଖ: ୧୨.୦୩.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. 63/ET/SBP/ ENGG/2024-25, ତା.06.03.2025ରିଖ

(1) ଇ-ଟେଣ୍ଡର ସଂ.55-eT-DENE-SBP-24
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ପଏଣ୍ଟ ଓ କ୍ରସିଙ୍ଗ ସ୍ଲିପରର MCI ଇନସର୍ଟ (Insert)ର In-Situ ରିକଣ୍ଡିସନିଙ୍ଗ୍ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,94,42,400/-, ବିଡ୍ ସିକ୍ୟୁରିଟୀ : ₹ 2,47,300/-

(2) ଇ-ଟେଣ୍ଡର ସଂ.54-eT-DENC-SBP-24
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବଲାଙ୍ଗୀର ପରିସୀମା ଅଧିନରେ ବର୍ଷ ସାରା ଜଙ୍ଗଲ କାଟିବା ଏବଂ ଡ୍ରେନ୍ ସଫାକରିବା କାର୍ଯ୍ୟ ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 55,23,730/-, ବିଡ୍ ସିକ୍ୟୁରିଟୀ : ₹ 1,10,500/-

(3) ଇ-ଟେଣ୍ଡର ସଂ.55-eT-DENC-SBP-24
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ବରଗଡ଼ ରୋଡ଼ ପରିସୀମା ଅଧିନରେ ବର୍ଷ ସାରା ଜଙ୍ଗଲ କାଟିବା ଏବଂ ଡ୍ରେନ୍ ସଫାକରିବା କାର୍ଯ୍ୟ ସମ୍ପାଦନ ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 64,88,730/-, ବିଡ୍ ସିକ୍ୟୁରିଟୀ : ₹ 1,29,800/-

କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ (ସମସ୍ତ କ୍ରମ ସଂ. ପାଇଁ) ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 01.04.2025, 1500 ଘଟିକା (ସମସ୍ତ ଟେଣ୍ଡର ପାଇଁ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ସମ୍ବଲପୁର
PR-1076/P/24-25

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ପ୍ରିୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧ ଟ୍ରିଲିୟନ ଡଲାର ଅର୍ଥନୀତିର ଆକଳନ

## ସିଆଇଆଇ ଓଡ଼ିଶା ବାର୍ଷିକ ବୈଠକ

**ଭୁବନେଶ୍ୱର, ୧୨।୩ (ଅଭୟ ଦାଶ)**

ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଓଡ଼ିଶା ଶାଖାର ବାର୍ଷିକ ବୈଠକ ବୁଧବାର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଏହି ବୈଠକ ସହ ବିକଶିତ ଓଡ଼ିଶା@୨୦୩୬: ଟୁୱାର୍ଡସ ସେଟିଂ ଦ ଏଜେଣ୍ଡା ଫର୍ ନେଶନ ବିଲ୍ଡିଂ’ ଶୀର୍ଷକ ବିଷୟବସ୍ତୁ ଉପରେ ଏକ ସ୍ୱତନ୍ତ୍ର ଅଧିବେଶନର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସିଆଇଆଇ ଇଷ୍ଟର୍ନ ରିଜିଅନ କାଉନ୍ସିଲର ଅଧ୍ୟକ୍ଷ ଶୁଭେନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟଗୁଡ଼ିକରେ ବିଦ୍ୟୁତ୍ ମୂଲ୍ୟ ପ୍ରତିଯୋଗିତା ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି କହିଥିଲେ, ବର୍ତ୍ତମାନ ଓଡ଼ିଶା ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି। ଏପରିକି ଓଡ଼ିଶା ଖୁବଶୀଘ୍ର ୧ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ସେ ଆକଳନ କରିଛନ୍ତି। ଏପରିକି ଓଡିଶା ବାର୍ଷିକ ହାରାହାରି ୧୧.୫-୧୨% ହାରରେ ବୃଦ୍ଧି ପାଉଥିବାବେଳେ ସଦ୍ୟତମ ଜିଡିପି ଆକଳନ ୭.୫% ରହିଛି। ଆମର ଲକ୍ଷ୍ୟ ହେଉଛି ୧ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବା, ଯାହା କୃଷି, ଉତ୍ପାଦନ ଓ ସେବା କ୍ଷେତ୍ରରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଆବଶ୍ୟକ କରୁଛି। ଓଡିଶାର କୃଷି କ୍ଷେତ୍ର ଜାତୀୟ ହାରକୁ ପଛରେ ପକାଇଛି, ଯାହା ଏହାର ଦୃଢ ସମ୍ଭାବନାକୁ ପ୍ରତିଫଳନ କରୁଛି ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିପରି ଧାମରା ବନ୍ଦରର ସିଇଓ ଦେବେନ୍ଦ୍ର ଠାକର ମଲ୍ଟିମୋଡାଲ ଲଜିଷ୍ଟିକ୍ସର ମହତ୍ତ୍ୱ ଏବଂ ଓଡିଶାକୁ ଏକ ରାଜ୍ୟ-ସ୍ୱତନ୍ତ୍ର ଲଜିଷ୍ଟିକ୍ସ ମଡେଲ ଭାବେ ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ, ଯାହା ଅନ୍ୟମାନଙ୍କ ପାଇଁ ଏକ ବେଞ୍ଚମାର୍କ ଭାବେ କାର୍ଯ୍ୟ କରିପାରିବ। ସେ ପରିବହନ ଭିତ୍ତିଭୂମିକୁ ଉନ୍ନତ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ମନ୍ତ୍ରଣାଳୟଗୁଡ଼ିକ ମଧ୍ୟରେ ଉତ୍ତମ ସହଭାଗିତା ପାଇଁ ଆହ୍ୱାନ ଦେଇଥିଲେ। ପରିଶେଷରେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଉପାଧ୍ୟକ୍ଷ ସୁନୀଲ ଗୁପ୍ତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନୀ ଅଧିବେଶନ ପରେ ‘ଇଜି କ୍ରେଡିଟ ଫ୍ଲୋ ଆଣ୍ଡ ଷ୍ଟ୍ରଙ୍ଗ ସପ୍ଲାଇ ଚେନ: ଦ ବ୍ୟାକବୋନ ଅଫ୍ ଇଣ୍ଡଷ୍ଟ୍ରିଆଲ ଗ୍ରୋଥ୍’ ବିଷୟବସ୍ତୁ ଉପରେ ଏକ ବୈଷୟିକ ଆଲୋଚନା ଆୟୋଜିତ ହୋଇଥିଲା। ଏସାର ମିନମେଣ୍ଟ ଲିମିଟେଡ୍‌ର ଏମ୍‌ଡି ଓ ସିଇଓ ଶଶିଶେଖର ମହାନ୍ତି ଏହି ଅଧିବେଶନକୁ ପରିଚାଳନା କରିଥିଲେ।



ସିଆଇଆଇ ଓଡ଼ିଶା ଶାଖାର ବାର୍ଷିକ ବୈଠକରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ସମ୍ପତ୍ତି ପରିଚାଳନା କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ

**ନୂଆଦିଲ୍ଲୀ, ୧୨।୩**

ବର୍ତ୍ତମାନ ସମ୍ପତ୍ତି ପରିଚାଳନାର ବିକଶିତ କ୍ଷେତ୍ରରେ ମହିଳାମାନଙ୍କ ଭୂମିକା ପରିବର୍ତ୍ତନ ହୋଇଛି। ଏପରିକି ସେମାନେ କେବଳ ପାରିବାରିକ ସମ୍ପତ୍ତିର ହିତାଧିକାରୀ ହୋଇ ରହିନାହାନ୍ତି ବରଂ ସମ୍ପତ୍ତି ସୃଷ୍ଟି, ପରିଚାଳନା ଓ ସ୍ଥାନାନ୍ତରଣ କ୍ଷେତ୍ରରେ ମଧ୍ୟ ସେମାନେ ବହୁମାତ୍ରାରେ ଯୋଗଦାନ ସହ ପାରିବାରିକ ଆର୍ଥିକ ନିଷ୍ପତ୍ତି ମଧ୍ୟ ନେଉଛନ୍ତି। ବିଶେଷ କରି ପାରିବାରିକ କାର୍ଯ୍ୟାଳୟ, ଘରୋଇ ସମ୍ପତ୍ତି ପରିଚାଳନା କ୍ଷେତ୍ରରେ ଅଧିକରୁ ଅଧିକ ମହିଳା ନେତୃତ୍ୱ ଭୂମିକା ଗ୍ରହଣ କରୁଛନ୍ତି ବୋଲି ଆକ୍ସିସ ଏଏମସିର ପାରିବାରିକ କାର୍ଯ୍ୟାଳୟ ଓ ଘରୋଇ ସମ୍ପତ୍ତି ବିଭାଗର ମୁଖ୍ୟ ଅରୁଣିମା ନୈନ କହିଛନ୍ତି। ସେହିଭଳି ବୋଷ୍ଟନ କନ୍‌ସଲ୍ଟିଂ ଗ୍ରୁପ ଅନୁଯାୟୀ ବିଶ୍ୱର ମୋଟ ସମ୍ପତ୍ତିର ଏକ ତୃତୀୟାଂଶ ମହିଳାମାନେ ନିୟନ୍ତ୍ରଣ କରୁଛନ୍ତି। ଏପରିକି ବାର୍‌ସଲେସ ରିପୋର୍ଟ ଅନୁଯାୟୀ, ଧନୀ ପରିବାରଗୁଡ଼ିକର ପ୍ରତି ୧୦ରୁ ୮ ଜଣ ମହିଳା ଆଗାମୀ ଦୁଇ ଦଶନ୍ଧିରେ ଯଥେଷ୍ଟ ଅଧିକ ସମ୍ପତ୍ତିର ଉତରାଧିକାରୀ ହେବେ ତଥାପି ସେମାନଙ୍କ ମଧ୍ୟରୁ କେବଳ ୫୦% ଆର୍ଥିକ ନିଷ୍ପତ୍ତି ଗ୍ରହଣ କରିବାରେ ସଂପୃକ୍ତ ରହିବେ। ଏହି ଅନ୍ତର ସମ୍ପତ୍ତି ପରିଚାଳନା ଭୂମିକାରେ ମହିଳାଙ୍କ ପ୍ରତିନିଧିତ୍ୱର ଅଭାବ ଯୋଗୁଁ ଦେଖାଦେଉଛି। ଏଭଳି ଏକ ସମସ୍ୟାର ତତ୍କାଳ ସମାଧାନ କରାଯିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ସମ୍ପତ୍ତି ସମ୍ପର୍କିତ ଆଲୋଚନାରେ ମହିଳାଙ୍କୁ କେବଳ ସାମିଲ କରିବା ପର୍ଯ୍ୟାପ୍ତ ନୁହେଁ, ଆମକୁ ନିଶ୍ଚିତ କରିବାକୁ ହେବ, ସେମାନଙ୍କର ନିଷ୍ପତ୍ତି ଗ୍ରହଣରେ ମଧ୍ୟ ଯଥେଷ୍ଟ ଭୂମିକା ରହିବ।





**ପ୍ରିୟାଂଶୁ ସ୍ୱାଇଁ**

ଧନରେ ଆଜି ପବିତ୍ର ଦୋଳ ଚତୁର୍ଦ୍ଦଶୀରେ ତୋର ଏକାଦଶତମ ଜନ୍ମବାର୍ଷିକ ଉପଲକ୍ଷେ ଆମ ସ୍ୱାଇଁ ପରିବାରର ସମସ୍ତେ ଆନନ୍ଦ ଉଲ୍ଲାସରେ ତୋର ଉଜ୍ଜ୍ୱଳ ଭବିଷ୍ୟତ ସହ ତୋର ଦୀର୍ଘାୟୁ ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ମା ସାରଳାଙ୍କ ପାଖରେ ପ୍ରାର୍ଥନା କରୁଛୁ।

**ଶୁଭେଚ୍ଛା ସହ**
ଜେଜେବାପା, ଜେଜେ ମା, ବାବା, ମାମା ଓ ପରିବାରବର୍ଗ

ଧ-୭୪୪୦୩


# ସ୍ପେସ୍‌ଏକ୍ସ ସହ ଜେପିଏଲ୍‌ର ସହଭାଗିତା

**ମୁମ୍ବାଇ, ୧୨।୩**

ରିଲାଏନ୍ସ ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଜିଓ ପ୍ଲାଟ୍‌ଫର୍ମସ ଲିମିଟେଡ୍ (ଜେପିଏଲ୍) ଏବଂ ସ୍ପେସ୍‌ଏକ୍ସ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଭାରତରେ ଷ୍ଟାରଲିଙ୍କ୍ ବ୍ରଡ୍‌ବ୍ୟାଣ୍ଡ ଇଣ୍ଟରନେଟ୍ ସେବା ଉପଲବ୍ଧ କରାଇବା ପାଇଁ ଜେପିଏଲ୍ ଏବଂ ସ୍ପେସ୍‌ଏକ୍ସ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଚୁକ୍ତିନାମା ପରେ ଭାରତର ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳ ସମେତ ସାରା ଦେଶରେ ସାଟେଲାଇଟ୍ ଆଧାରିତ ବ୍ରଡ୍‌ବ୍ୟାଣ୍ଡ ସେବା ଉପଲବ୍ଧ ହେବ। ସେହିଭଳି ଏହି ଚୁକ୍ତିନାମା ଅନୁଯାୟୀ ଜିଓ ଗ୍ରାହକମାନଙ୍କ ପାଇଁ ଷ୍ଟାରଲିଙ୍କ୍ ସମାଧାନଗୁଡ଼ିକ ଜିଓ ଷ୍ଟୋର ସମୂହ ଏବଂ ଅନ୍‌ଲାଇନରେ ଉପଲବ୍ଧ ହେବ। ଏ ନେଇ ଜିଓ ପକ୍ଷରୁ କୁହାଯାଇଛି, ସ୍ପେସ୍‌ଏକ୍ସ ସହିତ ଆମେ ସହଭାଗିତା କରି ବେଶ୍ ଉତ୍ସାହିତ ଅଛୁ। ଉକ୍ତ ଚୁକ୍ତିନାମା ଅନୁଯାୟୀ ସମଗ୍ର ଭାରତରେ ସାଟେଲାଇଟ୍ ଆଧାରିତ ବ୍ରଡ୍‌ବ୍ୟାଣ୍ଡ ସେବା ଉପଲବ୍ଧ ହେବ। ଫଳରେ ସମସ୍ତ ଉଦ୍ୟୋଗ, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ ଏବଂ ସମୁଦାୟଗୁଡ଼ିକୁ ନିର୍ଭରଯୋଗ୍ୟ ଇଣ୍ଟରନେଟ୍ ଉପଲବ୍ଧ କରାଯାଇପାରିବ। ଷ୍ଟାରଲିଙ୍କ୍ ସବୁଠାରୁ ଆହ୍ୱାନପୂର୍ଣ୍ଣ ସ୍ଥାନଗୁଡ଼ିକରେ ଦ୍ରୁତ ଏବଂ ସୁଲଭ ଉପାୟରେ ସବୁଠାରୁ ହାଇ-ସ୍ପିଡ୍ ଇଣ୍ଟରନେଟ୍ ବିସ୍ତାରକରି ଜିଓ ଏୟାରଫାଇବର ଏବଂ ଜିଓଫାଇବରର ପରିପୂରକ ହେବ। ଉଭୟ କମ୍ପାନୀ ଭାରତର ଡିଜିଟାଲ ଇକୋସିଷ୍ଟମରେ ସହଯୋଗର ଅନ୍ୟାନ୍ୟ ସମ୍ଭାବନା ମଧ୍ୟ ଅନୁସନ୍ଧାନ କରିବେ।

# ଶେୟାର ବଜାରରେ ହ୍ରାସ

**ମୁମ୍ବାଇ, ୧୨।୩**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୭୩ (୭୨.୫୬) ପଏଣ୍ଟ ହ୍ରାସ ଘଟି ୭୪,୦୩୦ (୭୪,୦୨୯.୭୬) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ୍ୟ ୨୭ (୨୭.୪୦) ପଏଣ୍ଟ କମି ୨୨,୪୭୦ (୨୨,୪୭୦.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଆଇକ୍ୟୁଓଓର ନୂତନ ଉତ୍ପାଦ

**ନୂଆଦିଲ୍ଲୀ, ୧୨।୩**

ଆଇକ୍ୟୁଓଓର ନୂତନ ଉତ୍ପାଦ ‘ଆଇକ୍ୟୁଓଓ ନିଓ ୧୦ ଆର୍’ର ଅନାବରଣ ନିକଟରେ ହୋଇଯାଇଛି। ଏପରିକି ଏହି ମଡେଲକୁ ବିଶେଷକରି ଛାତ୍ରୀଛାତ୍ର ଓ ଯୁବବର୍ଗଙ୍କ ପାଇଁ ଡିଜାଇନ କରାଯାଇଛି, ଯେଉଁଥିରେ ନୂଆ ସ୍ନାପଡ୍ରାଗନ ୮ଏସ୍ ଜେନ୍୩ ମୋବାଇଲ ପ୍ଲାଟ୍‌ଫର୍ମ, ଅଲଟ୍ରା ଆଇ ସ୍ମୁଥ ସ୍ଥିର ୯୦ଏଫ୍‌ପିଏସ୍, ଗେମିଂ ପାଇଁ ୧୪୪ଏଚ୍‌ଜେଡ୍ ରିଫ୍ରେସ୍ ସେଟ୍ ଓ ବଡ଼ିଆ ୬୪୦୦ଏମ୍‌ଏଏଚ୍ ବ୍ୟାଟେରି ରହିଛି। ଆଇକ୍ୟୁଓଓର ସିଇଓ ନିପୁଣ ମାରିଆ କହିଛନ୍ତି, ଆମେ ଉଚ୍ଚ କ୍ଷମତାସମ୍ପନ୍ନ ସ୍ମାର୍ଟଫୋନ ପ୍ରଚଳନ କରିଛୁ, ଯାହା ଉପଭୋକ୍ତାଙ୍କ ପାଇଁ ଆକର୍ଷଣୀୟ ହେବ। କଲେଜ ଯାଉଥିବା ଛାତ୍ର ଓ ଗେମରମାନଙ୍କ ପାଇଁ ବିଶେଷ ଭାବେ ଏହି ଫୋନର ଚାହିଦା ସର୍ବାଧିକ ରହିବ। ଏହି ଫୋନରେ ନବସୃଜନ ଓ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ସମାହାର ଦେଖିବାକୁ ମିଳିବ।


# Classified Everyday
**0674-2580101, 9692975378**


**REAL ESTATE**
**SALE**

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242




Ground floor (1250sqft) for Office/ Godown, 1st floor (1460sqft) for Office/ Institute/ family at Bomikhal, Bhubaneswar. 8114732486. D-3234




Positively health benifited spa by expert therapist. 8658088274. D-76903

Positivelyhealthbenefited SPA by expert female therapist, Bapujinagar. 8018429809. D-76901

All types hair cutting, body massage by smart lady room services available. Contact: 7077240328. D-71396

**Full body massage experience, good looking therapist @999 (Bhubaneswar). 9078484455.** D-3280

**Relax, Refresh your body, mind at Saikrupa Spa with best therapies. 8984068077.** D-3288


## AFFIDAVIT

By virtue of an affidavit sworn before the Executive Magistrate, Dharmasala, Dated 07.03.2025 I, Dangi Malik, Address: At-Kurikana, P.O.-Batijoda, P.S.- Jenapur, Dist.- Jajpur, Odisha-755023 declare that I have changed my name from Mataji Malik to Dangi Malik. Henceforth, I shall be known as Dangi Malik for all purposes. D-3276

By virtue of an affidavit sworn before Bhubaneswar, dated 07/03/2025 I, Tanushree Raj, Address: At-Krushna Nagar, Near Hanuman Mandir, P.O.-Balia, Samalpur, Dist.-Baleshwar, Odisha, PIN-756001 declare that I have changed my name from Tanushree Singh to Tanushree Raj. Henceforth, I shall be known as Tanushree Raj for all purposes.
(Tanushree Raj) D-3274

I, Sanjaya Kumar Biswal, S/o- Late Mr. Kangali Biswal, resident of Village- Narasinghpur, P.O.- Brahmanipal, Via/ P.S.- Dhusuri, Dist.-Bhadrak, PIN- 756119 declare by the affidavit number- 70AA283272, Dated- 12.03.2025 that now onwards I shall be known as Sanjaya Biswal for all future purposes. D-3283

By virtue of an affidavit sworn before the Executive Magistrate, Badamba, dated 10.03.2025, I, Narottam Nayak, S/o- Uchhab Nayak, Address: At-Gopinathapur, P.O.- Singhanathpitha, P.S.- Badamba, Dist.- Cuttack, 754031 declare that I have changed my name from Rabindra Patra to Narottam Nayak. Henceforth, I shall be known as Narottam Nayak for all purposes.
Narottam Nayak D- 3275

By virtue of an affidavit sworn before Executive Magistrate, Cuttack, on dt 10.03.2025, I, Sorojonee Misra, Addres- Pareswar Sahi near Pareswar Temple, Jobra, P.O.-College Square, P.S.- Malgodown, Dist.- Cuttack, Odisha, PIN- 753003, declare that I have changed my name from Rashmi Mishra to Sorojonee Misra. Henceforth, I shall be known as Sorojonee Misra for all purposes.
SOROJONEE MISRA D-3289

ମୁଁ ଶ୍ରୀ ଜନାର୍ଦ୍ଦନ ନାଏକ (୩୬), ସା: ପୋ: ପିପିଲିଆ, ଥାନା- ଘଟଗାଁ, ଜିଲ୍ଲା- କେନ୍ଦୁଝର ଜଣାଉଅଛି କି, ମୋର ଝିଅ ନିରୁପମା ନାଏକ ୧୦ ବର୍ଷ, ତୃତୀୟ ଶ୍ରେଣୀରେ ପାଠ ପଢୁଅଛି। ନିରୁପମା ନାଏକର ଆଧାର କାର୍ଡରେ ନାମ ତ୍ରୁଟି ରହିଅଛି। ନାଏକ ସ୍ଥାନରେ ନାୟକ ରହିଅଛି। ଏହାର ସଂଶୋଧନ ନିମନ୍ତେ ମୁଁ କେନ୍ଦୁଝର ଜିଲ୍ଲା ଏକ୍ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଏକ ସତ୍ୟପାଠ ଆଫିଡେଭିଡ୍ ମଧ୍ୟ କରିଅଛି କି ମୋର ଝିଅର ନାମ ନିରୁପମା ନାୟକ ସ୍ଥାନରେ ନିରୁପମା ନାଏକ କରାଯାଉ ଏହା ସଠିକ୍ ଅଟେ। D-3279

By virtue of an affidavit No.2097 Date- 11.03.2025 sworn before the Notary Public, Sambalpur, I, Ashok Melli, R/o. Nu Jampali, Ambabhona, Dist.- Bargarh- 768038 declare that I have changed my daughter's name from Sulagna Melli to Pragati Melli. Now onwards she shall be known as Pragati Melli for all future purposes. D-3285

By virtue of an affidavit sworn before Executive Magistrate, Bhubaneswar, dated 12th March, 2025 I, Manmayee Parija, Address: VTC: Gadajit, P.O.- Dompara, Sub District.- Banki, District.- Cuttack, State- Odisha, PIN Code- 754007, declare that I have changed my name from Manamayee Das to Manmayee Parija. Henceforth, I shall be known as Manmayee Parija for all purposes.
Manmayee Parija D-3284

By virtue of an affidavit sworn before the Executive Magistrate, Nayagarh, dated 12.03.2025, I, Rasmita Patra, wife of Chhatia Patra, Permanent resident of Village-Itamati, P.O./ P.S.-Itamati, Dist.- Nayagarh, PIN- 752068, Odisha, declare that I have changed my daughter's name from Jagnysini Patra to Jajnyaseni Patra. Henceforth, she will be known as Jajnyaseni Patra for all future purposes. D-3282

Your classified advertisement published in Dharitri will be listed free in Dharitri online edition: dharitriepaper.in

ଏହି ଶପଥପାଠ ବଳରେ ମୁଁ, କୈଳାସ ରାଉତ ବ୪୨ର୍ଷ, ପିତା- ✓କପିଳ ରାଉତ ବୋଲି ଘୋଷଣା କରୁଅଛି ଓ କପିଳ ରାଉତଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ହକ୍‌ଦାର ଅଟେ । ମୋର ଭୋଟ୍ ପରିଚୟ ପତ୍ର ନଂ- DCX1751742 ଓ ମୋର ଠିକଣା ନିମ୍ନମତେ- କୈଳାସ ରାଉତ, ପି- କପିଳ ରାଉତ ସା- ନଳକଣୀ, ପୋ- ସିଂହପୁର-ନଳକଣୀ, ଥା- କୁଜଙ୍ଗ, ଜି- ଜଗତ୍‌ସିଂହପୁର, ପିନ୍- ୭୫୪୧୪୧.
କୈଳାସ ରାଉତ D-3281

I Jaanvi Arora, W/o- Sanjay Arora, resident of Srikoruan, Urali, Cuttack Sadar - 753011, declare by this affidavit No- 56AA289298 dt.25.05.2022, that I have changed my name from Balvinder Kour after marriage to Jaanvi Arora and I shall be known as Jaanvi Arora for all future purposes. D-3290


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

**ମହକୁମେ, ଜିଲ୍ଲା ସମ୍ବଲପୁର ସିଭିଲ ଜଜ୍ (ବରିଷ୍ଠ ଶ୍ରେଣୀ)ଙ୍କ ଅଦାଲତ କୁଚିଣ୍ଡା, ଜିଲ୍ଲା - ସମ୍ବଲପୁର**
**Order-5, Rule- 20 C.P.C.**
**ସିଭିଲ ମୋକଦ୍ଦମା ନଂ. 04/ 2013**
**କେତକି ପାଣ ଓରଫ ଭଞ୍ଜ... ବାଦୀ**
**ବନାମ**
**କୌଶଲ୍ୟ ମହାନନ୍ଦ ଓ ଅନ୍ୟମାନେ.... ପ୍ରତିବାଦୀ**

**ପ୍ରାପ୍ତେଷୁ,**
ଜସୋବନ୍ତ କୁମାର ମହାନନ୍ଦ, ବୟସ ୫୨ ବର୍ଷ, ପିତା- ସ୍ୱର୍ଗତ ବୈରାଗି ମହାନନ୍ଦ, ନିବାସୀ- ଜମନକିରା, ପୋ./ ଥାନା/ ତହସିଲ- ଜମନକିରା, ମୁନସିଫି- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର, ଓଡିଶା ।

ଏତତ୍ ଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କେତକି ପାଣ ଓରଫ ଭଞ୍ଜ, ସ୍ୱାମୀ-ଜୀବରଧନ ପାଣ ଓରଫ ଭଞ୍ଜ, ନିବାସୀ- ଜମନକିରା, ପୋ./ ଥାନା/ ତହସିଲ- ଜମନକିରା, ମୁନସିଫି- କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର,ଓଡ଼ିଶା ଆମ୍ଭ ଅଦାଲତରେ ତୁମ ପ୍ରତିବାଦୀଙ୍କ ନାମରେ ଉପରୋକ୍ତ ବିଚାରାଳୟରେ ଜମି ସଂକ୍ରାନ୍ତୀୟ ଉକ୍ତ ମୋକଦ୍ଦମା ଦାୟର କରିଅଛନ୍ତି । ତୁମ୍ଭ ପାଖକୁ ଅଦାଲତ ତରଫରୁ ଡାକ ଯୋଗେ ନୋଟିସ୍ ଯାଉଥିଲେ ସୁଦ୍ଧା ତୁମ୍ଭେ ଜାଣିଶୁଣି ଗ୍ରହଣ ନ କରି ଅଗ୍ରାହ୍ୟ କରିବାର ପ୍ରତିତ ହେଉଅଛି।

ଏଣୁ ତୁମ୍ଭଙ୍କୁ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାର ପରବର୍ତ୍ତୀ ତାରିଖ ଆସନ୍ତା ତା- ୨୮.୦୩.୨୦୨୫ ରିଖ ସମୟ, ଦିବା ୧୦.୦୦ ଘ’ ଧାର୍ଯ୍ୟ କରାଯାଇଅଛି। ଉକ୍ତ ତାରିଖ ଓ ସମୟ ମତେ ତୁମ୍ଭେ ନିଜେ କିମ୍ବା ତୁମ୍ଭ ଓକିଲଙ୍କ ଜରିଆରେ ହାଜର ହୋଇ ମୋକଦ୍ଦମା ବିଷୟରେ ଲିଖିତ ଭାବରେ ଜଣାଇବେ, ନଚେତ୍ ମୋକଦ୍ଦମା ତୁମ୍ଭ ଅନୁପସ୍ଥିତିରେ ଏକତରଫା ଭାବରେ ବିଚାର କରାଯିବ।

**ସ୍ୱା./- ବରିଷ୍ଠ ଦେଓ୍ୱାନୀ ବିଚାରପତି,**
**କୁଚିଣ୍ଡା, ଜିଲ୍ଲା- ସମ୍ବଲପୁର**
D-3286


## ମନେ ପଡ଼ନ୍ତି

**ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**✓ହରେକୃଷ୍ଣ ମହାନ୍ତି**
Qtrs No.IVR-PF-19, Unit-6, Bhubaneswar
ଆବିର୍ଭାବ: 14.04.1943
ତିରୋଧାନ: 07.03.2012

ଆଜିର ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ନିକଟରେ ଆମ୍ଭର ବିନମ୍ର ପ୍ରାର୍ଥନା।

**-:ଶୋକସନ୍ତପ୍ତ:-**
**ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ**

ଧ-୩୨୭୩

# ଦିବ୍ୟାଂଶୀ ଯାହା ଚାହୁଁଥିଲେ...

ବେଳେବେଳେ ମଣିଷ ଯାହା ଚାହୁଁଥାଏ ତାହା ହାତ ପାଆନ୍ତାରେ ମିଳିଯାଏ। ଅବଶ୍ୟ ଏହାପୂର୍ବରୁ ସେ 'ଅତି ଜମା ଭଲ ନୁହେଁ', 'ପାରି କରିବେ ମୋ ଭୋଳା ଶଙ୍କର ୩', 'ଚୋରି ଚୋରି ବୋହୂ ଚୋରି' ଏବଂ 'ବାଲିଯାତ୍ରା' ସିନେମାରେ ଜଣେ ଶିଶୁ କଳାକାର ଭାବରେ ଅଭିନୟ କରି ନିଜ ଦକ୍ଷତାର ପରିଚୟ ଦେଇସାରିଛନ୍ତି। ହେଲେ ଏବେ ଶୁଟିଂ ଚାଲିଥିବା ନୂଆ ଓଡ଼ିଆ ସିନେମା 'ପରୀ'ର ମୁଖ୍ୟ ଭୂମିକାରେ ସେ ଅଭିନୟ କରୁଛନ୍ତି। କେବଳ ସେତିକି ନୁହେଁ, ଏହି ଫିଲ୍ମରେ ସେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ହଁ, ସେ ହେଲେ ଶିଶୁ କଳାକାର ଦିବ୍ୟାଂଶୀ। ଯାଜପୁରରେ ଜନ୍ମିତା କିଶୋର ଚନ୍ଦ୍ର ଓଝା ଏବଂ ରୋହିଣୀବାଳା ଓଝାଙ୍କ ଏହି କନ୍ୟା ବର୍ତ୍ତମାନ ଷ୍ଟାଣ୍ଡାର୍ଡ-୨ରେ ପଢୁଛନ୍ତି। ଓମ୍ ଶାନ୍ତି ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ । ଏହି ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ତ୍ରିପତି କୁମାର ସାହୁ । ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ। ପ୍ରମୋଦ ପରିଡା ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ । ଏହାର ବିଭିନ୍ନ ଭୂମିକାରେ ଜ୍ୟୋତି ନାୟକ, ଅନୁରାଧା, ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ନୀଳମଣି ସାହୁ, ସୌମ୍ୟ ପ୍ରକାଶ ଦାସ ଅଧିକାରୀ,ସୌମ୍ୟ ରଞ୍ଜନ ମହାନ୍ତି, ଗୁଣ୍ଡୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ,ଗୋପାଳ ପଟ୍ଟନାୟକ ଏବଂ ରୋଶନ ଭରଦ୍ୱାଜ ପ୍ରମୁଖ ଅଭିନୟ କରିଛନ୍ତି। ତେବେ ଏହି ଫିଲ୍ମରେ ଦିବ୍ୟାଂଶୀ ନିଜ ଭୂମିକା ଦ୍ୱାରା ଦର୍ଶକଙ୍କୁ କେତେ ପ୍ରଭାବିତ କରିପାରୁଛନ୍ତି ତାହା ରିଲିଜ ପରେ ହିଁ ଜଣାପଡିବ।


'ପରୀ' ଫିଲ୍ମରେ (ବାମରୁ) ଦିବ୍ୟାଂଶୀ–ଜ୍ୟୋତି–ଅନୁରାଧା

# ଅପେକ୍ଷା ହୋଲିକୁ

ଶକ୍ତି ତନୟା ଶ୍ରଦ୍ଧା କପୁର ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଆପଣ ଭାବୁଛନ୍ତି କି ତାଙ୍କର ଏବେ କୌଣସି ସିନେମା ରିଲିଜ ହେବାର ଯୋଜନା ରହିଛି। ନା। ଅସଲ କଥା ସେଇଆ ନୁହେଁ। ପ୍ରତିବର୍ଷ ଏହି ଦିନକୁ ସେ ଆଗ୍ରହର ସହ ଚାହିଁ ବସିଥାଆନ୍ତି। ତାହା କ'ଣ ଜାଣିବେନି ? ହଁ, ଶ୍ରଦ୍ଧା ସବୁ ବର୍ଷ ହୋଲିକୁ ବେଶ୍ ଧୂମଧାମରେ ପାଳନ କରନ୍ତି। ବର୍ଷର ଅନ୍ୟ ପର୍ବପର୍ବାଣି ଅପେକ୍ଷା ତାଙ୍କୁ ହୋଲିର ମଜା ନିଆରା ଲାଗିଥାଏ। ଏ ନେଇ ସେ କହନ୍ତି, "କଥା କ'ଣ କି ସ୍କୁଲ ସମୟଠାରୁ ଏ ପର୍ଯ୍ୟନ୍ତ ମୁଁ ପ୍ରାୟ ହୋଲି ଖେଳିଆସିଛି। ଏହି ଦିନ ଆମେ କେଇଜଣ ସ୍କୁଲ ସାଙ୍ଗ ଏକାଠି ହୋଇଥାଉ। ବାସ୍, ସମସ୍ତେ ମିଶି ରଙ୍ଗର ମଜା ନେଉ। ସାଙ୍ଗମାନଙ୍କ ମଧ୍ୟରୁ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ସେହିଦିନ ଯେମିତି ହେଲେ ଆସି ମୋ ପାଖରେ ପହଞ୍ଚିଯାଆନ୍ତି। ଯୋଜନା ମୁତାବକ ଆମେ ରଙ୍ଗରେ ରଙ୍ଗିନ ହୋଇ ଦିନଟିକୁ କଟାଇ ଦେଉ। କାରଣ ରଙ୍ଗ ବୋଳିବା ଆଉ ନିଜେ ରଙ୍ଗରେ ରଙ୍ଗିନ ହେବାର ମଜା ନିଆରା।" ଶ୍ରଦ୍ଧାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ତିନ ପତି'ରୁ। ଗତବର୍ଷ ରିଲିଜ ହୋଇଥିବା 'ସ୍ତ୍ରୀ ୨' ବକ୍ସ ଅଫିସରେ ରେକର୍ଡ କରିଥିଲା। ସେ ଅଭିନୟ କରିଥିବା ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି–'ଆସୀକ ୨', 'ଏକ ଭିଲେନ୍', 'ହାଇଦର', 'ଉଙ୍ଗଲି', 'ଏବିସିଡି ୨', 'ବାଗୀ', 'ହାଫ ଗର୍ଲଫ୍ରେଣ୍ଡ' ଏବଂ 'ତୁ ଝୁଟି ମେଁ ମକ୍କାର'।


ଶ୍ରଦ୍ଧା

# ପୋଲିସ ଅବତାର



'ଡଷ୍ଟବିନ୍' ଫିଲ୍ମରେ ଜୀବନ

ହାସ୍ୟାଭିନେତା ଜୀବନ ପଣ୍ଡା। ଲୋକଙ୍କୁ ହସେଇ ହସେଇ ବେଦମ କରିବା ଯେମିତି ଜାଣିଛନ୍ତି ସେମିତି ଭୂମିକାଟି ଯେପରି ହେଉ ନା କାହିଁକି ତାହାକୁ ତୁଲାଇବାର କାଇଦା ମଧ୍ୟ ମାଲୁମ। ଇତିମଧ୍ୟରେ ସେ ଭିନ୍ନ ଭିନ୍ନ ଚରିତ୍ରରେ ପରଦା ଉପରକୁ ଆସିସାରିଛନ୍ତି। ହେଲେ ଖୁବ୍ ଶୀଘ୍ର ଦର୍ଶକ ତାଙ୍କୁ ପୋଲିସ ଅବତାରରେ ଦେଖିବାକୁ ପାଇବେ। ଆଉ ଏଭଳି ଏକ ମଜାଦାର ରୋଲକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ସେ। ହଁ, ଜୀବନଙ୍କୁ ଏଭଳି ଏକ ଭୂମିକା ମିଳିଛି ରିଲିଜ ଅପେକ୍ଷାରେ ରହିଥିବା ସିନେମା 'ଡଷ୍ଟବିନ୍'ରେ। ଏହି ସିନେମାର ନାୟକ ସାଜିଛନ୍ତି ପପୁ ପମପମ। ସେ ମଧ୍ୟ ଏହାର ଚିତ୍ରନାଟ୍ୟ ଲେଖିବା ସହ ସଙ୍ଗୀତ ଏବଂ ନିର୍ଦ୍ଦେଶନା ପରି ଗୁରୁଦାୟିତ୍ୱ ତୁଲାଇଛନ୍ତି। କେ. କେ ସାହୁ ଫିଲ୍ମର ପ୍ରଯୋଜକ ଥିବା ବେଳେ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ପ୍ରଦୀପ୍ତ ସ୍ୱାଇଁ। ଦୀପାନ୍ୱିତ ଦାସ ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, ଅରବିନ୍ଦ ଷଡ଼ଙ୍ଗୀ, ଟୁକୁନା ଷ୍ଟାଇଲିସ ଏବଂ ମନୋଜ ସ୍ୱାଇଁ କାଷ୍ଟିଂରେ ଅଛନ୍ତି। ଫିଲ୍ମଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଶେଷ ହେଲା ଅପେକ୍ଷା

ଉଭୟ ପ୍ରାଣୀ ଏବଂ ଜଙ୍ଗଲ ସୁରକ୍ଷା ବିଷୟକୁ ପ୍ରାଧାନ୍ୟତା ଦିଆଯାଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଶିମ୍ଲୀ'। ଫିଲ୍ମଟି ଚଳିତ ମାସ ୧୪ ତାରିଖରେ ରିଲିଜ ହେବାକୁ ଯାଉଛି। ଶିମିଳିପାଳର ମନୋରମ ଲୋକେଶନରେ ଏହାର ଶୁଟିଂ କରାଯାଇଛି। 'ୟୁ' ସେନସର୍ ସାର୍ଟିଫିକେଟ ପାଇଥିବା ଏହି ଓଡ଼ିଆ ଚିତ୍ରର କାହାଣୀ ରଚନା ସହ ପ୍ରଯୋଜନା କରିଛନ୍ତି ନବାଗତା ପ୍ରଯୋଜିକା ସ୍ମିତା ରାଉତ। ସହ ପ୍ରଯୋଜନା କରିଛନ୍ତି ପରେଶ ଚନ୍ଦ୍ର ମହାନ୍ତ। ସୁକୁମାର ମଣି ଏହି ଫିଲ୍ମରୁ ନିଜର ନିର୍ଦ୍ଦେଶନା କ୍ୟାରିୟର ଆରମ୍ଭ କରୁଛନ୍ତି। ସ୍ୱର୍ଗତ ବାଚୁ ମୁଖାର୍ଜୀଙ୍କ ସମେତ ବିଷ୍ଣୁ ମୋହନ କବି ଏବଂ ଏସ.ବି. ସ୍ମୃତି ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ସଂଳାପ ରଚନା କରିଛନ୍ତି ଭାବବିନୋଦ ମହାପାତ୍ର । ସୂର୍ଯ୍ୟମୟୀ, ମନୋଜ ରାଉତ, ଅନୁପ ଶାହା, ଲିପିକା ସେନାପତି, ଚୌଧୁରୀ ବିକାଶ ଦାସ ଏବଂ ଐଶ୍ୱର୍ଯ୍ୟା ବେହେରା ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହାର ପ୍ରଚାର ପ୍ରସାର ଦାୟିତ୍ୱରେ ଅଛନ୍ତି ପ୍ରଣୟ ଜେଠୀ।


'ଶିମ୍ଲୀ' ଫିଲ୍ମର ପୋଷ୍ଟର

# ଭୁଲନ୍ତି ନାହିଁ ପରିଣିତି


ପରିଣିତି

ପରିଣିତି ଚୋପ୍ରା ଇତିମଧ୍ୟରେ ବଲିଉଡ୍‌ରେ ବେଶ୍ କେତୋଟି ସିନେମାରେ ଅଭିନୟ କରିବା ସହ ଘର ସଂସାର କରିସାରିଲେଣି। ତାଙ୍କୁ ଯେତେବେଳେ ଭୋକ ଲାଗେ ସେତେବେଳେ ସେ ଗୋଟିଏ ଜିନିଷ ଖାଇବାକୁ ଭୁଲି ନ ଥାନ୍ତି। ଯେତେ ମନଲୋଭା ଖାଦ୍ୟ ଥିଲେ ମଧ୍ୟ ଗୋଟିଏ ଖାଦ୍ୟ ପ୍ରତି ତାଙ୍କର ଦୁର୍ବଳତା ରହିଛି। ତାହା କ'ଣ ଜାଣନ୍ତି ? ପିଜା। ଏପରି ଶୁଟିଂରୁ ବ୍ରେକ୍ ମିଳିଲେ ଟାଇମ୍ ପାସ୍ ପାଇଁ ପିଜା ମଗାଇ ଖାଇଥାଆନ୍ତି। ଏ ସମ୍ପର୍କରେ ପରିଣିତି କହନ୍ତି, 'ଷ୍ଟୁଡେଣ୍ଟ କ୍ୟାରିୟରରୁ ମୋର ପିଜା ଖାଇବା ଏକ ଅଭ୍ୟାସରେ ପଡିଯାଇଛି। ପ୍ରତିଦିନ ଯେମିତି ହେଲେ ମୁଁ ପିଜା ଖାଇଥାଏ। ଯଦି କେବେ ମିସ୍ କଲି ତେବେ ମୋତେ ଲାଗେ ଯେମିତି ମୁଁ କିଛି ଜିନିଷ ହଜେଇ ଦେଇଛି।' ପରିଣିତିଙ୍କର ଆଉ ଏକ ଅଭ୍ୟାସ ରହିଛି। ବଜାରରେ କୌଣସି ନୂଆ ଜୋତା ଲଞ୍ଚ ହେଲେ ତାହାକୁ କିଣିବାକୁ ଭୁଲି ନ ଥାନ୍ତି। ପ୍ରିୟଙ୍କା ଚୋପ୍ରାଙ୍କ 'ସାତ୍ ଖୁଣ୍ ମାଫ' ଦେଖିବା ପରେ ଆକ୍ଟିଂ ଲାଇନ୍‌ରେ ଏଣ୍ଟ୍ରି କରିବାକୁ ମନ ବଳାଇଥିଲେ ସେ। ପ୍ରିୟଙ୍କା ଅଭିନୀତ 'ପ୍ୟାର୍ ଇମ୍ପସିବୁଲ୍'ର ଶୁଟିଂ ସେଟ୍‌ରେ ୟଶରାଜ ଫିଲ୍ମସର ପି.ଆର. ବିଭାଗ ମୁଖ୍ୟଙ୍କ ସହ ପରିଣିତିଙ୍କର ଭେଟ ହୋଇଥିଲା। ତା'ପରେ ସେ ଏହି ବିଭାଗରେ ଯୋଗ ଦେଇଥିଲେ। କେବଳ ସେତିକି ନୁହେଁ, ଆଗଧାଡିର ଫୁଟବଲ୍ କ୍ଲବ ମାଞ୍ଚେଷ୍ଟର ୟୁନାଇଟେଡ୍‌ର କ୍ୟାଟରିଙ୍ଗ ବିଭାଗରେ ସେ ମଧ୍ୟ କିଛିଦିନ କାମ କରିଥିଲେ।

ପରଦାରେ

# ଘମାଘୋଟ

ନୂଆ ଓଡ଼ିଆ ସିନେମା 'ଘମାଘୋଟ' ଚଳିତ ମାସ ୧୩ ତାରିଖରେ ରିଲିଜ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। କୌଶିକ ଦାସଙ୍କ ପ୍ରଯୋଜନାରେ ନିର୍ମିତ ଏହି ନୂଆ ସିନେମାଟିର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଆଗଧାଡିର ନିର୍ଦ୍ଦେଶକ ରାଜା ଡି। ସନୋଜ କୁମାର, ଅଭିଷେକ ପଣ୍ଡା, ସନ୍ଦୀପ ମିଶ୍ର, ତପି ମିଶ୍ର, ଆକାଶ ହୋତା , ଆକାଶ ରାଉତ, ଶୈଳେନ୍ଦ୍ର ସାମନ୍ତରାୟ,କେକେ, ରାଜେଶ ସାହୁ, ଜଷ୍ଟି, ଏଇମନ ପ୍ରଧାନ , ବିଭାସ ଓ ନବାଗତା ଜୟଶ୍ରୀ ଷଡ଼ଙ୍ଗୀ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ, ଅନୁରାଗ ପଟ୍ଟନାୟକ ଓ ସୂର୍ଯ୍ୟଜୀ ।


ଶୈଳେନ୍ଦ୍ର

# କରୀନାଙ୍କ ପ୍ରିୟ ଖାଦ୍ୟ

କରୀନା କପୁର ପ୍ରତିଦିନ ଯାହା ଖାଇଲେ ମଧ୍ୟ ଗୋଟିଏ ଜିନିଷକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଆଳୁ ପରଟା। ସେ ଭାରି ଖାଇବା ପ୍ରିୟ। ଘରେ ରହିଲେ ସେ କିଛି ନା କିଛି ଖାଇବାକୁ ଭୁଲି ନ ଥାନ୍ତି। କରୀନା ପ୍ରତିଦିନ କିଛି ସମୟ ଯୋଗ-ପ୍ରାଣାୟାମ କରିବାକୁ ଭୁଲି ନ ଥାନ୍ତି। ତାଙ୍କର ପସନ୍ଦ ଡ୍ରେସ ହେଲା ଜିନ୍ସ ଏବଂ ଟି ଶାର୍ଟ। ଅଭିନୟ ଜୀବନରେ ଅନେକ ଘଟଣା ଘଟିଥାଏ। ଆଉ କରୀନା ବା ସେଥିରୁ ବାଦ୍ ପଡିବେ କିପରି ? ନିଜ ଆକ୍ଟିଂ କ୍ୟାରିୟରରେ ସେ କେତୋଟି ସିନେମାରେ ଅଭିନୟ କରିବାକୁ ମନା କରିଦେଇଥିଲେ। ସୁପରହିଟ୍ ଫିଲ୍ମ 'କହୋ ନା ପ୍ୟାର ହୈ', 'କଲ୍ ହୋ ନା ହୋ' ଏବଂ 'କୁଇନ୍'କୁ ହାତଛଡା କରିଥିବାରୁ ଏବେ ମଧ୍ୟ ସେ ଅନୁତାପ କରିଥାଆନ୍ତି।


କରୀନା

ନୂଆ ସିନେମା

# ଆଫା

ସାଧାରଣତଃ ପିଲାମାନଙ୍କ ଆଖିରେ କିଛି ପଡିଗଲେ ମା' ତାହାର ପଣତକାନିରେ ଆଖିକୁ ଥାପି ଦିଏ, ଯାହାକୁ କୁହାଯାଏ ଆଫା। ଆଉ ସେଥିରୁ ପିଲାଟିକୁ ଏକ ସ୍ୱତନ୍ତ୍ର ଉପଶମ ମିଳେ। କାହାଣୀ ଅନୁସାରେ ଗୋଟିଏ ପରିବାର ଉପରେ ହଠାତ୍ ଏକ ଅଦିନିଆ ଝଡ ମାଡିଆସେ। କିନ୍ତୁ ଏଭଳି ଏକ ଘଡିସନ୍ଧି ସମୟରେ ସେମାନେ କିପରି ଏହାକୁ ସାମନା କରନ୍ତି ଏବଂ ପରିଶେଷରେ ଏହାର ଫଳ କ'ଣ ହୁଏ ତାହାକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଆଫା'। ଏହାର କାହାଣୀରେ ଅଙ୍ଗଦାନ ବିଷୟ ମଧ୍ୟ ସ୍ଥାନୀତ ହୋଇଛି। ମିଷ୍ଟିକ କ୍ଲ କ୍ଲାପ୍‌ସ ବ୍ୟାନରରେ ଏହାର ପ୍ରଯୋଜନା କରାଯାଇଛି। ପୂର୍ବରୁ ଏହି ବ୍ୟାନରରେ ପ୍ରୀତିରାଜ-ନୈନା ଯୋଡିକୁ ନେଇ ପ୍ରସ୍ତୁତ 'ମାଇଁ ସୁଇଟ୍ ହାଉସୱାଇଫ' ସଫଳତା ହାସଲ କରିଥିଲା। ତେଣୁ ତାଙ୍କୁ 'ଆଫା'ରେ ରିପିଟ୍ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ରାଜେନ୍ଦ୍ର ମହନ୍ତ। ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ପ୍ରେମ ଆନନ୍ଦ। ଖାସ୍ କଥା ହେଲା ଉକ୍ତ ଚିତ୍ରର ଆସୋସିଏଟ୍ ନିର୍ଦ୍ଦେଶକ ଅଛନ୍ତି ପ୍ରୀତିରାଜ। ସଂଳାପ ରଚନା କରିଛନ୍ତି କୁନା ତ୍ରିପାଠୀ। ହର ରଥ, ଧରିତ୍ରୀ ଖଣ୍ଡୁଆଳ, କୁନା ତ୍ରିପାଠୀତ, ରବି ମିଶ୍ର ଏବଂ ଆଗଧାଡିର ନିର୍ଦ୍ଦେଶକ ଅଶୋକ ପତିଙ୍କ ଝିଅ ଅନମୋଲ ଶିଶୁ କଳାକାର ଭାବରେ ଅଭିନୟ କରିଛନ୍ତି।


'ଆଫା' ଫିଲ୍ମରେ ନୈନା-ପ୍ରୀତିରାଜ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୩/୨୦୨୫ Bhubaneswar, Thursday, March 13/ 2025

# ଏପ୍ରିଲ ୬ରେ ଲିଜେଣ୍ଡ୍ସ ଫେସ୍‌ଅଫ୍

**ମୁମ୍ବାଇ,୧୨।୩(ପି.ଟି.):** ଲୁଇସ ଫିଗୋ, କାର୍ଲେସ ପୁୟଲ, ଫର୍ଣ୍ଣାଣ୍ଡୋ, ମୋରିଏଣ୍ଟେସ, ରିକାର୍ଡୋ କ୍ୱାରେସ୍ମାଙ୍କ ଭଳି ରିୟଲ ମାଡ୍ରିଡ ଓ ଏଫସି ବାର୍ସେଲୋନାର କିମ୍ବଦନ୍ତୀ ଫୁଟବଲ ଖେଳାଳିମାନେ ଆସନ୍ତା ଏପ୍ରିଲ ୬ ତାରିଖରେ ଡିୱାଇ ପାଟିଲ ଷ୍ଟାଡିୟମରେ ହେବାକୁ ଯାଉଥିବା ଲିଜେଣ୍ଡ୍ସ ଫେସଅଫରେ ଖେଳିବେ ବୋଲି ସ୍ପଷ୍ଟ ହୋଇଛି। ପ୍ରଥମ ଥର ପାଇଁ ଭାରତରେ ରିୟଲ ମାଡ୍ରିଡ ଲିଜେଣ୍ଡ୍ସ ଓ ବାର୍ସେଲୋନା ଲିଜେଣ୍ଡ୍ସ ମଧ୍ୟରେ ଏଲ କ୍ଲାସିକୋ ମ୍ୟାଚ ଆୟୋଜନ ହେବାକୁ ଯାଉଛି।

ଭାରତ ଫୁଟବଲକୁ ଭଲ ପାଏ ମୋତେ ଜଣାଅଛି। ମୁଁ ମୁମ୍ବାଇରେ ଖେଳିବାକୁ ଅପେକ୍ଷା କରିପାରୁ ନାହିଁ। ଚାଲନ୍ତୁ ଏହାକୁ ଏକ ସ୍ମରଣୀୟ ରାତି କରିବା ବୋଲି ପୂର୍ବତନ ବାଲନ ଡି’ ଅର(୨୦୦୦) ବିଜେତା ଲୁଇସ କହିଛନ୍ତି। ପର୍ତ୍ତୁଗାଲର ଏହି ଷ୍ଟାର ଖେଳାଳି ଉଭୟ ଏଫସି ବାର୍ସେଲୋନା ଓ ରିୟଲ ମାଡ୍ରିଡ ଲାଗି ଖେଳବା ସହ ଅନେକ ଲା ଲିଗା ଟାଇଟଲ ଓ ୨୦୦୨ ୟୁଇଫା ଚାମ୍ପିୟନ୍ସ ଲିଗ ଜିତିଥିଲେ। ବାର୍ସେଲୋନା ସହିତ ୬ ଥର ଲା ଲିଗା ଓ ୩ ୟୁଇଫା ଚାମ୍ପିୟନ୍ସ ଲିଗ ଟ୍ରଫି ଜିତିଥିବା ପୁୟଲ କହିଛନ୍ତି ଯେ, ଫୁଟବଲ ପ୍ରତି ଭାରତର ନିଷ୍ଠାକୁ ମୁଁ ଦୂରରୁ ଦେଖିଛି। ବର୍ତ୍ତମାନ ଏହାକୁ ପାଖରୁ ଦେଖିବାକୁ ଯାଉଛି। ପୁୟଲଙ୍କ ପ୍ରତିନିଧିତ୍ୱରେ ସ୍ପେନ ୨୦୧୦ ଫିଫା ୱାର୍ଲ୍ଡକପ୍ ଓ ୟୁରୋ ୨୦୦୮ ଜିତିଥିଲା। ସେହିଭଳି ମୋରିଏଣ୍ଟସ ରିୟଲ ମାଡ୍ରିଡ ସହିତ ୧୯୯୮, ୨୦୦୦ ଓ ୨୦୦୨ରେ ୩ ୟୁଇଫା ଚାମ୍ପିୟନ୍ସ ଲିଗ ଟାଇଟଲ ଜିତିଥିଲେ। ସେ ସ୍ପେନ ପକ୍ଷରୁ ୧୯୯୮ ଓ ୨୦୦୨ ଫିଫା ୱାର୍ଲ୍ଡକପ୍ ଖେଳିଥିଲେ।

# ଶୁବମନ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍



**ଦୁବାଇ,୧୨।୩(ପି.ଟି.):** ନିକଟରେ ଚାମ୍ପିୟନ୍ସ ଟ୍ରଫିରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ଦଳର ଷ୍ଟାର ଓପ୍‌ନର ଶୁବମନ ଗିଲ୍‌ଙ୍କୁ ବୁଧବାର ଫେବୃଆରୀ ମାସ ପାଇଁ ଆଇସିସି ମେନ୍ସ ପ୍ଲେୟର ଅଫ୍ ଦି ମନ୍ଥ୍ ବିବେଚିତ କରାଯାଇଛି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ଓ ନ୍ୟୁଜିଲାଣ୍ଡର ଗ୍ଲେନ୍ ଫିଲିପ୍ସଙ୍କୁ ପଛରେ ପକାଇ ଗିଲ୍ ଏହି ପୁରସ୍କାର ଜିତିଛନ୍ତି। ଗତମାସରେ ଗିଲ୍ ୮ ଦିନିକିଆ ମ୍ୟାଚ୍‌ରେ ୧୦୧.୫୦ ଆଭରେଜ୍ ଓ ୯୪.୧୯ ଷ୍ଟ୍ରାଇକ୍‌ରେଟ୍‌ରେ ୪୦୬ ରନ୍ କରିଥିଲେ। ଏଥିରେ ଇଂଲଣ୍ଡ ବିପକ୍ଷରେ ଖେଳାଯାଇଥିବା ୩ ମ୍ୟାଚ୍‌ବିଶିଷ୍ଟ ସିରିଜ୍ ବି ସାମିଲ ରହିଛି। ସେ ନାଗପୁରରେ ୮୭, କଟକରେ ୬୦ ଓ ଅହମ୍ମଦାବାଦରେ ୧୧୨ ରନ୍ କରିଥିଲେ। ଏହାପରେ ଚାମ୍ପିୟନ୍ସ ଟ୍ରଫିରେ ବାଂଲାଦେଶ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ୧୦୧ ରନ୍‌ର ଇନିଂସ ଖେଳିଥିଲେ। ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ୪୬ ରନ୍ କରିଥିଲେ।

# ‘ବଟ୍‌ଲରଙ୍କୁ ଛାଡ଼ିବା ଚ୍ୟାଲେଞ୍ଜିଂ ଥିଲା’



ଏକ ହାଲ୍‌କା ମୁହୂର୍ତ୍ତରେ ଜୋସ ବଟଲର ଓ ସଞ୍ଜୁ ସାମସନ।

**ଜୟପୁର, ୧୨।୩**

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୮ତମ ସଂସ୍କରଣ ପାଖେଇ ଆସୁଛି। ଚଳିତ ମାସ ୨୨ରୁ କୋଲ୍‌କାତାରେ ଆରମ୍ଭ ହେବ ଏହି ବ୍ୟୟବହୁଳ କ୍ରିକେଟ ଲିଗ୍। ପ୍ରତିଯୋଗିତା ପାଇଁ ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳର ଖେଳାଳିମାନେ ଏକାଠି ହେବାରେ ଲାଗିଛନ୍ତି। ଏଥର ଆଇପିଏଲ୍ ପାଇଁ ମେଗା ଅକ୍ସନ ହୋଇଥିବାରୁ ଅନେକ ଖେଳାଳି ଅଦଳବଦଳ ହୋଇଛନ୍ତି। କେତେଜଣ ନାମୀ ଦାମୀ ଖେଳାଳି ନିଜର ପୁରୁଣା ଦଳ ଛାଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଜୋସ୍ ବଟ୍‌ଲରଙ୍କୁ ଦୀର୍ଘ ୭ ବର୍ଷ ପରେ ରାଜସ୍ଥାନ ରୟାଲ୍ସ ଛାଡ଼ିବାକୁ ପଡ଼ିଛି। ମାତ୍ର ବଟ୍‌ଲରଙ୍କୁ ଛାଡ଼ିବା ଏକ କଷ୍ଟସାଧ ନିଷ୍ପତ୍ତି ଏବଂ ସବୁଠାରୁ ଚ୍ୟାଲେଞ୍ଜିଂ ଥିଲା ବୋଲି ଅଧିନାୟକ ସଞ୍ଜୁ ସାମ୍‌ସନ ସ୍ୱୀକାର କରିଛନ୍ତି। ରାଜସ୍ଥାନ ଦଳରେ ବଟ୍‌ଲର ୨୦୧୮ରୁ ୨୦୨୪ ପର୍ଯ୍ୟନ୍ତ ଖେଳିଥିଲେ। ଏହି ସମୟ ମଧ୍ୟରେ ସେ ୮୩ଟି ଗେମ୍‌ରୁ ୪୧.୮୪ ଆଭରେଜ୍‌ରେ ୩୦୫୫ ରନ୍ ସ୍କୋର କରିଥିଲେ। ଷ୍ଟ୍ରାଇକ୍ ହାର ଥିଲା ୧୪୭.୭୯। ନିୟମ ଅନୁସାରେ, ଅକ୍ସନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ୬ ଖେଳାଳିଙ୍କୁ ରିଟେନ୍ ରଖିଥିଲା। ମାତ୍ର ଏହା ମଧ୍ୟରେ ବଟ୍‌ଲର ନ ଥିଲେ। ଖେଳାଳି ନିଲାମରେ ବଟ୍‌ଲର ଗୁଜରାଟ ଟାଇଟନ୍ସ ଦଳକୁ ଯାଇଥିଲେ।

‘‘ଉଚ୍ଚସ୍ତରରେ ଖେଳିବା ସହ ଭଲ ବନ୍ଧୁ ସୃଷ୍ଟି କରିବାକୁ ଆଇପିଏଲ ସୁଯୋଗ ପ୍ରଦାନ କରିଥାଏ। ଜୋସ୍ ବଟ୍‌ଲର ହେଉଛନ୍ତି ମୋର ଅନ୍ୟତମ ଅନ୍ତରଙ୍ଗ ବନ୍ଧୁ। ଆମେ ସାଥିହୋଇ ୭ ବର୍ଷ ଖେଳିଛୁ। ଏହି ସମୟ ମଧ୍ୟରେ ଆମେ ଅନେକ ସ୍ମରଣୀୟ ପାର୍ଟନରଶିପ୍ ଗଢ଼ିଛୁ। ସେ ମୋର ବଡ଼ଭାଇ ସଦୃଶ। ମୁଁ ଯେତେବେଳେ ବି ଦ୍ୱନ୍ଦ୍ୱରେ ଥାଏ ତାଙ୍କ ପରାମର୍ଶ ନେଇଥାଏ। ମୁଁ ୨୦୨୧ରେ ଅଧିନାୟକ ହେବାବେଳେ ସେ ଉପଅଧିନାୟକ ଥିଲେ। ମୋତେ ଜଣେ ଭଲ ଅଧିନାୟକ ହେବାରେ ସେ ସହାୟକ ହୋଇଛନ୍ତି। ଅକ୍ସନ ସମୟରେ ତାଙ୍କୁ ଛାଡ଼ିବା ମୋ ପାଇଁ ସବୁଠାରୁ ଚ୍ୟାଲେଞ୍ଜିଂ ନିଷ୍ପତ୍ତି ଥିଲା। ଦୀର୍ଘବର୍ଷ ଧରି ସମ୍ପର୍କ ଥିବାରୁ ସେ ମୋ ପରିବାରର ଅଂଶଭଳି ହୋଇଯାଇଥିଲେ’’ ବୋଲି ସାମ୍‌ସନ ପ୍ରକାଶ କରିଛନ୍ତି।

ରାହୁଲ ଡ୍ରାଭିଡ୍ କୋଚ୍ ଭାବେ ରାଜସ୍ଥାନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୧୩ରେ ସାମ୍‌ସନ ଆଇପିଏଲ୍ ଡେବ୍ୟୁ କଲାବେଳେ ଡ୍ରାଭିଡ୍ ରୟାଲ୍ସ ଦଳର ଅଧିନାୟକ ଥିଲେ। ଏହାପରେ ୨ ବର୍ଷ ମେଣ୍ଟରଭାବେ କାର୍ଯ୍ୟ କରିଛନ୍ତି। ଏବେ ଆହତ ସମସ୍ୟାରେ ଥିବା ଡ୍ରାଭିଡ ଆଇପିଏଲ୍ ବେଳକୁ ସମ୍ପୂର୍ଣ୍ଣ ଫିଟ୍ ହୋଇଯାଇଥିବା ଆଶା କରାଯାଉଛି। ‘‘ଟ୍ରାଏଲ୍ସ ସମୟରେ ଡ୍ରାଭିଡ୍ ମୋ ପ୍ରତିଭା ଚିହ୍ନଟ କରିଥିଲେ। ଏହାପରେ ମୋ ନିକଟକୁ ଆସି ତାଙ୍କ ଦଳରେ ଖେଳିବ କି ବୋଲି ପ୍ରଶ୍ନ କରିଥିଲେ। ସେହି ପରିସ୍ଥିତିରୁ ଫ୍ରାଞ୍ଚାଇଜ୍ ଦଳର ଅଧିନାୟକ ହେବା ମଧ୍ୟରେ ଡ୍ରାଭିଡ ପୁଣି ପ୍ରତ୍ୟାବର୍ତ୍ତନ କରିଛନ୍ତି। ମୁଁ ତାଙ୍କ ନିକଟରେ ଚିରକୃତଜ୍ଞ। ରାଜସ୍ଥାନ ଦଳର ଅଧିନାୟକ ଥିବାବେଳେ ମୁଁ ତାଙ୍କ ଅଧୀନରେ ଖେଳିଛି ଏବଂ ଭାରତୀୟ ଦଳର କୋଚ୍ ଥିବାବେଳେ ମଧ୍ୟ ଖେଳିଛି। ତେବେ କ୍ୟାପ୍‌ଟେନ-କୋଚ୍ ସମ୍ପର୍କ ଅନ୍ୟଠାରୁ ସ୍ୱତନ୍ତ୍ର। ମୁଁ ତାଙ୍କଠାରୁ ଅନେକ କିଛି ଶିଖିବାକୁ ଅପେକ୍ଷା କରି ରହିଛି’’ ବୋଲି ସାମ୍‌ସନ ପ୍ରକାଶ କରିଛନ୍ତି। ବେଙ୍ଗାଲୁରୁଠାରେ ଖେଳୁଥିବାବେଳେ ଡ୍ରାଭିଡ ଗୋଡ଼ରେ ଆଘାତ ପାଇଛନ୍ତି। ତେବେ ସେ ସୁସ୍ଥ ହେଉଛନ୍ତି ଏବଂ ଜୟପୁରଠାରେ ଖୁବ୍‌ଶୀଘ୍ର ଦଳରେ ଯୋଗଦେବେ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ଟୁଇଟ୍ କରାଯାଇଛି।

ସାମ୍‌ସନ ୧୮ ବର୍ଷରେ ଆଇପିଏଲ୍ ଡେବ୍ୟୁ କରିଥିଲେ। ଏବେ ରାଜସ୍ଥାନ ଦଳରେ ୧୩ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ସାମିଲ ହୋଇଛନ୍ତି। ବୈଭବ ମୋଠାରୁ ଯେପରି ସମର୍ଥନ ଆଶା କରିବେ ମୁଁ ତାହା ଯୋଗାଇଦେବି ବୋଲି ସାମ୍‌ସନ କହିଛନ୍ତି।

# ଓଡ଼ିଶାର ଜୟନ୍ତୀଙ୍କୁ ବ୍ରୋଞ୍ଜ୍



ପଦକ ସହ ଜୟନ୍ତୀ ବେହେରା।

**ଭୁବନେଶ୍ୱର, ୧୨।୩(ତପନ ସ୍ୱାଇଁ)**

## ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରି

ନୂଆଦିଲ୍ଲୀରେ ଚାଲିଥିବା ୱାର୍ଲ୍ଡ ପାରା ଆଥ୍‌ଲେଟିକ୍ସ ଗ୍ରାଁ ପ୍ରିରେ ଚମକ ଦେଖାଇଛନ୍ତି ଓଡ଼ିଆ ଝିଅ ଜୟନ୍ତୀ ବେହେରା। ମହିଳା ୧୦୦ ମିଟର ଟି-୪୭ ବର୍ଗରେ ସେ ବ୍ରୋଞ୍ଜ୍ ପଦକ ହାସଲ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ୯ ଆଥ୍‌ଲେଟବିଶିଷ୍ଟ ଫାଇନାଲରେ ଜୟନ୍ତୀ ୧୩.୬୨ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ହାସଲ କରିଛନ୍ତି। ନାଚୁରାଲ ପାରାଲିମ୍ପିକ୍ ଆଥଲେଟ୍ (ଏନ୍‌ପିଏ) ଭାବେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ରୁଷିଆର ଆନାସ୍ତାସିଆ ସୋଲୋବେଭା ୧୨.୫୫ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ଏବଂ ଶ୍ରୀଲଙ୍କାର ଜନନୀ ବିକ୍ରମସିଙ୍ଘା ୧୩.୨୫ ସେକେଣ୍ଡ ସହ ରୌପ୍ୟ ପଦକ ହାସଲ କରିଛନ୍ତି। ଲାଇନ୍‌ଅପ୍‌ରେ ଥିବା ଭାରତର ଅନ୍ୟ ୩ ଆଥ୍‌ଲେଟ୍ ଅମୂଲ୍ୟା ଈଶ୍ୱରୀ ଉମା ଦେବୀ (୧୫.୯୩) ୬ଷ୍ଠ ସ୍ଥାନ ପାଇଥିବାବେଳେ ଅନୁରାଧା ଚୌହାନ ଓ କୀର୍ତ୍ତି ଚୌହାନ ରେସ୍ ଆରମ୍ଭ କରି ନ ଥିଲେ।

# ଏସିଆନ ଚାମ୍ପିୟନଶିପ୍ : ୧୫ରେ ସିଲେକ୍ସନ ଟ୍ରାଏଲ୍ସ

**ନୂଆଦିଲ୍ଲୀ,୧୨।୩(ପି.ଟି.)**

ଜାତୀୟ କ୍ରୀଡ଼ା ଫେଡେରେଶନ (ଏନ୍‌ଏସ୍‌ଏଫ୍) ମାନ୍ୟତା ଫେରିପାଇବା ପରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଆଗାମୀ ଏସିଆନ ଚାମ୍ପିୟନଶିପ୍ ଲାଗି ସିଲେକ୍ସନ ଟ୍ରାଏଲ୍ସ ତାରିଖ ଘୋଷଣା କରିଛି। ଆସନ୍ତା ୧୫ ତାରିଖରେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ଟ୍ରାଏଲ୍ସ ଅନୁଷ୍ଠିତ ହେବ। ଡବ୍ଲ୍ୟୁଏଫ୍‌ଆଇର ନୂଆ ପ୍ରଶାସନର ମାର୍ଗଦର୍ଶନରେ ଆୟୋଜିତ ଏହା ପ୍ରଥମ ଟ୍ରାଏଲ ହେବାକୁ ଯାଉଛି। ୨୦୨୩ ଡିସେମ୍ବରରେ ଅନୁଷ୍ଠିତ ନିର୍ବାଚନର ୩ ଦିନ ପରେ ଡବ୍ଲ୍ୟୁଏଫ୍‌ଆଇର ନୂଆ ପ୍ରଶାସନକୁ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ବାସନ୍ଦ କରାଯାଇଥିଲା।

ଏହି ଚୟନ ଶିବିରରେ ଆସନ୍ତା ୨୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଜୋର୍ଡାନର ଅମ୍ମାନଠାରେ ହେବାକୁଥିବା ଏସିଆନ ଚାମ୍ପିୟନଶିପ୍ ଲାଗି ଟପ୍ ରେସ୍‌ଲରଙ୍କୁ ଚୟନ କରାଯିବ। ଡବ୍ଲ୍ୟୁଏଫ୍‌ଆଇ ପକ୍ଷରୁ ଜାରି କରାଯାଇଥିବା ସର୍କୁଲାର ଅନୁଯାୟୀ, ମେନ୍ସ ଫ୍ରିଷ୍ଟାଇଲ, ମହିଳା ରେସ୍‌ଲିଂ ଓ ଗ୍ରୀକୋ ରୋମାନ୍ ଷ୍ଟାଇଲର ସମସ୍ତ କାଟାଗୋରିରେ ଟ୍ରାଏଲ୍ସ ହେବ। ସମସ୍ତ ପ୍ରତିଯୋଗୀଙ୍କ ଲାଗି ଓଜନରେ ୨ କେଜି କୋହଳ କରାଯିବ। ପ୍ରକାଶ ଯେ, ବାସନ୍ଦ ଥିବାବେଳେ ଡବ୍ଲ୍ୟୁଏଫ୍‌ଆଇ ଜାତୀୟ ଶିବିର ଆୟୋଜନ କରିପାରି ନ ଥିଲା।

# ଟପ୍-୫ ବ୍ୟାଟରଙ୍କ ମଧ୍ୟରେ ୩ ଭାରତୀୟ

**ନୂଆଦିଲ୍ଲୀ,୧୨।୩:** ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତର ବିଜୟ ପରେ ଆଇସିସି ପୁରୁଷ ଦିନିକିଆ ଖେଳାଳିଙ୍କ ର୍‌ୟାଙ୍କିଙ୍ଗ୍‌ରେ ଭାରତୀୟ ଖେଳାଳିଙ୍କ ରାଜୁତି ଦେଖିବାକୁ ମିଳିଛି। ଯୁବ ଭାରତୀୟ ଓପନର ଶୁବମନ ଗିଲ ପୂର୍ବ ଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଫାଇନାଲରେ ୭୬ ରନର ଦର୍ଶନୀୟ ଇନିଂସ ପାଇଁ ପ୍ଲେୟର ଅଫ ଦି ମ୍ୟାଚ ପାଇଥିବା ଭାରତୀୟ ଅଧିନାୟକ ରୋହିତ ଦୁଇଟି ସ୍ଥାନ ଉପରକୁ ଉଠି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୂରା ଟୁର୍ନାମେଣ୍ଟରେ ଗୋଟିଏ ଲେଖାଏ ଶତକ ଓ ଅର୍ଦ୍ଧଶତକ ହାସଲ କରିଥିବା ବିରାଟ କୋହଲି ପଞ୍ଚମ ସ୍ଥାନରେ ରହିଛନ୍ତି। ସେହିଭଳି ନ୍ୟୁଜିଲାଣ୍ଡ ବ୍ୟାଟରଙ୍କ ର୍‌ୟାଙ୍କିଙ୍ଗ୍‌ରେ ମଧ୍ୟ ଉଲ୍ଲେଖନୀୟ ଉନ୍ନତି ଆସିଛି। ଡାରିଲ ମିଚେଲ ଗୋଟିଏ ସୋପାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ରହିଥିବା ବେଳେ ରାଚିନ ରବୀନ୍ଦ୍ର ୧୪ଟି ସ୍ଥାନ ଉପରକୁ ଚଢ଼ି ୧୪ତମ ସ୍ଥାନରେ ରହିଛନ୍ତି। ବୋଲରଙ୍କ ମଧ୍ୟରେ ନ୍ୟୁଜିଲାଣ୍ଡ ଦଳର ଅଧିନାୟକ ମିଚେଲ ସାଣ୍ଟନର ୬ଟି ସୋପାନ ଉପରକୁ ଉଠି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

# ଭୋଟରଙ୍କ ଚୟନ ପ୍ରକ୍ରିୟାରୁ ଅନୁରାଗ ବାଦ୍

**ନୂଆଦିଲ୍ଲୀ,୧୨।୩(ପି.ଟି.)**



## ବିଏଫ୍‌ଆଇ ନିର୍ବାଚନ

ଆସନ୍ତା ୨୮ ତାରିଖରେ ବକ୍ସିଂ ଫେଡେରେଶନ ଅଫ ଇଣ୍ଡିଆ (ବିଏଫ୍‌ଆଇ)ର କାର୍ଯ୍ୟକାରୀ ପରିଷଦ ନିର୍ବାଚନ ହେବାକୁ ଯାଉଛି। ଏଥିଲାଗି ନିର୍ବାଚକ ମଣ୍ଡଳୀରେ ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା ବିସିସିଆଇର ପୂର୍ବତନ ମୁଖ୍ୟ ଅନୁରାଗ ଠାକୁରଙ୍କୁ ସାମିଲ କରିବା ପାଇଁ ହିମାଚଳ ପ୍ରଦେଶ ବକ୍ସିଂ ମହାସଂଘ ପକ୍ଷରୁ ନାମ ପଠାଯାଇଥିଲା। ହେଲେ ତାଙ୍କ ନାମାଙ୍କନକୁ ବୁଧବାର ବିଏଫ୍‌ଆଇ ପକ୍ଷରୁ ବାଦ ଦିଆଯାଇଛି। ଏଥିସହିତ ଫେଡେରେଶନ ପକ୍ଷରୁ ୬୦ ସଦସ୍ୟ ବିଶିଷ୍ଟ ନିର୍ବାଚକ ମଣ୍ଡଳୀ ଚୂଡ଼ାନ୍ତ କରାଯାଇଛି। ଗତ ୭ ତାରିଖରେ ବିଏଫଆଇ ଏହାର ସମସ୍ତ ରାଜ୍ୟ ଶାଖାକୁ ନୋଟିସ ପଠାଇଥିଲା, ଯେଉଁଥିରେ କେବଳ ବିଏଫ୍‌ଆଇ ସ୍ୱୀକୃତିପ୍ରାପ୍ତ ଏଜିଏମରେ ନିର୍ବାଚିତ ହୋଇଥିବା ସଦସ୍ୟମାନେ ନିର୍ବାଚନରେ ଭାଗ ନେଇପାରିବେ ବୋଲି କୁହାଯାଇଥିଲା।

ହିମାଚଳ ପ୍ରଦେଶ ବକ୍ସିଂ ଆସୋସିଏଶନ ପକ୍ଷରୁ ଠାକୁର ଓ ଉପ ସଭାପତି ରାଜେଶ ଭଣ୍ଡାରୀଙ୍କ ନାମ ପଠାଯାଇଥିଲା। କିନ୍ତୁ ବିଏଫ୍‌ଆଇର ନୋଟିସ ଓ ନ୍ୟାସନାଲ ସ୍ପୋର୍ଟ୍ସ ଡେଭଲପମେଣ୍ଟ କୋଡ ଅଫ ଇଣ୍ଡିଆ ଉଲ୍ଲଂଘନ କରିଥିବାରୁ ଠାକୁର ଏଥିରେ ଭାଗ ନେବାକୁ ଯୋଗ୍ୟ ନୁହଁନ୍ତି। ସେ ହିମାଚଳ ପ୍ରଦେଶ ଆସୋସିଏଶନ ନିର୍ବାଚିତ ସଦସ୍ୟ ନୁହନ୍ତି। ଏଥିଯୋଗୁ ତାଙ୍କୁ ବାଦ ଦିଆଯାଇଛି। ଚୂଡ଼ାନ୍ତ ନାମ ଚୟନ କରିବା ପରେ ତାଲିକାକୁ ରିଟର୍ଣ୍ଣିଂ ଅଧିକାରୀଙ୍କ ନିକଟକୁ ପଠାଇବା ବିଏଫ୍‌ଆଇର କାର୍ଯ୍ୟ ବୋଲି ବିଏଫ୍‌ଆଇ ପକ୍ଷରୁ କୁହାଯାଇଛି। ସମାନ କାରଣରୁ ମେଘାଳୟର ଲ୍ୟାରୀ ଖର୍ପରାନ ଓ ତ୍ରିପୁରାର ଆଶିଷ କୁମାର ସାହାଙ୍କ ନାମକୁ ବାଦ ଦିଆଯାଇଛି। ଦିଲ୍ଲୀର ରାଜ୍ୟ ଶାଖା ପକ୍ଷରୁ ପଠାଯାଇଥିବା ରୋହିତ ଜୟନେନ୍ଦ୍ର ଜୈନ ଓ ନୀରଜ କାନ୍ତ ଭଟ୍ଟଙ୍କ ନାମକୁ ମଞ୍ଜୁରୀ ଲାଗି ରିଟର୍ନିଂ ଅଧିକାରୀଙ୍କ ନିକଟକୁ ପଠାଯାଇଛି।

# ୪୫ କୋଟି କ୍ଷତି ସହିବ ଲର୍ଡ୍ସ

**ଲଣ୍ଡନ,୧୨।୩(ପି.ଟି.)**

## ଡବ୍ଲ୍ୟୁଟିସି ଫାଇନାଲରେ ଭାରତର ଅନୁପସ୍ଥିତି

ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଲାଗି ଭାରତ ଯୋଗ୍ୟତା ହାସଲ କରିବାରେ ବିଫଳ ହେବାରୁ ଲର୍ଡ୍ସ ଗ୍ରାଉଣ୍ଡକୁ ରାଜସ୍ୱରେ ୪ ନିୟୁତ ପାଉଣ୍ଡ (ପାଖାପାଖି ୪୫ କୋଟି ଟଙ୍କା) କ୍ଷତି ସହିବାକୁ ପଡ଼ିବ। ଗତ ଦୁଇ ଥରର ରନରଅପ ଭାରତୀୟ ଦଳ ଫାଇନାଲ ମ୍ୟାଚ ଲାଗି ଯୋଗ୍ୟତା ହାସଲ କରିପାରିନଥିଲା। ଆସନ୍ତା ଜୁନରେ ହେବାକୁ ଥିବା ଏହି ଫାଇନାଲ ମ୍ୟାଚରେ ଡିପେଣ୍ଡିଂ ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପରସ୍ପରକୁ ଭେଟିବେ।

ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ (ଡବ୍ଲ୍ୟୁଟିସି) ଫାଇନାଲକୁ ଭାରତ ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଥିବାରୁ ଲର୍ଡ୍ସ ପାଖାପାଖି ୪ ନିୟୁତ ପାଉଣ୍ଡ କମ ରାଜସ୍ୱ ସୃଷ୍ଟି କରିବ। ଭାରତର ଅନୁପସ୍ଥିତି ଯୋଗୁ ମାରିଲେବୋନ କ୍ରିକେଟ କ୍ଲବ (ଏମ୍‌ସିସି) ମ୍ୟାଚ ଆୟୋଜନରୁ ଯେଉଁ ପରିମାଣର ରାଜସ୍ୱ ସୃଷ୍ଟି ହେବ ବୋଲି ଆଶା ରଖିଥିଲା, ତାହା ହୋଇପାରିବ ନାହିଁ ବୋଲି ଏକ ଜାତୀୟ ଇଂରାଜୀ ଖବର କାଗଜରେ ପ୍ରକାଶ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି। ଆଇସିସି ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ ତାଲିକା ଶୀର୍ଷରେ ପ୍ରାୟ ଏକ ବର୍ଷ ବିତାଇଥିବା ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଘରୋଇ ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡଠାରୁ ୦-୩ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୧-୩ରେ ବର୍ଡର-ଗାଭାସ୍କର ଟ୍ରଫି ସିରିଜରେ ପରାସ୍ତ ହେବା ପରେ ତୃତୀୟ ସ୍ଥାନକୁ ଖସି ଆସିଥିଲା। ଏଥିଯୋଗୁ ଭାରତୀୟ ଦଳ ଫାଇନାଲରୁ ବାଦ ପଡ଼ିଛି। ଭାରତ ଡବ୍ଲ୍ୟୁଟିସି ଫାଇନାଲରେ ଖେଳିବା ଆଶାରେ ଥିବା ଏମ୍‌ସିସି ଟିକେଟ ମୂଲ୍ୟରେ ବୃଦ୍ଧି କରିଥିଲା। କିନ୍ତୁ ଭାରତ ବାଦ ପଡ଼ିବା ପରେ ଏମସିସି ତା’ର ଷ୍ଟ୍ରାଟେଜୀ ବଦଳିବା ସହିତ ଟିକେଟ ମୂଲ୍ୟରେ ହ୍ରାସ କରିଛି। ଟିକେଟ ମୂଲ୍ୟରେ ବୃଦ୍ଧି କାରଣରୁ ଗତ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିବା ଟେଷ୍ଟ ମ୍ୟାଚର ଚତୁର୍ଥ ଦିନରେ ମାତ୍ର ୯ ହଜାର ଦର୍ଶକ ଯୋଗ ଦେଇଥିଲେ। ଏଥିଯାଗୁ ଏମ୍‌ସିସିକୁ ସମାଲୋଚିତ ହେବାକୁ ପଡ଼ିଥିଲା।

# ଭାରତୀୟ ଦଳରେ ଓଡ଼ିଶା ଏଚ୍‌ପିସିର ୪ ଜିମ୍ନାଷ୍ଟ

**ଭୁବନେଶ୍ୱର,୧୨।୩(ଅନାଦି କର)**

ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ହାଇ ପର୍‌ଫର୍ମାନ୍ସ ସେଣ୍ଟର (ଏଚପିସି)ର ୪ ଜିମ୍ନାଷ୍ଟ ଏଫ୍‌ଆଇଜି ଆପାରାଟସ ୱାର୍ଲ୍ଡକପ୍ ସିରିଜରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଛନ୍ତି। ତପନ ମହାନ୍ତି ଓ ତାପେଶ୍ୱରନାଥ ଦାସ ସିନିୟର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ ଏବଂ ପ୍ରଣତୀ ନାୟକ ଓ କରିଷ୍ମା ରାଜପୁତା ସିନିୟର ମହିଳା ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସରେ ଭାରତର ପ୍ରତିନିଧିତ୍ୱ କରୁଛନ୍ତି।

ଆଜରବଇଜାନର ବକୁଠାରେ ଅନୁଷ୍ଠିତ ସିନିୟର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି) କାଟେଗୋରିରେ ତପନ ମହାନ୍ତି ଯୋଗ୍ୟତା ପର୍ଯ୍ୟାୟ ଅତିକ୍ରମ କରି ଫ୍ଲୋର ଏକ୍ସରସାଇଜ/ଷ୍ଟିଲ ରିଙ୍ଗ ଫାଇନାଲରେ ୮.୯୩୩ ସ୍କୋର ସହ ଅଷ୍ଟମ ସ୍ଥାନରେ ରହିଥିଲେ। ସିନିୟର ଓମେନ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସ କାଟେଗୋରି ପ୍ରତିଯୋଗିତା ତୁର୍କୀର ଆଣ୍ଟାଲ୍ୟାଠାରେ ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ହେବ। ଏଥିରେ ପ୍ରଣତୀ ନାୟକ ଓ କରିଷ୍ମା ରାଜପୁତ ଯଥାକ୍ରମେ ଭଲ୍ଟ



କୋଚ୍‌ଙ୍କ ସହ ଓଡ଼ିଶା ଏଚ୍‌ପିସିର ଜିମ୍ନାଷ୍ଟମାନେ।

## ଏଫ୍‌ଆଇଜି ଆପାରାଟସ ୱାର୍ଲ୍ଡକପ୍

ଓ ବାଲାନ୍ସ ବିମ୍‌ରେ ପ୍ରତିନିଧିତ୍ୱ କରିବେ। ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ପକ୍ଷରୁ ଗତ ମାସରେ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଜାତୀୟ ଜିମ୍ନାଷ୍ଟିକ୍ସ କୋଚିଂ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ମୁଖ୍ୟ କୋଚ ଅଶୋକ ମିଶ୍ରଙ୍କୁ ଏମ୍‌ଏଜି ଲାଗି ମୁଖ୍ୟ କୋଚ ନିଯୁକ୍ତ କରାଯାଇଥିଲା।

# ପିଏସ୍‌ଏ ସ୍କ୍ୱାଶ୍ ୭ ବର୍ଷ ପରେ ଭାରତକୁ ଫେରିଲା

**ମୁମ୍ବାଇ,୧୨।୩(ପି.ଟି.):** ଆସନ୍ତା ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଏଠାରେ ପିଏସ୍‌ଏ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ରମିତ ଟଣ୍ଡନ ଓ ଅନାହତ ସିଂଙ୍କ ଭଳି ଭାରତର ଟପ୍ ସ୍କ୍ୱାଶ୍ ଖେଳାଳି ଖେଳିବେ। ବମ୍ବେ ଜିମ୍‌ଖାନାର ଇନ୍‌ଡୋର କୋର୍ଟ୍ସରେ ହେବାକୁ ଯାଉଥିବା ୪୦ ହଜାର ଆମେରିକୀୟ ଡଲାର ପୁରସ୍କାର ରାଶିବିଶିଷ୍ଟ ଇଣ୍ଡିଆନ ଓପନ୍ ଟୁର୍ନାମେଣ୍ଟରେ ଇଜିପ୍ଟ, କାନାଡା, ମାଲେସିଆ ଓ ଜାପାନ ଭଳି ଦେଶର ଖେଳାଳିମାନେ ଅଂଶଗ୍ରହଣ କରିବେ। ତେବେ ୨୦୧୮ ପରେ ପ୍ରଥମଥର ପାଇଁ କୌଣସି ଶ୍ରେଷ୍ଠ ସ୍କ୍ୱାଶ୍ ଟୁର୍ନାମେଣ୍ଟ ଭାରତରେ ଆୟୋଜିତ ହେବାକୁ ଯାଉଛି। ଗତଥର ମୁମ୍ବାଇରେ ସିସିଆଇ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା, ଯାହାକି ପିଏସ୍‌ଏ ୱାର୍ଲ୍ଡ ଟୁର୍ ସିଲ୍‌ଭର ଟୁର୍ନାମେଣ୍ଟ।

# ତମାଣ୍ଡୋ କ୍ରିକେଟ କ୍ଲବ୍ ଚାମ୍ପିୟନ

**ଯାଁଳା,୧୨।୩ (ବୁଲା ବାରିକ)**

ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ପଡ଼ିଆରେ ଚାଲିଥିବା ୭ମ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟରେ ତମାଣ୍ଡୋ କ୍ରିକେଟ କ୍ଲବ(ଟିସିସି) ଚାମ୍ପିୟନ ହୋଇଛି। ବୁଧବାର ଫାଇନାଲ ମ୍ୟାଚ୍ ଟିସିସି ଏବଂ ଏମ୍‌ଏମ୍‌ସିସି ସମ୍ବଲପୁର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଟିସିସି ଟିମ୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଏମ୍‌ଏମ୍‌ସିସି ଟିମ୍ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୧୭ ରନ ସଂଗ୍ରହ କରିଥିଲା। ଜବାବରେ ଟିସିସି ଟିମ୍ ୧୭.୧ ଓଭରରେ ୭ ଉଇକେଟରେ ୧୧୮ରନ ସଂଗ୍ରହ କରି ବିଜୟୀ ହୋଇଥିଲା। କ୍ଷମାସାଗର ବଳ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଧୀରଜ ସିଂହ ଏବଂ ଦୁର୍ଗାଦତ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ। ସୁଶୀଲ କୁମାର ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ତମାଣ୍ଡୋ କ୍ରିକେଟ କ୍ଲବର ସଭାପତି ଆଶିଷ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ମୁଖ୍ୟ ବକ୍ତାଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ସମ୍ମାନିତ ଅତିଥିଭାବେ ବିଜେଡି ନେତା ମନ୍ମଥ ରାଉତରାୟ, କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ, ସାମାଜିକ କର୍ମୀ ଶିଶିର କୁମାର ବେହେରା, ବିଜେଡି ନେତା କୈଳାସ ଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ କପ୍ ସହ ୧ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସେହିପରି ରନର୍ସଅପ୍ ଟିମ୍‌କୁ ଟ୍ରଫି ସହ ୧ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। କ୍ଲବ ସମ୍ପାଦକ ଅମୂଲ୍ୟ କୁମାର ଜେନା ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଅନିରୁଦ୍ଧ ବେହେରା ଧନ୍ୟବାଦ ଦେଇଥିଲେ।




ଚାମ୍ପିୟନ ତମାଣ୍ଡୋ କ୍ରିକେଟ କ୍ଲବ୍‌ର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ